- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-80 ◆SATURDAY ◆13 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୮୦ ◆ଶନିବାର ◆୧୩ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ଇମ୍ରାନ୍‌ଙ୍କ ନାୟିକା ଦିଶା

▶ପୃଷ୍ଠା ୧୧ ଦେଖନ୍ତୁ...

# ଏଥର ମହଙ୍ଗା ପାର୍ବଣ



## ଟ୍ରମ୍ପ ଟାରିଫ୍ ମାଡ଼

## ବଢ଼ିଲାଣି ଖାଦ୍ୟ ସାମଗ୍ରୀ ଦର

## ସୁନା, ରୁପା ଦର ଆକାଶଛୁଆଁ

## ସୌଖୀନ ସାମଗ୍ରୀଠାରୁ ଡ୍ରାଏ ଫ୍ରୁଟ୍ ଯାଏଁ ସବୁ ମହଙ୍ଗା

■ **ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି):** ଆରମ୍ଭ ହୋଇଛି ପାର୍ବଣ ଋତୁ। ସ୍ୱାଭାବିକ ଭାବରେ ପାର୍ବଣ ଋତୁରେ ଦୁର୍ଗାପୂଜାଠାରୁ ଦୀପାବଳି ପର୍ଯ୍ୟନ୍ତ ବ୍ୟବସାୟ ବଢ଼ିଥାଏ ଏବଂ ଲୋକମାନେ ବହୁ ସାମଗ୍ରୀ କ୍ରୟ କରିଥାଆନ୍ତି। ଚଳିତ ବର୍ଷ ପୂଜା ଋତୁ ପୂର୍ବରୁ ଜିଏସ୍‌ଟି ହ୍ରାସ ଲୋକଙ୍କ ଜୀବନଯାତ୍ରାକୁ ଅଧିକ ସ୍ୱଚ୍ଛନ୍ଦ କରିବ ଓ କାରବାର ବଢ଼ାଇବ ବୋଲି ଆଶା କରାଯାଉଥିବା ବେଳେ ବାସ୍ତବିକତା କିନ୍ତୁ ଭିନ୍ନ। ବଜାର ଦର ଏଥର ପାର୍ବଣ ପରିବେଶରେ ଉପଭୋକ୍ତାଙ୍କୁ ବେହାଲ କରିବ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କା କରୁଛନ୍ତି। ଗତ କେଇଦିନ ମଧ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବଢ଼ିବା ସାଧାରଣ ଖାଉଟିଙ୍କୁ ଚିନ୍ତାଗ୍ରସ୍ତ କରିଛି। ଏହି ସାମଗ୍ରୀଗୁଡ଼ିକର ବଜାର ଦର ବର୍ତ୍ତମାନ ଯେଉଁଭଳି ରହିଛି, ସେଥିରେ ଖାଉଟି ନୟାନ୍ତ। ଭବିଷ୍ୟତରେ ବିଭିନ୍ନ ସାମଗ୍ରୀକୁ ଏହା ଅଧିକ ମହରଗ କରିପାରେ।

ପ୍ରକାଶିତ ରିପୋର୍ଟ ଅନୁସାରେ ଗତ ୯ ମାସ ଧରି ଖୁଚୁରା ମୁଦ୍ରାସ୍ଫୀତି ସ୍ଥିର ରହିବା ପରେ ଅଗଷ୍ଟ ମାସରେ ପୁନର୍ବାର ଉପରମୁହାଁ ହୋଇଛି। ଖାଦ୍ୟ ସାମଗ୍ରୀ ଓ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟବୃଦ୍ଧି ଯୋଗୁଁ ମୁଦ୍ରାସ୍ଫୀତି ଉପରମୁହାଁ ହୋଇଥିବା କୁହାଯାଉଛି। ଏହି ସମୟରେ ସୁନାରୁପା ବଜାର ଆକାଶ ଛୁଇଁଛି। ପ୍ରତିଦିନ ଏହି ଦୁଇ ଧାତୁର ମୂଲ୍ୟ ରେକର୍ଡ ପରେ ରେକର୍ଡ ଭାଙ୍ଗୁଛି। ୧୦ଗ୍ରାମ ରୁପା ମୂଲ୍ୟ ପାଖାପାଖି ୧୪୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୧୦ ଗ୍ରାମ ସୁନା (୨୨) କ୍ୟାରେଟ୍ ୧୦୧୩୦୦ ଟଙ୍କା ଅତିକ୍ରମ କରିଛି।। ଏପଟେ ଟ୍ରମ୍ପ ଟାରିଫ୍ ମାଡରେ ଉଭୟ ଧନୀକ ବର୍ଗ ଓ ଗରିବ ଲୋକମାନେ ପ୍ରଭାବିତ ହୋଇଛନ୍ତି। ରପ୍ତାନୀ ହ୍ରାସ ଯୋଗୁଁ ଏମ୍‌ଏସ୍‌ଏମ୍‌ଇ ଶିଳ୍ପଗୁଡ଼ିକ ବନ୍ଦ ହେବାରେ ଲାଗିଛି ଓ ଏହି ନିଯୁକ୍ତିଭିତ୍ତିକ ଶିଳ୍ପ ବନ୍ଦ ହେବା ସାଧାରଣ ଶ୍ରମିକ ଶ୍ରେଣୀର ଲୋକଙ୍କ ଜୀବନ ଜୀବିକା ଛଡ଼ାଇ ନେଇଛି। ଏହାସହିତ ଦେଶର ଅଧିକାଂଶ ଭାଗରେ ପ୍ରବଳ ବର୍ଷା ଏବଂ ପ୍ରଳୟଙ୍କାରୀ ବନ୍ୟା ଯୋଗୁ ଖରିଫ ଫସଲ କ୍ଷତିଗ୍ରସ୍ତ ହୋଇଥିବାରୁ ଆଗରୁ ପରିସ୍ଥିତି ଆହୁରି ଭୟଙ୍କର ହୋଇପାରେ।

ବଜାରରେ କୌଣସି ବି ପନିପରିବାର ଦର କିଲୋ ପିଛା ହାରାହାରି ୮୦ ଟଙ୍କାରୁ କମ୍ ନାହିଁ। ସାଧାରଣ କଖାରୁ କିଲୋ ୪୦ ଟଙ୍କାରୁ ୫୦ ଟଙ୍କା ହୋଇଯାଇଛି। ପୋଟଳ, ବିନ୍ସ, ସଜନା ଛୁଇଁ, କ୍ୟାପ୍ସିକମ୍ ମୂଲ୍ୟ କିଲୋ ପିଛା ୧୦୦ ଉପରେ। ଏହାର ପ୍ରଭାବ ସିଧାସଳଖ ଖାଉଟିଙ୍କ ଉପରେ ପଡ଼ିଛି।

ଏହି କାରଣରୁ ଅଗଷ୍ଟ ମାସରେ ଖୁଚୁରା ମୁଦ୍ରାସ୍ଫୀତି ହାର ୨.୭%କୁ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ମୁଦ୍ରାସ୍ଫୀତି ହାର ଜୁଲାଇ ମାସରେ ୧.୧୮% ରହିଥିବା ବେଳେ ଅଗଷ୍ଟରେ ଏହା ୧.୬୯%କୁ ▶ପୃଷ୍ଠା-୭

# ଶପଥ ନେଲେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍

ଦେଶର ୧୫ତମ ଉପରାଷ୍ଟ୍ରପତି ଭାବେ ସିପି ରାଧାକ୍ରିଷ୍ଣନ୍ ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନର ଗଣତନ୍ତ୍ର ମଣ୍ଡପରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି।



# ଘାରିଲାଣି ମିଛ ଖବର ଚିନ୍ତା

## ଗଣମାଧ୍ୟମ ପାଇଁ ବାଧ୍ୟତାମୂଳକ ହେବ ଫ୍ୟାକ୍ଟ ଚେକିଂ ସିଷ୍ଟମ

■ **ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି):** ମିଛ ଖବର ବା ଫେକ୍ ନ୍ୟୁଜ୍ ପରିବେଷଣ ଗଣତନ୍ତ୍ର ଓ ଆଇନ୍ ବ୍ୟବସ୍ଥା ପ୍ରତି ବିପଦ। ଏହାକୁ ରୋକିବା ଲାଗି ଠୋସ ଓ କଡ଼ା ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଗଣମାଧ୍ୟମ ସଂସ୍ଥା ଏଥିପାଇଁ ଫ୍ୟାକ୍ଟ ଚେକିଂ ବ୍ୟବସ୍ଥା କରନ୍ତୁ। ମିଛ ବା ଫେକ୍ ଖବର ପରିବେଷଣ କରୁଥିବା ଗଣମାଧ୍ୟମ ସଂସ୍ଥା ପାଇଁ ଦଣ୍ଡ ବ୍ୟବସ୍ଥା ମଧ୍ୟ ହେଉ। ସୂଚନା ଓ ପ୍ରଯୁକ୍ତିବିଦ୍ୟା ସଂକ୍ରାନ୍ତ ସଂସଦୀୟ କମିଟି ସରକାରଙ୍କୁ ଏଭଳି ସୁପାରିସ କରିଛି। କମିଟି ଏହାର ରିପୋର୍ଟ ଲୋକସଭା ବାଚସ୍ପତିଙ୍କୁ ଦେଇଛି ଏବଂ ସଂସଦର ଆଗାମୀ ଅଧିବେଶନରେ ଏସଂପର୍କରେ ସରକାର ବିଲ ଆଗତ କରିପାରନ୍ତି ବୋଲି ଖବର ମିଳିଛି।

### ଭୁଲ୍ ତଥ୍ୟ ପାଇଁ ଦାୟୀ ରହିବେ ଗଣମାଧ୍ୟମ ସଂପାଦକ, ମାଲିକ

### ଭାରତକୁ ବାଂଲାଦେଶ, ନେପାଳ ହେବାକୁ ଦିଆଯିବନି: ଦୁବେ





କମିଟିର ଅଧ୍ୟକ୍ଷ ବିଜେପି ସାଂସଦ ନିଶିକାନ୍ତ ଦୁବେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ▶ପୃଷ୍ଠା-୭



# ସୁଶୀଳା ଧରିଲେ ନେପାଳ ମଙ୍ଗ

■ **କାଠମାଣ୍ଡୁ, ୧୨।୯ (ଏଜେନ୍ସି):** ନେପାଳର ମଧ୍ୟବର୍ତ୍ତିକାଳୀନ ପ୍ରଧାନମନ୍ତ୍ରୀ ଭାବେ ଆଜି ଶପଥ ଗ୍ରହଣ କରିଛନ୍ତି ସୁଶୀଳା କାର୍କି। ଏହାସହିତ ସେ ଇତିହାସ ରଚିଛନ୍ତି। ସେ ମଧ୍ୟ ନେପାଳ ସୁପ୍ରିମ କୋର୍ଟର ପ୍ରଥମ ମହିଳା ମୁଖ୍ୟ ବିଚାରପତି ଥିଲେ। ଆଜି ରାତିରେ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ସମାରୋହରେ ରାଷ୍ଟ୍ରପତି ରାମଚନ୍ଦ୍ର ତାଙ୍କୁ ଶପଥ ପାଠ କରାଇଛନ୍ତି। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଗ୍ରାଜୁଏସନ ଡିଗ୍ରୀ ହାସଲ କରିଥିବା ୭୩ ବର୍ଷୀୟା ସୁଶୀଳା ଆଜି ଶପଥ ନେବାପରେ ନେପାଳରେ ରାଜନୈତିକ ଅନିଶ୍ଚିତତାର ଅବସାନ ଘଟିଛି।

## ଦିନକରେ ଭିଜିଲାନ୍ସ ଜାଲରେ ୩ ସରକାରୀ ଅଫିସର

# ତହସିଲଦାର, ଶ୍ରମ ଅଧିକାରୀ, ପିଇଓ ଗିରଫ



### ୧୫ ହଜାର ପାଇଁ ଫଶିଲେ ଓଏଏସ୍ ଟପ୍ପର ତହସିଲଦାର

### ବାର୍ଦ୍ଧକ୍ୟ ଭତ୍ତା ବାବଦରେ ପିଇଓ ଖାଇଥିଲେ ୬ ଲକ୍ଷ

■ **ଭୁବନେଶ୍ୱର/ ନୟାଗଡ଼, ୧୨।୯ (ସମିସ):** ଲାଞ୍ଚ କାରବାର ଅଭିଯୋଗରେ ଗୋଟିଏ ଦିନରେ ଧରା ପଡ଼ିଛନ୍ତି ୩ ସରକାରୀ ଅଧିକାରୀ ଓ ଜଣେ ଡ୍ରାଇଭର। ସେମାନଙ୍କୁ ଗିରଫ କରିବା ସହ ସେମାନଙ୍କ ନାମରେ ଭିଜିଲାନ୍ସ ମାମଲା ରୁଜୁ କରିଛି। ବାମରା ତହସିଲଦାର ତଥା ୨୦୧୯ ବ୍ୟାଚ୍‌ର ଓଏଏସ୍ ଟପ୍ପର ଅଶ୍ୱିନୀ କୁମାର ପଣ୍ଡା ଓ ତାଙ୍କ ଡ୍ରାଇଭର ପି.ପ୍ରବୀଣ କୁମାର ୧୫ ହଜାର ଟଙ୍କା ପାଇଁ ଗିରଫ ହୋଇଛନ୍ତି। ଅଭିଯୋଗ ଅନୁସାରେ ବାମରା ବ୍ଲକ ଗୋବିନ୍ଦପୁର ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କର ଏକ ଜମି ଦାଖଲଖାରଜ ଓ କିସମ ପରିବର୍ତ୍ତନ ପାଇଁ ଆବେଦନ କରିଥିଲେ। ଏହି କାମ କରିବା ପାଇଁ ଲାଞ୍ଚ ମାଗିଥିଲେ ତହସିଲଦାର ଅଶ୍ୱିନୀ କୁମାର ପଣ୍ଡା। ସମ୍ପୃକ୍ତ ବ୍ୟକ୍ତି ଏହା ବିରୋଧରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଆଜି ଦିନ ପ୍ରାୟ ୧୧ଟା ବେଳେ ତହସିଲଦାରଙ୍କ ପରାମର୍ଶକ୍ରମେ ଅଭିଯୋଗକାରୀ ୧୫ ହଜାର ଟଙ୍କା ତାଙ୍କ ଡ୍ରାଇଭର ପି.ପ୍ରବିନ୍ କୁମାରଙ୍କୁ ଦେଇଥିଲେ। ଡ୍ରାଇଭର ଏହି ଟଙ୍କା ନେଇ ତହସିଲଦାରଙ୍କୁ ଦେବା ▶ପୃଷ୍ଠା-୭

# ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ବିଜେଡିରୁ ନିଲମ୍ବିତ



■ **ଭୁବନେଶ୍ୱର, ୧୨।୯ (ସମିସ):** ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ନିଲମ୍ବିତ ହୋଇଛନ୍ତି କାମାକ୍ଷାନଗରର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ। ଦଳର ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଉପସଭାପତି (ମୁଖ୍ୟାଳୟ) ପ୍ରତାପ ଜେନା ଶ୍ରୀ ମଲ୍ଲିକଙ୍କ ନିଲମ୍ବନ ଆଦେଶ ଜାରି କରିଛନ୍ତି। ଶ୍ରୀ ମଲ୍ଲିକ କାମାକ୍ଷାନଗର ବିଧାନସଭା କ୍ଷେତ୍ରରୁ ବିଜେଡି ଟିକଟରେ ୪ ଥର ନିର୍ବାଚିତ ହୋଇଥିଲେ। ନବୀନ ପଟ୍ଟନାୟକଙ୍କ ସରକାରରେ ସେ ଗୁରୁତ୍ୱପୂର୍ଣ୍ଣ ଖଣି ଓ ଇସ୍ପାତ, ପୂର୍ତ୍ତ ଓ ଗୃହନିର୍ମାଣ ପରି ବିଭାଗର ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ମାତ୍ର ବିଜେଡି ସରକାରରୁ ଯିବା ପରେ ସେ କିଛି ଦିନ ହେବ ଦଳ ବିରୋଧରେ ଗଣମାଧ୍ୟମରେ ବିଭିନ୍ନ ପ୍ରକାର ମତମନ୍ତବ୍ୟ ଦେଉଥିଲେ।

## ଉତ୍ପାଦନଠାରୁ ବିକ୍ରି ହେଉଛି ଦେଢ଼ଗୁଣ କ୍ଷୀର

# ଆମଦାନୀ ଗୁଣ୍ଡ ଦୁଗ୍ଧରେ ଶ୍ୱେତ ବିପ୍ଳବ

■ **ଭୁବନେଶ୍ୱର, ୧୨।୯ (ସମିସ):** ରାଜ୍ୟରେ ଦୁଗ୍ଧ ଉତ୍ପାଦନ କ୍ରମାଗତ ଭାବେ ହ୍ରାସ ପାଉଛି; ମାତ୍ର ଉତ୍ପାଦନର ଦେଢ଼ଗୁଣ କ୍ଷୀର ଓଡ଼ିଶାରେ ବିକ୍ରି ହେଉଛି। ବଜାରରେ ଛେନା, ଖୁଆ, ଦହି, ପନୀର ବି ଯାହାକୁ ଯେତେ ମିଳୁଛି। ଏଥିସହ ମିଠା ଦୋକାନଗୁଡ଼ିକରେ ଭଳିକି ଭଳି ଦୁଗ୍ଧଜାତ ମିଠା ମଧ୍ୟ ବିକ୍ରି ହେଉଛି। ତେଣୁ ଉପଲବ୍ଧ କ୍ଷୀର ବା କ୍ଷୀରରୁ ଉତ୍ପାଦିତ ସାମଗ୍ରୀ ଯେ ଅପମିଶ୍ରିତ ହେଉଛି, ଏଥିରେ କୌଣସି ସନ୍ଦେହ ନାହିଁ। ଆମଦାନୀ ହେଉଥିବା ଗୁଣ୍ଡଦୁଗ୍ଧକୁ ଅପମିଶ୍ରିତ କରି ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର କ୍ଷୀର ପ୍ୟାକେଟ୍ କ୍ଷୀର ସହ ଅନ୍ୟାନ୍ୟ ଦୁଗ୍ଧଜାତ ସାମଗ୍ରୀ ବିକ୍ରି ହେଉଛି।

ତଥ୍ୟ ଅନୁସାରେ, ରାଜ୍ୟରେ ଗାଈଙ୍କ ସଂଖ୍ୟା ୯୯ ଲକ୍ଷ ଓ ମଇଁଷି ସଂଖ୍ୟା ୫ ଲକ୍ଷ। ଏହି ଗୋରୁଙ୍କ ମଧ୍ୟରୁ ଦେଶୀ ଶ୍ରେଣୀର ୮୪ ପ୍ରତିଶତ ଓ ଶଙ୍କର ଜାତୀୟ ଗୋରୁଙ୍କ ସଂଖ୍ୟା ମାତ୍ର ୧୬%। ଏମାନଙ୍କ ମଧ୍ୟରେ ଜର୍ସି ଗାଈଙ୍କ ସଂଖ୍ୟା ପ୍ରାୟ ୧୩ ଲକ୍ଷ ଅର୍ଥାତ୍ ପ୍ରାୟ ୯୦ ପ୍ରତିଶତ। ସେହିପରି ରାଜ୍ୟରେ ଥିବା ମଇଁଷି ମଧ୍ୟରୁ ୮୦ ପ୍ରତିଶତ ଦେଶୀ ଓ ୨୦ ପ୍ରତିଶତ 'ନନ୍ ଡେସ୍‌କ୍ରିପ୍ଟ କ୍ରସ୍‌ବ୍ରିଡ୍' ଶ୍ରେଣୀର। ପରିସଂଖ୍ୟାନ ଅନୁସାରେ ରାଜ୍ୟରେ ଏହି ଗୋରୁଗୁଡ଼ିକଙ୍କଠାରୁ ବାର୍ଷିକ ମାତ୍ର ୨୬୫ କୋଟି ଲିଟର କ୍ଷୀର ଉତ୍ପାଦନ ହେଉଛି। ରାଜ୍ୟର ଜନସଂଖ୍ୟା ଅନୁସାରେ ଉତ୍ପାଦିତ କ୍ଷୀର ଦୈନିକ ଚାହିଦା ମେଣ୍ଟାଇବା ପାଇଁ ପର୍ଯ୍ୟାପ୍ତ ନୁହେଁ। ଏହା ସତ୍ତ୍ୱେ ରାଜ୍ୟରେ ପନୀର୍, ରାବିଡ଼ି ଓ ଖୁଆ ଆଦି ବିକ୍ରିବଟାର ପରିମାଣକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଏହି ତଥ୍ୟରୁ ଆମଦାନୀ ଗୁଣ୍ଡଦୁଗ୍ଧରେ ଯେ ରାଜ୍ୟରେ ଶ୍ୱେତ ବିପ୍ଳବ ଚାଲିଛି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ଅନ୍ୟପକ୍ଷରେ ପୁଷ୍ଟିସାଧନ ଦୃଷ୍ଟିରୁ ମୁଣ୍ଡପିଛା ୩୦୦ ଗ୍ରାମ୍ ଦୁଗ୍ଧ ଉପଲବ୍ଧ କରାଇବା ଲାଗି ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ସୁପାରିସ କରିଛି। ମାତ୍ର ଓଡ଼ିଶାରେ ମୁଣ୍ଡପିଛା ଦୁଗ୍ଧ ଉପଲବ୍ଧତା ଜାତୀୟ ହାରଠାରୁ ବହୁ ପଛରେ ରହିଛି। ▶ପୃଷ୍ଠା-୭




ସକାଳ THE SAKALA



## ବାରିମୂଳ ପଞ୍ଚାୟତରେ 'ଏକ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା/ଡେରାବିଶ, ୧୨।୯ (ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ବାରିମୂଳ ପଞ୍ଚାୟତରେ 'ଏକ୍ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ଓ ଡେରାବିଶ ପଞ୍ଚାୟତ ସମିତି ପକ୍ଷରୁ ମହାତ୍ମା ଗାନ୍ଧୀ ସ୍ମୃତି ପୀଠରେ ସରପଞ୍ଚ କଳ୍ପନା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଯୋଗଦେଇ ଭବିଷ୍ୟତ ପିଢ଼ିର ସୁରକ୍ଷା ସହ ପରିବେଶର ଯତ୍ନ ଓ ସୁନ୍ଦର ପୃଥିବୀ ଗଢ଼ିତୋଳିବାକୁ ସମସ୍ତେ ମିଳିମିଶି ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। ଅତିଥି ଭାବେ ଡେରାବିଶ ବିଡିଓ ନମିତା ବାରିକ, ସିଡିଓ ଅଜାମ୍ବର ମହାନ୍ତି, ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲିକ, ରାଜନଗର ଡିଏଫ୍‌ଓ, ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ ଦେବଦାସ ଦତ୍ତ, ବ୍ଲକର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ପ୍ରମୁଖ ଯୋଗଦେଇ ଆସନ୍ତା ୧୭ ତାରିଖ ଦିନ ରାଜ୍ୟବ୍ୟାପୀ ୭୫ ଲକ୍ଷ ଚାରାରୋପଣ ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଦେବା ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଥିଲେ। ପୂର୍ବତନ ସରପଞ୍ଚ ସୁଦ୍ଧଦେବ ବେହେରା, ଏସିଏଫ୍ ଗଗନ ମଲିକ, ପିଇଓ ପ୍ରସନ୍ନଜିତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୟୁରିଆ ସାର ଅଭାବ

# ଶ୍ୟାମସୁନ୍ଦରପୁର ସମବାୟ ସମିତି ଆଗରେ ଚାଷୀଙ୍କ ବିକ୍ଷୋଭ



**ପଟ୍ଟାମୁଣ୍ଡାଇ, ୧୨।୯ (ସମିସ)**

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦୋଷିଆ ପଞ୍ଚାୟତର ଶ୍ୟାମସୁନ୍ଦରପୁର ସମବାୟ ସମିତିର ଚାଷୀ ୟୁରିଆ ସାରର ଉତ୍କଟ ଅଭାବକୁ ନେଇ ତାତି ଉଠିଛନ୍ତି। ଆଜି ଶ୍ୟାମସୁନ୍ଦରପୁର ସୋସାଇଟିର ଚାଷୀ କାଙ୍ଗାଳୀ ସାହୁ, ସଞ୍ଜୟ ଦାସ, କାଳନ୍ଦୀ ସ୍ୱାଇଁ, ଭାସ୍କର ଜେନା, ପ୍ରକାଶ ସ୍ୱାଇଁ କୁଳମଣି ଓଝା, ସନ୍ତୋଷ ରାଉତ, ଦାଶରଥି ଜେନା, ଶରତ ସ୍ୱାଇଁ, ଶରତ ଜେନା, ସନ୍ତୋଷ ସାହୁ, ଶରତ ସାହୁ, ବିଜୟ ସ୍ୱାଇଁ, ଦୀପକ ରାଉତ, ବିଜୟ ସିଂ, ବାବାଜୀ ପ୍ରଧାନ, ବୀରକିଶୋର ସ୍ୱାଇଁ, ମହେନ୍ଦ୍ର ବିଶ୍ୱାଳ, ଶୁକଦେବ ଓଝା, ଯଶୋବନ୍ତ ପ୍ରଧାନ, ରଞ୍ଜିତ ସାମଲ, ସହଦେବ ମଲିକ, ରବୀନ୍ଦ୍ର ମଲିକ, କୁଳମଣି ମଲିକ, ପୁରୁଷୋତ୍ତମ ମଲିକ ପ୍ରମୁଖ ଶହ ଶହ ଚାଷୀ ସାର ନ ପାଇ ସମବାୟ ସମିତି କାର୍ଯ୍ୟାଳୟରେ ଆଗରେ ବିକ୍ଷୋଭ କରି ସାର ବଣ୍ଟନ ପାଇଁ ଦାବି କରିଥିଲେ।

**ସହଯୋଗ ଲୋଡ଼ିଲା ସମବାୟ ସମିତି**

୫୦୦ ଚାଷୀଙ୍କ ପାଇଁ ସମବାୟ ସମିତିକୁ ସରକାରୀ ଭାବେ ୧୧୧ ବସ୍ତା ସାର ଯୋଗାଇ ଦିଆଯାଇଯାଇଥିବାରୁ ସମବାୟ ସମିତି ସଭାପତି ସୁଦାମ ରାଉତ, ସମ୍ପାଦକ ତପନ ସ୍ୱାଇଁ, ପୂର୍ବତନ ସଭାପତି ଗୌରାଙ୍ଗ ସ୍ୱାଇଁ, ହୃଦୟ ବଲ୍ଲଭ ରାଉତ, ରବୀନ୍ଦ୍ର ସାହୁ, ତ୍ରିଲୋଚନ ସ୍ୱାଇଁ, ରମେଶ ସାହୁ ଓ କୃଷକ ସାଥୀ ରବୀନ୍ଦ୍ର ସ୍ୱାଇଁ ପ୍ରମୁଖ ଚାଷୀଙ୍କ ଅସନ୍ତୋଷକୁ ଦେଖି ଗଣ୍ଡଗୋଳ ଆଶଙ୍କାରେ ସାର ବଣ୍ଟନ ନ କରି ସ୍ଥାନୀୟ ପ୍ରଶାସନର ସହାୟତା ଲୋଡ଼ିଥିଲେ। ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ଭେଟି ସ୍ଥିତି ଅବଗତ କରିବା ସହିତ ଚାଷୀଙ୍କ ଆବଶ୍ୟକ ସାର ଯୋଗାଇବା, ନଚେତ ସମବାୟ ସମିତିକୁ ମଞ୍ଜୁର କରାଯାଇଥିବା ସାର ପ୍ରଶାସନ ନିଜ ଦାୟିତ୍ୱରେ ବଣ୍ଟନ କରିବା ପାଇଁ ଲିଖିତ ଭାବେ ଜଣାଇଥିଲେ। ଶ୍ୟାମସୁନ୍ଦରପୁର ସମବାୟ ସମିତିରେ ସାରର ଉତ୍କଟ ଅଭାବ ଓ ବଣ୍ଟନକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଓ ଉତ୍ତେଜନା ଲାଗି ରହିଛି। ପ୍ରଶାସନ ଏ ଦିଗରେ କି ପଦକ୍ଷେପ ନେଉଛି, ଦେଖିବାକୁ ବାକି ରହିଲା।

### ଜଳସେଚନ ହୋଇପାରୁନି ଶହ ଶହ ଏକର ଜମି

## ଜଳକର ଦେଉଛନ୍ତି ଚାଷୀ

**ପଟ୍ଟାମୁଣ୍ଡାଇ, ୧୨।୯ (ସମିସ):** କେନାଲ ସଫେଇ ଠିକ୍ ଭାବେ ନ ହେବା ଯୋଗୁଁ ଶହ ଶହ ଏକର ଚାଷଜମି କେନାଲ ଜଳସେଚନରୁ ବଞ୍ଚିତ ହୋଇଛି। ଜମି ଜଳସେଚିତ ହେଉ ନ ଥିଲେ ହେଁ ଚାଷୀ ଜଳକର ଦେଉଥିବା ଅଭିଯୋଗ ହୋଇଛି।

୧୫ନଂ (କ) କେନାଲ ଓ ତାତନା ମାଇନର କେନାଲ ଠିକ୍ ଭାବେ ସଫେଇ କରାଯାଇ ନ ଥିବାରୁ ଶହ ଶହ ଏକର ଚାଷଜମିକୁ କେନାଲ ପାଣି ମାଡ଼ିପାରୁନି। କେନାଲର ଶେଷଭାଗ ୫୦୦ ମିଟର ବାକି ଥିବାବେଳେ ସଫେଇ କାମ ବନ୍ଦ କରାଯାଇଛି। ତାତନା ଗ୍ରାମର ଚାଷୀ ବର୍ଷା ପାଣିରେ ଜମି ହଳ କରି ଧାନ ରୋଇ ଥିଲେ। ବର୍ତ୍ତମାନ ବର୍ଷା କମିଯିବାରୁ ଧାନ ରୁଆ ହୋଇଥିବା ଜମି ଶୁଖି ଫାଟିଲାଣି। ସେପଟେ ରାଜସ୍ୱ ବିଭାଗ ବୋଝ ଉପରେ ନଳିତା ବିଡ଼ା ସଦୃଶ ଜଳକର ଆଦାୟ କରି ଚାଲିଛି। ଚାଷୀ ଏ ସଂକ୍ରାନ୍ତରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ ଫଳ ଶୂନ। ଫଳରେ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ତୁରନ୍ତ ଚାଷୀଙ୍କ ସମସ୍ୟା ପ୍ରତି ଧ୍ୟାନ ଦେଇ ସମାଧାନ ଦିଗରେ ପଦକ୍ଷେପ ନ ନେଲେ ତାତନା ଗ୍ରାମର ଚାଷୀ ଗଣଧାରଣା ଦେବାକୁ ଚେତାବନୀ ଦେଇଛନ୍ତି।

## ବୀରେନ୍ଦ୍ର ପଣ୍ଡାଙ୍କ ବିୟୋଗରେ ଶୋକସଭା

**ଆଳି, ୧୨।୯ (ସମିସ):** ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସଭାପତି ନମୌଜା ଅଞ୍ଚଳର ବୀରେନ୍ଦ୍ର ପଣ୍ଡାଙ୍କ ଦୁର୍ଘଟଣାରେ ଅକାଳ ବିୟୋଗ ଘଟିଛି। ଶ୍ରୀ ପଣ୍ଡାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ତାଙ୍କ ଅନ୍ତରଙ୍ଗ ସାଥୀ ଦୁଇ ମିନିଟ ନିରବ ପ୍ରାର୍ଥନା କରିବା ସହ ଶୋକସଭା କରିଥିଲେ। ଶ୍ରୀ ପଣ୍ଡା ତାଙ୍କ ଶାଶୂଙ୍କୁ ଚିକିତ୍ସା ପାଇଁ କଟକ ନେଇଥିଲେ। ତେଲେଙ୍ଗାପେଣ୍ଠରେ ଗାଡ଼ି ଖରାପ ହେବାରୁ ମେକାନିକ୍ ଡାକିବାକୁ ଯାଉଥିବାବେଳେ ଏକ ଦ୍ରୁତଗାମୀ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶ୍ରୀ ପଣ୍ଡା ତାଙ୍କ ସାଥିଙ୍କ ସହ ବସୁଥିବା ସ୍ଥାନରେ ସାଥିମାନେ ନିରବ ପ୍ରାର୍ଥନା କରିଥିଲେ। ସେହିପରି ବାଲିଅଡାର ବାଲୁଙ୍କେଶ୍ୱରଙ୍କ ପୀଠରେ ସହଦେବ ଦାସ ସେବା ସଂସ୍ଥା ସଂଗଠନ ପକ୍ଷରୁ ସଭାପତି ଗୋବିନ୍ଦ ନନ୍ଦଙ୍କ ଅଧ୍ୟକ୍ଷତାରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରବୀନ୍ଦ୍ର ସୂତାର, ବିନୋଦ ଦାଶ, ବିଦ୍ୟାଧର ପଣ୍ଡା, ମଧୁସୂଦନ ଦାସ, ଲକ୍ଷ୍ମୀଧର ଦୀକ୍ଷିତ, ନିତ୍ୟାନନ୍ଦ କର, ଅମୂଲ୍ୟ ରାଉତ, ଭାରତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିରୂପା ନଦୀରେ ମହିଳା ନିଖୋଜ

**ଡେରାବିଶ, ୧୨।୯ (ସମିସ):** ମଙ୍ଗଳପୁର ପଞ୍ଚାୟତସ୍ଥ ବିରୂପା ନଦୀର ମଙ୍ଗଳପୁର ଘାଟରେ ଗାଧୋଇବାକୁ ଯାଇଥିବା ଜଣେ ମହିଳା ନିଖୋଜ ହୋଇଯାଇଛନ୍ତି। ତାଙ୍କୁ କୁମ୍ଭୀର ଟାଣିନେଇଥିବା ସନ୍ଦେହ କରାଯାଉଛି। ଯାଜପୁର ଜିଲ୍ଲା ବରୀ ଥାନା ଅନ୍ତର୍ଗତ ନୀଳପଦା ସିଂହସାହିର ସ୍ୱର୍ଗତ ଅଚ୍ୟୁତାନନ୍ଦ ସିଂହଙ୍କ ପତ୍ନୀ ତିଲୋତ୍ତମା ସିଂ (୭୫) ଆଜି ସକାଳେ ବିରୂପା ନଦୀକୁ ଗାଧୋଇବାକୁ ଆସିଥିଲେ। ସେ ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିବାରୁ ନଦୀ ତୁଠରେ ତାଙ୍କ ଲୁଗା ଦେଖିଥିଲେ। ପରେ ପୁଲିସ୍ ଓ ଅଗ୍ନିଶମ ବିଭାଗକୁ ଖବର ଦିଆଯିବାରୁ ବରୀରୁ ଅଗ୍ନିଶମ କର୍ମଚାରୀ ମଙ୍ଗଳପୁର ଘାଟରେ ପହଞ୍ଚି ଖୋଜିଥିଲେ ହେଁ ପାଇ ନ ଥିଲେ। ତାଙ୍କୁ କୁମ୍ଭୀର ଟାଣିନେଇଥବା ସନ୍ଦେହ କରାଯାଉଛି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



**ଗୋବିନ୍ଦପୁର, ୧୨।୯ (ସମିସ):** ପାଳିମି ପଞ୍ଚାୟତ ପାଳିମି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ରତ୍ନାକର ସାମଲଙ୍କ ପରଲୋକ ହୋଇଯାଇଛି। ୨୦୦୦ରେ ଜନତା ଉଚ୍ଚ ବିଦ୍ୟାଳୟରୁ ଅବସର ନେଇଥିଲେ। ସେ ଜଣେ ଧର୍ମପରାୟଣ, ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଧୋୟାଞ୍ଚଳର ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ପଣ୍ଡିତ ପଦ୍ମନାଭ ଆଚାର୍ଯ୍ୟଙ୍କ ପରଲୋକ



**ଆଳି, ୧୨।୯ (ସମିସ):** ରାଜକନିକା ବ୍ଲକ ଚରପଡ଼ା ପଞ୍ଚାୟତ ଅଧୀନ ରସିକନଗର ଗ୍ରାମର ସାମ୍ବାଦିକ ଓ ସୂଚନାକର୍ମୀ ଦୁଷ୍ମନ୍ତ ଆଚାର୍ଯ୍ୟଙ୍କ ପିତା ପଣ୍ଡିତ ପଦ୍ମନାଭ ଆଚାର୍ଯ୍ୟଙ୍କ ଗତକାଲି ରାତିରେ ୮୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ପଦ୍ମନାଭ ଜଣେ ଧର୍ମପରାୟଣ, ପରୋପକାରୀ ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ଆଳି ବ୍ଲକସ୍ଥ ମହୁ ଗ୍ରାମରେ ଥିବା ଭଡାଘରେ ତାଙ୍କର ଦେହାନ୍ତ ହୋଇଥିଲା। ଆଜି ତାଙ୍କ ମରଶରୀର ଜନ୍ମମାଟିକୁ ନେବା ସମୟରେ ଦେଉଳତରା ବିଦ୍ୟାଳୟରେ ପୁରାତନ ଛାତ୍ର ଓ ଶିକ୍ଷକ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ କରାଯାଇଥିବାବେଳେ ନାତି ଦିବ୍ୟରଞ୍ଜନ ଆଚାର୍ଯ୍ୟ ମୁଖାଗ୍ନି ଦେଇଥିଲେ।

### ଶିଶୁ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ଛାତରୁ ଖସିଲା ପ୍ଲାଷ୍ଟର

## ଲିଗାଲ୍ ଅଫିସର ଆହତ

**କେନ୍ଦ୍ରାପଡ଼ା, ୧୨।୯ (ସମିସ):** ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ଛାତରୁ ପ୍ଲାଷ୍ଟରର ଏକ ବଡ଼ ଅଂଶ ଖସିପଡ଼ିଥିଲା। ଶୁକ୍ରବାର ଦିନ ପ୍ରାୟ ସାଢେ ଗୋଟାଏ ବେଳେ କର୍ମଚାରୀ ଅଫିସରେ ଥିବାବେଳେ ହଠାତ୍ ଛାତର ପ୍ଲାଷ୍ଟର ଖଣ୍ଡ ଖସିପଡ଼ି ବିଭାଗର ଲିଗାଲ୍ ଅଫିସର ବିବେକାନନ୍ଦ ଅଟୋବୁଦ୍ଧି ଆହତ ହୋଇଛନ୍ତି। ତାଙ୍କ ବାମ କାନ୍ଧ ଓ ହାତରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କେନ୍ଦ୍ରାପଡ଼ା ପୁରୁଣା ତହସିଲ୍ କାର୍ଯ୍ୟାଳୟରେ ଗତ ଦେଢ ବର୍ଷ ଧରି ଶିଶୁ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ଚାଲିଛି। ଛାତରୁ ପ୍ଲାଷ୍ଟର ଖସିଲା ପରେ ଅନ୍ୟ କର୍ମଚାରୀ ଭୟଭୀତ ହୋଇପଡ଼ିଛନ୍ତି।

## ଦକ୍ଷିଣ ଆଫ୍ରିକାରେ ଓଡ଼ିଆ ଶ୍ରମିକଙ୍କୁ ହତ୍ୟା ଅଭିଯୋଗ

- ଠିକାଦାର ଓ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି
- ମୃତଦେହ ଫେରାଇ ଆଣିବାକୁ ଜିଲ୍ଲାପାଳଙ୍କୁ ଗୁହାରି

**କେନ୍ଦ୍ରାପଡ଼ା, ୧୨।୯ (ସମିସ):** ଦକ୍ଷିଣ ଆଫ୍ରିକାରେ ଦାଦନ ଶ୍ରମିକଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। କେନ୍ଦ୍ରାପଡ଼ା ତାଳଚୁଆ ମେରାଇନ ଥାନା ଅନ୍ତର୍ଗତ ଡାଙ୍ଗମାଳ ଗ୍ରାମର ବାସୁଦେବ ବେହେରାଙ୍କ ବଡ଼ପୁଅ ନିଶିଦେବ ବେହେରାଙ୍କ ଦକ୍ଷିଣ ଆଫ୍ରିକାର ଲିବ୍ରଭେଲ ଗେବନରେ ଗତ ୯ ତାରିଖରେ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ସେ ଶୋଇବା ଘରେ ଝୁଲୁଥିବା ଅବସ୍ଥାରେ ଉଦ୍ଧାର ହୋଇଥିଲେ। ଶରୀରର ଅନେକ ସ୍ଥାନରେ କ୍ଷତ ଚିହ୍ନ ରହିଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଗତ କିଛିଦିନ ଧରି ନିଶିଦେବ ସେଠାକାର ସଲିଡ ଉଡ ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ କମ୍ପାନୀରେ କାମ କରୁଥିଲେ। ପୁଅକୁ ହତ୍ୟା କରାଯାଇଛି ବୋଲି ପରିବାର ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍ ଆୟରଙ୍କ ନିକଟରେ ଅଭିଯୋଗ ହୋଇଛି। ବିଭିନ୍ନ ପ୍ରଲୋଭନ ଦେଖାଇ ଦକ୍ଷିଣ ଆଫ୍ରିକା ନେଇଥିବା ଠିକାଦାର ଓ କମ୍ପାନୀର ଅନ୍ୟମାନେ ପୁଅଙ୍କୁ ନିର୍ଯାତନା ଦେଉଥିଲେ ବୋଲି ବାସୁଦେବ ଅଭିଯୋଗ କରିଛନ୍ତି। ଏହି ଘଟଣାର ତଦନ୍ତ କରାଯାଇ ହତ୍ୟାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ପୁଅର ମୃତଦେହ ଫେରାଇ ଆଣିବାକୁ ମୃତ ନିଶିଦେବଙ୍କ ମାଆ ପ୍ରମିଳା ବେହେରା, ବାପା ବାସୁଦେବ ବେହେରା ଓ ପତ୍ନୀ ଗାୟତ୍ରୀ ବେହେରାଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ନିବେଦନ କରାଯାଇଛି।

### ଟାଟା କମ୍ପାନୀର ମନମାନି

## ଜିଲ୍ଲାପାଳଙ୍କୁ ଛତା ଉପଭୋକ୍ତାଙ୍କ ଅଭିଯୋଗ



**ଡେରାବିଶ, ୧୨।୯ (ସମିସ):** ବିଦ୍ୟୁତ ଯୋଗାଣକାରୀ ଟିପିସିଓଡିଏଲ କମ୍ପାନୀ ଡେରାବିଶ ବ୍ଲକ ଅଧୀନ ଛତା ବିଦ୍ୟୁତ ସେକ୍ସନର ଉପଭୋକ୍ତାଙ୍କୁ ବିଦ୍ୟୁତ ସେବା ଯୋଗାଇ ଦେବା ଆଳରେ ଶୋଷଣ କରୁଥିବା ନେଇ ସମ୍ପୃକ୍ତ ସେକ୍ସନ ଅଧୀନରେ ଥିବା ବିଭିନ୍ନ ପଞ୍ଚାୟତର ଉପଭୋକ୍ତା ଅସନ୍ତୋଷ ପ୍ରକାଶ କରିବା ସହ ଜିଲ୍ଲାପାଳଙ୍କୁ ଭେଟି ସେମାନଙ୍କ ସମସ୍ୟାକୁ ନେଇ ଗୁହାରି କରିଛନ୍ତି। ଟାଟା ପାୱାର କମ୍ପାନୀ ମାସିକ ମିଟର ରିଡିଂ ୮ରୁ ୧୦ ଦିନ ବିଳମ୍ବରେ ନେବା ଦ୍ୱାରା ଉପଭୋକ୍ତାଙ୍କ ଉପରେ ମାତ୍ରାଧିକ ବିଲ୍ ବୋଝ ଲଦି ଦିଆଯାଉଥିବା, ୟୁନିଟ ପିଛା ଦେୟ ଦେବା ପରେ ମଧ ଅନ୍ୟାନ୍ୟ ଚାର୍ଜ ବିଲରେ ଯୋଡ଼ାଯାଇଥିବା ନେଇ ଜିଲ୍ଲାପାଳଙ୍କୁ କରିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ସ୍ମାର୍ଟ ମିଟର ନାମରେ ମିଟର ବଦଳାଯାଇ ତାହାର ଚାର୍ଜ ବିଲ ଉପରେ ଆସୁଛି ବୋଲି ଅଭିଯୋଗ କରାଯାଇଛି। ସାମାନ୍ୟ ବର୍ଷା ହେଲେ ବିଦ୍ୟୁତ କାଟ କରାଯାଉଥିବାରୁ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଥିବା ନେଇ ଏହି ଅଭିଯୋଗରେ ଦର୍ଶାଯାଇଛି। ଜିଲ୍ଲାପାଳଙ୍କୁ ଭେଟିଥିବା ପ୍ରତିନିଧି ମାସିକ ମିଟର ରିଡିଂ ପାଇଁ ଏକ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ କରାଯିବା ସହ ୟୁନିଟ ଦେୟ ପରେ ଅନ୍ୟ ଚାର୍ଯ୍ୟକୁ ବିଲରୁ ବାଦ ଦେବାକୁ ଦାବି କରିଥିଲେ। ଉପଭୋକ୍ତା କମିଟି ସଭାପତି ପଣ୍ଡିତ ଶରତ ମିଶ୍ର, ସମ୍ପାଦକ ମହେନ୍ଦ୍ର ସିଂହ, ଉପସଭାପତି ନିରଞ୍ଜନ କର, ସହସମ୍ପାଦକ ସୁଜିତ ବଳଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ, ଅଧ୍ୟାପକ ପ୍ରଭାକର ସାମଲ, ଗୌରାଙ୍ଗ ପ୍ରଧାନ, ତରୁଣ ରଞ୍ଜନ ପ୍ରଧାନ, କରୁଣାକର ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

### ହାଇମାଷ୍ଟ ଲାଇଟ୍ ଅଚଳ

## ସୁଇଚ୍ ମାରିଲେ ମାରୁଛି କରେଣ୍ଟ

**ପଞ୍ଚୁପାଣ୍ଡବ, ୧୨।୯ (ସମିସ):** ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ରାଏତୁଣ୍ଡି ଗ୍ରାମରେ ଲାଗିଥିବା ଲକ୍ଷାଧିକ ଟଙ୍କାର ହାଇମାଷ୍ଟ ଲାଇଟ୍ ଅଚଳ ଅବସ୍ଥାରେ ଥିବା ଦେଖିବାକୁ ମିଳୁଛି। ଏହି ଲାଇଟ୍ କେନାଲକୁ ଲାଗି ରହିଥିବାରୁ ଲାଇଟ୍ ଖୁଣ୍ଟ ଚାର୍ଜ ହୋଇଯାଉଛି। ଯଦ୍ୱାରା ଲାଇଟ୍ ସୁଇଚ୍ ମାରିଲେ କରେଣ୍ଟ ମାରୁଥିବା ଅଭିଯୋଗ ହେଉଛି। ଏ ନେଇ ସରପଞ୍ଚଙ୍କୁ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହେଉଛି। ଏଥିସହ ବେଣୀପୁର ପଞ୍ଚାୟତ ଅଧୀନରେ ଥିବା ପ୍ରତି ଗ୍ରାମରେ ଲାଇଟ୍ ଅଚଳ ଅବସ୍ଥାରେ ରହିଛି। କେଉଁଠି ଲାଇଟ୍ ଧପ୍‌ଧପ୍ ହେଉଥିବାବେଳେ କେତେକ ଜାଗାରେ ଖୁଣ୍ଟ ଅଛି, ଲାଇଟ୍ ନାହିଁ। କେତେକ ଜାଗାରେ ଦିନରେ ଲାଇଟ୍ ଜଳୁଥିବା ଦେଖିବାକୁ ମିଳୁଛି। ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ଲୋକେ ରାତିରେ ସମସ୍ୟା ଭୋଗୁଥିବା ଅଭିଯୋଗ କରିଛନ୍ତି। ଅଚଳ ଲାଇଟ୍‌କୁ ସଚଳ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ମିଳୁନି ସରକାରୀ ସହାୟତା

## ଜିଲ୍ଲାପାଳଙ୍କୁ ଭେଟି ଗୁହାରିକଲେ ଭିନ୍ନକ୍ଷମ



**କେନ୍ଦ୍ରାପଡ଼ା, ୧୨।୯ (ସମିସ):** ମହାକାଳପଡ଼ା ବ୍ଲକ ବିଜୟନଗର ପଞ୍ଚାୟତ ବିଜୟନଗର ଗ୍ରାମର ଭିନ୍ନକ୍ଷମ ବୃଦ୍ଧା ସରସ୍ୱତୀ ଜେନା ଓ ତାଙ୍କ ଭଉଣୀ ସୁମିତ୍ରା ଜେନା ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଛନ୍ତି। ଏପର୍ଯ୍ୟନ୍ତ ସେମାନଙ୍କୁ ଆବାସ ଦିଆଗଲାନାହିଁ। ଘର ପାଇଁ ଜମି ମଧ୍ୟ ଯୋଗାଇ ଦିଆଗଲାନାହିଁ। ମହାକାଳପଡ଼ା ତହସିଲ ଭିନ୍ନକ୍ଷମ ସରସ୍ୱତୀଙ୍କ ଗୃହ ମଧ୍ୟ ଉଚ୍ଛେଦ କରିଛନ୍ତି। ଏବେ ସରସ୍ୱତୀ ଓ ତାଙ୍କ ଦିବ୍ୟାଙ୍ଗ ଭଉଣୀ ପଲ୍‌ହା ମାରି ରହୁଛନ୍ତି। ଦୁଃଖର ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକଙ୍କ ପଞ୍ଚାୟତ ବାସିନ୍ଦା ହୋଇଥିବାବେଳେ କାହିଁକି ବିଧାୟକ ଦେଖିପାରିଲେ ନାହିଁ। ଆବାସ ଓ ଭୂମିହୀନ ହୋଇଥିବାରୁ ଏହି ଭିନ୍ନକ୍ଷମ ସରସ୍ୱତୀଙ୍କ ପାଇଁ ସରକାରୀ ସୁବିଧା ସାତସପନ ହୋଇଛି। ସରସ୍ୱତୀଙ୍କ ଦୁଃଖ କେହି ନ ଶୁଣିବା ଫଳରେ ନିଜେ ସରସ୍ୱତୀ ଆଜି ରାସ୍ତାରେ ଘୁଷୁରୀ ଘୁଷୁରୀ ଜିଲ୍ଲାପାଳଙ୍କୁ ଦୁଃଖ ଜଣାଇଛନ୍ତି। ପରିତାପର ବିଷୟ ସରକାର ଭିନ୍ନକ୍ଷମଙ୍କ ପାଇଁ ମାଳମାଳ ଯୋଜନା କରୁଥିବାବେଳେ ମହାକାଳପଡ଼ା ଭିନ୍ନକ୍ଷମ ସରସ୍ୱତୀଙ୍କ ପାଇଁ ଅନ୍ତ୍ୟୋଦୟ ଯୋଜନା କାହିଁକି ଅପହଞ୍ଚ ହୋଇପଡ଼ିଛି। କେହି ଭୂମିହୀନ ରହିବେନାହିଁ ସରକାର କହୁଥିବାବେଳେ ସରସ୍ୱତୀ କାହିଁକି ଦୁଃଖ ପାଉଛନ୍ତି। ତାହା ସାଧାରଣରେ ବଡ଼ ପ୍ରଶ୍ନ ହୋଇ ଠିଆ ହୋଇଛି।

## ଶିଷ୍ୟ ପକ୍ଷରୁ ଭରତ ସମ୍ମାନ ପ୍ରଦାନ ଉତ୍ସବ



**ରାଜକନିକା, ୧୨।୯ (ସମିସ):** ସାମାଜିକ ଅନୁଷ୍ଠାନ ଶିଷ୍ୟ ପକ୍ଷରୁ ଓଳାଭର ଓ ବାର୍‌ହା ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ନୈତିକ ସାମାଜିକ ସଂକଳ୍ପ ଦିଆଯିବା ସହ ଯୌଥ ପରିବାରରେ ଥିବା ଭାଇଚାରାକୁ ସମ୍ମାନ ଜଣାଇ ଏହି ଭାତୃତ୍ୱର ଭାବକୁ ଅଧିକ ପ୍ରଭାବୀ କରାଇବାକୁ 'ଭରତ ସମ୍ମାନ' ପ୍ରଦାନ କରାଯାଇଛି। ପେଗରପଡ଼ାର ବିଦ୍ୟାଧର ବାରିକ, ପ୍ରଧାନପଡ଼ାର ବିଷ୍ଣୁଚରଣ ମିଶ୍ର, ହାଟସାହିର କିଶୋର ଦାସ, ଉଜାଙ୍ଗର ରଜତ ନାୟକ, ଦୁର୍ଗାଦେବୀପଡ଼ାର ଶଶଧର ଦାସ, କଇଥାପାଳର ଆନନ୍ଦ ରାଉତ, ଦେଉଳତରାର ମାନଗୋବିନ୍ଦ ପଣ୍ଡା ଆଦି ପରିବାରକୁ ସମ୍ମାନିତ କରାଯାଇଛି। ସେହିଭଳି ଉଭୟ କଲେଜର ଛାତ୍ରଛାତ୍ରୀଙ୍କୁ ପରିବାରରେ ମାଆ ଓ ମାତୃଭୂମିର ସେବା କରିବା, ପିତାମାତାଙ୍କୁ ହାତଦର ନ କରିବା, ବୃଦ୍ଧାଶ୍ରମକୁ ନ ଛାଡିବା, ନିଶାଠାରୁ ଦୂରେଇ ରହିବା, ଯୌତୁକ ନ ନେବା ଭଳି ସମାଜିକ କର୍ତ୍ତବ୍ୟ ଓ ଦାୟିତ୍ୱବୋଧର ସଂକଳ୍ପ କରାଯାଇଛି। ଶିଷ୍ୟର ଉପସଭାପତି ସୁକାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ପ୍ରତିଷ୍ଠାତା ସମ୍ପାଦକ ଡଃ ସଞ୍ଜୟ ବେହୁରା ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ମୁଖ୍ୟଅତିଥି ଭାବେ ହରିହରାନନ୍ଦ ବାଳାଶ୍ରମର ପରିଚାଳକ ସ୍ୱାମୀ ସୁଗୀତାନନ୍ଦ ଗିରି, ଓଳାଭର କଲେଜ ଅଧ୍ୟକ୍ଷ ହଳଧର ବେହେରା, ଅଧ୍ୟାପକ ଅନନ୍ତ ସାହୁ, ଅଧ୍ୟାପକ ମୁରଲୀଧର କର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

### ପୌରାଞ୍ଚଳ ଘୋଷଣାର ୩୬ ବର୍ଷ ପରେବି ସୁଧୁରୁନି ଜଳ ନିଷ୍କାସନ ସମସ୍ୟା

# ସାମାନ୍ୟ ବର୍ଷାରେ ଉବୁଟୁବୁ ହେଉଛି ପଟ୍ଟାମୁଣ୍ଡାଇ ସହର

**ପଟ୍ଟାମୁଣ୍ଡାଇ, ୧୨।୯ (ସମିସ)**

ପାଣି ନିଷ୍କାସନ ପାଇଁ ଡ୍ରେନଜ ସିଷ୍ଟମରେ ସୁଧାର ଅଣାଯାଇପାରୁ ନ ଥିବାରୁ ବର୍ଷା ହେଲେ ସହର ରାସ୍ତାରେ ସୁଅ ଛୁଟୁଥିବାବେଳେ ବସ୍ତିରେ ପାଣି ପଶୁଛି। ପଟ୍ଟାମୁଣ୍ଡାଇକୁ ସହାରାଞ୍ଚଳ ଘୋଷଣା ହେବାର ୩୬ ବର୍ଷ ଅତିକ୍ରାନ୍ତ ହେବା ପରେ ମଧ ସହରର ମୁଖ୍ୟ ପାଣି ନିଷ୍କାସନ ସମସ୍ୟାର ସମାଧାନ ହୋଇପାରିନାହିଁ। ସାମାନ୍ୟ ବର୍ଷା ହେଲେ ଉବୁଟୁବୁ ହେଉଛି ସହର। ସାହିବସ୍ତିରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ସହରରୁ ପାଣି ନିଷ୍କାସନ ସମସ୍ୟାର ସମାଧାନ କେବେ ହେବ, ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଉଦବୃତ୍ତ ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ଖାଲୁଆ ସ୍ଥାନରେ ଜମି ରହି ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଫଳରେ ସହରରେ ମଶା ମାଛିଙ୍କ ଉପଦ୍ରବ ବୃଦ୍ଧି ପାଉଥିବାବେଳେ ଡେଙ୍ଗୁ, ମେଲେରିଆ ଆଦି ରୋଗ ବ୍ୟାପିବା ସମ୍ଭାବନା ସୃଷ୍ଟି ହୋଇଛି। ପାଣି ନିଷ୍କାସନ ସମସ୍ୟା ଗୁରୁତର ହୋଇପଡ଼ିଥିବାବେଳେ ଏହା ସହରବାସୀଙ୍କ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ଲୋକେ ସହରୀ ସୁବିଧାରୁ ଏକ ପ୍ରକାର ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି।

ବର୍ଷାଦିନ ଆସିଲେ ସତେ ଯେମିତି ଏହା ସହରବାସୀଙ୍କ ପାଇଁ ଅଭିଶାପ ନେଇ ଆସୁଛି। ବିଭିନ୍ନ ସରକାରୀ ଅଫିସ ପାଣି ଘେରରେ ରହୁଛି। ଶିକ୍ଷାନୁଷ୍ଠାନ ପାଣି ଘେରରେ ରହିବା ଫଳରେ ଶିକ୍ଷାଦାନ କ୍ଷେତ୍ରରେ ବାଧା ଉପୁଜୁଛି। ପୌରପରିଷଦ ସହରରୁ ଉଦବୃତ୍ତ ବର୍ଷାଜଳ ନିଷ୍କାସନ ପାଇଁ କୌଣସି ସ୍ୱତନ୍ତ୍ର ମାଷ୍ଟର ପ୍ଲାନ ପ୍ରସ୍ତୁତ କରି ନ ଥିବା ସରକାରୀ ଯୋଜନା ସହରବାସୀଙ୍କ ପାଇଁ ଉପହାସ ପାଲଟିଛି। ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ କରାଯାଇ ଗୋବରୀ ନଦୀକୁ ଛଡାଯିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିବା ପୌରପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଏଥିପାଇଁ ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ଡ୍ରେନେଜକଟ ବିଭାଗ ବରିଷ୍ଠ ଅଧିକାରୀ ପଟ୍ଟାମୁଣ୍ଡାଇ ସହର ସମେତ ଗୋବରୀ ନଦୀ ପରିଦର୍ଶନ କରି ଡିପିଆର ପ୍ରସ୍ତୁତି କରିଛନ୍ତି। ଡ୍ରେନେଜକଟ ବିଭାଗ ମୁଖ୍ୟଯନ୍ତ୍ରୀ ଅବିନାଶ ରାଉଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଚିତ୍ତରଞ୍ଜନ ଭୂୟାଁ, ଅଧୀକ୍ଷଣ ଯନ୍ତ୍ରୀ ଶଶାଙ୍କ ଶେଖର, ଅତିରିକ୍ତ ନିର୍ବାହୀଯନ୍ତ୍ରୀ ଧିରେନ୍ଦ୍ର ଜେଠୀ, କନିଷ୍ଠ ଯନ୍ତ୍ରୀ ନିହାର ରାଉତରାୟଙ୍କୁ ନେଇ ଗଠିତ ଟିମ ପଟ୍ଟାମୁଣ୍ଡାଇ ସହର ଓ ପୌରାଞ୍ଚଳର ଜଳବନ୍ଦୀ ଅଞ୍ଚଳ ଓ ଗୋବରୀ ନଦୀ ପରିଦର୍ଶନ କରିଯାଇଛନ୍ତି। କିନ୍ତୁ ପାଣି ନିଷ୍କାସନର ସ୍ଥାୟୀ ସମାଧାନ ପାଇଁ କାର୍ଯ୍ୟ ଆରମ୍ଭ ହୋଇନାହିଁ। ସ୍ଥିତି ଦିନକୁ ଦିନ ବିଗୁଡୁଥିବାରୁ ଜନଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ପଟ୍ଟାମୁଣ୍ଡାଇ ବଜାରର ଉଦବୃତ୍ତ ବର୍ଷା ପାଣି ନିଷ୍କାସନ ପାଇଁ ଶ୍ରୀରାମମନ୍ଦିର ସଲଗ୍ନ ଡ୍ରେନଟି ସବରେଜିଷ୍ଟ୍ରାରଙ୍କ ଅଫିସ ପାର୍ଶ୍ୱରେ ତତ୍କାଳୀନ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଓ ଅଧୁନା ପଟ୍ଟାମୁଣ୍ଡାଇ ସବଡିଭିଜନ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ପୁରାତନ କଟକ-ଚାନ୍ଦବାଲି ରାସ୍ତା ନିମ୍ନଭାଗରେ ମାଟି ତଳେ ନିର୍ମାଣ କରାଯାଇଥିବା ଡ୍ରେନ ନିତ୍ୟାନନ୍ଦ ଦାସଙ୍କ କୋଠାର ନିମ୍ନଭାଗ ଦେଇ ପଟ୍ଟାମୁଣ୍ଡାଇ ଗୋବରୀ ପୋତା ନଦୀରେ ପଡ଼ିଥିଲା। ଏହି ଡ୍ରେନ ଦେଇ ପଟ୍ଟାମୁଣ୍ଡାଇ ତହସିଲ ଅଫିସ, ଶ୍ରୀରାମମନ୍ଦିର ପଡ଼ିଆ (ଡେଲି ମାର୍କେଟ), ସବରେଜିଷ୍ଟ୍ରର ଅଫିସ ପରିସରରୁ ପାଣି ନିଷ୍କାସନ ହେଉଥିବାବେଳେ ପଟ୍ଟାମୁଣ୍ଡାଇ ମେଡିକାଲ, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଅଞ୍ଚଳରୁ ଶ୍ରୀରାମମନ୍ଦିର ସମ୍ମୁଖ ମୁଖ୍ୟ ରାସ୍ତା ନିମ୍ନରେ ଯାଇଥିବା ଡ୍ରେନ ଦେଇ ଶ୍ରୀରାମମନ୍ଦିର ସଂଲଗ୍ନ ଡ୍ରେନରେ ମିଶିଥିଲା। ତେବେ ପରବର୍ତ୍ତୀ ସମୟରେ ପୂର୍ତ୍ତ ବିଭାଗ ପକ୍ଷରୁ ତତ୍କାଳୀନ ଡାକବଙ୍ଗଳା ଛକଠାରୁ ପଟ୍ଟାମୁଣ୍ଡାଇ କେନାଲ ପୋଲ ପର୍ଯ୍ୟନ୍ତ ମୁଖ୍ୟ ସହରର ଡାହାଣ ପାର୍ଶ୍ୱରେ ଏକ ଡ୍ରେନ ନିର୍ମାଣ କରାଯାଇଥିଲା। କିନ୍ତୁ ଏହି ଡ୍ରେନରେ ପାଣି ଓ ଅଳିଆ ଆବର୍ଜନା ଜମି ରହିବା ଫଳରେ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଏହା ମଶା ମାଛିଙ୍କ ଉତ୍ପତି ସ୍ଥଳ ପାଲଟିଛି। ଏହି ମୁଖ୍ୟ ଡ୍ରେନରେ ପାଣି ନିଷ୍କାସନ ହେବାର କୌଣସି ସୁବନ୍ଦୋବସ୍ତ ହୋଇନାହିଁ। ସାମନ୍ୟ ବର୍ଷାରେ ୧୧ ନଂ ୱାର୍ଡ ମୁସଲମାନ ବସ୍ତି ସମ୍ପୂର୍ଣ୍ଣ ଜଳବନ୍ଦୀ ହେଉଥିବାବେଳେ ପାଣିରେ ପଶି ଲୋକେ ଯା'ଆସ କରୁଛନ୍ତି। ତେଣୁ ସହରରୁ ପାଣି ନିଷ୍କାସନ ବ୍ୟବସ୍ଥା କରାଯିବାକୁ ଦାବି ହେଉଛି।

### ନୀଳଗିରି-ବେତନଟୀ ନୂତନ ରେଳପଥ ନିର୍ମାଣ ଖୁବ ଶୀଘ୍ର

# ମୃତ୍ତିକା ପରୀକ୍ଷା ଆରମ୍ଭ; ନଭେମ୍ବରରେ ଜମି ଅଧିଗ୍ରହଣ

ବାରିପଦା, ୧୨।୯ (ସମିସ)



ଦକ୍ଷିଣ-ପୂର୍ବ ରେଳ ଡିଭିଜନ ଅଧୀନରେ ନୀଳଗିରି (ଗୋପୀନାଥପୁର)-ବେତନଟୀ (ଖଡିଶୋଳ) ମଧ୍ୟରେ ନୂତନ ବ୍ରଡଗଜ ରେଳପଥ ଖୁବ୍‌ଶୀଘ୍ର ନିର୍ମାଣ ହେବାକୁ ଯାଉଛି। ଏନେଇ ବିଭାଗ ପକ୍ଷରୁ ଚୁକ୍ତିନାମା କରିଥିବା ଠିକା ସଂସ୍ଥା ଗତ ସପ୍ତାହ ଧରି ମୃତ୍ତିକା ପରୀକ୍ଷା କାର୍ଯ୍ୟ ଜାରି ରଖିଛି। ମିଳିଥିବା ସୂଚନା ଅନୁସାରେ, ନୀଳଗିରିର ଗୋପୀନାଥପୁର ରେଳ ଷ୍ଟେସନରୁ ଏହି ନୂତନ ରେଳପଥ ରେମୁଣା, ହାତୀଆଗଣ୍ଡ, ବାଲିପାଳ, ନରଣଗାଁ, ଶାଳଗାଁ, ପାଟଳୀପୁରା, ଖୁଣ୍ଟା, ତ୍ରିଲୋଚନପୁର, ଅସ୍ତପୁରା, ବାଘମରା ହୋଇ ବେତନଟୀ-କୃଷ୍ଣଚନ୍ଦ୍ରପୁର ରେଳଷ୍ଟେସନ ମଧ୍ୟସ୍ଥଳ ଖଡିଶୋଳଠାରେ ରୂପ୍‌ସା-ବାଙ୍ଗିରିପୋଷି ରେଳପଥ ସହିତ ସଂଯୋଗ କରିବ। ଠିକା ସଂସ୍ଥା ପକ୍ଷରୁ ଉପରୋକ୍ତ ସ୍ଥାନରେ ମୃତ୍ତିକା ପରୀକ୍ଷା ଚାଲିଛି। ସ୍ଥଳବିଶେଷରେ ୨୦ରୁ ୩୦ମିଟର ପର୍ଯ୍ୟନ୍ତ ଖୋଳି ମାଟି ନମୁନା ସଂଗ୍ରହ କରୁଛି ଉକ୍ତ ସଂସ୍ଥା। ରିପୋର୍ଟ ଉପସ୍ଥାପନ ପରେ ରେଳପଥର ଗତି କେତେକ ସ୍ଥାନରେ ଆବଶ୍ୟକ ସ୍ଥଳେ ପରିବର୍ତ୍ତନ ହୋଇପାରେ। ଏହି ରେଳପଥରେ ସୋନ, ଗଙ୍ଗାହାର, ବୁଢାବଳଙ୍ଗ ନଦୀରେ ୩ଟି ପୋଲ ନିର୍ମାଣ ହେବ। ଏଥିସହିତ ୩ଟି ମୁଖ୍ୟ ଓ ୯/୧୦ଟି ଗ୍ରାମ୍ୟ ରାସ୍ତା ଅତିକ୍ରମ ସ୍ଥଳରେ ଆବଶ୍ୟକ ଅନୁସାରେ ପୋଲ/ଅଣ୍ଡରପାସ୍ ଓ ଫାଟକ ନିର୍ମାଣ ହେବ। ନଭେମ୍ବର ପରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହେବ। ରେଳପଥ ନିର୍ମାଣ ପରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ମଧ୍ୟରେ ମେମୁ ଟ୍ରେନ ଚଳାଚଳ ସହଜ ହେବ। ବର୍ତ୍ତମାନ ରୂପସାରୁ ବାଲେଶ୍ୱର ପର୍ଯ୍ୟନ୍ତ ଟାଇମିଂ ନ ଥିବାରୁ ବାଙ୍ଗିରିପୋଷି-ବାଲେଶ୍ୱର ମେମୁ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇପାରୁନି। ନୂତନ ରେଳପଥ ନିର୍ମାଣ ଖବର ପ୍ରଚାରିତ ହେବା ପରେ ବଡ଼ସାହି ଓ ରେମୁଣା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଖୁସିର ଲହରୀ ଖେଳିଯାଇଛି।

**ଉପକୃତ ହେବେ ନୀଳଗିରି, ରେମୁଣା, ବଡ଼ସାମଭହି ଓ ବେତନଟୀ ଅଞ୍ଚଳବାସୀ**

## ୧୫ ଦିନିଆ ମେଲେରିଆ ନିରୀକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ




**ବାରିପଦା ୧୨।୯ (ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଏକ ୧୫ ଦିନିଆ ମେଲେରିଆ ନିରୀକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଜୈବପ୍ରଯୁକ୍ତି ବିଭାଗ ଓ ବାରିପଦା ପିଆରଏମ ମେଡିକାଲ କଲେଜର ମଲ୍‌ଟିଡିସିପ୍ଲିନାରୀ ୟୁନିଟର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମକୁ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଉଦ୍‌ଘାଟନ କରିଥିଲେ। ପ୍ରଫେସର ଶତପଥୀ ଜନସ୍ୱାସ୍ଥ୍ୟ ଏବଂ ସମାଜ କଲ୍ୟାଣ ପ୍ରତି ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଜାତୀୟ ମେଲେରିଆ ନିରାକରଣ କାର୍ଯ୍ୟକ୍ରମର ଐତିହାସିକ ଗୁରୁତ୍ୱ ଓ ସମଗ୍ର ଭାରତରେ ମେଲେରିଆ ମାମଲା ହ୍ରାସ କରିବା ଉପରେ ଏହାର ପରିବର୍ତ୍ତନକାରୀ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ସଂଯୋଜକ ତଥା ଜୈବପ୍ରଯୁକ୍ତି ବିଭାଗର ସହଯୋଗୀ ପ୍ରଫେସର ଡକ୍ଟର ଗୁଣନିଧି ଧାଙ୍ଗଡ଼ାମାଝୀ ମେଲେରିଆର ପ୍ରସାର ନିୟନ୍ତ୍ରଣରେ ନିରୀକ୍ଷଣର ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ସୁକାନ୍ତ କୁମାର ନାୟକ ଏପରି ପଦକ୍ଷେପର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ଏହାର ପ୍ରଭାବକୁ ରୋକିବା ପାଇଁ ମେଲେରିଆ ସଂକ୍ରମଣ ଋତୁରେ ପ୍ରତିବର୍ଷ ସମାନ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସୁପାରିସ କରିଥିଲେ। ବିଭାଗୀୟ ପ୍ରଫେସର ବିଶ୍ୱଜିତ ରଥ ପ୍ରତିରୋଧ ଚିକିତ୍ସା ଅପେକ୍ଷା ଭଲ ବୋଲି କହିବା ସହ ବିଶ୍ୱବିଦ୍ୟାଳୟର ଏହି ପ୍ରୟାସ ଜାତୀୟ ଜନସ୍ୱାସ୍ଥ୍ୟ ଏଜେଣ୍ଡାରେ ଯୋଗଦାନ ଦେଇ ନିରୀକ୍ଷଣକୁ ସୁଦୃଢ଼ କରିବା ଏବଂ ସମୟୋଚିତ ହସ୍ତକ୍ଷେପ ସୁନିଶ୍ଚିତ କରିବା ଦିଗରେ ଏକ ପଦକ୍ଷେପ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ଆଗାମୀ ସେପ୍ଟେମ୍ବର ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା, ପ୍ରଫେସର ପ୍ରଭଞ୍ଜନ ମଲ୍ଲିକ, ଡ. ସନ୍ତୋଷ କୁମାର ସାହୁ, ଡ. ଶୁଭେନ୍ଦୁ ଶତପଥୀ ଏବଂ ଡ. ସ୍ୱରୂପାନନ୍ଦ ବିଷୟୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ନାଟ୍ୟ ମହୋତ୍ସବର ୭ମ ସନ୍ଧ୍ୟାରେ 'ମହାସଂଗ୍ରାମର ମହାନାୟକ' ମଞ୍ଚସ୍ଥ



**ବାରିପଦା, ୧୨।୯ (ସମିସ):** ସହିଦ ସ୍ମୃତି ଭବନରେ 'ଆମେ' ବାରିପଦା ଆନୁକୂଲ୍ୟରେ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବର ୭ମ ସନ୍ଧ୍ୟାରେ ଶତାବ୍ଦୀର କଳାକାର, ଭୁବନେଶ୍ୱରର ପ୍ରସ୍ତୁତ ନାଟକ 'ମହାସଂଗ୍ରାମର ମହାନାୟକ' ମଞ୍ଚସ୍ଥ ହୋଇଯାଇଛି। ସଭାପତି ଡା କୈଳାଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ଆଇପିଏସ କାମ୍ୟା ମିଶ୍ର, ଆଇଜି, ସିଆରପିଏଫ, ଆସାମ, ସଂଗ୍ରାମ କେଶରୀ ମହାନ୍ତି, ଉପସଭାପତି ଇ.ପୀତବାସ ସେଠୀ ଓ ସ୍ୱତନ୍ତ୍ର ଅତିଥି ଭାବେ ଶିଳ୍ପପତି ଜଗଦୀଶ ଚନ୍ଦ୍ର ମିଶ୍ର ଯୋଗ ଦେଇ ଉଦଘାଟନ କରିଥିଲେ। ଅଭିନେତା, ନିର୍ଦ୍ଦେଶକ ତଥା ଆୟୋଜନ କମିଟିର ସାଧାରଣ ସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୁନି କଳାକାର ଶ୍ରେୟାଂଶୁ ବେହେରାଙ୍କ ଦ୍ୱାରା ନାଟକର ଶୁଭାରମ୍ଭ ହୋଇଥିଲା। ଇଂରେଜ ଶାସନ କାଳରେ ସ୍ୱାଧୀନତା ସଂଗ୍ରାମୀ ଓଡିଆ ବୀର ବକ୍ସି ଜଗବନ୍ଧୁ ବିଦ୍ୟାଧର ରାୟ ମହାପାତ୍ରଙ୍କ ନେତୃତ୍ୱରେ ପାଇକମାନଙ୍କ ମହାସଂଗ୍ରାମର କାହାଣୀ ଉପରେ ଆଧାରିତ ତଥା ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ରଚିତ ତଥା ସୁନାମଧନ୍ୟ ନିର୍ଦ୍ଦେଶକ ଧୀର ମଲ୍ଲିକଙ୍କ ନିର୍ଦ୍ଦେଶିତ ନାଟକରେ ଆଲୋକ, ଅନିଲ, ଦେବାଶିଷ, ସୌମ୍ୟ, ବିଘ୍ନରାଜ, କାର୍ତ୍ତିକ, ସଂଗ୍ରାମ, ସନ୍ତୋଷ, ଅଶୋକ, କଳ୍ପନା, ମନିଦିପା ଓ ଧାରା ଶ୍ରାବଣୀ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ସଙ୍ଗୀତରେ ପ୍ରତାପ ରାଉତ, ଆଲୋକରେ ପ୍ରଦୀପ ତ୍ରିପାଠୀ, ମଞ୍ଚସଜ୍ଜାରେ ସଂଗ୍ରାମ ମହାରଣା, ରୂପସଜ୍ଜାରେ ନରେନ୍ଦ୍ର, ପୋଷାକରେ କାର୍ତ୍ତିକ, ମଞ୍ଚ ପରିଚାଳନାରେ ସୌମେନ୍ଦ୍ର, ଜିତ ଓ ରାକେଶ ଏବଂ ସହ ନିର୍ଦ୍ଦେଶନାରେ ଅଶୋକ ସହଯୋଗ କରିଥିଲେ। ଆସନ୍ତା କାଲି ସନ୍ଧ୍ୟାରେ ପୂର୍ବାରଙ୍ଗ, ଆସାମ ପ୍ରସ୍ତୁତ 'ଦ୍ରୋଣାଚାର୍ଯ୍ୟ ଶ୍ରୀ ଗୁରୁବେ ନମଃ' ଓ ଅଦ୍ୱିତୀୟ, ଭୁବନେଶ୍ୱର ପ୍ରସ୍ତୁତ ନାଟକ 'ନିଃସହାୟ' ପରିବେଷଣ ହେବ।

### ଏସିଆ ରଗ୍‌ବୀ ଇମିରେଟ୍ ସେଭେନ ସିରିଜ୍ ପ୍ରତିଯୋଗିତା

## ଭାରତୀୟ ଦଳରେ ମୟୂରଭଞ୍ଜର ସନ୍ଧ୍ୟାରାଣୀ




**ବାରିପଦା, ୧୨।୯ (ସମିସ):** ଆସନ୍ତା ୨୦ରୁ ୨୧ ତାରିଖ ଯାଏ ଚୀନର ହାଙ୍ଗଜହୋଉଠାରେ ଅନୁଷ୍ଠିତ ହେବାକୁ ଥିବା ଲେଗ୍-୧ ଏସିଆ ରଗବୀ ଇମିରେଟ୍ ସେଭେନ ସିରିଜ୍ ପ୍ରତିଯୋଗିତା ପାଇଁ ଘୋଷିତ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ମୟୂରଭଞ୍ଜର ସନ୍ଧ୍ୟାରାଣୀ ଟୁଡୁ। ବାରିପଦା ବ୍ଲକ ଅନ୍ତର୍ଗତ ରାଧିକାଶୋଳ ଗ୍ରାମର ଲକ୍ଷ୍ମୀଧର ଟୁଡୁ ଓ ଫୁଲମଣୀ ଟୁଡୁଙ୍କ ଝିଅ ସନ୍ଧ୍ୟା ରାଣୀଭୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢୁଛନ୍ତି। ସେ କୋଚ ରୂପାଲି ସୋରେନଙ୍କ ତତ୍ତ୍ୱାବଧାନରେ ୨୦୧୭ ମସିହାରେ ରଗବୀ ଖେଳ ଆରମ୍ଭ କରିଥିଲେ। ନିଜ ଜିଲ୍ଲାରେ ରହି ଅଭ୍ୟାସ କରି ବରିଷ୍ଠ ଭାରତୀୟ ରଗବୀ ଦଳର ସ୍ଥାନ ପାଇଥିବା ପ୍ରଥମ ଖେଳାଳୀ ହେବାର ସୌଭାଗ୍ୟ ପାଇଛନ୍ତି। ହାଇସ୍କୁଲ ପରୀକ୍ଷା ପାସ କଲା ପରେ ସେ ବାରିପଦାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀରେ ରହି ଖେଳ ଅଭ୍ୟାସ ଜାରି ରଖିଥିଲେ। ସନ୍ଧ୍ୟା ଛୋଟ ବେଳୁ ପରିଶ୍ରମୀ ଓ ଶୃଙ୍ଖଳିତ। ପରବର୍ତ୍ତୀ ସମୟରେ ବହୁବାର ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ସେ ୨୦୨୩ ଓ ୨୦୨୫ରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ାରେ ଓଡ଼ିଶା ପାଇଁ ସ୍ୱର୍ଣ୍ଣ ପଦକ ଆଣିବାରେ ପ୍ରମୁଖ ଭୂମିକା ହାସଲ କରିଥିଲେ। ଫ୍ରାନ୍ସଠାରେ ଅନୁଷ୍ଠିତ ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ସ୍ତରୀୟ ରଗବୀ ପ୍ରତିଯୋଗିତା-୨୦୨୪ରେ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳରେ ସ୍ଥାନ ପାଇ ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଥିଲେ। ଏନେଇ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ, ଜିଲ୍ଲା ଶାରୀରିକ ଶିକ୍ଷା କ୍ରୀଡ଼ା ଅଧିକାରୀ ଭାଗିରଥୀ ମଲ୍ଲିକ, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଡିଭାଇନ ଅନୁଷ୍ଠାନର ନିର୍ଦ୍ଦେଶକ ବିପ୍ଳବ ଭଞ୍ଜନ ଭୁଗୁଡେଇ, ଏକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଳ ହାଁସଦା, କୋଚ ରୁପାଲୀ ସୋରେନ, ବାରିପଦା ଶାଖା ପରିଚାଳକ ରଣଜିତ ରାଉତ, ପ୍ରଶିକ୍ଷକ ଚନ୍ଦନ ସିଂ, ରାଜକିଶୋର ପାତ୍ର, ତରଣୀସେନ ନାୟକ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସଙ୍କ ସମେତ ବହୁ କ୍ରୀଡ଼ାବିତ ଅଭିନନ୍ଦନ ଜଣାଇଛନ୍ତି।

## ଦୁଇ ଦିନିଆ ସ୍ୱଚ୍ଛତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ବାରିପଦା, ୧୨।୯ (ସମିସ):** ଭଞ୍ଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅମରଜ୍ୟୋତି ଫାଉଣ୍ଡେସନ ଓ ରେକିଟ ଇଣ୍ଡିଆର ମିଳିତ ଉଦ୍ୟମରେ ଦୁଇଦିନିଆ ସ୍ୱଚ୍ଛତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାରିପଦା ମ୍ୟୁନିସିପାଲିଟି ଓ ବ୍ଲକ ଅନ୍ତର୍ଗତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫୦ ଜଣ ଲେଖାଏଁ ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରଶିକ୍ଷଣ ନେଇଥିଲେ। ଶିବିରରେ ସ୍ୱଚ୍ଛତା, ପରିମଳ, ବିଶୁଦ୍ଧ ପାନୀୟଜଳ ଓ ମାସିକ ସ୍ୱଚ୍ଛତା ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ମାନସୀ ସିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଡ଼ିଆଇଇଟି ପ୍ରମୋଦ କୁମାର ଡାକୁଆ, ମୁଖ୍ୟବକ୍ତା ଭାବେ ବାରିପଦା ବିଇଓ ଡଃ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ପ୍ରଶିକ୍ଷକ ଭବେଶ ଚନ୍ଦ୍ର ଦେହୁରୀ, ଏବିଇଓ ତପସ୍ୱିନୀ ଦାଶ ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ଉପରେ ଆଲୋକପାତ କରିଥିଲେ। ଶେଷରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ସବ୍‌ଜୁନିୟର ବାଳକ ଓ ବାଳିକା ରଗ୍‌ବୀ ଦଳ ଚାମ୍ପିଅନସିପ୍



**ବାରିପଦା, ୧୨।୯ (ସମିସ):** ମୟୂରଭଞ୍ଜ ଜିଲ୍ଲାର ସବ୍-ଜୁନିୟର ରଗ୍‌ବୀ ଦଳ ଶନିବାର ଓ ରବିବାର ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଏଥିରେ ୧୦ମ ଅଲ୍ ଓଡ଼ିଶା ସବ୍-ଜୁନିୟର ରଗ୍‌ବି ୭ସ୍ ଚାମ୍ପିୟନସିପ୍‌ରେ ଖେଳିବାକୁ ଯାଉଛନ୍ତି ମୟୂରଭଞ୍ଜର ବାଳକ ଓ ବାଳିକା ଦଳ। ବାଳକ ବିଭାଗରେ ରାମଚନ୍ଦ୍ର ହେମ୍ବ୍ରମ୍, ମନୋଜ ସିଂହ, ରୈଦାଶ ସିଂହ, ଭୀମା ହାନ୍ସଦାହ, ସହରାଇ ସିଂହ, ପ୍ରଶାନ୍ତ ମୁର୍ମୁ, ହୃଦାନନ୍ଦ ସିଂହ, କାଶୀନାଥ ଟୁଡୁ, ମନୋଜ କୁମାର ମୁର୍ମୁ, ଫାଗୁ ମୁର୍ମୁ ଓ ବୁଧନସିଂ ବୈପାଇ ଏବଂ ବାଳିକା ଦଳରେ ସୁଭଦ୍ରା ସୋରେନ୍, ସନ୍ଧ୍ୟାମଣି ସିଂହ, ପାନ ହାନ୍ସଦାହ, ପଦ୍ମାବତୀ ସିଂହ, ଦୁଲାରୀ ହାନ୍ସଦାହ, ଜୋବା ମାରାଣ୍ଡି, ପଦ୍ମାବତୀ ସିଂହ (ଦ୍ୱିତୀୟ) ଓ ଫୁଲମଣି ମାରାଣ୍ଡି ସ୍ଥାନ ପାଇଛନ୍ତି। ପ୍ରଶିକ୍ଷକ ଜିତେନ୍ଦ୍ର ସିଂହ ଓ ପରିଚାଳକ ତପସ ସିଂହ ନେତୃତ୍ୱ ଦେଉଛନ୍ତି। ମୟୂରଭଞ୍ଜ ରଗ୍‌ବୀ ସଂଘର ରାଜଦୂତ ସାନନ୍ଦ ମାରାଣ୍ଡି, ସଭାପତି ସୁନାରମ୍ କିସ୍କୁ, ଉପସଭାପତି ଦିଲିପ କୁମାର ମୁର୍ମୁ, ପ୍ରଧାନ ପରାମର୍ଶଦାତା ବାବା ଧଳରାମ ହାନ୍ସଦାହ ଓ ସଚିବ ଜେ. ସୁଶିଲ ହେମ୍ବ୍ରମ୍ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ରାଇରାଙ୍ଗପୁର ପୁଲିସ ଜିଲ୍ଲା ପାଇଁ ନୂଆ ନିଯୁକ୍ତି

**ବାରିପଦା, ୧୨।୯ (ସମିସ):** ରାଜ୍ୟ ସରକାର ଜୁଲାଇ ୧୬ତାରିଖରେ ରାଇରାଙ୍ଗପୁରକୁ ନୂଆ ପୁଲିସ ଜିଲ୍ଲା ଭାବେ ଘୋଷଣା କରିଛନ୍ତି। ଏହି ନୂଆ ପୁଲିସ ଜିଲ୍ଲାର ମୁଖ୍ୟାଳୟ ରାଇରଙ୍ଗପୁରରେ ରହିବ; ଯାହା ମୟୂରଭଞ୍ଜ ପୁଲିସ ଜିଲ୍ଲାକୁ ବିଭାଜନ କରି ଏହା ଗଠନ କରାଯାଇଛି; ଯଦ୍ୱାରା ଏହି ଅଞ୍ଚଳରେ ପୁଲିସ ସେବା ଓ ଜନସାଧାରଣଙ୍କ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବ। ନୂଆ ଜିଲ୍ଲାରେ ୧୪ଟି ଥାନା ଏବଂ ରାଇରାଙ୍ଗପୁର ଓ କରଞ୍ଜିଆରେ ଦୁଇଟି ଉପଖଣ୍ଡ ପୁଲିସ ଅଫିସ (ଏସଡିପିଓ) ରହିବ। ଏ ନେଇ ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କ ଦ୍ୱାରା ସରକାରଙ୍କ ପୁନର୍ବାସ ସହାୟତା ଯୋଜନା ଅନୁଯାୟୀ ୪ ଜଣ କନେଷ୍ଟବଳ, ୪ ଜଣ କନିଷ୍ଠ କିରାଣୀ ଏବଂ ଜଣେ ପିଅନଙ୍କୁ ନିଯୁକ୍ତି ଦିଆଯାଇଛି। ମୟୂରଭଞ୍ଜ ଜିଲ୍ଲା ପୁଲିସ ପରିବାର ଏହି ନୂଆ ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କୁ ସ୍ୱାଗତ କରିଛନ୍ତି।



## ପ୍ରତି ବ୍ଲକ୍‌ରେ ହେବ ପଞ୍ଚାୟତସ୍ତରୀୟ ଜନଶୁଣାଣି

**ବାରିପଦା, ୧୨।୯ (ସମିସ):** ଏଣିକି ପ୍ରତି ବ୍ଲକରେ ଗ୍ରାମପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଏଥିପାଇଁ ବିଡିଓମାନେ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସେମାନେ ନିଜ ନିଜ ବ୍ଲକ ଅଧୀନ ଗ୍ରାମ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କରିବେ। ଲାଇନ ବିଭାଗର ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ସମସ୍ତ ବିଭାଗର ଅଧିକାରୀ ନିଶ୍ଚିତ ଭାବେ ଯୋଗଦେବା ସହିତ ଜନସାଧାରଣଙ୍କ ଅଭିଯୋଗର ସମୟୋଚିତ ସମାଧାନ ସୁନିଶ୍ଚିତ କରିବାକୁ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, କାର୍ଯ୍ୟକ୍ରମ, ସେବା ଏବଂ ଯୋଜନାର ଯୋଗ୍ୟ ହିତାଧିକାରୀ ସମ୍ପର୍କରେ ଲୋକଙ୍କୁ ଅବଗତ ଓ ସଚେତନ କରିବେ। ଫଳରେ ସମ୍ପୃକ୍ତ ଯୋଜନାରୁ ହିତାଧିକାରୀ ଲାଭାନ୍ୱିତ ହୋଇପାରିବେ। ଏହା ବ୍ୟତୀତ ବିଭିନ୍ନ ବିଭାଗୀୟ ଯୋଜନା ଓ ସେବା ସମ୍ବନ୍ଧରେ ଲୋକମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ନିମନ୍ତେ ବ୍ୟାନର, ପୋଷ୍ଟର, ହୋର୍ଡିଂ, ଫ୍ଲେକ୍ସ ଆଦି ପ୍ରଦର୍ଶନ ମାଧ୍ୟମରେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଦୋକାନ ସମ୍ମୁଖରୁ ସ୍କୁଟି ଚୋରି

**ବାରିପଦା, ୧୨।୯ (ସମିସ):** ଦୋକାନ ସମ୍ମୁଖରେ ପାର୍କିଂ ହୋଇଥିବା ସ୍କୁଟି ଚୋରି ହୋଇଛି। ଏନେଇ ବଡସାହି ଥାନା ଅଧୀନ ଖାନୂଆ ଅଞ୍ଚଳର ସୀମା ସୋରେନ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ଷ୍ଟେସନବଜାର ଅଞ୍ଚଳରେ ଏକ ଦୋକାନ ସମ୍ମୁଖରେ ସ୍କୁଟି ପାର୍କିଂ କରିଥିଲେ। ସିସି ଟିଭି ଥିବା ସତ୍ତ୍ୱେ ଜନଶୂନ୍ୟର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ବହୁ ଖୋଜାଖୋଜି କରିବା ପରେ ସେ ଥାନାରେ ଅଭିଯୋଗ କରିଛନ୍ତି।

## ପୋଖରୀରୁ ଯୁବ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର

**କୁଆମରା, ୧୨।୯ (ସମିସ):** ଗୋପବନ୍ଧୁନଗର ବ୍ଲକ ଖୁଣ୍ଟା ମିନି ଷ୍ଟାଡିୟମରେ ଚାଲିଥିବା ବାଣିଜ୍ୟ ମେଳାକୁ ଆସିଥିବା ଜଣେ ଯୁବ ବ୍ୟବସାୟୀଙ୍କ ମୃତଦେହ ଏକ ପୋଖରୀ ମଧ୍ୟରୁ ଉଦ୍ଧାର କରିଛି ପୁଲିସ। ମୃତ ବ୍ୟବସାୟୀ ଜଣକ ହେଉଛନ୍ତି ଯାଜପୁର ଜିଲ୍ଲା କୁଆଖିଆ ସ୍ଥାନ କୁଜଙ୍ଗା ଗ୍ରାମର ଅନନ୍ତ ଲେଙ୍କାଙ୍କ ପୁଅ ରମେଶ (୩୬)। ରମେଶ ଗୁରୁବାର ଅପରାହ୍ନରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟ ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତା ବଶତଃ ପୋଖରୀର ଗଭୀର ପାଣିରେ ପଶିଯାଇ ଆଉ ବାହାରି ପାରି ନ ଥିଲେ। ଫଳରେ ସେ ପାଣିରେ ବୁଡି ଯାଇଥିଲେ। ଶୁକ୍ରବାର ସକାଳେ ପୋଖରୀ ମଝିରେ ଭାସୁଥିବା ଲୋକେ ଦେଖିବାକୁ ମିଳିଥିଲା। ପରେ ପୁଲିସ ଏବଂ ଦମକଳ ପହଞ୍ଚି ଉଦ୍ଧାର କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## କିରାଣୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଗାଏବ୍

**ବାରିପଦା, ୧୨।୯ (ସମିସ):** ମୟୂରଭଞ୍ଜ ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ପ୍ରଭାତ କୁମାର ଦାସଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଗାଏବ ହୋଇଯାଇଛି। ସେ ଏନେଇ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ସେ ଷ୍ଟେସନ ବଜାର ସ୍ଥିତ ହାଟକୁ ଜିନିଷ କିଣିବାକୁ ଯାଇଥିଲେ। ଉକ୍ତ ସମୟରେ ତାଙ୍କ ମୋବାଇଲଟି ଚୋରି ହୋଇଯାଇଥିଲା। ଥାନାରେ ଅଭିଯୋଗ କରିବା ପରେ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିଥିଲେ। ତେବେ ତାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୨୦୦ ଟଙ୍କା ଗାଏବ ହୋଇଥିବା ଜାଣିବାକୁ ପାଇଥିଲେ। ପରେ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

### ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ୭୩ତମ ସାଧାରଣ ସଭା

# ଅଂଶୀଦାରଙ୍କୁ ବଣ୍ଟନ ହେଲା ୨.୦୭ କୋଟି ଲାଭାଂଶ

ବାରିପଦା, ୧୨।୯ (ସମିସ)





ବାରିପଦା ସ୍ଥିତ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ୭୩ତମ ବାର୍ଷିକ ସାଧାରଣ ସଭା ଶୁକ୍ରବାର ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ସମବାୟ ସମିତି ସମୂହ ମୟୂରଭଞ୍ଜ ଖଣ୍ଡ ଉପନିବନ୍ଧକ ଅଶୋର କୁମାର ପାଣି, ବରିଷ୍ଠ ସହକାରୀ ନିବନ୍ଧକ ତୁଷାରକାନ୍ତି ମହାନ୍ତି ଓ ବସନ୍ତ ନାଏକ ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ ୨୦୦ଟି ଲ୍ୟାମ୍ପ୍ସ ଏବଂ ଅନ୍ୟ ସମବାୟ ସମିତିର ସଭାପତି ଓ ନିର୍ଦ୍ଦେଶକ/ନିର୍ଦ୍ଦେଶିକା ଯୋଗଦାନ ଦେଇ ୨୦୨୫-୨୬ ବର୍ଷର ବାର୍ଷିକ ବଜେଟ ସମ୍ବନ୍ଧରେ ଆଲୋଚନା କରିଥିଲେ। ଲ୍ୟାମ୍ପ୍ସଗୁଡିକର ସୁପରିଚାଳନା ନିମନ୍ତେ ଜିଲ୍ଲାରେ ଆଉ ୩ଟି ନୂତନ ଶାଖା କୁଳିଅଣା, ଶୃକୁଳି ଓ ଶରତଠାରେ ପ୍ରତିଷ୍ଠା କରିବା ନିମନ୍ତେ ଏକ ପ୍ରସ୍ତାବ ଦିଆଯାଇଥିଲା। ତେବେ ସଭାରେ ଆବଶ୍ୟକସ୍ଥଳେ ଅଧିକ ନୂତନ ଶାଖା ଖୋଲିବା ପାଇଁ ପ୍ରୟାସ କରାଯିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ବ୍ୟାଙ୍କର ସଭାପତି ଶ୍ରୀ ମହାନ୍ତି ବ୍ୟାଙ୍କର ଲାଭକ୍ଷତି ବାବଦରେ ବିବରଣୀ ଉପସ୍ଥାପନ କରିଥିଲେ। ପରେ ୨୦୨୪-୨୫ ବର୍ଷରେ ହୋଇଥିବା ୨.୦୭ କୋଟି ଟଙ୍କା ଲାଭାଂଶ ଅଂଶୀଦାରଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଜିଲ୍ଲାରେ ଚାଷୀମାନଙ୍କ ସୁବିଧା ପାଇଁ ସମବାୟ ବ୍ୟାଙ୍କ ତରଫରୁ କିଛି ନୂତନ ଏଟିଏମ୍ ଖୋଲାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର କାର୍ଯ୍ୟ ନିର୍ବାହୀ ଅଧିକାରୀ ମହେନ୍ଦ୍ରନାଥ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

**କୁଳିଅଣା, ଶୃକୁଳି ଓ ଶରତରେ ନୂତନ ଶାଖା ପ୍ରତିଷ୍ଠା ପ୍ରସ୍ତାବ**

## ଅଷ୍ଟପ୍ରହରୀ ଚାନ୍ଦା ନ ଦେବାରୁ ଗାଁରୁ ବାସନ୍ଦ

# ନ୍ୟାୟ ପାଇଁ ଏସ୍‌ପିଙ୍କୁ ଭେଟିଲେ ପୀଡ଼ିତ ପରିବାର

ଭଦ୍ରକ, ୧୨।୯ (ସମିସ)




ଗାଁରେ ଅଷ୍ଟପ୍ରହରୀ ଚାନ୍ଦା ନ ଦେଇ ପାରିବାରୁ ପ୍ରଜାକୋର୍ଟ ଡକାଇ ନିସ୍ଥୁକ ମାଡ଼ ମାରିଲେ। ପରେ ଗାଁରୁ ବାସନ୍ଦ ମଧ୍ୟ କଲେ। ଏ ନେଇ ଅଭିଯୋଗ ହେବାର ୯ ମାସ ବିତିଯାଇଥିଲେ ମଧ୍ୟ ପୁଲିସ କାହାକୁ ବି ଗିରଫ କରୁନାହିଁ। ଏପରିକି ପୀଡିତ ପରିବାରକୁ ମଧ୍ୟ ନ୍ୟାୟ ଦେଉନି ପୁଲିସ। ପୀଡିତ ପରିବାର ଥାନାରୁ ଆରମ୍ଭ କରି ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବାରମ୍ବାର ଦୌଡିଲେ ମଧ୍ୟ ଶାସକ ଦଳ ନେତାଙ୍କ ଚାପରେ କେହି ଶୁଣୁନାହାନ୍ତି। ଏପରି ଅଭିଯୋଗ ଆଣିଛନ୍ତି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ନାୟକାଣୀଡ଼ିହି ଥାନା ଅନ୍ତର୍ଗତ ଲକ୍ଷ୍ମୀଦାସପୁର ଗାଁର ସୁକୁମାର ମହାରଣା ଏବଂ ତାଙ୍କ ପରିବାର। ଅଭିଯୋଗ ଅନୁଯାୟୀ, ଗାଁରେ ଚାଲିଥିବା ଅଷ୍ଟପ୍ରହରୀ ପାଇଁ ସୁକୁମାରଙ୍କ ପରିବାରକୁ ୨ ହଜାର ଟଙ୍କା ଚାନ୍ଦା ଦେବାକୁ କୁହାଯାଇଥିଲା। ହେଲେ ତାଙ୍କ ପକ୍ଷରେ ୨ ହଜାର ଦେବାକୁ ଅକ୍ଷମତା ପ୍ରକାଶ କରି ୧ ହଜାର ଚାନ୍ଦା ଦେବାକୁ ରାଜି ଥିଲେ; ମାତ୍ର ଗ୍ରାମବାସୀ ଏଥିରେ ରାଜି ନ ହୋଇ ଗାଁରେ ପ୍ରଜାକୋର୍ଟ ବସାଇବା ସହିତ ପରେ ସୁକୁମାରଙ୍କୁ ଡାକି ନେଇ ନିସ୍ଥୁକ ମାଡ଼ ମାରିଥିଲେ। ପରେ ସ୍ୱାମୀକୁ ମାଡ଼ ମାରୁଥିବା ବେଳେ ସ୍ତ୍ରୀ ଅଟକାଇବାରୁ ତାଙ୍କୁ ମଧ୍ୟ ନିସ୍ଥୁକ ମାଡ଼ କରିଥିଲେ। ଏପରିକି ମାଡ଼ ମାରିବା ସହିତ ସୁକୁମାରଙ୍କ ଫୋନ ପେ'ରୁ ମଧ୍ୟ ୨୦୦୦ ଟଙ୍କା ଜବରଦସ୍ତ କରିଥିଲେ। ଯାହାକୁ ନେଇ ପୀଡିତ ପରିବାର ନାୟକାଣୀଡ଼ିହି ଥାନାରେ ଗତ ଡିସେମ୍ବର ୩ ତାରିଖରେ ଅଭିଯୋଗ କରିଥିଲେ। ପରେ ପୁଲିସ ବିଭିନ୍ନ ସଙ୍ଗୀନ ଦଫାରେ ମାମଲା ରୁଜୁ କରିଛି; କିନ୍ତୁ ଏପର୍ଯ୍ୟନ୍ତ କାହାକୁ ଗିରଫ କରିନଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନେ ଘଟଣାର ସମାଧାନ ପାଇଁ ଚାପ ପକାଇ ସଫଳ ନହେବାରୁ ଏବେ ପୀଡିତ ପରିବାରକୁ ନିଆଁପାଣି ବନ୍ଦ କରିଥିବା ଅଭିଯୋଗ ହୋଇଛି। ଏପରିକି ମାଡ଼ ମାରିଥିବା ଲୋକେ ପ୍ରମୁଖ ରାଜନୈତିକ ଦଳର ଆଗଧାଡିର ନେତା ହୋଇଥିବାରୁ ପୁଲିସ ଗିରଫ କରିବାକୁ ସାହାସ କରୁନାହିଁ। ଏ ନେଇ ସୁକୁମାର ମହାରଣା ଓ ତାଙ୍କ ପରିବାର ଅଭିଯୋଗ କରିଛନ୍ତି। ଶେଷରେ ଶୁକ୍ରବାର ପୀଡିତ ପରିବାର ପୁଣି ଥରେ ଭଦ୍ରକ ଏସପିଙ୍କୁ ଭେଟିବା ସହିତ ନ୍ୟାୟ ଭିକ୍ଷା କରିଛନ୍ତି।

## ବେସରକାରୀ ଅଧ୍ୟାପକ, ଅଧ୍ୟାପିକାଙ୍କ ଆନ୍ଦୋଳନ ଜାରି

# ବିଜେଡି ବିଧାୟକ ଓ କଂଗ୍ରେସ ଯୁବନେତା ସାମିଲ

**ଭଦ୍ରକ, ୧୨।୯ (ସମିସ):** ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସଂଘର ଆନ୍ଦୋଳନ ୨୬ ଦିନରେ ପହଞ୍ଚି ଥିବାବେଳେ ସରକାର ଶୁଣୁନାହାନ୍ତି। ଫଳରେ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଏକ ପ୍ରକାର ଭୁଶୁଡ଼ି ପଡ଼ିଛି। ଭଦ୍ରକ ଜିଲ୍ଲାର ଚାନ୍ଦବାଲି ମହାବିଦ୍ୟାଳୟ ପରିସରରେ ସଂଘର ସମସ୍ତ କର୍ମକର୍ତ୍ତା ଦାବି ପୂରଣ ପାଇଁ ବସିରହିଛନ୍ତି। ସେମାନଙ୍କ ଦାବିକୁ ଯଥାର୍ଥତା ଦର୍ଶାଇ ଆଜି ଆନ୍ଦୋଳନରେ ସାମିଲ ହୋଇଥିଲେ ଚାନ୍ଦବାଲି ବିଧାୟକ ଡ.ବ୍ୟୋମକେଶ ରାୟ ଓ କଂଗ୍ରେସର ଯୁବନେତା ସତ୍ୟାନନ୍ଦ ରାଉତ। ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ଦାବି ପୂରଣ କରିବା ଅପରିହାର୍ଯ୍ୟ। ଏଣୁ ଏ ବିଷୟରେ ସରକାର ଚିନ୍ତା କରିବାର ଆବଶ୍ୟକତା ରହିଛି ବୋଲି ଏହି ଦୁଇ ଯୁବନେତା ପ୍ରକାଶ କରିଥିଲେ। ୨୦୦୮ ରୁ ୨୦୧୮ ମସିହାରେ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କୁ ଯେ ପର୍ଯ୍ୟନ୍ତ ପୂର୍ଣ୍ଣ ଅନୁଦାନଭୁକ୍ତ କରା ନ ଯାଇଛି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘର କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଅଧ୍ୟାପକ/ ଅଧ୍ୟାପିକାଙ୍କ ସମେତ କର୍ମଚାରୀଙ୍କ ଦାବି ପୂରଣ କରି ପୁନଶ୍ଚ ପାଠପଢ଼ା ଆରମ୍ଭ କରିବା ପାଇଁ ଛାତ୍ରଛାତ୍ରୀ, ଅଭିଭାବକ ଦାବି କରିଛନ୍ତି।



## ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ବିକାଶ କମିଟି ବୈଠକ

# ମେଗା ପାନୀୟଜଳ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା




**ଭଦ୍ରକ, ୧୨।୯ (ସମିସ):** ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷକ ବିଭାଗ ଆନୁକୂଲ୍ୟରେ ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳି ବିକାଶ କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଓ.ଏସ.ଡି ନୀତିଶ କୁମାର ତ୍ରିପାଠୀ, ତିହିଡି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଉପନିର୍ଦ୍ଦେଶକ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶାଖା, ଭଦ୍ରକଙ୍କ ସମେତ ପୂର୍ତ୍ତ, ଶିକ୍ଷା, ସମାଜ ମଙ୍ଗଳ ଅଧିକାରୀଣୀ, କୃଷି ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା, ଜଳ ନିକାଶନ, ପଶୁ ସମ୍ପଦ, ଉଦ୍ୟାନ ବିଭାଗ, ମିଶନ ଶକ୍ତି, ବିଦ୍ୟୁତ ବିଭାଗ, କର୍ମ ନିୟୋଜନ ବିଭାଗ, ଆଖୁଆପଦା ଜଳସେଚନା ବିଭାଗ, ଖଣିଜ ଦ୍ରବ୍ୟ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ବିଭାଗ, ହସ୍ତତନ୍ତ ବିଭାଗ, ଓରମାସ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ପରେ ହସ୍ତତନ୍ତ, ମିଶନ ଶକ୍ତି, କୃଷି, କର୍ମ ନିୟୋଜନ, ସ୍ୱାସ୍ଥ୍ୟ, ପୂର୍ତ୍ତ, ଶିକ୍ଷା, ଗମନାଗମନ, ପାନୀୟଜଳ ଓ ପରିମଳ, ପ୍ରଧାନମନ୍ତ୍ରୀ କର୍ମ ସୃଜନ ଯୋଜନା, ମତ୍ସ୍ୟ, ପଶୁ ସମ୍ପଦ, ଅଙ୍ଗନବାଡି, ଓରମାସ, ଉଦ୍ୟାନ, ମାଛ ଚାଷ, ଝୋଟ, ଛତୁ, ସାରୁ, ଆଖୁ ଚାଷ ଆଦି ବିଭିନ୍ନ ପ୍ରକଳ୍ପ ଗୁଡିକ, କାର୍ଯ୍ୟକାରୀ ଓ ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ଯେପରି ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁ ଜନସାଧାରଣଙ୍କ ପାଖରେ ପହଞ୍ଚି ପାରିବ ସେଥିପ୍ରତି ଧ୍ୟାନ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା କୃଷି କ୍ଷେତ୍ରରେ ଅବଗତ ହେବାପାଇଁ ମହାବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଭୁକ୍ତ କରାଯିବାକୁ ମନ୍ତ୍ରୀ ଶ୍ରୀ ସୂରଜ ସୂଚନା ଦେଇଥିଲେ। ମାଛ ଓ ଶୁଖୁଆର ବିକ୍ରି ନିମନ୍ତେ ବଜାର ସୃଷ୍ଟି କରିବା, ଗୋଶାଳାଠାରେ ଆଜୋଲା ଚାଷ ବିଷୟରେ ପ୍ରଶିକ୍ଷଣ ଦେବା, ବାୟୋ ଗ୍ୟାସ ଉଦ୍ୟୋଗ ସୃଷ୍ଟି କରିବା, ଲେବର କାର୍ଡର ଗୁରୁତ୍ୱ, ଉତାର ଗୃହ ସେବା, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, କୃଷି ଶିଳ୍ପ, ସିଲାଇ ଶିକ୍ଷା, ଶିଶୁ ବାଟିକା, ନିରନ୍ତର ବିଦ୍ୟୁତ ସେବା, ଧାମନଗର ନିର୍ବାଚନ ମଣ୍ଡଳୀର ସମସ୍ତ ରାସ୍ତା ଓ ଡ୍ରେନର ଉନ୍ନତି ଉପରେ ସମୀକ୍ଷା କରିଥିଲେ। ମେଗା ପାନୀୟଜଳ ପ୍ରକଳ୍ପର ଅଗ୍ରଗତି, ହିତାଧିକାରୀମାନେ କିଭଳି ବିଭିନ୍ନ ସରକାରୀ ସୁବିଧା ପାଇପାରିବେ ସେ ଉପରେ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଉପଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ତ ବ୍ଲକ୍‌ରେ ଜାତୀୟ ଶିକ୍ଷାନୀତି ସଫଳତା ନେଇ ପ୍ରଶ୍ନବାଚୀ

# ଭିତ୍ତିଭୂମି ନାହିଁ; ବାଟିକାରେ ଶିଶୁଙ୍କ ଭବିଷ୍ୟତ ବାଟବଣା

**ବନ୍ତ/ଆଗରପଡ଼ା, ୧୨।୯ (ସମିସ):** ଜାତୀୟ ଶିକ୍ଷାନୀତି-୨୦୨୦ନୀତି ଅନୁଯାୟୀ ଚଳିତ ଶିକ୍ଷାବର୍ଷରେ ରାଜ୍ୟ ସରକାରଙ୍କ ଦ୍ୱାରା ସରକାରୀ ବିଦ୍ୟାଳୟରେ ଶିଶୁ ବାଟିକା ପାଠ୍ୟକ୍ରମ ଆରମ୍ଭ ହୋଇଛି। ଉକ୍ତ ଯୋଜନା ଅନୁଯାୟୀ ଶିଶୁ ବାଟିକାରେ ୫ ବର୍ଷର ଶିଶୁଙ୍କ ନାମ ଲେଖା ଯାଇଛି। ଅଙ୍ଗନବାଡ଼ିରୁ ୫ବର୍ଷ ପୂରଣ କରିଥିବା ଶିଶୁମାନେ ପ୍ରାଥମିକ ବିଦ୍ୟାଳୟକୁ ଯାଇ ନାମ ଲେଖାଇଛନ୍ତି। ଜାତୀୟ ଶିକ୍ଷାନୀତି -୨୦୨୦ନୀତି ଅନୁଯାୟୀ ବାଟିକାରେ ନାମ ଲେଖାଇଥିବା ଶିଶୁମାନେ ଏବେ ସ୍କୁଲରେ ଏକ ବର୍ଷ ରହିବା ପରେ ପ୍ରଥମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବେ। ସରକାରଙ୍କ ଏହିଭଳି ନିଷ୍ପତ୍ତି ପରେ ବନ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ସରକାରୀ ବିଦ୍ୟାଳୟରେ ଅନେକ ଛାତ୍ରଛାତ୍ରୀ ଶିଶୁ ବାଟିକାରେ ନାମ ଲେଖାଇଛନ୍ତି। କିନ୍ତୁ ସେମାନଙ୍କ ପାଇଁ ବହୁ ବିଦ୍ୟାଳୟରେ ଉନ୍ନତ ଶୈକ୍ଷିକ ବାତାବରଣ ନ ଥିବାରୁ ଉକ୍ତ ଯୋଜନାର ସଫଳ ରୂପାୟନ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବହୁ ବିଦ୍ୟାଳୟରେ ୨ଟି ଗୃହରେ ୫ଟି ଶ୍ରେଣୀ ତ ଆଉ କେଉଁଠି ଗୋଟିଏ ଗୃହରେ ୪ଟି ଶ୍ରେଣୀର ପାଠପଢ଼ା ଚାଲିଛି। ଏଭଳି ସ୍ଥିତିରେ ଶିଶୁ ବାଟିକାରେ ନାମ ଲେଖାଇଥିବା ଶିଶୁ ମଧ୍ୟ ଆରମ୍ଭରୁ ଶ୍ରେଣୀ ଗୃହ ସମସ୍ୟାର ସମ୍ମୁଖୀନ ହେଲେଣି। ଗୋଟିଏ ଗୃହରେ ଅନ୍ୟ ଶ୍ରେଣୀର ପିଲାଙ୍କ ସହିତ ବସି ପଢ଼ିବା ଦ୍ୱାରା ସେମାନେ ନୂତନ ଭାବେ ପ୍ରଚଳିତ ଶିକ୍ଷାନୀତିର କ'ଣ ଲାଭ ପାଇପାରିବେ ତାକୁ ନେଇ ଅଭିଭାବକମାନେ ଚିନ୍ତାରେ ପଡ଼ିଯାଇଛନ୍ତି।

ଇତି ମଧ୍ୟରେ ନୂତନ ଶିକ୍ଷାବର୍ଷକୁ ୬ମାସ ବିତିବାକୁ ବସିଥିଲେ ସୁଦ୍ଧା ବାଟିକାରେ ସେବିକା ନିଯୁକ୍ତି ନେଇ ସ୍ପଷ୍ଟ ଚିତ୍ର ଆସି ନ ଥିବାରୁ ଯୋଜନାର ସଫଳତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପର ପକ୍ଷରେ ସରକାର ପରିଚାଳନା କମିଟିର କାର୍ଯ୍ୟାକାଳର ସମୟସୀମାକୁ ବଢ଼ାଇଥିଲେ ସୁଦ୍ଧା ସେବିକା ନିଯୁକ୍ତି ପାଇ ନ ଥିବାରୁ ଶିଶୁବାଟିକାରେ ଶିକ୍ଷାଦାନ କ୍ଷେତ୍ରରେ ସମସ୍ୟା ଲାଗି ରହିଛି। ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ, ୫ବର୍ଷର ପିଲାଙ୍କ ଶିଶୁ କାଟିକାରେ ନାମଲେଖାଯିବ। ଖେଳକୁଦ ସମେତ ସେମାନଙ୍କ ବୌଦ୍ଧିକ ବିକାଶ ହେବା ନେଇ ପ୍ରଶିକ୍ଷଣ ଦିଆଯିବ। ଏମାନଙ୍କ ତତ୍ୱାବଧାରକ ଭାବେ ସେବିକା ନିଯୁକ୍ତି ଦିଆଯିବ। ସେମାନେ ବାଟିକାର ଶିଶୁଙ୍କ ସେବା ଓ ଯତ୍ନ କରିବା ସହ ନାଚଗୀତ ଆଦି ଶିଖାଇବେ। ଶିକ୍ଷାନୀତିରେ ଏହି ସବୁ ନିୟମ ଥିଲେ ସୁଦ୍ଧା ଅଦ୍ୟାବଧି ସେବିକା ନିଯୁକ୍ତି ପାଇନାହାନ୍ତି। ସେବିକା ନିଯୁକ୍ତିରେ ସରକାରଙ୍କ ତରଫରୁ ଯେଉଁ ସବୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି ତାହା ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଇତି ମଧ୍ୟରେ ନୂତନ ଶିକ୍ଷାବର୍ଷର ଅଧା ବର୍ଷ ବିତିଯାଇଥିଲେ ସୁଦ୍ଧା ବାଟିକା ପାଇଁ ପ୍ରଚଳିତ କୌଣସି ଗୋଟିଏ ନିୟମ ମଧ୍ୟ ପାଳନ ହୋଇପାରି ନ ଥିବାରୁ ଉକ୍ତ ଶିକ୍ଷାନୀତିକୁ ନେଇ ଚର୍ଚ୍ଚା ଜୋର ଧରିଛି। ବନ୍ତ ବ୍ଲକରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ଅବସ୍ଥାରେ ଗତି କରୁଥିବା ବେଳେ ସରକାରଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ନୂତନ ଭାବେ ଆରମ୍ଭ ହୋଇଥିବା ଉକ୍ତ ଯୋଜନାର ସଫଳତାକୁ ନେଇ ଶିକ୍ଷାବିତ୍‌ଙ୍କ ସମେତ ଅଭିଭାବକ କ୍ଷୋଭ ପ୍ରକାଶ କରିଛନ୍ତି। ତେଣୁ ଜାତୀୟ ଶିକ୍ଷାନୀତି-୨୦୨୦କୁ ସଫଳ କରିବା ପାଇଁ ଏହାର ନୀତି ଓ ଆଦର୍ଶକୁ ଯଥାଶୀଘ୍ର ପାଳନ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।



## ଧାନ କିଣାରୁ ଓହରିଲା ଏସ୍‌ଏଚ୍‌ଜି

**ବାଡିକପୁର, ୧୨।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକ କୁରିଗାଁ ମା' ଦୁର୍ଗା ଏସଏଚଜି ଚଳିତ ବର୍ଷ ଖରିଫ ଧାନ କ୍ରୟ ବ୍ୟବସ୍ଥାରୁ ଓହରି ଯାଇଥିବା ଜଣାପଡ଼ିଛି। ଏନେଇ ଏସଏଚଜି ପକ୍ଷରୁ ଯୋଗାଣ ବିଭାଗ ପୋର୍ଟାଲ ଏବଂ ବ୍ଲକ ମିଶନ ଶକ୍ତି ଅଧିକାରୀଙ୍କୁ ମଧ୍ୟ ଲିଖିତ ଭାବେ ଅବଗତ କରାଯାଇଛି। କୁରିଗାଁ ସମେତ ଆଲିହା, ସୁନି, କଟିଂ, ବାଇଗଡ଼ିଆ, ମହମ୍ମଦପୁର, ସଠଗାଁ, ନାଉରି ଗଡ଼ିଆ, ଚାରି ବାଟିଆ, ବିରି ଗଡ଼ିଆ ପ୍ରମୁଖ ଗ୍ରାମର ଚାଷୀମାନେ ଧାନ ବିକ୍ରି କରିଥାନ୍ତି। ଚଳିତ ବର୍ଷ ଏସଏଚଜି ନିକଟରେ ୫୦୩ଜଣ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ଏବେ ଏସଏଚଜି ଧାନ କ୍ରୟରୁ ଓହରିଯିବା ପରେ ଚାଷୀମାନେ କେଉଁଠି ଧାନ ବିକ୍ରି କରିବେ ତାହା ଏଯାଏଁ ସ୍ଥିର ହୋଇ ପାରିନାହିଁ।

# ଭଦ୍ରକ ମହାବିଦ୍ୟାଳୟରେ 'ଉଦ୍‌ବୋଧନୀ' କାର୍ଯ୍ୟକ୍ରମ




**ଭଦ୍ରକ, ୧୨।୯ (ସମିସ):** ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଭଦ୍ରକ ଆନୁକଘଲ୍ୟରେ ଭଦ୍ରକ କଲେଜ ପରିସରରେ ବିଶ୍ୱଧର୍ମ ସମ୍ମିଳନୀ, ଚିକାଗୋ ସ୍ମୃତିରେ ଏକ ଉଦବୋଧନୀ କାର୍ଯ୍ୟକ୍ରମ ସଂସଦର ଆଜୀବନ ସଦସ୍ୟ ତଥା ପ୍ରାଧ୍ୟାପକ ସୁରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ଦୁର୍ଗାଶଙ୍କର ଦାଶ ଉପସ୍ଥିତ ସମସ୍ତ ସଦସ୍ୟ, ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକାଙ୍କ ଗହଣରେ ସ୍ୱାମୀଜୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସଭାର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ଦେବୀଲାଲ ମିଶ୍ର ଛାତ୍ରଛାତ୍ରୀଙ୍କ ଭିତରେ ଅନନ୍ତ ସମ୍ଭାବନା ଭରି ରହିଛି। ତେଣୁ ସମାଜର ବଡଦାଣ୍ଡରେ ଭଲ ମଣିଷଟିଏ ହେବା ପାଇଁ ପବିତ୍ରତା, ଧୈର୍ଯ୍ୟ ଓ ଅଧ୍ୟବସାୟ ସହ ଦୃଢ଼ ଇଚ୍ଛାଶକ୍ତି, ଆତ୍ମବିଶ୍ୱାସର ମନ୍ତ୍ରରେ ଅଭିମନ୍ତ୍ରିତ ହେବା ଆବଶ୍ୟକ। ଶିକ୍ଷାଲବ୍ଧ ଜ୍ଞାନକୁ ମାତୃଭୂମିର କଲ୍ୟାଣ ପାଇଁ ବିନିଯୋଗ କଲେ ଏକ ସୁସ୍ଥ ସୁନ୍ଦର ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ସଭାର ପ୍ରାରମ୍ଭରେ ବିବେକାନନ୍ଦ ଲୋକ ସଂସଦର ଆଜୀବନ ସଦସ୍ୟ ପ୍ରାଧ୍ୟାପକ ଶିବ ଚରଣ ଖାମୁରାଇ ବିବେକାନନ୍ଦ ବନ୍ଦନା ଗାନ, ପ୍ରାରମ୍ଭିକ ସୂଚନା ସହ ମଞ୍ଚାସୀନ ଅତିଥିଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭଦ୍ରକ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧିରଞ୍ଜନ ନାୟକ, ପ୍ରଫେସର ଡ. କମଳାକାନ୍ତ ଜେନା, ଅଧ୍ୟାପକ ଦୀପ୍ତିରଞ୍ଜନ ଦାସ, ଅଧ୍ୟାପକ ଚିଦାନନ୍ଦନ ଦାସ, ଅଧ୍ୟାପକ ପଦ୍ମନାଭ ପତ୍ରୀ, ନାରାୟଣ ଚନ୍ଦ୍ର ପାତ୍ରୀ, ଗଦାଧର ପଣ୍ଡା, ଇଂ.ସୁରେଶ ବିଶ୍ୱାଳ, ଗୀତାଞ୍ଜଳି ଅଗସ୍ତି, ଅଲ ଇଣ୍ଡିଆ ରେଡିଓ ଏବଂ ଦୂରଦର୍ଶନର ପ୍ରତିନିଧି ଅଶୋକ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଶିକ୍ଷାବିତ୍ ଗୟାଧର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଗାପୂଜା ପାଇଁ ଶାନ୍ତି କମିଟିକୁ ନେଇ ପ୍ରଶାସନର ପ୍ରସ୍ତୁତି ବୈଠକ

# ଶାନ୍ତିଶୃଙ୍ଖଳା ଓ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ

ଭଦ୍ରକ, ୧୨।୯ (ସମିସ)



ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଦୁର୍ଗାପୂଜା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଗୁରବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠି ବୈଠକରେ ଏସପି ମନୋଜ କୁମାର ରାଉତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ, ଡେପୁଟି କଲେକ୍ଟର (ବିଚାର) କାର୍ତ୍ତିକ ନାଥ ମଣ୍ଡଳ ଉପସ୍ଥିତ ଥିଲେ। ଏହାବ୍ୟତୀତ ଅଧିକ୍ଷଣ ଯନ୍ତ୍ରୀ, ରାସ୍ତା ଓ ଗୃହ, ଅଧିକ୍ଷଣ ଯନ୍ତ୍ରୀ ବିଦ୍ୟୁତ ବିଭାଗ, ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା, ଅଧିକ୍ଷଣ ଯନ୍ତ୍ରୀ, ସାଳନ୍ଦୀ କେନାଲ ଡିଭିଜନ, ଅବକାରୀ ଅଧୀକ୍ଷକ, ଜିଲ୍ଲା ଅଗ୍ନିଶମ ଅଧିକାରୀ, ଚିକିତ୍ସାଧିକାରୀ ଡ.ସଙ୍ଗୀତା ବଳ, ଆଞ୍ଚଳିକ ପରିବହନ ଅଧିକାରୀ, ସହାୟକ ନିର୍ବାହୀ ଯନ୍ତ୍ରୀ, ପି.ଏଚ.ଡି, ଟାଉନ ଓ ଗ୍ରାମାଞ୍ଚଳ ଥାନା ଅଧିକାରୀଙ୍କ ସମେତ ଶାନ୍ତି କମିଟିର ସଦସ୍ୟ, ହିନ୍ଦୁ ସୁରକ୍ଷା ସମିତି, ମୁସଲିମ ଜମାତର କର୍ମକର୍ତ୍ତା ସମେତ ମା ବଙ୍କ ବାସୁଳୀ ଦୁର୍ଗାପୂଜା କମିଟି, ଗାନ୍ଧି ପଡ଼ିଆ ଦୁର୍ଗାପୂଜା, ଜାନୁଗଞ୍ଜ ଦୁର୍ଗାପୂଜା, ସଙ୍ଗତ ଦୁର୍ଗାପୂଜା, ନୀଳକଣ୍ଠପୁର ଦୁର୍ଗାପୂଜା, ଲାହାପଟି ଦୁର୍ଗାପୂଜା, ଚନ୍ଦନ ବଜାର ଦୁର୍ଗାପୂଜା, ଅପର୍ତ୍ତିବିନ୍ଧା ଦୁର୍ଗାପୂଜା, ଗବସାହି ଦୁର୍ଗାପୂଜା, ତେଲି ମହଲା ଦୁର୍ଗାପୂଜା, ବାଙ୍କା ବଜାର ଦୁର୍ଗାପୂଜା, ସ୍କୁଲରୋଡ ଦୁର୍ଗାପୂଜା, ସନ୍ଥିଆ ଦୁର୍ଗାପୂଜା, ସାଳନ୍ଦୀ ବାଇପାସ ଦୁର୍ଗାପୂଜା, ରେଳବାଇ କଲୋନୀ ଦୁର୍ଗାପୂଜା, ଷ୍ଟେସନ ରୋଡ ଦୁର୍ଗାପୂଜା, ପ୍ରାଚୀନଗର ଦୁର୍ଗାପୂଜା, ପାଟଣା ସାହି ଦୁର୍ଗାପୂଜା, ନବଗ୍ରହ ଦୁର୍ଗାପୂଜା, ଏରେଇଁ, ଗରଦପୁର ଦୁର୍ଗାପୂଜା, ଓଏସଆରଟିସି ଦୁର୍ଗାପୂଜା, ମଠସାହି-ରାଜଘାଟ ଦୁର୍ଗାପୂଜା କମିଟିର ସଭାପତି/ସମ୍ପାଦକ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଶାନ୍ତି କମିଟିର ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିବା ସହିତ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ରାସ୍ତାର ମରାମତି, ଆଲୋକୀକରଣ, ନାଳ ନର୍ଦ୍ଦମା ସଫେଇ, ପର୍ଯ୍ୟାପ୍ତ ସୁରକ୍ଷା କର୍ମୀ ନିୟୋଜନ, ନିଶାଖୋରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ, ଟ୍ରାଫିକ ବନ୍ଦୋବସ୍ତ, ଘାଟ ଗୁଡିକର ମରାମତି, ନାଳଗୁଡିକୁ ଆବଦ୍ଧ କରିବାକୁ ବ୍ୟବସ୍ଥା କରିବାପାଇଁ ଅନୁରୋଧ କରିଥିଲେ ଶାନ୍ତି କମିଟିର ସଦସ୍ୟ ବିଦ୍ୟାଧର ସାହୁ, ଅତିସ କୁମାର ବେହେରା, ସୁଧାକର ରାଉତ, ଗୌରାଙ୍ଗ ପଣ୍ଡା, ଉମର ଅଲ୍ଲୀ। ବାସିଖାଦ୍ୟ ବିକୁଥିବା ବିଭିନ୍ନ ହୋଟେଲ ଓ ରେଷ୍ଟୁରେଣ୍ଟାକୁ ସ୍ୱାସ୍ଥ୍ୟ ବିଭାଗ ଏବଂ ପୁଲିସ ଚଢଉ କରିବାକୁ ନିବେଦନ କରିଥିଲେ। ଏସ୍‌ପି ଶ୍ରୀ ରାଉତ ପ୍ରକାଶ କରିଥିଲେ ଯେ, ଯେଉଁମାନେ ଆଦେଶକୁ ନ ମାନି ପୁଣି ଡିଜେ ବଜାଇବା ପାଇଁ ପ୍ରୟାସ କରିବେ ସେମାନଙ୍କୁ ଆର୍‌ଥିକ ଜରିମାନା ସହିତ ମୋକଦ୍ଦମା ରୁଜୁ କରାଯିବ। ସେହିପରି ସମସ୍ତ ଦୁର୍ଗାପୂଜା କମିଟି ଅଗ୍ନିଶମ ବିଭାଗରୁ ଫାୟାର ସେଫ୍‌ଟି ସାଟିଫିକେଟ ଓ ବିଦ୍ୟୁତ ବିଭାଗରୁ ତଦନ୍ତ ରିପୋର୍ଟ ସଂଗ୍ରହ କରିବେ। ଏଥିରେ ବିଚ୍ୟୁତି ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଣ ସ୍ୱୀକୃତିପ୍ରାପ୍ତ ୱେବ ଚ୍ୟାନେଲ ଏବଂ ସୋସିଆଲ ମିଡିଆରେ ମିଥ୍ୟା ଗୁଜବ ପ୍ରଚାର କରୁଥିବା ସଂସ୍ଥା/ବ୍ୟକ୍ତିବିଶେଷକୁ କଠୋର ଚେତାବନୀ ଦେଇଥିଲେ। ଚଳିତ ବର୍ଷ ଯେପରି ଦୁର୍ଗାପୂଜା ଉତ୍ସବ କିପରି ଶାନ୍ତି ଶୃଙ୍ଖଳା ହୋଇପାରିବ ସେ ନେଇ ଜିଲ୍ଲାପାଳ ଶ୍ରୀ ରାଉତରାଏ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜାତୀୟ ସବୁଜ ପ୍ରାଧିକରଣର ୩.୭.୨୪ତାରିଖ ଆଦେଶ ଅନୁଯାୟୀ ପୂଜାପାର୍ବଣରେ ବ୍ୟବହୃତ ବାସିଫୁଲ, ଫଳ, ପତ୍ର, ପ୍ରସାଦ, ପ୍ରତିମା ଆଦି ପ୍ରାକୃତିକ ଜଳାଶୟ ତଥା ନଦୀ, କେନାଲ ଓ ନାଳରେ ନ ପକାଇବା ଉପରେ ଆଲୋଚନା ହୋଇଥିଲା। ନଦୀଘାଟ ନିକଟରେ କୃତ୍ରିମ ଜଳାଶୟ କରି ପ୍ରତିମା ବିସର୍ଜନ କରାଯିବ। ଆଦେଶର ଅନୁପାଳନ ନିମନ୍ତେ ନିୟମିତ ଯାଞ୍ଚ କରିବାର ସୁବନ୍ଦୋବସ୍ତ କରିବା ପାଇଁ ଏସପିଙ୍କୁ ଅନୁରୋଧ କରିଥିଲେ। ସେହିପରି ଅବକାରୀ ବିଭାଗ ବେଆଇନ ମାଦକ ଦ୍ୟବ୍ୟ ବିକ୍ରୟ ଉପରେ ନିୟମିତ ଯାଞ୍ଚ କରିବା, ମଦ୍ୟପାନ କରି ଗାଡି ଚଲାଉଥିବା ବ୍ୟକ୍ତିଙ୍କୁ ଦଣ୍ଡିତ କରିବାକୁ ଆରକ୍ଷୀ ଅଧିକ୍ଷକ, ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ବିଭାଗ ୭ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତାଗିଦ କରିଥିଲେ। ସେହିପରି ସହରରେ ନିରବଚ୍ଛିନ ବିଦ୍ୟୁତ ଯୋଗାଣ ପାଇଁ ଟିପିଏନଓଡିଏଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆମ୍ବୁଲାନ୍ସ ଓ ମେଡିକାଲ ଟିମର ବ୍ୟବସ୍ଥା ଉପରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାସ୍ତାକୁ ଆର ପାର କରି କୌଣସି ତୋରଣ କରାଯିବ ନାହିଁ, ଲାଉଡ ସ୍ପିକର ପାଇଁ ଉପଜିଲ୍ଲାପାଳ, ଭଦ୍ରକ ଓ ମାର୍ଗ ଅନୁମତି ପାଇଁ ସମ୍ପୃକ୍ତ ଥାନା ଅଧିକାରୀଙ୍କ ପାଖରୁ ଅନୁମତି ନେବେ। ଶେଷରେ ଆଡିସନାଲ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।

### ମାଦକ ଦ୍ରବ୍ୟ ବିକ୍ରି ଉପରେ ନିୟମିତ ଯାଞ୍ଚ ନିର୍ଦ୍ଦେଶ

# ସ୍ୱେଚ୍ଛାସେବୀଙ୍କ ଅଧିଗ୍ରହଣ କାର୍ଯ୍ୟକ୍ରମ



କୋଷାଗୁମୁଡ଼ା,୧୨।୯ (ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗା ସ୍ଥିତ ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବ ତରଫରୁ ନୂତନ ସ୍ୱେଚ୍ଛାସେବୀ ମାନଙ୍କ ଅଧିଗ୍ରହଣ କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି। ଅନୁଷ୍ଠାନର ସମ୍ମିଳନୀ କକ୍ଷ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷା ଶ୍ରୀମତୀ ଅମିତା ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଅଧ୍ୟାପକ ବିବେକ କୁମାର ମହାଲିକ, ପଞ୍ଚାନନ ଦୁରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ରାୟ ଉପସ୍ଥିତ ସମସ୍ତ ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀଙ୍କୁ ରେଡକ୍ରସର ଶପଥ ପାଠ କରାଇଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ତଥା ଯୁବ ରେଡ଼କ୍ରସ କାଉନସିଲର ଅଖିଳ କୁମାର ଭଞ୍ଜ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ମଞ୍ଚ ସଂଯୋଜନା କରି ରେଡ଼କ୍ରସର ଲକ୍ଷ୍ୟ ଆଭିମୁଖ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥଲେ। ମଞ୍ଚାସୀନ ଅତିଥି ରେଡ଼କ୍ରସର ଉତ୍ପତି, ଇତିହାସ, ଆଭିମୁଖ୍ୟ, ଓ ବିଭିନ୍ନ ଜନହିତକର ସେବା ସମ୍ବନ୍ଧରେ ସ୍ୱେଚ୍ଛାସେବୀ ମାନଙ୍କୁ ମାର୍ଗଦର୍ଶନ କରିବା ସହିତ ଅନୁଷ୍ଠାନର ଯୁବ ରେଡ଼କ୍ରସ ବିଭାଗର ସମସ୍ତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସିମାଞ୍ଚଳ ପଟ୍ଟନାୟକ, ଦେବକୀ ଦିଶାରୀ, ସସ୍ମିତା ପ୍ରଧାନ, ରାକେଶ କୁମାର ମଲ୍ଲିକ, ଈଶ୍ୱର ମାଝୀ, ଯାଦବ ପ୍ରସାଦ ମହାନ୍ତି , ଉଦୟ ଚନ୍ଦ୍ର ନାୟକ, ଶୈଳବାଳା ରାଉତଙ୍କ ସହ ସମସ୍ତ ଅଧ୍ୟାପକ କର୍ମଚାରୀ ଛାତ୍ରଛାତ୍ରୀ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।

## ଜିଲ୍ଲା ଚିକିତ୍ସାଳୟ ଅସ୍ଥାୟୀ କର୍ମଚାରୀଙ୍କୁ ମିଳୁନି ବେତନ

# ଦରମା ପାଇଁ ଧାରଣା, ସେବା ବାଧାପ୍ରାପ୍ତ

ଜୟପୁର,୧୨।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁର ଜିଲ୍ଲା ଚିକିତ୍ସାଳୟର କାର୍ଯ୍ୟରତ ଅସ୍ଥାୟୀ ସଫେଇ ଏବଂ ସୁରକ୍ଷା କର୍ମୀମାନେ ଆଜି ପୂର୍ବାହ୍ନରେ ହଠାତ୍ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ସେମାନଙ୍କୁ ଗତ ୨ ମାସରୁ ଅଧିକ ସମୟ ହେଲାଣି ମାସିକ ଦରମା ଠିକାସଂସ୍ଥା ପକ୍ଷରୁ ପ୍ରଦାନ କରାଯାଇନଥିବା ନେଇ ଆନ୍ଦୋଳନ କରିଥିଲେ। ସେମାନେ କାର୍ଯ୍ୟବନ୍ଦ କରିବା ସହ ଚିକିତ୍ସାଳୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଆରମ୍ଭ କରିଥିଲେ। କିନ୍ତୁ ନିୟମ ଅନୁଯାୟୀ ବିନା ନୋଟିସ ଏବଂ ସୂଚନାରେ ହଠାତ୍ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ବେଆଇନ ଅଟେ। ଜିଲ୍ଲା ଚିକିତ୍ସାଳୟ ରୋଗୀ ଯାତାୟାତ କରୁଥିବା ଯୋଗୁଁ ଏହି ପରିସରରେ ଧାରଣା ଦେବାକୁ ଅନୁମତି ଦିଆଯିବ ନାହିଁ ବୋଲି ଜିଲ୍ଲା ଚିକିତ୍ସାଳୟ କର୍ତ୍ତୃପକ୍ଷ କାର୍ଯ୍ୟରେ ଯୋଗ ଦିଅନ୍ତୁ ଅନ୍ୟଥା ପରିସର ବାହାରେ ଧାରଣା ଦିଅନ୍ତୁ ବୋଲି କହିଥିଲେ। ଆନ୍ଦୋଳକାରୀ ମାନେ ସଦର ଥାନାରେ ପହଞ୍ଚି ଠିକାସଂସ୍ଥା ବିରୋଧରେ ଅଭିଯୋଗ କରିଥିଲେ। ସଦରଥାନା ପୁଲିସ ବୁଝାସୁଝା କରିବା ପରେ ସେମାନେ ଜିଲ୍ଲା ଚିକିତ୍ସାଳୟ ମୁଖ୍ୟଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଧାରଣାରେ ସଫେଇ କର୍ମଚାରୀ, ସେବିକା ଏବଂ ସୁରକ୍ଷା କର୍ମଚାରୀ ମାନେ ଯୋଗଦେଇଥିବା ବେଳେ ଠିକାସଂସ୍ଥା ପକ୍ଷରୁ ନିଯୁକ୍ତ ନର୍ସ ମାନେ ଏହି ଆନ୍ଦୋଳନରେ ସାମିଲ ହୋଇନାହାନ୍ତି। ସଫେଇ କର୍ମଚାରୀ ଓ ସୁରକ୍ଷା କର୍ମଚାରୀ ମାନଙ୍କ ଗତ ୨ରୁ ୩ ମାସ ଦରମା ମିଳିନଥିବା ବେଳେ ସେବିକା ଓ ନର୍ସ ମାନଙ୍କ ୩ ମାସରୁ ଅଧିକ ସମୟ ହେଲାଣି ମାସିକ ଦରମା ମିଳିନାହିଁ ବୋଲି ଅଭିଯୋଗ କରିଛନ୍ତି। ସେହିପରି ଚାକିରି ପ୍ରଦାନ ପାଇଁ ନିଯୁକ୍ତି ପ୍ରଦାନ ବେଳେ ଠିକାସଂସ୍ଥା ପକ୍ଷରୁ କର୍ମଚାରୀ ମାନଙ୍କୁ ନିଯୁକ୍ତି ନାମରେ ୫୦ରୁ ୬୦ ହଜାର ଟଙ୍କା ବେଆଇନ ଭାବେ ନେଇଥିବା ନେଇ ଆନ୍ଦୋଳନକାରୀ ଅସ୍ଥାୟୀ କର୍ମଚାରୀ ମାନେ ଅଭିଯୋଗ କରିଥିଲେ। ଏହିପରି ସଂଧ୍ୟା ପର୍ଯ୍ୟନ୍ତ ଆନ୍ଦୋଳନକାରୀ କର୍ମଚାରୀ ମାନେ



ଧାରଣା ଜାରି ରହିଥିଲା। ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନାକାରୀଙ୍କୁ ବୁଝାସୁଝା କରିଛନ୍ତି। ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ ଏବଂ ଆଜି ସଂଧ୍ୟା ସୁଦ୍ଧା ଧାରଣାରତ ଅସ୍ଥାୟୀ କର୍ମଚାରୀ ମାନଙ୍କ ଦରମା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ଆନ୍ଦୋଳନକାରୀ ମାନେ ଅଭିଯୋଗ କରିଛନ୍ତି ଯେ, ଅସ୍ଥାୟୀ କର୍ମଚାରୀ ବିଭିନ୍ନ ସମସ୍ୟା ନେଇ ଆଜି କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। କିନ୍ତୁ କୌଣସି ସ୍ୱାସ୍ଥ୍ୟ ବିଭାଗ ଏବଂ ଚିକିତ୍ସାଳୟର ଉଚ୍ଚ ଅଧିକାରୀ କିମ୍ବା ଜିଲ୍ଲା ପ୍ରଶାସନିକ ଅଧିକାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ଆଲୋଚନ କରିନାହାଁନ୍ତି। ଏହିପରି ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗର ଅଣଦେଖା ମନୋଭାବକୁ ନେଇ ଆନ୍ଦୋଳନକାରୀ ମାନେ ଅସନ୍ତୋଷ ପ୍ରକାଶ କରିବା ସହ ଆସନ୍ତା ୭ ଦିନ ମଧ୍ୟରେ ସେମାନଙ୍କ ଅନ୍ୟାନ୍ୟ ସମସ୍ୟା ଓ ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଓ ଧାରଣା ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଚିକିତ୍ସାଳୟ କର୍ତ୍ତୃପକ୍ଷ ପ୍ରକାଶ କହିଛନ୍ତି ଯେ, ଅସ୍ଥାୟୀ ତଥା ଠିକା କର୍ମଚାରୀ ମାନେ ବିନା ସୂଚନାରେ ଆଜି ପୂର୍ବାହ୍ନରୁ ହଠାତ ଆନ୍ଦୋଳନ ଯୋଗୁଁ ଚିକିତ୍ସାଳୟ କାର୍ଯ୍ୟରେ ସମସ୍ୟା ସୃଷ୍ଟି ହୋଇଥିଲା। କିନ୍ତୁ ସ୍ଥାୟୀ କର୍ମଚାରୀ ମାନଙ୍କୁ ଦ୍ୱାରା ସଫେଇ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଇ ପରିଚାଳନା କରାଯାଇଛି। ଆଜି ସଂଧ୍ୟା ସୁଦ୍ଧା ସେମାନଙ୍କ ଦରମା ପ୍ରଦାନ କରାଯିବା ନେଇ ଠିକାସଂସ୍ଥା ପକ୍ଷରୁ ପ୍ରକାଶ କରିଥିବା ସୂଚନା ଦେଇଛନ୍ତି। ପ୍ରକାଶଯେ, ଜିଲ୍ଲା ଚିକିତ୍ସାଳୟରେ ଠିକାସଂସ୍ଥା ଦ୍ୱାରା ନିଯୁକ୍ତ ସଫେଇ କର୍ମଚାରୀ ୮୦ ଜଣ, ସୁରକ୍ଷାକର୍ମୀ ୯୦ ଜଣ, ସେବିକା ୮୦, ନର୍ସ ୮୦, ଅକ୍ସଜନ ପ୍ଲାଣ୍ଟ ପରିଚଳଣା କର୍ମଚାରୀ ୧୦, ହେଲ୍ପ ଡେସ୍କରେ ୧୬ ଜଣ, ଲିଫ୍ଟ ମ୍ୟାନ୍ ୪ଜଣ, ବିଦ୍ୟୁତ ମରାମତି ୪ଜଣ, ପାଇପ୍ ଲାଇନ ମରାମତି କର୍ମଚାରୀ ଭାବେ ୮ ଜଣ ସମୁଦାୟ ୩୮୧ ଜଣ ଅସ୍ଥାୟୀ କର୍ମଚାରୀ ଭାବେ ଠିକାସଂସ୍ଥା ପକ୍ଷରୁ ନିଯୁକ୍ତ ହୋଇଛନ୍ତି।

# ପାତ୍ରପୁଟ ଲୁହା ପୋଲରେ ଫସୁଛି ଟ୍ରକ୍

ବୈପାରୀଗୁଡ଼ା, ୧୨।୯ (ସମିସ): ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ ୩୨୬ନମ୍ବର ଜାତୀୟ ରାଜପଥ ମହୁଲି ପଞ୍ଚାୟତର କଟାଛକ ଓ ପାତ୍ରପୁଟ ମଝିରେ ଥିବା ଲୁହା ପୋଲରେ ଫସିଲା କେନ୍ଦୁପତ୍ର ବୋଝେଇ ଟ୍ରକ୍। ଲୁହା ପୋଲର ଉଭୟ ପାର୍ଶ୍ୱରେ ଘଣ୍ଟା ଘଣ୍ଟା କାଳ ଟ୍ରାଫିକ ସମସ୍ୟା ଦେଖା ଦେଇଥିଲା। ସନ୍ଧ୍ୟା ସମୟରେ ମାଲକାନଗିରି ଠାରୁ ଭୁବନେଶ୍ୱର ଏବଂ ଆନ୍ଧ୍ରକୁ ଯାଉଥିବା ବସ୍ ଏବଂ ଉକ୍ତ ଅଞ୍ଚଳର ଛୋଟ ବଡ଼ ଶତାଧିକ ଗାଡି ଘଣ୍ଟା ଘଣ୍ଟା କାଳ ଟ୍ରାଫିକ୍‌ରେ ଫସିଥିଲେ। ପ୍ରତିଦିନ



ଏଭଳି ସମସ୍ୟା ଘଟୁଛି ବୋଲି ଅଞ୍ଚଳବାସୀ କହିଛନ୍ତି। ଟ୍ରକ୍‌ରେ ନିୟମ ଅନୁଯାଇ କେନ୍ଦୁପତ୍ର ଲୋଡ଼ କରିବା କଥା । କିନ୍ତୁ ଓଭର ଲୋଡ଼ ଯୋଗୁଁ ଏଭଳି ଲୁହା ପୋଲରେ ଫସୁଛି ଗାଡି ।ଏନେଇ ବହୁବାର ଅଭିଯୋଗ କଲେ ମଧ କେହି ଶୁଣୁ ନାହାନ୍ତି। ବ୍ରିଟିଶ ଅମଳରେ ନିର୍ମିତ ଏହି ପୋଲ ଏବେ ବିପଦସଂକୁଳ ଅବସ୍ଥାରେ ରହିଛି। କେତେବେଳେ କ'ଣ ଅଘଟନ ଘଟିବ ତାହା କହିହେବ ନାହିଁ। ଅମାନିଆ କେନ୍ଦୁପତ୍ର ବୋଝେଇ ଟ୍ରକ୍ ଲାଗି ପ୍ରତିଦିନ ଲୋକେ ହନ୍ତସନ୍ତ ହେଉଛନ୍ତି। ଏଥିପ୍ରତି ସ୍ଥାନୀୟ ବନ ବିଭଗ ଏବଂ ପୋଲିସର ନଜର ରହିବା ଆବଶ୍ୟକ ବୋଲି ସାଧାରଣରେ ଦାବି ହେଉଛି।

# ପୂର୍ଣ୍ଣାଙ୍ଗ ଶିକ୍ଷା ଓ ନୂତନ ଶିକ୍ଷା ନୀତି ଉପରେ କର୍ମଶାଳା

ସେମିଲିଗୁଡ଼ା,୧୨।୯ (ସମିସ): ଜାତୀୟ ଶିକ୍ଷା ସଂସ୍କାର ସହିତ ତାଲିମ ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରୂପେ କୋରାପୁଟ ଜିଲ୍ଲାର ସେମିଲିଗୁଡା ମହାବିଦ୍ୟାଳୟରେ ଏକଦିନିଆ କର୍ମଶାଳାର ଅନୁଷ୍ଠିତ ହୋଇଛି। ଏହି କର୍ମଶାଳା 'ଆମ କଲେଜ, ଆମ ଗୌରବ' ଅଧୀନରେ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷା ଝାନ୍ସୀ ସିଂହ କର୍ମଶାଳାର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବରେ ପ୍ରଭାତ କୁମାର ନାୟକ ପୂର୍ଣ୍ଣାଙ୍ଗ ଶିକ୍ଷାର ମୌଳିକ



ସିଦ୍ଧାନ୍ତଗୁଡିକୁ,ଓ ଶ୍ରୀଅରବିନ୍ଦଙ୍କ ଦର୍ଶନ ସହିତ ଉପସ୍ଥାପନା କରିଥିଲେ। ପୂର୍ଣ୍ଣାଙ୍ଗ ଶିକ୍ଷା, ବହୁବିଷୟକ ଶିକ୍ଷା, ବୃତ୍ତିଗତ ଏକୀକରଣ ଏବଂ ସମାଲୋଚନାଗକ ଚିନ୍ତନ ଉପରେ ଏନଇପିର ଗୁରୁତ୍ୱ ଦେଉଛି। ସମଗ୍ର ଦର୍ଶନର ଏକ ଆଧୁନିକ ପ୍ରତିଧ୍ୱନୀ। ଏହା ଆମଠାରୁ କେବଳ ଏକ ବୃତ୍ତି ନୁହେଁ, ବରଂ ଜୀବନ ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତ କରି ସମଗ୍ର ବ୍ୟକ୍ତିତ୍ୱର ଶିକ୍ଷା କରିଥାଏ। ଏହି କାର୍ଯ୍ୟକ୍ରମରେ ଶିବାଶିଷ ପଟ୍ଟନାୟକ, ଦେବରାଜ ନାୟକ, ଶୁଭ୍ରାଂଶୁ ସୁନ୍ଦର ଦାସ, ରୋନାଲି ନାୟକ, ନିରଞ୍ଜନ ପୋଡ଼, ଚିତ୍ତରଞ୍ଜନ ଦାସ, ପିଙ୍କି ଗୋୟଲ, ଦିଗେଶ୍ୱରୀ, ଚନ୍ଦନ ପ୍ରସାଦ, ରମେଶ ମଲ୍ଲିକ, ବିଜୟଲକ୍ଷ୍ମୀ ଦଳେଇ, ମନିଶା ବେହେରା ଇତ୍ୟାଦି ଯୋଗ ଦେଇଥିଲେ। ଶେଷରେ ଡ. ଗୀତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ନିରାଶ୍ରୟ ବୃଦ୍ଧାଙ୍କୁ ଆଇନ ସହାୟତା

ରାୟଗଡ଼ା,୧୨।୯ (ସମିସ) : ରାୟଗଡ଼ା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ପାରା ଲିଗାଲ୍ ଭଲ୍ୟୁଣ୍ଟର କୁମାରୀ ବାଡତ୍ୟା ଜଣେ ନିରାଶ୍ରୟ ବୃଦ୍ଧା ଏ. ଆପାରାଓଙ୍କୁ ପିଟିଲା ସାହି ଛକ ରାୟଗଡ଼ ପରିସରରେ ଠାବ କରି ତାକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣଙ୍କର ଦ୍ୱାରସ୍ଥ କରିଥିଲେ। ତାପରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସହଯୋଗରେ ସେହି ବୃଦ୍ଧାଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଇଥିଲେ। ଏହାପରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ପାରା ଲିଗାଲ୍ ଭଲ୍ୟୁଣ୍ଟର କୁମାରୀ ବାଡତ୍ୟାଙ୍କ ସହାୟତାରେ ବୃଦ୍ଧାଙ୍କୁ ରାୟଗଡ଼ା ସ୍ଥିତ ମାତୃଶକ୍ତି ବରିଷ୍ଠ ନାଗରିକ ଗୃହ, କୋତାପେଟା, ରାୟଗଡ଼ାରେ ଅବସ୍ଥାପିତ କରାଯାଇଛି।

# 'ସକାଳ' ପ୍ରତିନିଧିଙ୍କ ପିତୃ ବିୟୋଗ

କୋରାପୁଟ,୧୨।୯ (ସମିସ): ଦଶମନ୍ତପୁର ବ୍ଲକର 'ସକାଳ' ପ୍ରତିନିଧି ଯୁବ ସାମ୍ବାଦିକ ମଣ୍ଟୁ ଭତ୍ରାଙ୍କ ବାପା ଦିଲୀପ ଭତ୍ରାଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ୩ ପୁଅ ଏବଂ ଅନ୍ୟ ସମ୍ପର୍କୀୟ ମାନେ ଉପସ୍ଥିତ ରହିଥିଲେ। ବଙ୍ଗଳାଗୁଡାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। କୋରାପୁଟ ଜିଲ୍ଲାର କାର୍ଯ୍ୟରତ ସାମ୍ବାଦିକ ଭବାନୀ ଶଙ୍କର ମିଶ୍ର, ରଞ୍ଜନ ଦାସ୍, ସତ୍ୟଜିତ ମହାନ୍ତି, କରୁଣା ମହାନନ୍ଦିଆ, ଅମିତ ହୋତା,ମଦନ ମୋହନ ସାହୁ, ପବିତ୍ର ମୋହନ ସେଠୀ, ଉତ୍ତମ ନାୟକ ପ୍ରମୁଖ ଗ୍ରାମରେ ପହଞ୍ଚି ଶୋକସନ୍ତପ୍ତ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଜୟପୁର ସକାଳ ପରିବାର ପକ୍ଷରୁ ସଂସ୍କରଣ ମୁଖ୍ୟ ରାକେଶ ପାଢ଼ୀ, ଜିଲ୍ଲା ପ୍ରତିନିଧି ସୁବୋଧ ଚେଟ୍ଟି, ପ୍ରସାରଣ ବିଭାଗ ନିର୍ବାହୀ ସୁଧୀର ମାଦଲା, ବିଜ୍ଞାପନ ବିଭାଗର ସୟଦ ହବିବୁଲ, କୋରାପୁଟ ସହର ପ୍ରତିନିଧି ସୁଶାନ୍ତ ମିଶ୍ର, ଜୟପୁର ସହର ପ୍ରତିନିଧି ସୁପ୍ରୀତ ପୂଜାରୀ ଓ ଅନ୍ୟମାନେ ଦୁଃଖିତ ପରିବାରକୁ ସମବେଦନା ଜଣାଇଛନ୍ତି।

# 'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନ କାର୍ଯ୍ୟକ୍ରମ

ନବରଙ୍ଗପୁର,୧୨।୯ (ସମିସ): ଜିଲ୍ଲାରେ ୧୭ ସେପ୍ଟେମ୍ବରରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ 'ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ' ଆରମ୍ଭ ହେବାକୁ ଯାଉଛି। ଏହି ଅବସରରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ନିମନ୍ତେ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ, ଜିଲ୍ଲା ସମାଜ ମଙ୍ଗଳ ତଥା ମିଶନ ଶକ୍ତି ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅଭିଯାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଉପସ୍ୱାସ୍ଥ୍ୟ କେନ୍ଦ୍ର, ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଆସନ୍ତା ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ରୋଗ ଚିହ୍ନଟ କାରଣ ଓ ସଚେତନତା ଶିବିର ଅନୁଷ୍ଠିତ ହେବ । ଏହି ଅଭିଯାନରେ ନାରୀମାନଙ୍କ ଏବଂ ଶିଶୁ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା, ସ୍ୱାସ୍ଥ୍ୟ ସେବା ସହିତ ସବୁ ବୟସର ଝିଅମାନଙ୍କର ମଧ୍ୟ ସ୍ୱାସ୍ଥ୍ୟ ପରୀକ୍ଷା, ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ମାଧ୍ୟମରେ କରାଯିବ ଓ ଏଥିସହିତ ରକ୍ତ ପରୀକ୍ଷା, ଅଣସଂକ୍ରମକ ରୋଗ ପରୀକ୍ଷା, ରକ୍ତହୀନତା ପରୀକ୍ଷା, ରକ୍ତ ଶିକୁଳି ପରୀକ୍ଷା,




ରକ୍ତ ଶର୍କରା ପରୀକ୍ଷା ଇତ୍ୟାଦି ଭିଏଚଏସଏନଡି, ଟୀକାକରଣ ପାଇଁ ଧାର୍ଯ୍ୟ ଗ୍ରାମରେ, ସ୍କୁଲ ମାନଙ୍କରେ ଏବଂ ୧୦୦୦ରୁ ଅଧିକ ଜନସଂଖ୍ୟା ଥିବା ଗ୍ରାମମାନଙ୍କରେ ଆୟୋଜନ କରାଯିବ। ଏହି ଶିବିର ଜିଲ୍ଲାର ସମସ୍ତ ୧୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୪୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୧ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୨୮ ୯ଟି ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଅନଷ୍ଠିତ ହେବ। ଏତତ୍‌ବ୍ୟତିତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ବିଶେଷଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଗୋଟିଏ ଲେଖାଏଁ କରାଯିବ। ସମସ୍ତ ବିଭାଗର ସମନ୍ୱୟରେ ଏହି କାର୍ଯ୍ୟକ୍ରମକୁ ସଫଳତା କରିବା ପାଇଁ ଜିଲ୍ଲାପାଳ ଏହି ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ସିଡିଏମଓଡ ସନ୍ତୋଷ ପଣ୍ଡା, ଡିଏସଡବ୍ଲୁଓ ଦ୍ରୌପଦୀ କହଁର, ଏଡିପିଏଚଓ ଡ.ମଳୟ ତ୍ରିପାଠୀ, ଡିପିମ ଏନ୍‌ଏଚ୍‌ଏମ ଶଙ୍କର ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ବିଭାଗୀୟ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ବୈଠକରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଆଲୋଚନାରେ ଭାଗ ନେଇଥିଲେ।

# ପଥର କ୍ୱାରୀ ଲିଜ୍‌କୁ ବିରୋଧ, ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

କୋରାପୁଟ,୧୨।୯ (ସମିସ): ଗ୍ରାମ ଉପକଣ୍ଠ ପାହାଡ଼ରେ ଥିବା ପଥର କ୍ୱାରୀ ଖନନ ପାଇଁ ଟେଣ୍ଡର ନ କରିବା ଦାବିରେ ତିନିଖଣ୍ଡ ଗ୍ରାମର ଲୋକେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମିଲିଗୁଡା ବ୍ଲକ ପିତାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ପେଟକଣା, ଜାଗମଗୁଡ଼ା ଏବଂ ଜାନିଗୁଡ଼ା ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଉପରୋକ୍ତ ଗ୍ରାମ ଗୁଡ଼ିକ ନିକଟରେ ଥିବା ସୁଲିଆ ଡଙ୍ଗର ଓ ପାଟିଆ ଡଙ୍ଗର ଉପରେ ଗ୍ରାମବାସୀ ଏବଂ ସେମାନଙ୍କ ଗୃହ ପାଳିତ ପ୍ରାଣୀ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଜଙ୍ଗଲ ଭରା ଉକ୍ତ ଦୁଇଟି ପାହାଡ଼ରେ ସେମାନେ ଗୋରୁ ଗାଈ ଚରାଇବା ସହିତ ବିଭିନ୍ନ ପ୍ରକାର ଔଷଧୀୟ ଗଛରୁ ଚେର ମୂଳି ଆଣି ଚିକିତ୍ସିତ ହୋଇ ଥାଆନ୍ତି। କିନ୍ତୁ ସେମିଲିଗୁଡା ତହସିଲଦାର ସେହି ଦୁଇଟି ପାହାଡ଼ରେ ଥିବା ପଥର କ୍ୱାରୀ ଗୁଡ଼ିକୁ ନିଲାମ କରିବାକୁ ଟେଣ୍ଡର ଆହ୍ୱାନ କରିଛନ୍ତି। ଯାହା ଫଳରେ ତିନି ଗ୍ରାମବାସୀ କ୍ଷତିଗ୍ରସ୍ତ ହେବା ସହ ସେମାନଙ୍କ ଗୃହ ପାଳିତ ପ୍ରାଣୀ ଚରାବୁଲା ପାଇଁ ଜାଗା ଟିକେ ପାଇବେ ନାହିଁ। ତେଣୁ ଉକ୍ତ ଟେଣ୍ଡର ଆହ୍ୱାନ ବାତିଲ କରିବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୀତାରାମ ଦୋରା, ସନିଆ ଦେଉଳ ପାଡ଼ିଆ, ରତ୍ତୁ ହନ୍ତାଳ, ମଙ୍ଗଳା ଚପାଡ଼ି, ମଦନ ମାଝି, ଶୁକ୍ର ଆୟାଲ, ରମେଶ ହନ୍ତାଳ ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ସେମିଲିଗୁଡା ତହସିଲଦାରଙ୍କୁ ମଧ ଏକ କିତା ନକଲ ଦେଇଛନ୍ତି।

# ସାପକାମୁଡ଼ାରେ ମହିଳା ଗୁରୁତର

ପଦ୍ମପୁର,୧୨।୯ (ସମିସ):ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଖିଲାପଦର ଗ୍ରାମରେ କ୍ଷେତରେ କାମ କରୁଥିବା ସମୟରେ ସାପକାମୁଡ଼ାରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ମହିଳା ଜଣଙ୍କ ହେଲେ ସାରଦା ଶବର (୬୫)। ସାପ କାମୁଡ଼ାବା ପରେ ତାଙ୍କର ରକ୍ତ ବାନ୍ତି ହେବାରୁ ତାଙ୍କୁ ସଙ୍ଗେ ସଙ୍ଗେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ସିଦ୍ଧାର୍ଥ ଦାସ ଚିକିତ୍ସା କରିଥିବା ବେଳେ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ନହେବାରୁ ତାଙ୍କୁ ରାୟଗଡ଼ା ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତର କରି ପଦ୍ମପୁର ଥାନାରେ ଏକ ଏମ୍‌ଏଲ୍‌ସି କେସ୍ ଦାୟର କରାଯାଇଥିବା ଜଣାପଡିଛି।

# ଜୋନ୍‌ସ୍ତରୀୟ ଦୌଡ଼ ଓ ଖେଳକୁଦ ପ୍ରତିଯୋଗିତା

ଡାବୁଗାଁ, ୧୨।୯ (ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ଡାବୁଗାଁ ସରକାରୀ (ନୂତନ) ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଜୋନାଲସ୍ତରୀୟ ଦୌଡ ଓ ଖେଳକୁଦ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛଇ। ଏଥିରେ ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବାଳିକା ଓ ବାଳକ ବିଭାଗରେ ୧୦୦, ୨୦୦, ୪୦୦ ମିଟର ଦୌଡ, ଉଚ୍ଚଡିଆଁ, ଲମ୍ବ ଡିଆଁ, ସର୍ଟପୁଟ, ଡିସ୍କସ ଥ୍ରୋ ଖେଳାଯାଇ ୧ମ, ୨ୟ ଓ ୩ ୟ ହୋଇଥିବା ପ୍ରତିଯୋଗୀମାନେ ବ୍ଲକସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେବେ। ୧୭



ବର୍ଷରୁ କମ୍ ଖୋଖୋ, ଭଲିବଲ, ହ୍ୟାଣ୍ଡ ବଲ, ଫୁଟବଲ ଓ କ୍ରିକେଟ ପ୍ରତିଯୋଗୀତାରେ ଖେଳାଳି ଚୟନ କରଯାଇଥିଲା। ଏହି ଚୟନ ହୋଇଥିବା ଖେଳାଳି ମାନଙ୍କୁ ନେଇ ଦଳ ଗଠନ ହୋଇ ବ୍ଲକ ସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେବେ। ଏହି ପ୍ରତିଯୋଗୀତାକୁ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସନୌଜ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଖେଳ ଶିକ୍ଷକ ହେମନ୍ତ କୁମାର ସାମଲ, ତ୍ରିନାଥ ବାରିକ, ପୁରୋହିତ ବାଗ, ସୁକାନ୍ତି ସାହୁ ଖେଳ ପରିଚାଳନା କରିଥିବା ବେଳେ ଶିକ୍ଷକ ପ୍ରଫୁଲ୍ଲ ମେହେରା, ଶେଖର ଚନ୍ଦ୍ର ସାହୁ, ଖୁଲେଶ୍ୱର ମାଝି ଓ ଶିକ୍ଷୟତ୍ରୀ ଇତିଶ୍ରୀ ବର୍ଷାରାଣୀ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଏହାସହ ଡାବୁଗାଁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରସନ୍ନ କୁମାର ଦଣ୍ଡସେନା, ଜୁନାପାଣି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗିରିଶବାଳା ଜେନା, ଡାବୁଗାଁ ଓ ଜୁନାପାଣି କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ମାନେ ଯୋଗ ଦେଇଥିଲେ।

# କଳା ଶିକ୍ଷକ ସମୀର ବାରିକ ପୁରସ୍କୃତ

ଦାମନଯୋଡ଼ି,୧୨।୯ (ସମିସ): ପଶ୍ଚିମବଙ୍ଗର ବୀରେନ୍ଦ୍ର ମେମୋରିଆଲ ଫାଇନ ଆର୍ଟ ଏବଂ କଲଚର ପକ୍ଷରୁ ଇଣ୍ଡିଆନ୍ ଆଇକନ ଆର୍ଟିଷ୍ଟ ଆୱାଡର୍ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଜୁଲାଇ ମାସରେ ଏଥିପାଇଁ ଅନ୍‌ଲାଇନ ମାଧ୍ୟମରେ ପ୍ରତିଷ୍ଠିତ ଚିତ୍ରଶିଳ୍ପୀମାନଙ୍କ ଠାରୁ ସେମାନଙ୍କର ଚିତ୍ର ସଂଗ୍ରହ କରଯାଇଥିଲା। ଏଥିରେ ଭାରତ ସହିତ ବିଭିନ୍ନ ଦେଶରୁ ୫୬୦ଜଣ ଅଂଶ ଗ୍ରହଣ କରିଥିଲେ। ଏହାର ପୁରସ୍କାର ବିତରଣ ଓ ଚିତ୍ରକଳା ପ୍ରଦର୍ଶନୀ ତ୍ରିପୁରାର ଅଗରତାଲା ସ୍ଥିତ ସିଟି ସେଣ୍ଟର ଆର୍ଟ ଗ୍ୟାଲେରୀ ଠାରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ



ଅଂଶଗ୍ରହଣ କରିଥିବା ଦାମନଯୋଡ଼ି ଦିଲ୍ଲୀ ପବ୍ଲିକ ସ୍କୁଲ(ଡିପିଏସ)ର କଳାଶିକ୍ଷକ ସମୀର କୁମାର ବାରିକଙ୍କୁ ନିଜର ଚିତ୍ରକଳା ପାଇଁ ଇଣ୍ଡିଆନ ଆଇକନ୍ ଆର୍ଟିଷ୍ଟ ଆୱାଡର୍-୨୦୨୫ ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ଅନୁପସ୍ଥିତ ଥିବା ସମୀର ସାରଙ୍କୁ ଡାକଯୋଗେ ମାନପତ୍ର,ଫଳକ ଓ ଉପଢ଼ୌକନ ମିଳିଛି। ପ୍ରତିଯୋଗିତା ପାଇଁ କଳାଶିକ୍ଷକ ସମୀର ସାର କ୍ୟାନ୍‌ଭାସରେ ମଧ୍ୟମ ଧରଣ ଏକ୍ରିଲିକ ଯୋଗେ ଧ୍ୟାନ ମୁଦ୍ରାରେ ଥିବା ଭଗବାନ ବୁଦ୍ଧଙ୍କ ଚିତ୍ର ପ୍ରେରଣ କରିଥିଲେ। ଦେଶବିଦେଶର ମୋଟ ୫୬ଜଣଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ଜଣାଯାଇଛି। ଏହି ସମ୍ମାନଜନକ ପୁରସ୍କାର ପାଇ ଡିପିଏସ ପାଇଁ ଗୌରବ ଆଣିଥିବା ସମୀର ସାରଙ୍କୁ ସ୍କୁଲ ଅଧକ୍ଷା ସୁଶ୍ରୀ ସୁଜାତା ପାଣି ସମ୍ବର୍ଦ୍ଧିତ କରିଥିଲେ।

# ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଦୀକ୍ଷା ଆରମ୍ଭ ସମାରୋହ




କୋରାପୁଟ,୧୨।୯ (ସମିସ): ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ନୂତନ ଭାବେ ନାମଲେଖାଇ ଥିବା ପିଲାମାନଙ୍କୁ ନେଇ ତିନିଦିନିଆ ଦୀକ୍ଷା ଆରମ୍ଭ ସମାରୋହ ଅନୁଷ୍ଠିତ ହୋଇଯାଇଛି। ୨୦୨୫-୨୭ ବ୍ୟାଚ୍‌ରେ ୯୭ ଜଣ ପିଲା ନାମ ଲେଖାଇଛନ୍ତି। ଜିଲ୍ଲାରୁ ଓଡ଼ିଶାର ଭୂସ୍ୱର୍ଗ କୋରାପୁଟରେ ପଢିବାର ସୁଯୋଗ ପାଇଥିବାରୁ ଛାତ୍ରଛାତ୍ରୀମାନେ ଖୁସି ବ୍ୟକ୍ତ କରିଛନ୍ତି। ଉଦ୍‌ଘାଟନୀ ସମାହାରରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ.ଗୋପାଳ ହାଲଦାର, ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ତିନି ଦିନିଆ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ ପ୍ରାଧ୍ୟାପିକା କଲେଜର ନିୟମାବଳୀ ପରୀକ୍ଷା ବ୍ୟବସ୍ଥା, ଛାତ୍ରାବାସ, ମହିଳା ନିର୍ଯାତନ ନିରାକରଣ, ପାଠ୍ୟକ୍ରମ ସମ୍ପର୍କରେ ପିଲା ମାନଙ୍କୁ ଅବଗତ କରାଯାଇଥିଲା । ଉଦଯାପନୀ ସଭାରେ କେନ୍ଦ୍ରୀୟ ବିଦ୍ୟାଳୟ କୋରାପୁଟର ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ତରୁଣ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ପିଲାଙ୍କ ନିମନ୍ତେ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରି ଚଳିତ ବର୍ଷ ରାଷ୍ଟ୍ରପତି ପୁରସ୍କାର ପାଇଥିବାରୁ ତାଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମଟି ଅନୁଷ୍ଠାନର ଅଧକ୍ଷ ପ୍ରଫେସର ଡକ୍ଟର ଦେବେନ୍ଦ୍ର କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଡକ୍ଟର ଭାରତୀ ଜାନି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଚକ୍ରଧର ବେହେରା ଏବଂ ପ୍ରଜ୍ଞା ପାରମିତା ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଶାନ୍ତ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ସଫଳତା ପାଇଁ ସହଯୋଗ କରିଥିଲେ।





# ସର୍ପାଘାତରେ ଘାଇଲା ରାଜଧାନୀବାସୀ

■ ଦୁଇମାସରେ ୩୨୦ ସର୍ପଦଂଶନ, ବର୍ଷାଦିନେ ସର୍ବାଧିକ

■ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ୧୩ ଶହ ଆଣ୍ଟିଭେନମ୍ ଗଚ୍ଛିତ

ଭୁବନେଶ୍ୱର, ୧୨।୯ (ସମିସ): କୌଣସି ଦୁର୍ଗମ ଜଙ୍ଗଲ କିମ୍ବା ନଈକୂଳିଆ ଅଞ୍ଚଳ ନୁହେଁ ଖୋଦ ରାଜଧାନୀ ଏବଂ ଏହାର ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ସର୍ପାଘାତ ସଂଖ୍ୟା କ୍ରମେ ବୃଦ୍ଧି ପାଉଥିବା ପରିଲକ୍ଷିତ ହୋଇଛି। କ୍ୟାପିଟାଲ୍ ହସ୍ପିଟାଲ୍‌ରୁ ମିଳିଥିବା ରିପୋର୍ଟ ଅନୁଯାୟୀ ଗତ ଦୁଇମାସ ଭିତରେ କେବଳ ୩୨୦ ଜଣ ସାପକାମୁଡ଼ାର ଶିକାର ହୋଇଛନ୍ତି।

ସୂଚନା ଅନୁଯାୟୀ, ଓଡ଼ିଶାରେ ବାର୍ଷିକ ୯ ଶହରୁ ଅଧିକ ବ୍ୟକ୍ତି ସାପ କାମୁଡ଼ାର ଶିକାର ହେଉଛନ୍ତି ଏବଂ ସେଥିମଧ୍ୟରୁ ଅନେକ ପ୍ରାଣ ହରାଉଛନ୍ତି। ଏହିକ୍ରମରେ ଭୁବନେଶ୍ୱରର କ୍ୟାପିଟାଲ୍ ହସ୍ପିଟାଲକୁ ମାସିକ ହାରାହାରି ଶହେରୁ ଅଧିକ ଜଣ ସାପ କାମୁଡ଼ାରେ ଶିକାର ହୋଇ ଆସୁଛନ୍ତି। ଅନ୍ୟଦିନ ଅପେକ୍ଷା ବର୍ଷାଦିନେ ଅଧିକାଂଶ ଲୋକେ ସାପକାମୁଡ଼ାରେ ଶିକାର ହୋଇଥାନ୍ତି। ବିଶେଷକରି ଜୁଲାଇରୁ ସେପ୍ଟେମ୍ବର ମାସ ଯାଏଁ ସାପ କାମୁଡ଼ା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଥାଏ। ଗତ ଜୁଲାଇ ମାସରେ ୧୬୧ ଜଣ ସାପ କାମୁଡ଼ାର ଶିକାର ହୋଇଥିବା ବେଳେ ଅଗଷ୍ଟ ମାସରେ ୧୫୯ ଜଣ ସାପ କାମୁଡ଼ାର ଶିକାର ହୋଇଛନ୍ତି। ସେଥିମଧ୍ୟରୁ ଦୁଇଜଣ ପ୍ରାଣ ମଧ୍ୟ ହରାଇଛନ୍ତି। ତେଣୁ ହସ୍ପିଟାଲ୍‌ରେ ୧୩ ଶହରୁ ଅଧିକ ଆଣ୍ଟିଭେନମ୍ ଗଚ୍ଛିତ ରଖାଯାଉଛି। ଏହା ସହ ହସ୍ପିଟାଲ୍‌ରେ ସାପକାମୁଡ଼ା ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ମଧ୍ୟ ପ୍ରଦାନ କରାଯାଉଛି। ରାଜଧାନୀ ସହର ଅପେକ୍ଷା ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ସାପ କାମୁଡ଼ାର ଶିକାର ହେଉଥିବା ଲୋକଙ୍କ ସଂଖ୍ୟା ଅଧିକ। କିନ୍ତୁ ଶିକାର ହେବା ମାତ୍ରେ ବ୍ୟକ୍ତି ହସ୍ପିଟାଲ୍‌ରେ ତତ୍କାଳ ପହଞ୍ଚୁଥିବାରୁ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଉଛି। ତେଣୁ ଏଠାରେ ସାପ କାମୁଡ଼ାରେ ମୃତ୍ୟୁହାର ଖୁବ୍‌କମ ବୋଲି ବୋଲି କହିଛନ୍ତି ହସ୍ପିଟାଲ୍‌ର କର୍ତ୍ତୃପକ୍ଷ।

ସାରା ରାଜ୍ୟରେ ସାପ କାମୁଡ଼ାରେ ଅଧିକାଂଶ ରୋଗୀଙ୍କ ମୃତ୍ୟୁ ହେଉଥିବା ସମୟରେ କ୍ୟାପିଟାଲ ହସ୍ପିଟାଲ୍‌ରେ ଦକ୍ଷ ଡାକ୍ତରଙ୍କ ଚିକିତ୍ସା ଯୋଗୁଁ ଆସୁଥିବା ରୋଗୀ ଏଠାରେ ସୁସ୍ଥ ହୋଇ ଫେରୁଛନ୍ତି। ସାପ କାମୁଡ଼ିବା ସମୟରେ ସତର୍କ ରହିବା ସହ ତୁରନ୍ତ ହସ୍ପିଟାଲ୍‌କୁ ଆସିବା ଦରକାର ବୋଲି ପରାମର୍ଶ ଦିଆଯାଇଛି। ସାପ କାମୁଡ଼ିବା ସମୟରେ ଅଧିକ ସଚେତନତା ଜରୁରୀ ଏବଂ ରୋଗୀକୁ ମାନସିକସ୍ତରରେ ସୁଦୃଢ଼ ରହିବା ଉଚିତ। ଅନେକ ସମୟରେ ସାପ କାମୁଡ଼ିଲେ ଲୋକମାନେ ପ୍ରାୟ ସମୟରେ ଜାଣିପାରନ୍ତି ନାହିଁ। ଫଳରେ ବିଳମ୍ବରେ ହସ୍ପିଟାଲ୍ ପହଞ୍ଚିବା ଯୋଗୁଁ ରୋଗୀର ମୃତ୍ୟୁ ହୋଇଯାଇଥାଏ। ଦିନ ସମୟ ଅପେକ୍ଷା ରାତି ସମୟରେ ସାପ କାମୁଡ଼ିବାର ଭୟ ଅଧିକ ଥାଏ। ତେଣୁ ରାତି ସମୟରେ ସାପ କାମୁଡ଼ିଲେ ଅଧିକାଂଶ ବ୍ୟକ୍ତି ଜାଣି ପାରନ୍ତିନାହିଁ। ଏଥିପାଇଁ ଲୋକମାନଙ୍କୁ ଅଧିକ ସଚେତନ ରହିବା ପାଇଁ କ୍ୟାପିଟାଲ୍ ହସ୍ପିଟାଲର ଆଡିସିନାଲ୍ ସୁପରିନ୍‌ଟେଣ୍ଡେଣ୍ଟ ଡାକ୍ତର ଧନଞ୍ଜୟ ଦାସ ପରାମର୍ଶ ଦେଇଛନ୍ତି।



### ସାପ କାମୁଡ଼ିଛି ବୋଲି କେମିତି ଜାଣିବେ ?

ଶରୀରର ଯେଉଁ ସ୍ଥାନକୁ ସାପ କାମୁଡ଼ିଥାଏ ସେ ସ୍ଥାନରେ ଲାଲ ରଙ୍ଗ ପଡ଼ିଯିବା ସହ ଅଧିକ ଯନ୍ତ୍ରଣା ହୋଇଥାଏ। ସେହିଭଳି ରୋଗୀକୁ ବାନ୍ତି ଲାଗିବା ସହ ହୃତସ୍ପନ୍ଦନ ବୃଦ୍ଧି ହୋଇ ରୋଗୀ ସାମୟିକ ଭାବେ ଦୃଷ୍ଟିଶକ୍ତି ହରାଇଥାଏ। ଏଭଳିସ୍ଥିତିରେ ସାପ କାମୁଡ଼ିବାର ଦୁଇ ଘଣ୍ଟା ମଧ୍ୟରେ ରୋଗୀକୁ ହସ୍ପିଟାଲ୍‌ରେ ଚିକିତ୍ସିତ କରାଇଲେ ରୋଗୀ ସୁସ୍ଥ ହୋଇ ପାରିବ। ନଚେତ ମୃତ୍ୟୁ ହେବାର ଆଶଙ୍କା ଅଧିକ ରହିଛି ବୋଲି ଡାକ୍ତର ଦାସ କହିଛନ୍ତି।

## ୯୮ ଲକ୍ଷ ଠକେଇ; ୟୁପିରୁ ସାଇବର୍ ଠକ ଗିରଫ

ଭୁବନେଶ୍ୱର, ୧୨।୯ (ସମିସ): ୯୮ ଲକ୍ଷ ଠକେଇ ମାମଲାରେ ସାଇବର ଥାନା ପୁଲିସ ଜଣେ ଠକକୁ ଗିରଫ କରିଛି। ଉତ୍ତରପ୍ରଦେଶର ବିଜନୋରରୁ ଜଣେ ସାଇବର ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ନାମ ମହମ୍ମଦ ସଦାବ (୩୩)। ମହମ୍ମଦ ସଦାବ ଅଭିଯୋଗକାରୀଙ୍କ ଠାରୁ ୯୮ ଲକ୍ଷ ଟଙ୍କା ସାଇବର ଠକେଇ କରିଥିବା ନେଇ ଜୁଲାଇ ମାସରେ ଅଭିଯୋଗ ହୋଇଥିଲା। ଏନେଇ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଜୁନ୍ ୨୦୨୫ରେ ଅଭିଯୋଗକାରୀଙ୍କୁ ଏକ ହ୍ୱାଟ୍ସଆପ୍ ଗ୍ରୁପରେ ଯୋଗ ଦେବାକୁ ଏକ ହ୍ୱାଟ୍ସଆପ୍ ଲିଙ୍କ ଆସିଥିଲା। ଅଭିଯୁକ୍ତମାନେ ଆଇଆଇଏଫ୍‌ଏଲ ସିକ୍ୟୁରିଟିଜ୍ ଲିମିଟେଡର ଅଫିସିଆଲ୍ମାନଙ୍କ ଭୂମିକାରେ ଅଭିନୟ କରି ତାଙ୍କ ଲୋଗୋ ବ୍ୟବହାର କରିଥିଲେ। ସେମାନେ ଅଭିଯୋଗକାରୀଙ୍କୁ ଉଚ୍ଚ ଟ୍ରେଡିଂ ଲାଭର ପ୍ରଲୋଭନ ଦେଇ ଠକେଇ କରିଥିଲେ। ଜୁନ ମାସରେ ଅଭିଯୋଗକାରୀ ବିଭିନ୍ନ ପର୍ଯ୍ୟାୟରେ ମୋଟ ୯୮ ଲକ୍ଷ ଟଙ୍କା ନିବେଶ କରିଥିବା ବେଳେ ପରବର୍ତ୍ତୀ ସମୟରେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ତଦନ୍ତରେ ଜଣାପଡ଼ିଛି ଯେ, ଅଭିଯୁକ୍ତ ମୁହମ୍ମଦ ଶଦାବ ଏହି ଠକେଇରେ ସକ୍ରିୟ ଥିଲେ। ତାଙ୍କ ବିରୋଧରେ ପ୍ରାଥମିକ ପ୍ରମାଣ ସଂଗ୍ରହ ହୋଇଛି। ତାଙ୍କ ମୋବାଇଲ୍ ଫୋନ୍ ହ୍ୟାଣ୍ଡସେଟ୍ ଏବଂ ସିମ କାର୍ଡ ଜବତ କରାଯାଇଛି।

## ଦୋକାନରୁ ୨୮ ଲକ୍ଷ ଚଳୁ; କର୍ମଚାରୀ ଗିରଫ



ଭୁବନେଶ୍ୱର, ୧୨।୯ (ସମିସ): ଦୋକାନରୁ ୨୮ ଲକ୍ଷ ଟଙ୍କା ଚଳୁ କରିଥିବା ଅଭିଯୋଗରେ କର୍ମଚାରୀକୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ରମ୍ଭା ଥାନା ବ୍ରଜମୋହନପୁର ଗାଁର ପ୍ରଦୀପ ପଟ୍ଟନାୟକ (୩୪)।

ପୁଲିସ ସୂଚନା ଅନୁସାରେ, ଜଗନ୍ନାଥନଗରସ୍ଥିତ ଏକ ସନମାଇକା ହୋଲସେଲିଙ୍ଗ ଦୋକାନରେ ସେଲ୍ସମ୍ୟାନ ଭାବେ କାମ କରୁଥିବା ପ୍ରଦୀପ ଡିଲରଙ୍କଠାରୁ ଟଙ୍କା ସଂଗ୍ରହ ଦାୟିତ୍ୱରେ ଥିଲା। ପ୍ରଦୀପ ବିଭିନ୍ନ ଡିଲରଙ୍କ ଠାରୁ କୋଡ଼ିଏ ଲକ୍ଷ ଦଶ ହଜାର ତିନିଶହ ଚାଳିଶ ଟଙ୍କା ସଂଗ୍ରହ କରିଥିଲେ ମଧ୍ୟ ମାଲିକ ନବୀନ ଅଗ୍ରୱାଲଙ୍କ ନିକଟରେ ଜମା ଦେଇ ନ ଥିଲା। ଏଥିସହିତ ପ୍ରଦୀପ ରମ୍ଭାରେ ଥିବା ନିଜ ଦୋକାନ ପାଇଁ ନବୀନଙ୍କ ଦୋକାନରୁ ୪ ଲକ୍ଷ ୧୧ ହଜାର ଟଙ୍କାର ସନମାଇକା ମଧ୍ୟ କିଣିଥିଲା। ଏହା ବ୍ୟତୀତ ନୂତନ ବାଇକ୍ କିଣିବା ଓ ଅଗ୍ରୀମ ଦରମା ଆକାରରେ ନବୀନଙ୍କ ଠାରୁ ୨ ଲକ୍ଷ ୪୭ ହଜାର ଟଙ୍କା ନେଇଥିବା ବେଳେ ୩ଟି ପ୍ଲାଏଉଡ୍ ବାବଦକୁ ୮୨ ହଜାର ଟଙ୍କା ଦେବାର ଥିଲା। ନବୀନ ଟଙ୍କା ଫେରସ୍ତ ଲାଗି କହିବାରୁ ପ୍ରଦୀପ ସମୟ ମାଗିବା ସହ ଏକ ନୋଟାରି ଚୁକ୍ତି କରିଥିଲା। ହେଲେ ଚୁକ୍ତି ଅନୁସାରେ କୌଣସି ଟଙ୍କା ଫେରାଇ ନ ଥିଲା। ମୋଟ ୨୭ ଲକ୍ଷ ୫୨ ହଜାର ଟଙ୍କା ଠକି ନେଇଥିବା ନବୀନ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ରମ୍ଭା ଅଞ୍ଚଳରୁ ପ୍ରଦୀପକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଚୋରି ଅଭିଯୋଗରେ ଦୁଇ ଗିରଫ



ଭୁବନେଶ୍ୱର, ୧୨।୯ (ସମିସ): ମୋବାଇଲ ଚୋରି କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ହରେକୃଷ୍ଣ ବସ୍ତିର ବିଶ୍ୱରଞ୍ଜନ ଜେନା ଓରଫ ଲିଙ୍କନ (୨୦) ଓ ବିଶ୍ୱନାଥ ନାୟକ ଓରଫ ଟୁଲା (୨୨)।

ପୁଲିସ ସୂଚନା ଅନୁସାରେ, ଝାଡଖଣ୍ଡର ସନ୍ଦୀପ ପଣ୍ଡିତ ଶୈଳଶ୍ରୀ ବିହାର ଅନ୍ତର୍ଗତ ଜିଏ ପ୍ଲଟରେ ଥିବା ଏକ ନିର୍ମାଣଧୀନ କୋଠାରେ କାମ କରିବା ସହିତ ସେଠାରେ ଥିବା ଅସ୍ଥାୟୀ ଘରେ ରୁହନ୍ତି। ଗତ ବୁଧବାର ରାତିରେସନ୍ଦୀପ ଓ ଅନ୍ୟମାନେ କାମ ସାରି ଶୋଇ ପଡ଼ିଥିଲେ। ବିଳମ୍ବିତ ରାତିରେ ଲିଙ୍କନ ଓ ଟୁଲା ଘରେ ପଶି ମୋବାଇଲ ଫୋନ ଚୋରି କରି ନେଇଥିଲେ। ଏନେଇ ସନ୍ଦୀପ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ପାୱାର ଗ୍ରୀଡ ଅଫିସ ପଛ ପାଖରେ ଚଢଉ କରି ଲିଙ୍କନ ଓ ଟୁଲାକୁ ଗିରଫ କରିବା ସହ ୨ଟି ମୋବାଇଲ ଜବତ କରିଥିଲା।

## ବିମାନବନ୍ଦରରୁ ଦୁବାଇ ସିଗାରେଟ ଜବତ; ଜଣେ ଅଟକ

ଭୁବନେଶ୍ୱର, ୧୨।୯ (ସମିସ): ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ଜବତ ହୋଇଛି ଦୁବାଇ ସିଗାରେଟ୍ ଷ୍ଟିକ୍। ଜଣେ ଯାତ୍ରୀ ଇଣ୍ଡିଗୋ ଫ୍ଲାଇଟ୍‌ରେ ଏକ ଆଟାଚ ଭିତରେ ସିଗାରେଟ ପୂରାଇ ଭୁବନେଶ୍ୱର ଆଣୁଥିଲେ। ହେଲେ ଡି ଆ ର ଆ ଇ ଅଧିକାରୀଙ୍କ ସନ୍ଦେହ ହେବାରୁ ଉକ୍ତ ଯାତ୍ରୀକୁ ଯାଞ୍ଚ କରିବା ପରେ ୫୦ ହଜାର ଟଙ୍କାର ଦାମୀ ସିଗାରେଟ ମିଳିଥିଲା। ଉକ୍ତ ଯାତ୍ରୀଙ୍କ ଘର ପଞ୍ଜାବ ହୋଇଥିବା ବେଳେ ଏଠାରେ ସେ ଦାମୀ ସିଗାରେଟ୍ କଣ ପାଇଁ ଆଣିଥିଲେ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଟ୍ୟାକ୍ସ ଫାଙ୍କିବା ପାଇଁ ଏଭଳି ଢଙ୍ଗରେ ବିମାନରେ ଦାମୀ ସିଗାରେଟ ଆଣୁଛନ୍ତି ଯାତ୍ରୀମାନେ। ଏହା ପଛରେ ଏକ ବଡ଼ ରାକେଟ୍ କାମ କରୁଛି। ସେମାନେ ଦୁବାଇ ବୁଲିବାକୁ ଯାଇ ଦାମୀ ସିଗାରେଟ୍ ଲୁଚାଇ ଓଡ଼ିଶା ଆଣି ଏଠାରେ ଚଢା ଦାମ୍‌ରେ ବିକ୍ରି କରୁଛନ୍ତି।



## ଅମିଷ ଭୋଜିକୁ ନେଇ ଗଣ୍ଡଗୋଳ ଘଟଣାରେ ଜଣେ ଗିରଫ

ଭୁବନେଶ୍ୱର, ୧୨।୯ (ସମିସ): ଚନ୍ଦ୍ର ଗହଣ ସମୟରେ ଆମିଷ ଭୋଜିକୁ ନେଇ ଗଣ୍ଡଗୋଳ ଘଟଣାରେ ଲିଙ୍ଗରାଜ ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ନାମ ଆଲୋକ ସେଠୀ ଓ ତାଙ୍କ ଘର ବରଗଡ଼ ଥାନା ଅନ୍ତର୍ଗତ ବାଙ୍କୁଆଳ। ଏନେଇ ଅଭିଯୋଗକାରିଣୀ ଟିକିନା ପରିଡ଼ା ଥାନାରେ ଲିଖିତ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ସୂଚନାଯୋଗ୍ୟ ଯେ, ଟିକିନା ପରିଡ଼ା ଅନ୍ୟ କିଛି ବ୍ୟକ୍ତିଙ୍କ ସହି ମିଶି ଏକ ସଂଗଠନ ଗଠନ କରିଥିଲେ। ଟାଙ୍ଗୀସ୍ଥିତ ପ୍ଲଟ୍ ନଂ-୪୯୯ ରେ ଥିବା କୋଠାର ଦ୍ୱିତୀୟ ମହଲାରେ ଥିବା ସଂଗଠନର କାର୍ଯ୍ୟାଳୟରେ ଗତ ୭ ତାରିଖ ଚନ୍ଦ୍ର ଗହଣ ଦିନ ଆମିଷ ଭୋଜି କରୁଥିଲେ। ଏହି ସମୟରେ ଆଲୋକ କିଛି ସହଯୋଗୀଙ୍କ ସହ ଟିକିନାଙ୍କ ଅଫିସ ଆଗରେ ହୋ ହାଲ୍ଲା କରିଥିଲେ। ପରେ ସେମାନେ ହଠାତ୍ ହିଂସାତ୍ମକ ହୋଇ ଟିକିନାଙ୍କୁ ମରଣାନ୍ତକ ଆକ୍ରମଣ କରିବା ଲାଗି ତଥା କାର୍ଯ୍ୟାଳୟକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ କୋଠାର ମୁଖ୍ୟ ଗେଟ ଦେଇ ବଳପୂର୍ବକ ଭିତରକୁ ପଶିଥିଲେ। ଘର ମାଲିକ ସେମାନଙ୍କୁ ବାଧା ଦେବାରୁ ଦଳୀୟ ସଦସ୍ୟମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ ଏବଂ ଘରର ଦ୍ୱିତୀୟ ମହଲାରେ ଥିବା କାର୍ଯ୍ୟାଳୟକୁ ଯାଇ ସେଠାରେ ଟିକିନାଙ୍କୁ ଖୋଜିଥିଲେ। କିନ୍ତୁ ଟିକିନା ପରିଡ଼ା କିମ୍ବା ତାଙ୍କ ସହକର୍ମୀମାନଙ୍କୁ ସେଠାରେ ନପାଇବାରୁ ସେମାନେ ଅଶ୍ରାବ୍ୟ ଭାଷରେ ଗାଳିଗୁଲଜ କରିବା ପୂର୍ବକ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ସେଠାରେ ଥିବା ଚେୟାର, ଟେବୁଲ, କାଚ ଦ୍ୱାର ଇତ୍ୟାଦିକୁ ଭାଙ୍ଗି ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଥିଲା।

## ଗଞ୍ଜେଇ ବେପାରୀ ଗିରଫ



ଭୁବନେଶ୍ୱର, ୧୨।୯ (ସମିସ): ଗଞ୍ଜେଇ ବିକ୍ରି କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପଟିଆ ରାଉତ ସାହିର କାହ୍ନୁଚରଣ ମହାରଣା (୬୫)। ପୁଲିସ ସୂଚନା ଅନୁସାରେ, ପଟିଆ ଖେଳପଡ଼ିଆ ନିକଟରେ ଅତର୍କିତ ଗଞ୍ଜେଇ ବେପାର ହେଉଥିବା ଖବରପାଇ ଚନ୍ଦ୍ରଶେଖରପୁର ଥାନା ପୁଲିସ ଚଢ଼ଉ କରିଥିଲା। ସେଠାରୁ କାହ୍ନୁଚରଣକୁ ଅଟକ ରଖି ଯାଞ୍ଚ କରିଥିଲା। ଛାନଭିନ ସମୟରେ ମୋଟ ୩.୭ କିଲୋ ଗଞ୍ଜେଇ, ଗୋଟିଏ ମୋବାଇଲ ଫୋନ ଓ ୧୦ ହଜାର ଟଙ୍କା ଜବତ କରିଥିଲା। ସେ କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ସଂଗ୍ରହ କରି ଆଣି ଭୁବନେଶ୍ୱରରେ ବିକ୍ରି କରୁଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା। ଏନେଇ ଚନ୍ଦ୍ରଶେଖରପୁର ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି କାହ୍ନୁଚରଣକୁ କୋର୍ଟ ଚାଲାଣ କରିଛି।

### ପାର୍ଟପ୍ଲଟ ପଞ୍ଜୀକରଣ ସମସ୍ୟାକୁ ନେଇ ଅସନ୍ତୋଷ

## ମାସେ ଭିତରେ ସମାଧାନ ନ ହେଲେ ଆନ୍ଦୋଳନ



### ରାଜସ୍ୱ ବିଭାଗ ହରାଇଲାଣି ୫୦୦ କୋଟିର ରାଜସ୍ୱ

ଭୁବନେଶ୍ୱର, ୧୨।୯ (ସମିସ): ପାର୍ଟପ୍ଲଟ୍ ପଞ୍ଜୀକରଣକୁ ନେଇ ରାଜ୍ୟର ବିଭିନ୍ନ ସବ୍‌ରେଜିଷ୍ଟର ଅଫିସ୍ ମାନଙ୍କରେ ଦୀର୍ଘ ଏକ ବର୍ଷରୁ ଅଧିକ ସମୟ ଧରି ଅଚଳାବସ୍ଥା ଜାରି ରହିଛି। ଏହାଦ୍ୱାରା ରାଜସ୍ୱ ବିଭାଗର ପ୍ରାୟ ୫୦୦ କୋଟି ଟଙ୍କାର ରାଜସ୍ୱହାନୀ ହୋଇସାରିଥିବା ବେଳେ ଲୋକମାନେ ମଧ୍ୟ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ବଡ଼ କଥା ହେଉଛି ଅନେକ ଲୋକ ଜରୁରୀ କାମ ଯଥା ବାହାଘର, ପିଲାଙ୍କ ପାଠପଢ଼ା ଓ ଚିକିତ୍ସା ଆଦି ପାଇଁ ଜମି ବିକିବାକୁ ଚାହୁଁଥିଲେ ମଧ୍ୟ ସରକାରୀ ଗୋଲକ ଧନ୍ଧାରେ ଫସି ଜମି ବିକିପାରୁନାହାନ୍ତି। ଯାହାକୁ ଜନ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି ବୋଲି ଓଡ଼ିଶା ବିକାଶ ଅଭିଯାନ ଅଭିଯୋଗ କରିଛି। ଏହାସହ ଆଗାମୀ ମାସେ ମଧ୍ୟରେ ଯଦି ଏହି ସମସ୍ୟାର ସମାଧାନ ନ ହୁଏ ତେବେ ଓଡ଼ିଶା ବିକାଶ ଅଭିଯାନ ଆଇନଗତ ଲଢ଼େଇ ଲଢ଼ିବା ସହ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବ ବୋଲି ଆଜି ଅଭିଯାନ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଛି।

ଅଭିଯାନ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ରାଜ୍ୟ ସରକାର ୨୦୧୩ ମସିହାରେ ଭାରତୀୟ ପଞ୍ଜିକରଣ ଆକ୍ଟ-୧୯୦୮ର ଧାରା ୨୨ଏ(୧) ମାଧ୍ୟମରେ ସବ୍‌ରେଜିଷ୍ଟ୍ରାର ମାନଙ୍କୁ ଅଖଣ୍ଡ କ୍ଷମତା ପ୍ରଦାନ କରିଥିଲେ। ଏହି ସଂଶୋଧିତ ଆଇନ୍ ଅନୁଯାୟୀ ଯଦି କୌଣସି ଅସ୍ଥାବର ସମ୍ପତ୍ତିର ହସ୍ତାନ୍ତର କୌଣସି ରାଜ୍ୟ କିମ୍ବା କେନ୍ଦ୍ରିୟ ଆଇନ୍ ଅନୁଯାୟୀ ନିଷିଦ୍ଧ ହୋଇଥାଏ ତାହାହେଲେ ସବ୍‌ରେଜିଷ୍ଟ୍ରାରମାନେ ତାହାକୁ ପଞ୍ଜିକରଣ କରିବାକୁ ପ୍ରତ୍ୟାଖ୍ୟାନ କରିପାରିବେ। ଏହି ସଂଶୋଧବତ ଆଇନ ତା ୧୫ ଫେବୃଆରୀ ୨୦୧୪ ରେ ପ୍ରଣୟନ ହୋଇଥିଲେ ମଧ୍ୟ ବିଶେଷ ଭାବେ ଏହାକୁ ଲାଗୁ କରାଯାଉ ନ ଥିଲା। କିନ୍ତୁ ଗତ ଦୁଇ ବର୍ଷ ତଳେ ସବ୍‌ରେଜିଷ୍ଟ୍ରାରମାନେ ଏହି ଆଇନକୁ ଆଳକରି ସାଧାରଣ ଲୋକଙ୍କର ଜମି ପଞ୍ଜିକରଣ କରିବାକୁ ମନା କରିବା ସହ ଏହାକୁ ଅସ୍ତ୍ର କରି ଭ୍ରଷ୍ଟାଚାର ଆରମ୍ଭ କଲେ। ୨୦୨୪ରେ ଓଡ଼ିଶା ବିକାଶ ଅଭିଯାନ ଆନୁଷ୍ଠାନିକ ଭାବରେ ଏହି ସମସ୍ୟାକୁ ସରକାରଙ୍କ ନଜରକୁ ଆଣି ଏହାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଓ ଆଇନ୍ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲା। ଇତି ମଧ୍ୟରେ ଗୋଟିଏ ବର୍ଷ ବିତିଯାଇଥିଲେ ମଧ୍ୟ ରାଜସ୍ୱ ବିଭାଗ ପକ୍ଷରୁ ଏ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ବରଂ ରାଜସ୍ୱ ବିଭାଗ ନିଜ ମୁଣ୍ଡରେ ବୋଳାଯାଇଥିବା ଅଠାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ମୁଣ୍ଡରେ ବୋଳି ଏହି ସମସ୍ୟାକୁ ଅଧିକ ଜଟିଳ କରି ଦେଇଛି। ତେଣୁ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ବିକାଶ ଅଭିଯାନର ମ୍ୟାନେଜି ଟ୍ରଷ୍ଟି ପ୍ରଦୀପ କୁମାର ସାହୁ ସରକାର ସାଧାରଣ ଲୋକଙ୍କର ସାମ୍ବିଧାନିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛନ୍ତି ବୋଲି କହିବା ସହ ଏହାଦ୍ୱାରା ସରକାରଙ୍କର ଶହ ଶହ କୋଟି ଟଙ୍କାର ରାଜସ୍ୱ ହାନୀ ହେଉଛି ବୋଲି କହିଛନ୍ତି।

### ନିଖୋଜଙ୍କୁ ଗୁରୁତ୍ୱ ଦେଉନି କମିସନରେଟ୍ ପୁଲିସ

# ପଞ୍ଜୀକରଣ ପ୍ରବଳ; ତଦନ୍ତରେ କୋହଳ

■ କିଏ ମିଳୁନି ତ କାହାର ମୃତଦେହ ମିଳୁଛି

■ ୫ ମାସ ହେବ ନିଖୋଜ ଅଛନ୍ତି କନଷ୍ଟେବଲ ବିଶ୍ୱଜିତ

ଭୁବନେଶ୍ୱର, ୧୨।୯ (ସମିସ): ରାଜଧାନୀରୁ ପ୍ରତିଦିନ ନାବାଳକ ଓ ନାବାଳିକା ଅପହରଣ ହେଉଥିବା ବେଳେ କେହି ନା କେହି ନିଖୋଜ ହେଉଛନ୍ତି। ସେମାନେ ଘରକୁ ନ ଫେରିବାରୁ ପରିବାର ଲୋକେ ନିକଟସ୍ଥ ଥାନାର ଦ୍ୱାରସ୍ଥ ହେଉଛନ୍ତି। ନିୟମ ଅନୁସାରେ, ୧୮ ବର୍ଷରୁ କମ୍ ବୟସର ପିଲା ନିଖୋଜ ହୋଇଥିଲେ ପୁଲିସ ଅପହରଣ ମାମଲା ରୁଜୁ କରୁଥିବା ବେଳେ ଅଧିକ ବୟସ ଲୋକ ହୋଇଥିଲେ ମ୍ୟାନ ମିସିଂ ରିପୋର୍ଟ (ଏମ୍‌ଏମ୍‌ଆର୍) ପଞ୍ଜୀକରଣ କରୁଛି। ଅପହରଣ ମାମଲାକୁ ପୁଲିସ ଯେତିକି ଗୁରୁତ୍ୱ ମିଳୁଛି, ଏମ୍‌ଏମ୍‌ଆରକୁ ସେତିକି ଅଗ୍ରାଧିକାର ଦେଉନାହିଁ। ଫଳରେ କାହାର ଦୀର୍ଘବର୍ଷ ଯାଏଁ ପତ୍ତା ମିଳୁ ନ ଥିବା ବେଳେ ଆଉ କାହାର ମୃତଦେହ ଠାବ ହେଉଛି। ଟ୍ରାଫିକରେ କାର୍ଯ୍ୟରତ ମହିଳା କନେଷ୍ଟବଳ ଶୁଭମିତ୍ରା ସାହୁ ସପ୍ତାହେ ହେବ ନିଖୋଜ ଥିଲେ ମଧ୍ୟ ପୁଲିସ ତାଙ୍କୁ ଠାବ ନ କରି ପାରିବା ଘଟଣାରୁ ଏମ୍‌ଏମ୍‌ଆରକୁ କେତେ ଗୁରୁତ୍ୱ ଦିଆଯାଉ ନ ଥିବା ସ୍ପଷ୍ଟ ହୋଇଛି।

ସୂଚନାନୁସାରେ, ରାଜଧାନୀର ବିଭିନ୍ନ ଥାନାରେ ପ୍ରତିଦିନ ୫ରୁ ୧୦ଟି ୧୮ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ନିଖୋଜ ହେଉଥିବା ନେଇ ଅଭିଯୋଗ ଆସୁଛି। ଯୁବତୀ, ମହିଳାଙ୍କ ଠାରୁ ଆରମ୍ଭ କରି ବୟସ୍କ ଲୋକମାନଙ୍କୁ ନ ପାଇ ପରିବାର ଲୋକେ ଥାନାରେ ଦ୍ୱାରସ୍ଥ ହେଉଛନ୍ତି। ପୁଲିସ ସେମାନଙ୍କ ଅଭିଯୋଗ ଅନୁସାରେ ମ୍ୟାନ ମିସିଂ ରିପୋର୍ଟ ପଞ୍ଜୀକରଣ କରୁଛି। ବୟସ୍କ ଲୋକମିନେ ପିଲାମାନଙ୍କ ଉପରେ ରାଗି ଘର ଛାଡୁଥିବା ବେଳେ ଯୁବତୀ ଓ ମହିଳାମାନେ ପୁରୁଷ ବନ୍ଧୁଙ୍କ ସହିତ ଚାଲି ଯିବାର ନଜିର ରହିଛି। ଏହି ସବୁ କଥାକୁ ପୁଲିସ ଏକପ୍ରକାର ଢାଲ କରୁଛି। ଏମ୍‌ଏମ୍‌ଆର୍ ପଞ୍ଜୀକରଣ ପରେ ପ୍ରେମ ଓ ପରକୀୟା ପ୍ରୀତି ଦ୍ୱାହି ଦେଇ ପୁଲିସ ଦୂରେଇ ରହୁଥିବା ଅଭିଯୋଗ ହେଉଛି। ଏବେ ନୁହେଁ, ବରଂ ପୂର୍ବରୁ ମଧ୍ୟ ପୁଲିସ ଏମ୍‌ଏମ୍‌ଆରକୁ ଗୁରୁତ୍ୱ ଦେଉ ନ ଥିବାର ନଜିର ରହିଛି। ପାତ୍ରପଡ଼ା ଅଞ୍ଚଳରେ ଘରୋଇ ସହାୟିକା ଭାବେ କାମ କରୁଥିବା ରଣପୁର ଥାନା ହରିପୁରର ନିରୁପମା ପରିଡ଼ା (୨୫) ଗତ ଜାନୁଆରୀ ୨୪ ତାରିଖ ଠାରୁ ନିଖୋଜ ହୋଇ ଯାଇଥିଲେ। ଏନେଇ ଭରତପୁର ଥାନାରେ ଅଭିଯୋଗ ହେବାପରେ ପୁଲିସ ଏମ୍‌ଏମ୍‌ଆର (ମ୍ୟାନ ମିସିଂ ରିପୋର୍ଟ) ପଞ୍ଜିକରଣ କରିଥିଲା। ହେଲେ ତାଙ୍କୁ ଖୋଜିବା କି ଠାବ କରିବା ପାଇଁ ଉଦ୍ୟମ କରିନଥିଲା। ପରିବାର ଲୋକେ ନିରୁପମାଙ୍କ ପ୍ରେମିକ ଦେବାଶିଷକୁ ସନ୍ଦେହ କରି ଅଭିଯୋଗ କରିଥିଲେ ବି କୌଣସି ସୁଫଳ ମିଳି ନ ଥିଲା। ନିଖୋଜର ୭ ମାସ ପରେ ପୁଲିସ ଦେବାଶିଷକୁ ଗିରଫ କରିବା ସହ ତାପଙ୍ଗ ଖଣିରୁ ନିରୂପମାଙ୍କ କଙ୍କାଳ ଜବତ କରିଥିଲା। ପୁଲିସ ଏମ୍‌ଏମ୍‌ଆରକୁ ଗୁରୁତ୍ୱ ନ ଦେବାରୁ ନିରୂପମା ହତ୍ୟାର ଶିକାର ହେଲେ ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ।

ସେପଟେ କଟକ ଜିଲ୍ଲା କାନପୁର ଥାନା ବାଲିଝରି ଗାଁର ବିଶ୍ୱଜିତ ନାୟକ କମିସନରେଟ ପୁଲିସରେ କନେଷ୍ଟବଳ ଭାବେ ନିଯୁକ୍ତି ପାଇଥିଲେ। ତମାଣ୍ଡୋ ଥାନାରେ କାର୍ଯ୍ୟରତ ଥିବା ବିଶ୍ୱଜିତ ଗତ ଏପ୍ରିଲ ମାସରୁ ନିଖୋଜ ଅଛନ୍ତି। ପରିବାର ଲୋକେ ଏ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏମ୍‌ଏମ୍‌ଆର ପଞ୍ଜିକରଣ କରିଛି। ହେଲେ ଏଯାଏଁ ବିଶ୍ୱଜିତଙ୍କୁ ଠାବ କରି ପାରିନାହିଁ। ଖୋଦ୍ ନିଖୋଜ ପୁଲିସ କର୍ମଚାରୀଙ୍କୁ କମିସନରେଟ ପୁଲିସ ପାଉ ନ ଥିବା ବେଳେ ସାଧାରଣ ଲୋକଙ୍କ ଏମ୍‌ଏମ୍‌ଆରକୁ କେତେ ଗୁରୁତ୍ୱ ମିଳୁଥିବ, ତାହା ଏଥିରୁ ଅନୁମେୟ।

## ମହିଳା କନଷ୍ଟେବଲ ନିଖୋଜ

### ସପ୍ତାହେ ପରେ ବି ମିଳୁନି ପତ୍ତା

### ଘୋଷଣା ହେଲା ପୁରସ୍କାର ରାଶି




ରାଜଧାନୀରେ କାର୍ଯ୍ୟରତ ମହିଳା ଟ୍ରାଫିକ କନେଷ୍ଟବଳ ନିଖୋଜ ହୋଇ ଯାଇଛନ୍ତି। ନିଖୋଜ କନେଷ୍ଟବଳ ହେଉଛନ୍ତି ଖୋର୍ଦ୍ଧା ପିଚୁକୁଳିର ଶୁଭମିତ୍ରା ସାହୁ (୨୫)। ଅଭିଯୋଗ ଅନୁଯାୟୀ, ସୂର୍ଯ୍ୟନଗର ଅଞ୍ଚଳରେ ରହୁଥିବା ଶୁଭମିତ୍ରା ଟ୍ରାଫିକ କନେଷ୍ଟବଳ ଭାବେ କାମ କରନ୍ତି। ଗତ ୬ ତାରିଖ ଦିନ ଡ୍ୟୁଟିକୁ ବାହାରି ଯାଇଥିଲେ। ହେଲେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରକୁ ଫେରିନଥିଲେ। ପରିବାର ଲୋକେ ଯୋଗାଯୋଗ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା। ଏନେଇ ତାଙ୍କ ମାଆ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏମ୍‌ଏମ୍‌ଆର (ମ୍ୟାନ ମିସିଂ ରିପୋର୍ଟ) ପଞ୍ଜୀକରଣ କରିଥିଲା। ହେଲେ ନିଖୋଜକୁ ସପ୍ତାହେ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଶୁଭମିତ୍ରାଙ୍କୁ ଠାବ କରିପାରିନାହିଁ। ଖୋଦ୍ ପୁଲିସ କନେଷ୍ଟବଳଙ୍କୁ ଖୋଜି ନ ପାରିବା କମିସନରେଟ ପୁଲିସ ପାରିବା ପଣିଆକୁ ପଦାରେ ପକାଇଛି। ସେପଟେ ୬ ଦିନ ହେବ ଚୁପ୍ ବସିଥିବା ପୁଲିସ ହଠାତ୍ ଆଜି ସକ୍ରିୟ ହୋଇଯାଇଛି। ନିଖୋଜ କନେଷ୍ଟବଳଙ୍କୁ ଠାବ କରିବା ଲାଗି ଶୁକ୍ରବାର ସନ୍ଧ୍ୟାରେ କମିସନରେଟ ପୁଲିସ ପକ୍ଷରୁ ପୁରସ୍କାର ରାଶି ଘୋଷଣା କରାଯାଇଛି। ଶୁଭମିତ୍ରାଙ୍କ ବିଷୟରେ ସୂଚନା ଦେଲେ ପରିଚୟ ଗୋପନ ରଖାଯିବା ସହ ୨୫ ହଜାର ଟଙ୍କା ପୁରସ୍କାର ରାଶି ଦିଆଯିବ ବୋଲି ପୁଲିସ କହିଛି।

## ପେଟ୍ରୋଲ ଢାଳିହୋଇ ଆତ୍ମଦାହ ଉଦ୍ୟମ କରିଥିବା ଯୁବକ ମୃତ

ବ୍ରହ୍ମପୁର,୧୨।୯ (ସମିସ): ନିଜ ଶରୀରରେ ପୋଟ୍ରୋଲ ଢାଳି ଆତ୍ମାହୂତି ଉଦ୍ୟମ କରିଥିବା ତଳମେଣ୍ଟୁ ଛକର ଯୁବକ ସୁରଜ ସାହୁ(୨୧)ଙ୍କ ଶୁକ୍ରବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସୂଚନାଥାଉକି, କୌଣସି କାରଣକୁ ନେଇ ବୁଧବାର ରାତି ସାଢେ ୮ଟା ବେଳେ ତଳମେଣ୍ଟୁ ଛକରେ ଥିବା ନିଜ ଜଳଖିଆ ଦୋକାନ ନିକଟରେ ସୁରଜ ପୋଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ୨ ଦିନ ଧରି ଡାକ୍ତରଖାନାରେ ଜୀବନ ସହ ସଂଘର୍ଷ କରିବା ପରେ ଡାକ୍ତରମାନେ ସୁରଜଙ୍କୁ ଆଜି ସନ୍ଧ୍ୟାରେ ମୃତ ଘୋଷଣା କରିଥିଲେ।

## ଟ୍ରକ ଧକ୍କାରେ ସ୍ତ୍ରୀ' ମୃତ, ସ୍ୱାମୀ ଗୁରୁତର

● ମହିଳାଙ୍କ ଉପରେ ଚଢ଼ିଗଲା ଟ୍ରକ୍

ବ୍ରହ୍ମପୁର,୧୨।୯ (ସମିସ): ସ୍ଥାନୀୟ ଡୁଡୁମା କଲୋନୀ ଛକରେ ଶୁକ୍ରବାର ଅପରାହ୍ନରେ ଟ୍ରକ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳା ଜଣଙ୍କ ଖୋଡ଼ାସିଂ ରାଜୀବ ନଗରର ସବିତା ପଣ୍ଡା। ତାଙ୍କ ସ୍ୱାମୀ ବିଘ୍ନେଶର ପଣ୍ଡା ଗୁରୁତର ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ବିଘ୍ନେଶ୍ୱର ସ୍ତ୍ରୀ ସବିତାଙ୍କୁ ନେଇ ଆମ୍ବଗଡ଼ରେ ରହୁଥିବା ତାଙ୍କ ଶ୍ୱଶୁର ଘରକୁ ଯାଇଥିଲେ। ଅପରାହ୍ନରେ ସ୍କୁଟି ଯୋଗେ ବ୍ରହ୍ମପୁରକୁ ଫେରୁଥିଲେ। ଆମ୍ବଗଡ ଛକରେ ଦିଗପହଣ୍ଡି ପଟୁ ଆସୁଥିବା ଏକ ମାଲ୍ ବୋଝେଇ ଟ୍ରକ୍ (ନଂ-ଓଡ଼ି୦୭ଏଜି-୫୯୪୧) ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି ପଛରେ ବସିଥିବା ସବିତା ରାସ୍ତା ଉପରେ ଛିଟିକି ପଡି ଯାଇଥିଲେ। ଟ୍ରକଟି ସବିତାଙ୍କ ଉପରେ ମାଡ଼ି ଯାଇଥିଲା। ଖବର ପାଇ ଟ୍ରାଫିକ ପୁଲିସ ପହଞ୍ଚି ଗୁରୁତର ଦମ୍ପତ୍ତିଙ୍କୁ ଏମକେସିଜି ମେଡିକାଲ ପଠାଇଥିଲା। ସେଠାରେ ଡାକ୍ତର ସମିତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ସ୍ୱାମୀ ଏବେ ଚିକିତ୍ସିତ ଅଛନ୍ତି। ପୁଲିସ ଟ୍ରକ ଓ ସ୍କୁଟି ଜବତ କରିଛି। ମୃତ ମହିଳାଙ୍କ ଭାଇ ସନ୍ତୋଷ ପାଣିଗ୍ରାହୀଙ୍କ ଅଭିଯୋଗ ଅନୁଯାୟୀ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ଗୋଟିଏ ଦିନରେ ୨ ମହିଳାଙ୍କ ବେକରୁ ସୁନା ଅଳଙ୍କାର ଲୁଟ୍

ବ୍ରହ୍ମପୁର,୧୨।୯ (ସମିସ): ପାର୍ବଣ ଆସୁଥିବାବେଳେ ପୁଣି ସହର ଓ ଉପକଣ୍ଠରେ ସକ୍ରିୟ ହେଲେ ଲୁଟେରା ଗ୍ୟାଙ୍ଗ। ଗୋଟିଏ ଦିନରେ ଦୁଇ ମହିଳାଙ୍କ ବେକରୁ ସୁନା ଅଳଙ୍କାର ଲୁଟ୍ ହୋଇଛି। ଗତ ୧୦ତାରିଖ ସାଢ଼େ ୬ଟାରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ହାତୀବନ୍ଧ ସାହିରେ ଥିବା ଜଗନ୍ନାଥ ମନ୍ଦିର ନିକଟରୁ ଜଣେ ବୃଦ୍ଧାଙ୍କ ବେକରୁ ମଙ୍ଗଳସୂତ୍ର ଲୁଟ୍ ହୋଇଥିବା ବେଳେ ସନ୍ଧ୍ୟା ୬ଟାରେ ସଦର ଥାନା ଅନ୍ତର୍ଗତ କୁକୁଡ଼ାଖଣ୍ଡି ତହସିଲ ଅଫିସ ନିକଟରେ ଜଣେ ମହିଳାଙ୍କ ବେକରୁ ସୁନା ଚେନ ଲୁଟ୍ ହୋଇଥିଲା। ଥାନାରେ ଅଭିଯୋଗ ପରେ ପୁଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ କରିବା ସହ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ଯେ, କେ.ନୂଆଗାଁ ଥାନା ଅନ୍ତର୍ଗତ ସିନ୍ଧିଖାଲି ଗ୍ରାମର ଅନିଲ କୁମାର ପ୍ରଧାନ ଗତ ୧୦ ତାରିଖ ଅପରାହ୍ନ ୫.୫୦ରେ ନିଜ ସ୍ତ୍ରୀ ଏବଂ ଝିଅ ସହିତ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ସ୍ଥାନୀୟ କୁକୁଡ଼ାଖଣ୍ଡି ତହସିଲ ଅଫିସ ନିକଟରେ ଦୁଇଜଣ ବ୍ୟକ୍ତି ପଛରୁ ବାଇକ୍‌ରେ ଆସି ଅନିଲଙ୍କ ସ୍ତ୍ରୀଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇଥିଲେ। ଏନେଇ ସଦର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ମହିଳାଙ୍କ ସୁନା ଅଳଙ୍କାର ଲୁଟିନେଲେ ଏମ୍‌କେସିଜିର ଦଲାଲ

ବ୍ରହ୍ମପୁର,୧୨।୯ (ସମିସ): ଏମକେସିଜି ମେଡିକାଲକୁ ଚିକିତ୍ସା ପାଇଁ ଯାଇଥିବା ଜଣେ ମହିଳାଙ୍କ ଠାରୁ ଲଧାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ ହୋଇଛି। ଏମକେସିଜିରେ ଦଲାଲି କରୁଥିବା ଜଣେ ଯୁବକ ସୁନା ଅଳଙ୍କାର ସହ ନଗଦ ଟଙ୍କା ଧରି ଚମ୍ପଟ ମାରିବା ନେଇ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନାପ୍ରକାରେ, ଧରାକୋଟ ବ୍ଲକ ଅନ୍ତର୍ଗତ ସୁନାମୁଇଁ ଗ୍ରାମର କେଶବ ସ୍ୱାଇଁ ପତ୍ନୀ ମଞ୍ଜୁଙ୍କୁ ଧରି ଗୁରୁବାର ବ୍ରହ୍ମପୁର ବଡ଼ ମେଡିକାଲକୁ ଚିକିତ୍ସା ପାଇଁ ଆସିଥିଲେ। ସେମାନେ ମେଡିକାଲରେ ପହଞ୍ଚିବା ପରେ ଜଣେ ଯୁବକ ତାଙ୍କ ନିକଟକୁ ଆସି ଚିକିତ୍ସା ପାଇଁ ସହଯୋଗ କରି ମାଗଣାରେ ରକ୍ତ ପରୀକ୍ଷା ଓ ଏକ୍ସ-ରେ କରାଇଦେବ ବୋଲି କହିଥିଲା। ସଂପୃକ୍ତ ଯୁବକଙ୍କ କଥାରେ ପଡି ମଞ୍ଜୁ ଏକ୍ସ-ରେ କରାଇବାକୁ ବିଭାଗକୁ ଯାଇଥିଲେ। ତେବେ ଏହା ପୂର୍ବରୁ ଯୁବକ ଜଣକ ମଞ୍ଜୁଙ୍କୁ ସମସ୍ତ ସୁନା ଅଳଙ୍କାର ବାହାର କରି ଦେବାକୁ କହିଥିଲା। ଏକ୍ସ-ରେ ବେଳେ ଅଳଙ୍କାର ପିନ୍ଧିହେବ ନାହିଁ ବୋଲି କହିବାରୁ ସେମାନେ ସମସ୍ତ ସୁନା ଅଳଙ୍କାର ଓ ଟଙ୍କା ମୋବାଇଲ ତାଙ୍କୁ ଦେଇଥିଲେ। ମଞ୍ଜୁ ପିନ୍ଧିଥିବା ଏକ ସୁନା ହାର, ସୁନା କାନଫୁଲ, ସୁନା ନାକଫୁଲ ସହ ମୋବାଇଲ ସଂପୃକ୍ତ ଯୁବକଙ୍କୁ ଦେଇଥିଲେ। କାମସାରି ବାହାରକୁ ଆସି ଆଉ ଯୁବକଙ୍କୁ ପାଇନଥିଲେ। ଏନେଇ ମଞ୍ଜୁ ନିଜ ସ୍ୱାମୀ କେଶବଙ୍କୁ ଜଣାଇଥିଲେ। ଉଭୟ ସ୍ୱାମୀ-ସ୍ତ୍ରୀ ମିଶି ସଂପୃକ୍ତ ଯୁବକଙ୍କୁ ଏମ୍‌କେସିଜିର ବିଭିନ୍ନ ବିଭାଗ ବୁଲି ବୁଲି ଖୋଜିଥିଲେ ବି ପତ୍ତା ମିଳିନଥିଲା। ଏହାପରେ ଥାନାକୁ ଯାଇ ଏତଲା ଦେଇଥିଲେ। ପୁଲିସ ତାଙ୍କ ଅଭିଯୋଗପ୍ରକାରେ ଏମକେସିଜିରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ସଂପୃକ୍ତ ଯୁବକଙ୍କୁ ଠାବ କରିବାକୁ ଉଦ୍ୟମ ଜାରି ରଖିଛି।

ଅନ୍ଧାରରେ ଏମ୍‌କେସିଜି ଏସ୍‌ଏସ୍ କୋଠା

# ପ୍ୟାନେଲ ବୋର୍ଡ ଅଚଳ; ମୋବାଇଲ ଫ୍ଲାସ୍‌ରେ ଚିକିତ୍ସା





ବ୍ରହ୍ମପୁର,୧୨।୮ (ସମିସ): ଏମକେସିଜି ମେଡ଼ିକାଲ ପରିସରରେ ଥିବା ସୁପର ସ୍ପେସିଆଲିଟି (ଏସଏସ) କୋଠାରେ ବିଦ୍ୟୁତ୍ ସମସ୍ୟା କାରଣରୁ ଅନ୍ଧକାର ହୋଇଯାଇଛି। ପ୍ୟାନେଲ ବୋଡର୍ ଅଚଳରୁ ପ୍ରାୟ ୩ଘଣ୍ଟା ଧରି କୋଠାକୁ ବିଦ୍ୟୁତ ସଂଯୋଗ ବନ୍ଦ ରହିଥିଲା। ଫଳରେ ରୋଗୀଙ୍କ ଚିକିତ୍ସା ଓ ସେବାରେ ବିଭିନ୍ନ ସମସ୍ୟା ଦେଖିବାକୁ ମିଳିଥିଲା। ଖବର ପାଇ ସାଧାରଣ ବିଦ୍ୟୁତ ବିଭାଗ(ଜିଇଡି)ର ଏସ୍‌ଡିଓ ରାଜେଶ କୁମାର ପ୍ରଧାନ, କନିଷ୍ଠ ଯନ୍ତ୍ରୀ ମମତା ପାଣିଗ୍ରାହୀ ଓ ଟାଟା ପାୱାରର କର୍ମଚାରୀମାନେ ପହଞ୍ଚି କୋଠାକୁ ବିଦ୍ୟୁତ ସଂଯୋଗ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିଥିଲେ। ମେଡିକାଲ ୪ମହଲା ବିଶିଷ୍ଟ ଏସ୍‌ଏସ୍ କୋଠାରେ ଇଏନଟି, ଅସ୍ଥିଶଲ୍ୟ, ସର୍ଜରୀ, ନିଶ୍ଚେତକ ବିଭାଗ ଓ ଜରୁରିକାଳୀନ ଅସ୍ତ୍ରୋପଚାରେ ରହିଛି। ପ୍ରତିଦିନ ଏହି କୋଠାରେ ବିଭିନ୍ନ ବିଭାଗର ପ୍ରାୟ ୫୦୦ରୁ ଅଧିକ ରୋଗୀ ଚିକିତ୍ସା ହେଉଛନ୍ତି। ଶୁକ୍ରବାର ସନ୍ଧ୍ୟା ୬ଟା ବେଳେ କୋଠାକୁ ହଠାତ୍ ବିଦ୍ୟୁତ୍ ସଂଯୋଗ ବନ୍ଦ ହୋଇଯାଇଥିଲା। ଏହାଦ୍ୱାରା କୋଠାର ବିଭିନ୍ନ ବିଭାଗରେ ଚିକିତ୍ସିତ ରୋଗୀ, ଡ଼ାକ୍ତର ଓ କର୍ମଚାରୀ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଡାକ୍ତର ଓ ନର୍ସ ଅଫିସରମାନେ ମୋବାଇଲ ଫ୍ଲାସରେ ରୋଗୀଙ୍କୁ ଚିକିତ୍ସା କରୁଥିବା ଦେଖିବାକୁ ମିଳିଥିଲା। ଏହାସହ କୋଠାରେ ବିଦ୍ୟୁତ୍ ସଂଯୋଗ ନଥିବାରୁ ମୋବାଇଲ ଫ୍ଲାସରେ ରୋଗୀଙ୍କୁ ନର୍ସ ଅଫିସରମାନେ ଇଞ୍ଜେକ୍ସନ ଦେବାରେ ବଡ଼ ସମସ୍ୟା ରହିଥିଲା। ସେହିପରି କୋଠାରେ ଥିବା ଜରୁରିକାଳୀନ ଅସ୍ତ୍ରୋପଚାରେ ଏକ ପ୍ରକାର ଅଚଳ ହୋଇପଡ଼ିଥିଲା। ଅସ୍ତ୍ରୋପଚାର ନିମନ୍ତେ ରୋଗୀଙ୍କୁ ତାରିଖ ଓ ସମୟ ଧାର୍ଯ୍ୟ ହୋଇଥିବା ବେଳେ ବିଦ୍ୟୁତ ସମସ୍ୟା ନିମନ୍ତେ ବହୁ ରୋଗୀଙ୍କ ଅସ୍ତ୍ରୋପଚାର ବାତିଲ କରାଯାଇଥିଲା। ସେହିପରି କୋଠାରେ ପାଣି, ଲିଫ୍ଟ ଓ ଏସି ବନ୍ଦ ରହିଥିଲା। ଏହାସହିତ ଏସଆର ହଷ୍ଟେଲରେ ମଧ ଦୀର୍ଘ ସମୟ ଧରି ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ରହିଥିଲା। ଅନ୍ୟପକ୍ଷରେ କୋଠା ନିକଟରେ ଥିବା ଟ୍ରାନ୍ସଫର୍ମର ପ୍ୟାନେଲ ବୋଡର୍ ଅଚଳ ହୋଇପଡ଼ିଥିଲା। ଜିଇଡିର ଅଧିକାରୀମାନେ କୋଠକୁ ବିଦ୍ୟୁତ ସଂଯୋଗ କରିବାକୁ ଚେଷ୍ଟା କରିଥିବା ବେଳେ ବାରମ୍ବାର ଫ୍ୟୁଜ ଯାଇଥିଲା। ଯାଞ୍ଚ କରିବା ପରେ ଟ୍ରାନ୍ସଫର୍ମର ନିକଟରେ ଥିବା ପ୍ୟାନେଲ ବୋଡର୍‌ରେ ତ୍ରୁଟି ରହିଥିବା ଅଧିକାରୀମାନେ ଜାଣିବାକୁ ପାଇଥିଲେ। ଏହା ପରେ ଏହାକୁ ମରାମତି କରିବା ସହ କୋଠାକୁ ବିଦ୍ୟୁ ସଂଯୋଗ କରିବାକୁ ବ୍ୟବସ୍ଥା କରାଯାଇଥିଲା।

**ବାତିଲ ହେଲା ରୋଗୀଙ୍କ ଜରୁରିକାଳୀନ ଅସ୍ତ୍ରୋପଚାର**

## ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ଅଭିବିନ୍ୟାସ କାର୍ଯ୍ୟକ୍ରମ




ବ୍ରହ୍ମପୁର,୧୨।୮ (ସମିସ): ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ପୁରୁଷ ଓ ମହିଳା ୟୁନିଟ୍ ଆନୁକୂଲ୍ୟରେ ଅଭିବିନ୍ୟାସ କାର୍ଯ୍ୟକ୍ରମ (ଓରିଏଣ୍ଟେସନ୍ ପ୍ରୋଗ୍ରାମ୍) ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଡ. ପ୍ରମିଳା ଖାଡ଼ଙ୍ଗା ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. କୁଳମଣି ଓଝା ମୁଖ୍ୟବକ୍ତା ରୂପେ ଯୋଗଦେଇ ସେବାର ମହତ୍ତ୍ୱ, ଜାତୀୟ ସେବା ଯୋଜନାର ସଂକ୍ଷିପ୍ତ ଇତିବୃତ୍ତ, ମାନସିକ ଓ ଶାରୀରିକ ସେବାକାର୍ଯ୍ୟର ଉପଯୋଗିତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

ମହାବିଦ୍ୟାଳୟ ପ୍ରାଶାସନିକ ଅଧିକାରୀ ଡ. ଆନନ୍ଦ ସେଠୀ ଓ ୟୁଥ୍ ରେଡକ୍ରସ୍ ଅଧିକାରୀ ଡ. ଚିତ୍ତରଞ୍ଜନ ମହାନ୍ତି ଜାତୀୟ ସେବା ଯୋଜନା ଅନ୍ତର୍ଗତ ନାନା ସେବାମୂଳକ କାର୍ଯ୍ୟକ୍ରମ ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ମହାବିଦ୍ୟାଳୟ ମହିଳା ବର୍ଗ ଜାତୀୟ ସେବା ଯୋଜନା ଅଧିକାରୀ ଡ. ଶୁଭଶ୍ରୀ ଅପରାଜିତା ପ୍ରାକ୍-ସୂଚନା ପ୍ରଦାନ କରିବା ସହ ଅଭିବିନ୍ୟାସ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପୁରୁଷ ବର୍ଗ ଜାତୀୟ ସେବା ଯୋଜନା ଅଧିକାରୀ ଡ. ରବୀନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

● ଗଞ୍ଜାମରେ ସ୍ୱାଭାବିକରୁ କମ୍ ବର୍ଷା

## ଦଶହରାରେ ବର୍ଷା ଆଶଙ୍କା; ତୁଟୁନି ସାର ଅଭାବ

ବ୍ରହ୍ମପୁର,୧୨।୯ (ସମିସ): ଖରିଫ ଋତୁରେ ଗଞ୍ଜାମ ଜିଲ୍ଲାର ତମାମ ଜମିରେ ଧାନଚାଷ ହୁଏ। ପ୍ରତିବର୍ଷ ଏଠାରେ ବର୍ଷା ଏକ ମୂଳ ସଂକଟ ଭାବେ ଉଭା ହୋଇଥିବା ବେଳେ ସମ୍ପ୍ରତି ସାର ଅଭାବ ଚାଷୀଙ୍କୁ ବ୍ୟଥୀତ କରିଛି। ସୂଚନା ପ୍ରକାରେ ସେପ୍ଟେମ୍ବର ମାସର ଏଯାବତ ଜିଲ୍ଲାରେ ୪୬.୭୨ମିମି ବର୍ଷା ହୋଇଛି। ସ୍ୱାଭାବିକ ବର୍ଷାକୁ ଆହୁରି ୨୧.୧ମିମି ବର୍ଷା ଆବଶ୍ୟକତା ରହିଛି। ଏହି ମାସରେ ୮ଦିନ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପରିମାଣର ବର୍ଷା ହୋଇଥିବା ଜଣାପଡ଼ିଛି। ସେହିଭଳି ଅଗଷ୍ଟ ମାସରେ ସମୁଦାୟ ୧୯ଦିନ ବର୍ଷା ହୋଇଥିଲା। ଏହିକ୍ରମରେ ୨୧୧.୯୮ମିମି ବର୍ଷା ହୋଇଥିବା ବେଳେ ୮୧.୩୭ମିମି ବର୍ଷାର ଆବଶ୍ୟକତା ଥିଲା। ଆଗାମୀ ଦଶହରାରେ ଏହା ପୂରଣ ହେବ ବୋଲି ଜଣାପଡ଼ିଛି। ତେବେ ବର୍ତ୍ତମାନ ଏତେଟା ବର୍ଷା ନଥିବା ବେଳେ ଚାଷୀ ସାର ପକାଇବାକୁ ଅଗ୍ରସର ହେଉଛନ୍ତି। ଜମିରେ ଘାସ, କୁଟା ଇତ୍ୟାଦି ବଛା ବି ସରିଲାଣି। କିନ୍ତୁ ଜିଲ୍ଲାର ବହୁ ବ୍ଲକରେ ସାର'ର ଘୋର ଅଭାବ ଦେଖାଦେଉଛି। ଅନେକ ବ୍ଲକରେ ଦିନ ତମାମ ଅପେକ୍ଷା କରି ରହିଲେ ସୁଦ୍ଧା ସାର ମିଳୁନି।

ଏଭଳି ଲାଗି ରହିଲେ ଖରିଫ ଚାଷ କ୍ଷେତ୍ରରେ ଏହା ଅନ୍ୟତମ ସମସ୍ୟା ଭାବେ ଉଭା ହେବ। କାରଣ ଦଶହରାରେ ବର୍ଷା ଜୋର ହେବା ନେଇ ଆଶଙ୍କା କରାଯାଉଛି। ପୂର୍ବବର୍ଷ ମାନଙ୍କରେ ଜିଲ୍ଲାରେ ବର୍ଷା ମଧ ହୋଇଛି। ତେବେ ବର୍ଷା ହେଲେ ଜମିରେ ସାର ପକାଇଲେ କୌଣସି ଲାଭପ୍ରଦ ହେବନାହିଁ ବୋଲି ଚାଷୀମାନେ କହିଛନ୍ତି। ଏଣୁ ସମୟ ପୂର୍ବରୁ ଚାଷୀଙ୍କୁ କପରି ଉଚିତ ପରିମାଣରେ ସାର ମିଳିବ ସେଥିପ୍ରତି ପ୍ରଶାସନ ଯତ୍ନବାନ ହେବା ଆବଶ୍ୟକତା ରହିଛି ବୋଲି ବିଭିନ୍ନ ମହଲରୁ ମତପ୍ରକାଶ ପାଇଛି।

## ପଦାର୍ଥ ବିଜ୍ଞାନ ବିଭାଗର ପାଠଚକ୍ର




ବ୍ରହ୍ମପୁର,୧୨।୮ (ସମିସ): ସ୍ଥାନୀୟ ମହାମାୟୀ ମହିଳା ମହବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ବକ୍ତା ଭାବେ ଡ଼. ପ୍ରତିଭା ପାଣିଗ୍ରାହୀ ଯୋଗୋଦେଇ ଗଲଭାନୋ ମିଟର ଏଣ୍ଡ ସେନ୍ସିଟିଭିଟୀ ଏବଂ ଫରାଡେଲ ଅଫ ଏଲିକ୍ଟ୍ରଓ ମଗ୍ନେଟି ଇଣ୍ଡକ୍ସନ୍ ବିଷୟରେ ନିଜର ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ରିତ୍ ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଛାତ୍ରୀ ପୂଜାରାଣୀ ବେହେରା ଧନ୍ୟବାଦ୍ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଆକାସ୍ମିତା ପ୍ରଧାନ ଓ କାଶ୍ମୀର ଦାସଙ୍କ ସମେତ ବହୁ ଛାତ୍ରୀ ଉପସ୍ଥିତ ଥିଲେ।

## ଆଜିଠାରୁ 'ବେସଲାଇନ୍-୨ ପରୀକ୍ଷା'

**ପରୀକ୍ଷା ଦେବେ ଏ-୧ ଓ ୨ ଏବଂ ବି-୧ ଓ ୨ ଛାତ୍ରଛାତ୍ରୀ**

ବ୍ରହ୍ମପୁର,୧୨।୮ (ସମିସ): ଚଳିତବର୍ଷ ଦଶମ ବୋର୍ଡ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଏବଂ ପରିମାଣାତ୍ମକ ଫଳାଫଳ ଲକ୍ଷ୍ୟରେ ଜିଲ୍ଲାରେ ସମସ୍ତ ବିଦ୍ୟାଳୟରେ ପାଠ ପଢୁଥିବା ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ 'ବେସଲାଇନ୍ ପରୀକ୍ଷା' କରାଯାଉଛି। ଗତ ମାସରେ 'ବେସଲାଇନ୍ ପରୀକ୍ଷା' ହୋଇଥିବା ବେଳେ ଶନିବାରଠାରୁ ପୁଣି 'ବେସଲାଇନ୍-୨ ପରୀକ୍ଷା' ଅନୁଷ୍ଠିତ ହେବ। ପ୍ରଥମ ବେସଲାଇନ୍ ପରୀକ୍ଷାରେ ଏ-୧, ଏ-୨, ବି-୧ ଓ ବି-୨ ସ୍ଥାନ ରଖିଥିବା ଛାତ୍ରଛାତ୍ରୀମାନେ 'ବେସଲାଇନ-୨ ପରୀକ୍ଷା' ଦେଇପରିବେ ବୋଲି ଗଞ୍ଜାମ ଜିଲ୍ଲାଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଚଳିତମାସ ୧୩ଠାରୁ ଉକ୍ତ ପରୀକ୍ଷା ଆରମ୍ଭ ହୋଇ ୧୭ରେ ଶେଷ ହେବ। ପ୍ରଥମ ଦିନରେ ଛାତ୍ରଛାତ୍ରୀ ଓଡ଼ିଆ ଭାଷା ଓ ଗଣିତ ବିଷୟରେ ପରୀକ୍ଷା ଦେବେ।

ପ୍ରତ୍ୟେକ ବିଷୟର ମୂଲ୍ୟାଙ୍କନ ୫୦ମାର୍କ (୩୦ସଂକ୍ଷିପ୍ତ ପ୍ରଶ୍ନ ଉତ୍ତର ଏବଂ ୨୦ ଦୀର୍ଘ ପ୍ରଶ୍ନ ଉତ୍ତର) ହେବ। ଏଥି ନିମନ୍ତେ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ଏକ ଘଣ୍ଟା ୧୫ମିନଟ ସମୟ ପ୍ରଦାନ କରାଯିବ। କେବଳ ଗଣିତ ବିଷୟ ପରୀକ୍ଷା ବେଳେ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ୧୫ମିଟନ ସମୟ ଦିଆଯାଇଥିଲା। ବିଦ୍ୟାଳୟଗୁଡ଼ିକ ସେମାନଙ୍କ ବିଦ୍ୟାଳୟର ପ୍ରଶିକ୍ଷକମାନଙ୍କୁ ନିୟୋଜିତ କରି ପ୍ରଶ୍ନ ପ୍ରସ୍ତୁତି ପାଇଁ ପଦକ୍ଷେପ ନେବେ। ପରୀକ୍ଷା ଦିନଗୁଡ଼ିକ ସକାଳ ୮ଟା ସୁଦ୍ଧା ସମ୍ପୃକ୍ତ ବ୍ଲକର ନୋଡାଲ୍ ପ୍ରଧାନ ଶିକ୍ଷକମାନଙ୍କ ମାଧ୍ୟମରେ ସ୍କୁଲଗୁଡ଼ିକୁ ପ୍ରଶ୍ନଗୁଡ଼ିକ ଯୋଗାଇ ଦିଆଯିବ ଏବଂ ପ୍ରଶ୍ନ ମୁଦ୍ରଣ(ଜେରକ୍ସ) ଖର୍ଚ୍ଚ ସ୍କୁଲର ଉପଲବ୍ଧ ପାଣ୍ଠିରୁ ବହନ କରାଯିବ ବୋଲି ନିର୍ଦ୍ଦେଶ ରହିଛି। ସ୍କୁଲସ୍ତରରେ ଉକ୍ତ ପରୀକ୍ଷାର ଫଳାଫଳ ବିଶ୍ଳେଷଣ ସେପ୍ଟେମ୍ବର ୨୦ ସୁଦ୍ଧା ସମାପ୍ତ କରି ନୋଡାଲ୍ ହାଇସ୍କୁଲ ଗୁଡ଼ିକୁ ଦାଖଲ କରାଯିବ। ୨୧ ସୁଦ୍ଧା ଗଞ୍ଜାମର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏହା ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

ମହାମାୟୀ ମହିଳା ମହାବିଦ୍ୟାଳୟ

# ଭିତ୍ତିଭୂମି ବିକାଶ ଓ ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର: ଉପ ଜିଲ୍ଲାପାଳ



ବ୍ରହ୍ମପୁର,୧୨।୯ (ସମିସ): ମହାମୟୀ ମହିଳା ମହାବିଦ୍ୟାଳୟରେ ଲାଗି ରହିଥିବା ସମସ୍ୟାକୁ ନେଇ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ଅସନ୍ତୋଷ ଓ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ତଲବ ପରେ ଏଦିଗରେ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ଏନେଇ ଏକ ବିସ୍ତୃତ ରିପୋର୍ଟ ଦୈନିକ ଓଡିଆ ଖବରକାଗଜ 'ସକାଳ'ରେ ପ୍ରକାଶ ପରେ ଜିଲ୍ଲାପାଳ ହସ୍ତକ୍ଷେପ କରିଥିବା ଜଣାପଡିଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କଲେଜର ପରିଚାଳନା କମିଟି ବା ଗଭର୍ଣ୍ଣିଂ ବଡ଼ି ସଭାପତି ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ପଦକ୍ଷେପ ଗ୍ରହଣ କରିଛନ୍ତି। କଲେଜର ଅଧକ୍ଷା ଡଃ ନିବେଦିତା ମହାପାତ୍ର, ପ୍ରଶାସନିକ ଅଧିକାରୀ ସୁଜାତା ପଣ୍ଡିତ ଓ ଭାରପ୍ରାପ୍ତ ମୁଖ୍ୟ କିରାଣି ବିମଳ କୁମାର ପାଢ଼ୀଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଖାସ କରି ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ୯ ପଏଣ୍ଟ ବିଶିଷ୍ଟ ରିପୋର୍ଟ ଉପରେ ଆଲୋଚନା କରାଯାଇଥିଲା। ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର ଅଧକ୍ଷାଙ୍କ ଠାରୁ କଲେଜର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝି ତୁରନ୍ତ ଛାତ୍ରୀ ଓ କର୍ମଚାରୀଙ୍କ ପାଇଁ ନୂତନ କ୍ୟାମ୍ପସରେ ପାନୀୟ ଜଳଯୋଗାଣ ସହିତ ସମସ୍ତଙ୍କ ବାୟୋମେଟ୍ରିକ୍ସ ଉପସ୍ଥାନ ବାଧ୍ୟତାମୂଳକ କରିବା ପାଇଁ ତୁରନ୍ତ ଆବଶ୍ୟକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଜାରି ରହିଥିବା ବେଳେ ଚଳିତ ମାସ ୩୦ରେ ଏହି ପ୍ରକ୍ରିୟା ଶେଷ ହେବ ବୋଲି ଜଣାପଡ଼ିଛି। ଫଳରେ ଚୂଡ଼ାନ୍ତ ତାଲିକା ପ୍ରକାଶନ ପରେ ସମସ୍ତ ଛାତ୍ରୀଙ୍କୁ ସେମାନଙ୍କ ଆଇଡି କାର୍ଡ ବା ପରିଚୟ ପତ୍ର ସହିତ ଲାଇବ୍ରେରୀ କାର୍ଡ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଅନୁରୂପ ଭାବେ ଶିକ୍ଷାନୁଷ୍ଠାନରେ ୩ବର୍ଷରେ ମୋଟ ପ୍ରାୟ ୧୩ଶହରୁ ଉଦ୍ଧର୍ ଛାତ୍ରୀଙ୍କ ପାଇଁ ଚୌକି ଓ ଟେବୁଲର ଅଭାବ ରହିଥିବା ବେଳେ ନୂତନ ଚେୟାର ଓ ଟେବୁଲ ଆସିବା ପର୍ଯ୍ୟନ୍ତ ଅଭାବକୁ ଦୂର କରିବାକୁ ଯାଇ ପୁରୁଣା କ୍ୟାମ୍ପସରୁ ବଳକା ଚେୟାର ଓ ଟେବୁଲକୁ ନେଇ କାମ ଚଳାଇବାକୁ କୁହାଯାଇଛି। ସେହିଭଳି ଭାବେ ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମାହୂତି ଘଟଣା ପରେ ସରକାରଙ୍କ ପକ୍ଷରୁ ସମସ୍ତ ଶିକ୍ଷାନୁଷ୍ଠାନରେ ସିସିଟିଭି କ୍ୟାମେରାକୁ ବାଧ୍ୟତାମୂଳକ କରାଯାଇଛି। ତେବେ ଏଥିପାଇଁ ସରକାରଙ୍କ ପକ୍ଷରୁ ସିସିଟଭି ଯୋଗାଇ ଦିଆଯିବାକୁ ଥିବା ବେଳେ ଏହି କଲେଜ ପାଇଁ ୮୫ଟି ସିସିଟିଭି କ୍ୟାମେରା ଆବଶ୍ୟକତା ଥିବା କଲେଜ କର୍ତ୍ତୃପକ୍ଷ ଉଚ୍ଚଶିକ୍ଷା ବିଭାଗକୁ ଜଣାଇଥିବା କହିଛନ୍ତି। କଲେଜର ପରିଚାଳନା କମିଟି ବା ଗଭର୍ଣ୍ଣିଂ ବଡ଼ିରେ କିଛି ସମସ୍ୟା ରହିଥିବା ବେଳେ ଏହାର ସମାଧାନ ଦିଗରେ ମଧ ଉଦ୍ୟମ କରାଯିବ ବୋଲି ସୂଚନା ଦେଇଛନ୍ତି ଉପ ଜିଲ୍ଲାପାଳ ଅବିନାଶ କୁମାର। ତେବେ କଲେଜ ସମ୍ମୁଖରେ ଦୁର୍ଘଟଣା ରୋକିବାକୁ ହମ୍ପ ନିର୍ମାଣ, ଅଧକ୍ଷାଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ଓ କର୍ମଚାରୀଙ୍କ ନିଯୁକ୍ତି ସହିତ ଭିତ୍ତିଭୂମିର ଅଭାବ ପୂରଣ ପାଇଁ ଆଗାମୀ ଦିନରେ ଉଚିତ ପଦକ୍ଷେପ ଗ୍ରହଣ କରାଯିବାକୁ ଆଲୋଚନା ବେଳେ ନିଷ୍ପତ୍ତି ହୋଇଥିବା ଜଣାପଡିଛି। ସେହିଭଳି କଲେଜର ପାଣ୍ଠିକୁ ସ୍ଥାୟୀ ଜମାରେ ରଖିବା ନେଇ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ପରାମର୍ଶ ଉପରେ ମଧ ବିସ୍ତୃତ ଆଲୋଚନା ହୋଇଥିବା ଜଣାପଡିଛି।

- ● ପାନୀୟଜଳ ଯୋଗାଣ ଓ ବାୟୋମେଟ୍ରିକ୍ସ ଉପସ୍ଥାନ ପାଇଁ ଟେଣ୍ଡର ଆହ୍ୱାନ
- ● ଚୂଡ଼ାନ୍ତ ପର୍ଯ୍ୟାୟ ନାମଲେଖା ପରେ ଛାତ୍ରୀଙ୍କୁ ଦିଆଯିବ ଆଇଡି ଓ ଲାଇବ୍ରେରୀ କାର୍ଡ
- ● ସରକାରଙ୍କ ପକ୍ଷରୁ ଶିକ୍ଷାନୁଷ୍ଠାନକୁ ଯୋଗାଇ ଦିଆଯିବ ୮୫ ସିସିଟିଭି କ୍ୟାମେରା

## ଏମ୍‌ଏସ୍‌ଏମ୍‌ଇ ବିଭାଗର ସମୀକ୍ଷା କଲେ ଦୁଇ ମନ୍ତ୍ରୀ

■ କ୍ଷୁଦ୍ର ଉଦ୍ୟୋଗର ବିସ୍ତାର ଓ ଯୁବ ଉଦ୍ୟୋଗୀ ସୃଷ୍ଟି ଲକ୍ଷ୍ୟ



ବ୍ରହ୍ମପୁର,୧୨।୯ (ସମିସ): ସ୍ଥାନୀୟ ସର୍କିଟ ହାଉସ ପରିସରରେ ଗଞ୍ଜାମ ଜିଲ୍ଲାର ଏମ୍‌ଏସ୍‌ଏମ୍‌ଇ ବିଭାଗର ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଛନ୍ତି ଖଣି ଓ ଇସ୍ପାତ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ସବୁ ଚାଷ ସମେତ ବିଭିନ୍ନ ବର୍ଗରେ ଯୁବ ଉଦ୍ୟୋଗୀ ସୃଷ୍ଟି ଲକ୍ଷ୍ୟରେ ବିଭାଗୀୟ ସମୀକ୍ଷା କରାଯାଇଛି। ଏହାକୁ ବିସ୍ତାର ଭାବେ ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖାଯାଇଥିବା ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି। ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ଯେ, ଗଞ୍ଜାମ ଜିଲ୍ଲାରେ ଆଗାମୀ ଦିନରେ କିଭଳି ଏମଏସଏମଇ ଇଣ୍ଡଷ୍ଟ୍ରି ହେବ ଓ ଏମଏସଏମଇ ପାର୍କ ନିର୍ମାଣ ଓ ଏହାକୁ ଜମି ଦେବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଗଞ୍ଜାମ ଜିଲ୍ଲାରେ କିଆଫୁଲ, ସୂତାକଳ, ପଥର କାରୁକାର୍ଯ୍ୟ, ମକା, ପିତଳ ଆଦି ସମେତ ବିଭିନ୍ନ କ୍ଷେତ୍ରରେ ଅନେକ ସମ୍ଭାବନା ରହିଛି। ସେହି ଦକ୍ଷତାକୁ ପ୍ରୋତ୍ସାହନ ଦେବାକୁ ସରକାର ଗୁରୁତ୍ୱ ଦେଇଛନ୍ତି। ସେହିଭଳି ଲୋକାଲ ଏମଏସଏମଇଠୁ ସମସ୍ତ ଜିନିଷି ଓ ଆସବାସପତ୍ର କିଣିବାକୁ ସରକାର ଧ୍ୟାନ ଦେଇଛନ୍ତି। ଏଥିରେ ବ୍ରହ୍ମପୁର ବିଧାୟକ କେ ଅନୀଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଏମଏସଏମଇ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତିଭାସନ ଓ ବହୁ ଅଧିକାରୀ ଉପସ୍ଥିତ ଥିଲେ।

୧୨/ ୯ /୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୦୭,୪୪୬/- ସୁନା: ୦୨.୯୫୦ ଗ୍ରାମ୍ ରୁପା: ୧୭.୬୫୦ ଗ୍ରାମ୍





● ଆତ୍ମହତ୍ୟା ନିରୋଧ ଦିବସ ପାଳିତ

## ‘ଭାବପ୍ରବଣତା ହୋଇ ଜୀବନ ହାରୁଛନ୍ତି ଯୁବପିଢ଼ି’

ପୁରୀ,୧୨।୯ (ସମିସ): ପୁରୀ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ମାନସିକ ରୋଗ ଚିକିତ୍ସା ବିଭାଗ ପକ୍ଷରୁ ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ବିବିଧ କାର୍ଯ୍ୟକ୍ରମ ମଧ୍ୟରେ ବୁଧବାର ପାଳିତ ହୋଇଯାଇଛି। ଏଥିପାଇଁ କଲେଜ ପରିସରରେ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। କଲେଜ ଅଧ୍ୟକ୍ଷା ପ୍ରଫେସର ସବିତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଅଧୀକ୍ଷକ ପ୍ରଫେସର କୌଶିକ ମିଶ୍ର, ଉପାଧ୍ୟକ୍ଷ ପ୍ରଫେସର ଲଲାଟେନ୍ଦୁ ପାଇଁ, ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ସଂଯୋଜକ ପ୍ରଫେସର ଅମରେନ୍ଦ୍ର ନାୟକ ଓ ମାନସିକ ରୋଗ ଚିକିତ୍ସା ବିଭାଗ ମୁଖ୍ୟ ପ୍ରଫେସର ରଜନୀକାନ୍ତ ଶୁକ୍ଳ ପ୍ରମୁଖ ଆଧାର ପୁରୁଷ ଭାବେ ଯୋଗଦେଇ ଆତ୍ମହତ୍ୟା ଭଳି ଏକ ଜଘନ୍ୟ କାର୍ଯ୍ୟ ପଛରେ ଥିବା ବିଭିନ୍ନ କାରଣ ଓ ପ୍ରତିକାରାତ୍ମକ ପନ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ବିଫଳ ପ୍ରେମ ବା ଦାମ୍ପତ୍ୟ ସମ୍ପର୍କ, କ୍ୟାରିୟରରେ ବିଫଳତା, ଅତ୍ୟଧିକ ନିଶା ସେବନ, କ୍ରମାଗତ ଅବସାଦ ସ୍ଥିତିଜନିତ ମାନସିକ ବିକାର ଆଦି ଆତ୍ମହତ୍ୟାର ପ୍ରମୁଖ କାରଣ ଭାବେ ଉଭା ହେଉଥିବାବେଳେ ଦୃଢ଼ ମାନସିକତାର ଅଭାବ ଯୋଗୁଁ ଯୁବପିଢ଼ି ଭାବପ୍ରବଣତାବଶତଃ ଅକାଳରେ ନିଜ ଜୀବନକୁ ଶେଷ କରି ଦେଉଛନ୍ତି। ଯାହାକି ପରିବାର ଓ ସମାଜ ପାଇଁ ଦୁଃଖଦ ପରିସ୍ଥିତି ସୃଷ୍ଟି କରୁଛି। ତେଣୁ ଆତ୍ମହତ୍ୟା ଭଳି ଏକ କୁକର୍ମକୁ ରୋକିବା ପାଇଁ ସମସ୍ୟା ସମ୍ପର୍କରେ ଆଲୋଚନା ଓ ପୀଡ଼ିତ ପ୍ରତି ଯଥାର୍ଥ ସମ୍ବେଦନଶୀଳତା ରହିବା ନିତାନ୍ତ ଆବଶ୍ୟକ ବୋଲି ବକ୍ତାମାନେ ମତ ରଖିଥିଲେ। ଭେଷଜ ବିଭାଗ ମୁଖ୍ୟ ପ୍ରଫେସର ରମାଶଙ୍କର ମିଶ୍ର, ନିଶ୍ଚେତକ ବିଭାଗ ମୁଖ୍ୟ ପ୍ରଫେସର ଆରତ କୁମାର ସ୍ୱାଇଁ ଓ କର୍ମଚାରୀ କଳ୍ପତରୁ ମିଶ୍ର ଅନ୍ୟତମ ବକ୍ତାଭାବେ ଯୋଗଦେଇ ଜୀବନରେ ଆଧ୍ୟାତ୍ମିକତା ସକାରାତ୍ମକ ଚିନ୍ତାଧାରା ପୋଷଣ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି କଲେଜ ଛାତ୍ର ସଂସଦ ସଭାପତି ସତ୍ୟବ୍ରତ ଦାଶ, ଭବାନୀ ସାଇଶଙ୍କର ରାଉତ, ଶୁଭଶ୍ରୀ ତନୟା, ହିମାନୀ ମାଝୀ, ମହାବାହୁ ପ୍ରସାଦ ଯାଦବ ଉଦ୍‌ବୋଧନ ଦେଇ ସୁସ୍ଥ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ନିଜ ନିଜର ମତ ରଖିଥିଲେ। ମାନସିକ ରୋଗ ଚିକିତ୍ସା ବିଭାଗ ମୁଖ୍ୟ ପ୍ରଫେସର ଶୁକ୍ଳଙ୍କ ସଂଯୋଜନାରେ ଛାତ୍ର ତନ୍ମୟ ମହାପାତ୍ର ଓ ଟିକୁ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର

ପୁରୀ,୧୨।୯ (ସମିସ): ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ନ୍ୟାୟ ବିଭାଗ ପକ୍ଷରୁ ପରାର୍ଥାନୁମାନମ୍ ଶୀର୍ଷକ ଦ୍ୱିଦିବସୀୟ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ଣ୍ଣାଟକ, ଆସାମ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ସମେତ ଓଡ଼ିଶାର ପ୍ରମୁଖ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାମାନେ ଯୋଗଦେଇଥିଲେ। ଶାସ୍ତ୍ରୀୟ ପରମ୍ପରାର ସଂରକ୍ଷଣ ନିମନ୍ତେ ବେଦାଧାରିତ ଦର୍ଶନଶାସ୍ତ୍ର ଆଧାରରେ ଅନୁମାନ ପ୍ରମାଣର ପ୍ରଧାନ ଅଙ୍ଗ ରୂପେ ପରାର୍ଥାନୁମାନାନ୍ତର୍ଗତ ପ୍ରତିଜ୍ଞା, ହେତୁ, ଉଦାହରଣ, ଉପନୟ, ନିଗମନାଦି ପଞ୍ଚାବୟବବାକ୍ୟ ପ୍ରସଙ୍ଗରେ ଅତିଥିମାନେ ଅଭିଭାଷଣ ରଖିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଭାରତୀୟ ଶାସ୍ତ୍ର ପରମ୍ପରାରେ ସଂସ୍କୃତ ଭାଷାର ମହତ୍ତ୍ୱ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟଅତିଥି ରୂପେ ମହାରାଷ୍ଟ୍ର ନ୍ୟାୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଭବାନୀ ପ୍ରସାଦ ପଣ୍ଡା,



ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ନ୍ୟାୟ ବିଭାଗ ଅଧ୍ୟକ୍ଷ ପ୍ରଫେସର କମଳେଶ ମିଶ୍ର, ସାରସ୍ୱତ ଅତିଥି ରୂପରେ କର୍ଣ୍ଣାଟକସ୍ଥ ଜୟତୀର୍ଥ ବିଦ୍ୟାପୀଠର ନ୍ୟାୟବେଦାନ୍ତ ବିଭାଗର ଅଧ୍ୟାପକ ଡ. ପ୍ରହ୍ଲାଦ ଆଚାର୍ଯ୍ୟ, ସଭାଧ୍ୟକ୍ଷ ରୂପେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜି. ଏସ୍. ଦତ୍ତାତ୍ରେୟ ମୂର୍ତ୍ତି, ନ୍ୟାୟ ବିଭାଗ ଅଧ୍ୟକ୍ଷ ତଥା ଆଲୋଚନାଚକ୍ରର ନିର୍ଦ୍ଦେଶକ ଡ. ଜି. ଜୟମାଣିକ୍ୟ ଶାସ୍ତ୍ରୀ ଆଲୋଚନାଚକ୍ରର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ବ୍ୟାକରଣ ବିଭାଗ ଆଚାର୍ଯ୍ୟ ଡ. ଅଜୟ କୁମାର ଦାଶ ସଭା ପରିଚାଳନା କରିଥିଲେ। ଭାରତର ବିଭିନ୍ନ ପ୍ରଦେଶରୁ ଶତାଧିକ ପ୍ରତିଭାଗୀ ଯୋଗଦେଇ ନିଜ ନିଜର ଶୋଧପତ୍ର ପାଠ କରିଥିଲେ। ଅତିଥି ଅଧ୍ୟାପିକା ଡ. ରଶ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀକ୍ଷେତ୍ର ଟ୍ରକ୍ ମାଲିକ ସଂଘର ସମ୍ବର୍ଦ୍ଧନା ସଭା

ପୁରୀ,୧୨।୯ (ସମିସ): ଶ୍ରୀକ୍ଷେତ୍ର ଟ୍ରକ୍ ମାଲିକ ସଂଘ ପକ୍ଷରୁ ଶୁକ୍ରବାର ଅଠରନଳାସ୍ଥିତ ମଦନ ମଣ୍ଡପଠାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କୁ ସଂଘ ସଭାପତି ଭାବେ ଚୟନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଗକୁ ସଂଘର ମୌଳିକ ସମସ୍ୟା ଉପରେ ଆଲୋଚନା ସହ ସଂଘର ଉନ୍ନତି ଦିଗରେ କାର୍ଯ୍ୟ କରିବା ନେଇ ନୂଆ ସଭାପତି ସଦସ୍ୟମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବିଭିନ୍ନ ସମୟରେ ଟ୍ରକ୍ ମାଲିକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଏଥିସହ ରୟାଲିଟି ଲାଗି ବିଶେଷ ଭାବେ ସଂଘ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଥିଲା। ବିଭିନ୍ନ ସମୟରେ ଲୁଟ୍ ଓ ଶୋଷଣର ଶିକାର ହେଉଥିବା ଟ୍ରକ୍ ମାଲିକମାନେ କିପରି ଉପଯୁକ୍ତ ନ୍ୟାୟ ପାଇବେ ଏବଂ ସଂଘର ଉନ୍ନତି ନିମନ୍ତେ ଆଲୋଚନା କରାଯାଇଥିଲା। ଏଥିପାଇଁ ସମସ୍ତ ସହଯୋଗ ଯୋଗାଇଦେବେ ବୋଲି ନୂତନ ସଭାପତି ଶ୍ରୀ ପଟ୍ଟନାୟକ ମତ ରଖିଥିଲେ।

● ଅକ୍ଟୋବର ୭ରୁ କାର୍ତ୍ତିକ ବ୍ରତ

# ଏଥର ୪ଟି କେନ୍ଦ୍ରରେ ରହିବେ ହବିଷ୍ୟାଳି



ପୁରୀ,୧୨।୯ (ସମିସ): ଆସନ୍ତା ଅକ୍ଟୋବର ୭ରୁ ଆରମ୍ଭ ହେବ କାର୍ତ୍ତିକ ବ୍ରତ। ବିଗତ ବର୍ଷମାନଙ୍କ ଭଳି ଏ ବର୍ଷ ମଧ୍ୟ ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ ବ୍ରତଧାରୀ ପୁରୀରେ ରହି ହବିଷ ବ୍ରତ ପାଳନ କରିବେ। କେବଳ ଅନ୍‌ଲାଇନ୍ ମାଧ୍ୟମରେ ହବିଷ୍ୟାଳି ମା’ମାନଙ୍କର ପଞ୍ଜୀକରଣ କରାଯିବ। ବ୍ରତଧାରୀମାନଙ୍କୁ ୪ଟି ରହଣି କେନ୍ଦ୍ର ଯଥା- ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ ଓ ରେଳବାଇ ଆଶ୍ରୟସ୍ଥଳରେ ରଖାଯିବ ବୋଲି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଛନ୍ତି। ଶୁକ୍ରବାର ସର୍କିଟ ହାଉସ୍‌ଠାରେ ହବିଷ ବ୍ରତ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ପରିଡ଼ା ହବିଷ୍ୟାଳିମାନଙ୍କର ସେବାକୁ ନିଷ୍ଠା ଓ ଧର୍ମର କାର୍ଯ୍ୟ ବୋଲି ବିବେଚନା କରି ପ୍ରତ୍ୟେକ ଦାୟିତ୍ୱ ନିର୍ବାହ ପାଇଁ ଆହ୍ୱାନ ଦେଇଥିଲେ। ଉକ୍ତ ହବିଷ୍ୟାଳି କେନ୍ଦ୍ରଗୁଡ଼ିକ ହବିଷ ବ୍ରତ ଆରମ୍ଭ ପୂର୍ବରୁ ପ୍ରସ୍ତୁତ ରଖିବା, ମା’ମାନଙ୍କର ଭଲ ଭାବେ ରହଣି ବ୍ୟବସ୍ଥା, ପାନୀୟଜଳ, ଶୌଚାଳୟ, ଆଲୋକ, ସ୍ୱାସ୍ଥ୍ୟ ସେବା ଇତ୍ୟାଦିକୁ ସୁନିଶ୍ଚିତ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ସମସ୍ତଙ୍କୁ ସ୍ୱାଗତ କରି ଏଥର ୪ଟି ଜାଗାରେ ରହଣି ବ୍ୟବସ୍ଥା କରାଯାଉଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ ଅଧିକାରୀମାନେ ଏହାକୁ ଅନୁଧ୍ୟାନ କରିଛନ୍ତି ବୋଲି କହିଥିଲେ। ହବିଷ୍ୟାଳି ଯୋଜନାରେ ବୟସ୍କା ମା’ମାନେ ରହୁଥିବାବେଳେ ସରକାରଙ୍କ ପରାମର୍ଶ କ୍ରମେ ଜିଲ୍ଲା ପ୍ରଶାସନ ସମସ୍ତ ସୁବିଧା ଯୋଗାଇବାକୁ ବ୍ୟବସ୍ଥା କରୁଛି। ସେମାନଙ୍କ ସୁରକ୍ଷିତ ରହଣି, ସୁରକ୍ଷା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ପ୍ରବଚନ, ଭଜନ, ପାଲା ଇତ୍ୟାଦି ବ୍ୟବସ୍ଥା, ଚିକିତ୍ସା, ପରିମଳ, ପାନୀୟଜଳ, ସ୍ୱେଚ୍ଛାସେବୀ ସହଯୋଗ ଇତ୍ୟାଦି ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗଗୁଡ଼ିକୁ ପରାମର୍ଶ ଦେଇଥିଲେ। ଏହାକୁ ସୁନିୟନ୍ତ୍ରିତ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯିବ। ଏହି କାର୍ଯ୍ୟ ଏକ ମାସ ଧରି କରିବାର ଆବଶ୍ୟକତା ଥିବାରୁ ବିଭିନ୍ନ ବିଭାଗର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯିବ। ତେଣୁ ଏହି କାର୍ଯ୍ୟକୁ ପାରସ୍ପରିକ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା, ଡିଆଇଜି ଅତିରିକ୍ତ ଏସ୍‌ପି ଦେବୀ ପ୍ରସାଦ ପ୍ରତାପ, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟରଞ୍ଜନ ଦ୍ୱିବେଦୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ଭୂତଳ ଜଳ ସମସ୍ୟା ଓ ପରିଚାଳନା ନେଇ ଆଲୋଚନା




ପୁରୀ,୧୨।୯ (ସମିସ): କେନ୍ଦ୍ରୀୟ ଭୂତଳ ଜଳ ପରିଷଦ ଦକ୍ଷିଣ-ପୂର୍ବ କ୍ଷେତ୍ର ଭୁବନେଶ୍ୱର ଓ ରାଜୀବ ଗାନ୍ଧୀ ଜାତୀୟ ଭୂଜଳ ଅନ୍ୱେଷଣ ଓ ପ୍ରଶିକ୍ଷଣ ସଂସ୍ଥା ରାୟପୁର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟରେ ‘ଆଞ୍ଚଳିକ ଭୂଜଳ ସମସ୍ୟା ଏବଂ ଭୂଜଳ ପରିଚାଳନାରେ ସହଭାଗିତା’ ଶୀର୍ଷକ ଏକଦିବସୀୟ ତୃତୀୟସ୍ତର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କେନ୍ଦ୍ରୀୟ ଭୂଜଳ ପରିଷଦର କ୍ଷେତ୍ରିୟ ନିର୍ଦ୍ଦେଶକ ଡ. ବିକ୍ରମ କୁମାର ସାହୁ, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ପ୍ରମୋଦ କୁମାର ତ୍ରିପାଠୀ ଓ ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ମନମୋହନ ପଲେଇ ଓ ସୁନିତା ସରକାର ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଭୂଜଳର ଉପଯୋଗିତା ଓ ପରିଚାଳନା ସମ୍ପର୍କରେ ଅବଗତ କରିଥିଲେ।

ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଭୂତଳ ଜଳ ପରିଷଦର ବରିଷ୍ଠ ବୈଜ୍ଞାନିକ ଚିରଶ୍ରୀ ମହାନ୍ତି, ମୌସୁମୀ ସାହୁ, ପୂର୍ବା ବେରା, ଆଶୁତୋଷ ଚୌଧୁରୀ ଓ ରସାୟନବିତ୍ ବିରଞ୍ଚି ନାରାୟଣ ଦେହୁରୀ, ପାୱାର ପଏଣ୍ଟ ମାଧ୍ୟମରେ ଭୂତଳ ଜଳ ସମସ୍ୟା, ପରିଚାଳନା ଓ ଗୁଣବତ୍ତା ସହିତ ଜଳ ସଂରକ୍ଷଣ ଓ କୃତ୍ରିମ ରିଚାର୍ଜ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଆଶୁତୋଷ ଚୌଧୁରୀ ଓ ରାଜେଶ ବାବୁଙ୍କ ଦ୍ୱାରା ଏକ କୁଇଜ୍ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାୟ ୧୫୦ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ସକ୍ରିୟ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କେନ୍ଦ୍ରୀୟ ଭୂଜଳ ବୋର୍ଡର ବୈଜ୍ଞାନିକ ସୁମିତା ସର୍କାରଙ୍କ ଦ୍ୱାରା ପରିଚାଳନା ଓ ଶେଷରେ ବୈଜ୍ଞାନିକ ପୂର୍ବା ବେରାଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା।



ଶ୍ରୀମନ୍ଦିରକୁ ଦେଖି ନାଚି ଉଠୁଛି କାଶତଣ୍ଡି (ଫଟୋ: ଅନିଲ)

## ପୁଲିସ ଆଇନ ୩୦ ଧାରା ୯୦ ଦିନ ବଳବତ୍ତର

ପୁରୀ,୧୨।୯ (ସମିସ): ପୁଲିସ ଆଇନର ୩୦ ଧାରା ପୁରୀ ଜିଲ୍ଲାରେ ଲାଗୁ କରାଯାଇଛି। ଏହା ଅଗଷ୍ଟ ୨୫ରୁ ନଭେମ୍ବର ୨୨ ତାରିଖ ୯୦ ଦିନ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ପୁଲିସ ଷ୍ଟେସନ ଅଞ୍ଚଳ, ପୁରୀ ପୌରାଞ୍ଚଳ, ପିପିଲି, କୋଣାର୍କ ଓ ନିମାପଡ଼ା ଏନ୍‌ଏସି ଅଞ୍ଚଳରେ ବଳବତ୍ତର ରହିବ। ଏହି ସମୟ ମଧ୍ୟରେ ବିନା ଅନୁମତିରେ ସଭା, ଶୋଭାଯାତ୍ରା, ମାଇକ୍ ବ୍ୟବହାରକୁ ବେଆଇନ ଘୋଷଣା କରାଯାଇଛି ବୋଲି ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

## ଦୁଇ ବାଇକ୍ ଉଦ୍ଧାର: ଲୁଟେରା ଓ କ୍ରେତା ଗିରଫ

ପୁରୀ,୧୨।୯ (ସମିସ): ବାଇକ୍ ଲୁଟେରା ଏବଂ ଚୋରା ବାଇକ୍ କିଣିଥିବା ଜଣେ ଯୁବକଙ୍କୁ ଗିରଫ କରିଛି ସିଂହଦ୍ୱାର ଥାନା ପୁଲିସ। ଗୋଟିଏ ଚୋରି ବାଇକ୍ ଖୋଜୁଖୋଜୁ ପୁଲିସ ଅଭିଯୁକ୍ତଠାରୁ ଆଉ ଏକ ଚୋରା ବାଇକ୍ ଜବତ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ପୁରୀ ସଦର ଥାନା ଅନ୍ତର୍ଗତ ହଳଦିଆର ତୋଫାନ ବେହେରା ଏବଂ ତା’ଠାରୁ ଚୋରା ବାଇକ୍ କିଣିଥିବା ସତ୍ୟବାଦୀ ବ୍ଲକ୍ ବରାଳ ଗ୍ରାମର ନୃସିଂହ ମହାପାତ୍ର। ପୁଲିସ ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୨୪ ତାରିଖରେ ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ(ଏସ୍‌ଏସ୍‌ଏମ୍‌ଏସ୍‌ଭି) ସିପାହୀ କିଶୋର ଚନ୍ଦ୍ର ବେହେରାଙ୍କ ଆପାଚି ବାଇକ୍ ଚୋରି ହୋଇଥିଲା। ଏ ନେଇ ସେ ସିଂହଦ୍ୱାର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା (ନଂ.୧୩୦/୨୫) ରୁଜୁ କରି ତଦନ୍ତ ଚଳାଇଥିବାବେଳେ ତୋଫାନକୁ କାବୁ କରି ତା’ଠାରୁ କିଶୋରଙ୍କ ବାଇକ୍ ଜବତ କରିଥିଲା। ଖୋଳତାଡ଼ ବେଳେ ତୋଫାନ ଆଉ ଏକ ବାଇକ୍ ମାଟିମଣ୍ଡପ ସାହିରୁ ଚୋରି କରି ନୃସିଂହଙ୍କୁ ମାତ୍ର ୨ ହଜାର ଟଙ୍କାରେ ବିକ୍ରି କରିଥିଲା ବୋଲି ଜଣାପଡ଼ିଥିଲା। ପୁଲିସ ସେହି ବାଇକ୍‌କୁ ମଧ୍ୟ ଜବତ କରିବା ସହ ନୃସିଂହଙ୍କୁ ଗିରଫ କରିଛି। ଉଭୟଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି।

## ଡ୍ରେସ୍ ଦୋକାନରୁ ଚୋରି, ଜଣେ ଗିରଫ

ପୁରୀ,୧୨।୯ (ସମିସ): ସମୁଦ୍ର କୂଳରେ ଥିବା ଏକ ରେଡିମେଡ୍ ଡ୍ରେସ୍ ଦୋକାନ ଭାଙ୍ଗି ପୋଷାକପତ୍ର ଚୋରି କରିବା ଅଭିଯୋଗରେ ସମୁଦ୍ର କୂଳ ଥାନା ପୁଲିସ ଜଣକୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବଳିଆପଣ୍ଡା ଥାନା ଶାନ୍ତି ଗେଷ୍ଟହାଉସ୍ ଲେନ୍‌ର ତ୍ରିନାଥ ବାରିକ। ପୁଲିସ ସୂଚନା ଅନୁଯାୟୀ, ଗୋଛିକାର ହୋଟେଲ ସମ୍ମୁଖ ବେଳାଭୂମିରେ ଗୌଡ଼ବାଡ଼ ସାହିର ବାସୁଦେବ ଶିଳଙ୍କର ଏକ ରେଡିମେଡ୍ ଡ୍ରେସ୍ ଦୋକାନ ରହିଛି। ଗତ ବୁଧବାର ରାତିରେ କେହି ଦୁର୍ବୃତ୍ତ ତାଙ୍କ ଦୋକାନ ଭାଙ୍ଗି ପ୍ରାୟ ୧୫ ହଜାର ଟଙ୍କା ମୂଲ୍ୟର ପୋଷାକପତ୍ର ଚୋରି କରିଥିବା ବାସୁଦେବ ସମୁଦ୍ର କୂଳ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ଅଭିଯୁକ୍ତ ତ୍ରିନାଥକୁ ଗିରଫ କରିଛି। ତା’ ନିକଟରୁ ଚୋରି ପୋଷାକପତ୍ର ଜବତ କରାଯାଇଥିବା ପୁଲିସ କହିଛି।

## ରାଜ୍ୟସ୍ତରୀୟ ବିଦ୍ୟାଳୟ ପ୍ରତିଯୋଗିତା ପ୍ରସ୍ତୁତି

ପୁରୀ,୧୨।୯ (ସମିସ): ପୁରୀ ଜିଲ୍ଲା ସ୍କୁଲ୍‌ରେ ରାଜ୍ୟସ୍ତରୀୟ ବିଦ୍ୟାଳୟ ବକ୍ସିଂ, ମାଲ୍ ଖମ୍ବ ଓ ଜିମ୍ନାଷ୍ଟିକ୍ ପ୍ରତିଯୋଗିତା ପାଇଁ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ଆସନ୍ତା ୧୭ରୁ ତିନିଦିନ ଧରି ଅନୁଷ୍ଠିତ ହେବ। ସାରାରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୩୫୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଓ ୧୦୦ରୁ ଅଧିକ କୋଚ୍, ମ୍ୟାନେଜର ତଥା ଅଫିସିଆଲ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ, କୋଚ୍ ଓ ବିଭିନ୍ନ ବିଭାଗୀୟ ଅଫିସିଆଲ ଯୋଗଦେବା ସହ କ୍ରୀଡ଼ାବିତ୍ ଓ ଅନ୍ୟମାନଙ୍କର ସୁବିଧାରେ ରହିବା, ଖାଇବା ଓ କ୍ରୀଡ଼ା ପରିଚାଳନା କରିବା ଆଦି ସମ୍ପର୍କରେ ବିଭିନ୍ନ କମିଟି ଜିଲ୍ଲା ଶିକ୍ଷାଧିକାରୀ ଦୀପକ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ଦ୍ୱିତୀକାନ୍ତ ପ୍ରଧାନ, ଜିଲ୍ଲାର ପ୍ରତ୍ୟେକ ବ୍ଲକ୍‌ର ବିଇଓ, ସୁବାସ ଚନ୍ଦ୍ର ସାହୁ, ରାମଚନ୍ଦ୍ର ମିଶ୍ର ପ୍ରମୁଖ ପ୍ରଧାନଶିକ୍ଷକ ଓ ଜିଲ୍ଲା ସ୍କୁଲ ପୁରୀର ପ୍ରଧାନଶିକ୍ଷକ ପ୍ରମୋଦ କୁମାର କର ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ବିଦ୍ୟାଧର ମିଶ୍ର ସ୍ୱାଗତ ଭାଷଣ ଓ ଶାରୀରିକ ଶିକ୍ଷା ଶିକ୍ଷକ ନିହାର ରଞ୍ଜନ ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଅପହୃତ ନବାଳିକା ଉଦ୍ଧାର

ପୁରୀ,୧୨।୯ (ସମିସ): ସମୁଦ୍ର କୂଳ ଥାନା ଦିଗବାରିଣୀ ଛକରୁ ଜଣେ ନାବାଳିକା ନିଖୋଜ ହୋଇଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ପୁଲିସ ସହିତ ପରିବାର ପକ୍ଷରୁ ଦାଖଲ ନିଖୋଜ ରିପୋର୍ଟ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ନାବାଳିକାଙ୍କୁ ଉଦ୍ଧାର ପାଇଁ ସମୁଦ୍ରକୂଳ ଥାନା ପୁଲିସ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ସନ୍ଦିଗ୍ଧ ସ୍ଥାନଗୁଡ଼ିକରେ ତଦନ୍ତ, ସର୍ଭିଲାନ୍ସ ଓ ସୋସିଆଲ୍ ନେଟ୍‌ୱର୍କ ମାଧ୍ୟମରେ ଖୋଜିବା ଜାରି ରହିଥିଲା। ପୁଲିସ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଶୁକ୍ରବାର ରେଳ ଷ୍ଟେସନରୁ ନାବାଳିକାକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସମ୍ପୃକ୍ତ ନାବାଳିକାକୁ ଶିଶୁ ମଙ୍ଗଳ କମିଟି ସମ୍ମୁଖରେ ହାଜର କରାଯାଇ ତା’ର କାଉନ୍‌ସେଲିଂ, ସୁରକ୍ଷା ଓ ପୁନର୍ବାସ ପାଇଁ ବ୍ୟବସ୍ଥା କରାଯିବ। ଏହି ଘଟଣାର ଅଭିଯୁକ୍ତ ଏବଂ ଅନ୍ୟାନ୍ୟ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ଲାଗି ପୁଲିସ ଉଦ୍ୟମ ଚଳାଇଛି। ପୁରୀ ପୁଲିସ ସର୍ବଦା ମହିଳା, ଶିଶୁଙ୍କ ସୁରକ୍ଷା ପ୍ରତି ସଚେତନ ଓ ସତର୍କ ରହିଛି। ଯଦି ନାବାଳିକା, ମହିଳାଙ୍କ ପ୍ରତି କେହି ବ୍ୟକ୍ତି କିଛି ସନ୍ଦେହଜନକ କାର୍ଯ୍ୟକଳାପ କରିବାର ନଜରକୁ ଆସୁଛି ତେବେ ପୁଲିସକୁ ସୂଚନା ଦେବା ପାଇଁ ଏସ୍‌ପି ଶ୍ରୀ ପ୍ରତୀକ ସିଂ କହିଛନ୍ତି।

ଦୁର୍ଗାପୂଜା ଓ ଭସାଣି ପ୍ରସ୍ତୁତି ବୈଠକ

# ସବୁ କମିଟି ନେବେ ଅନୁମତି



ପୁରୀ,୧୨।୯ (ସମିସ): ଦୁର୍ଗାପୂଜା ଓ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ଏକ ପ୍ରସ୍ତୁତି ବୈଠକ ସର୍କିଟ୍ ହାଉସ ସମ୍ମିଳନୀ ଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଶ୍ରୀକ୍ଷେତ୍ରରେ ଦୁର୍ଗା ପୂଜା ନିଆରା ଭାବେ ପାଳନ ହେବା ସହ ସିଂହଦ୍ୱାରଠାରେ ଭସାଣି ବା ଗୋଷାଣି ଯାତ୍ରା ଅନୁଷ୍ଠିତ ହୋଇଥାଏ। ପ୍ରତ୍ୟେକ ପୂଜା କମିଟି ଓ ବିଭାଗ ଶୃଙ୍ଖଳାର ସହ ଏହାକୁ ପରିଚାଳନା କରିବାକୁ ଅନୁରୋଧ କରିଥିଲେ। ଏସ୍‌ପି ପ୍ରତୀକ ସିଂ କୋର୍ଟ ଓ ସରକାର ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକା ଆଧାରରେ ଏବଂ ସମସ୍ତଙ୍କ ସହଯୋଗରେ ଏହି ମହାନ ପର୍ବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ଅନୁରୋଧ କରିଥିଲେ। ଅକ୍ଟୋବର ୨ରେ ଦଶହରା ଓ ୩ରେ ଭସାଣି ଗୋଷାଣି ଯାତ୍ରା ସିଂହଦ୍ୱାରଠାରେ ଅନୁଷ୍ଠିତ ହେବ। ଆସନ୍ତା ୨୮ରେ ଷଷ୍ଠୀ, ୨୯ରେ ମହାସପ୍ତମୀ, ୩୦ରେ ମହାଷ୍ଟମୀ, ଅକ୍ଟୋବର ୧ରେ ନବମୀ ଅନୁଷ୍ଠିତ ହେବ। ତେବେ ପୂଜା ସମୟରେ ପ୍ରତ୍ୟେକ ପୂଜା କମିଟି ଉପଯୁକ୍ତ କର୍ତ୍ତୃପକ୍ଷଙ୍କଠାରୁ ବିଦ୍ୟୁତ୍ ଯୋଗାଣ, ଅଗ୍ନି ନିର୍ବାପକ, ତୋରଣ ନିର୍ମାଣ, ମାଇକ୍ ବ୍ୟବହାର, ମଣ୍ଡପ ସ୍ଥାନ ଇତ୍ୟାଦିର ଅନୁମତି ନେବା ଜରୁରୀ। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କୌଣସି କ୍ଷେତ୍ରରେ ବିନା ଅନୁମତିରେ ପୂଜା ମଣ୍ଡପରେ ପୂଜା ହୋଇପାରିବ ନାହିଁ। ପୂଜା କମିଟିମାନେ ଅଗ୍ନି ନିର୍ବାପକ ବ୍ୟବସ୍ଥା, ରାସ୍ତା ଅବରୋଧ ନ କରି ମଣ୍ଡପ ବା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଓ ସ୍ୱଚ୍ଛତା ବ୍ୟବସ୍ଥା କରିବେ। କୌଣସି ପୂଜା କମିଟି ବାଣ ଫୁଟାଇବେ ନାହିଁ। ଭସାଣି ଦିନ ସିଂହଦ୍ୱାରଠାରେ ସମସ୍ତ ମେଢ଼ ଏକତ୍ରିତ ହେବେ। ସେଠାରେ ମେଢ଼ ପ୍ରଦର୍ଶନ କରାଯିବା ପରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ମେଢ଼ଗୁଡ଼ିକ ପୌରପାଳିକା ପକ୍ଷରୁ ପ୍ରସ୍ତୁତ ଶ୍ରୀସେତୁ ନିକଟ ମୂଷା ନଈର ଅସ୍ଥାୟୀ ପୋଖରୀରେ ବିସର୍ଜିତ ହେବେ। ଏଠାରେ ଆଲୋକ ବ୍ୟବସ୍ଥା, ଅସ୍ଥାୟୀ ପୋଖରୀ ପ୍ରସ୍ତୁତ, କ୍ରେନ୍ ବ୍ୟବସ୍ଥା ଓ ଯୋଗାଯୋଗ ରାସ୍ତାକୁ ମରାମତି ପୌରପାଳିକା ପକ୍ଷରୁ କରାଯିବ। ସେହିପରି ଆରକ୍ଷୀ ବିଭାଗ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିର୍ବାପକ ଓ କୌଣସି ଦୁର୍ଘଟଣା ପାଇଁ ପଦକ୍ଷେପ ନେବା, ପୂଜା ଓ ଭସାଣି ସମୟରେ ପାନୀୟଜଳ, ଆଲୋକ, ରାସ୍ତାଘାଟ ମରାମତି ଇତ୍ୟାଦି ବ୍ୟବସ୍ଥା ସମ୍ପୃକ୍ତ ବିଭାଗ କରିବାକୁ ଅନୁରୋଧ କରାଯାଇଥିଲା। ପୂଜା କମିଟିମାନେ ଶୃଙ୍ଖଳାରକ୍ଷା ଓ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀ ନିୟୋଜନ କରିବା, ସିସିଟିଭି ଲଗାଇବା, ପୂଜା କମିଟିର ସ୍ୱେଚ୍ଛାସେବୀଙ୍କୁ ଚିହ୍ନଟ ପାଇଁ ପରିଚୟପତ୍ର ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥା ସହ ସ୍ଥାୟୀ ବିସର୍ଜନ ସ୍ଥଳକୁ ପୂର୍ବ ପରି ଆକର୍ଷଣୀୟ କରିବାକୁ ଅନୁରୋଧ କରାଯାଇଥିଲା।

କୌଣସି ପୂଜା କମିଟି ବାଣ ଫୁଟାଇବେ ନାହିଁ

ବୈଠକରେ ଜିଲ୍ଲା ଓ ପୁଲିସ ପ୍ରଶାସନିକ ଅଧିକାରୀଙ୍କ ସମେତ ଶ୍ରୀକ୍ଷେତ୍ର ଗୋଷାଣି ପୂଜା କମିଟିର ଉପସଭାପତି ରାମଚନ୍ଦ୍ର ଦାସ ମହାପାତ୍ର, ଉପସଭାପତି ନାରାୟଣ ମହାସୁଆର, ସମ୍ପାଦକ ଅନିରୁଦ୍ଧ ରାଉତ, ଯୁଗ୍ମ ସମ୍ପାଦକ ଗଣେଶ ମହାସୁଆର, ପ୍ରଶାନ୍ତ ମହାନ୍ତି, କୋଷାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ସଦସ୍ୟ ଶ୍ୟାମସୁନ୍ଦର ମହାପାତ୍ର, ବିଭିନ୍ନ ବିଭାଗର ଅଧିକାରୀ, ସମସ୍ତ ଦୁର୍ଗାପୂଜା ମଣ୍ଡପର ସଭାପତି, ସମ୍ପାଦକ ଓ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ପୂଜା କମିଟି ପକ୍ଷରୁ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା।







# ଆଗକୁ ଦୁର୍ଗାପୂଜା; ରାସ୍ତାକୁ ନେଇ ଚିନ୍ତା

ଧଉଳି, ୧୨।୯ (ସମିସ): ଆଉ ମାତ୍ର କିଛି ଦିନପରେ ମା'ଦୁର୍ଗା ଧରାବତାରଣ ହେବେ। ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପୂଜା ପୂର୍ବରୁ ତଥା ସେପ୍ଟେମ୍ବର ୨୦ ପୂର୍ବରୁ ରାସ୍ତାଘାଟ କାମ କରିବା ପାଇଁ ଘୋଷଣା କରିଛନ୍ତି।ତିନ୍ତୁ ଧଉଳି ଥାନା ଅଧୀନ ଲିଙ୍ଗିପୁର୍ ପେଟ୍ରୋଲ ପମ୍ପ ଠାରୁ ଗଙ୍ଗୁଆ ବ୍ରିଜ ରାସ୍ତା ପର୍ଯ୍ୟନ୍ତ ୧୦୦ରୁ ଅଧିକ ଛୋଟ ବଡ଼ ଖାଲ ଢିପରେ ଭର୍ତ୍ତି। ରାସ୍ତା ମରାମତି ପାଇଁ ସାଧାରଣରେ ଦାବି ହୋଇଛି। ଏହା ବେତୀତ ଦୀର୍ଘ ଦିନ ଧରି ବାଳକାଟି ଭାର୍ଗବୀ ସେତୁ ଠାରୁ ମା' ଦୁଲ୍ଲାଦେବୀ ପର୍ଯ୍ୟନ୍ତ ଏବଂ ବାଳକାଟି ପୁରୀ ମୁଖ୍ୟକେନାଲ ଠାରୁ ଝିଣ୍ଟିଶାସନ ଅଚ୍ୟୁତପୁର ପର୍ଯ୍ୟନ୍ତ ରାସ୍ତା ଖାଲମୟ ହୋଇଛି। ଏହି ରାସ୍ତା ସମସ୍ୟା ବିଭିନ୍ନ ସମୟରେ ଖବରକାଗଜରେ ପ୍ରକାଶିତ ହୋଇଥିଲେ ମଧ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ରାସ୍ତାରେ ଏଭଳି ଅବସ୍ଥା ଯୋଗୁଁ ଦୈନିକ ଛୋଟମୋଟ ଦୁର୍ଘଟଣା ଘଟି ଖଣ୍ଡିଆଖାବରା ହୋଇଛନ୍ତି। ଭାର୍ଗବୀ ସେତୁ ଠାରୁ ମା' ଦୁଲ୍ଲାଦେବୀ ପର୍ଯ୍ୟନ୍ତ ପ୍ରାୟ ୨ କିମି ବିଶିଷ୍ଟ ରାସ୍ତା ବାଳକାଟୀ ବଜାର, ମଦନମୋହନ ମନ୍ଦିର ଛକ, ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ, ପୋଷ୍ଟ ଅଫିସ ନିକଟ, ପୁରୀ ମୁଖ୍ୟକେନାଲ ଏବଂ ସାର ଦୋକାନ ନିକଟରେ ବଡବଡ ଖାଲ ହୋଇଛି। ସେହି ଖାଲ ଭିତରେ ବର୍ଷାଜଳ ଜମି ରହି ଯାତାୟତରେ ଘୋର ସମସ୍ୟା ସୃଷ୍ଟି କରୁଛି। ସେହିପରି ଏହି ଖାଲ ଜାଣି ନ ପାରି ମୋଟର ସାଇକଲ ଚାଳକମାନେ ଦୁର୍ଘଟଣାର ଶିକାର ହେବାସହ ଖାଲରେ ପଡ଼ି ଖଣ୍ଡିଆଖାବରା ହେଉଛନ୍ତି। ବିଶେଷ କରି ରାତି ସମୟରେ ଏହି ସମସ୍ୟା ଦ୍ୱିଗୁଣିତ ହେଉଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଉପରେ ନିମାପଡ଼ା, ବନମାଳିପୁର, ବାଲିପାଟଣା ଠାରୁ ଆରମ୍ଭ କରି ଭୁବନେଶ୍ୱର ପର୍ଯ୍ୟନ୍ତ ଦୈନିକ ହଜାର ହଜାର ୨ ଚକିଆ ଠାରୁ ଆରମ୍ଭ କରି ୪ ଚକିଆ ଓ ଭାରୀଯାନ ଚଳାଚଳ କରିଥାଏ। ସେହିପରି ବାଳକାଟି ଝିଣ୍ଟିଶାସନ ଭାର୍ଗବୀ ନଦୀବନ୍ଧ ରାସ୍ତା ଉପରେ ବାଳକାଟି ସମେତ ପୁରୋହିତପୁର, ଆଳିଶିଶାସନ, ଝିଣ୍ଟିଶାସନ, ରାଜସ, ମୁକୁନ୍ଦାସପୁର ସୋମଣାଶାସନ, କୁରଞ୍ଜିପୁର ଆଦି ପଞ୍ଚାୟତ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଭୁବନେଶ୍ୱର, କଟକ ଭଳି ପ୍ରମୁଖ ସ୍ଥାନକୁ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ମାତ୍ର ଉକ୍ତ ରାସ୍ତା ଏବେ ଖାଲଖମାରେ ପରିପୂର୍ଣ୍ଣ ହୋଇଛି। ବଡ଼ ବଡ଼ ଖାଲ ଜାଣିନପାରି ଦୁର୍ଘଟଣାର ଶିକାର ହୋଇ ଆହତ ହେଉଥିବା ଲକ୍ଷ୍ୟ କରାଯାଇଛି।




● ସେପ୍ଟେମ୍ବର ୨୮ ରେ ମେଡିଏସନ କର୍ମଶାଳା

## ଯୋଗଦେବେ ପ୍ରଧାନ ବିଚାରପତି

ଭୁବନେଶ୍ୱର,୧୨।୯ (ସମିସ): ମଧ୍ୟସ୍ଥତା ମାଧ୍ୟମରେ ମକଦମା ଗୁଡିକର ସମାଧାନ ନେଇ ଚଳିତ ସେପ୍ଟେମ୍ବର ୨୮ ତାରିଖରେ ଭୁବନେଶ୍ୱରରେ ଦ୍ୱିତୀୟ ନ୍ୟାସନାଲ ମେଡିଏସନ କର୍ମଶାଳା ଅନୁଷ୍ଠିତ ହେବ। ଲୋକସେବା ଭବନ ସ୍ଥିତ କନଭେନସନ ହଲରେ ହେବାକୁ ଥିବା ଏହି କର୍ମଶାଳାକୁ ସବୁ ଦିଗରୁ ସଫଳ କରିବା ଲାଗି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ହୋଇଛି। ଏହି ବୈଠକରେ "ନ୍ୟାସନାଲ ମେଡିଏସନ କର୍ମଶାଳା'ରେ ଯୋଗ ଦେବାକୁ ଥିବା ଅତିଥି, ସେମାନଙ୍କ ରହଣି, ଆତିଥେୟତା ଓ କର୍ମଶାଳା ଆୟୋଜନ ବିଷୟରେ ବିସ୍ତୃତ ଆଲୋଚନା ହୋଇଛି। ପ୍ରଥମ ଥର ଲାଗି ଓଡ଼ିଶାରେ ଆୟୋଜିତ ଏହି କର୍ମଶାଳାକୁ ସଫଳ କରିବା ସହ ଯୋଗ ଦେଉଥିବା ପ୍ରତିନିଧିମାନେ ଯେପରି ଓଡ଼ିଶାର କଳା, ସଂସ୍କୃତି, ପର୍ଯ୍ୟଟନ ଓ ଆତିଥେୟତାର ଭଲ ସ୍ମୃତି ନେଇ ପ୍ରତ୍ୟାବର୍ତ୍ତନ କରିବେ ସେଥିଲାଗି ଯତ୍ନବାନ ହେବାକୁ ବିଭାଗର ଅଧିକାରୀ ମାନଙ୍କୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଛନ୍ତି। ଆଲୋଚନା ଅନୁଯାୟୀ ଏହି ଜାତୀୟ କର୍ମଶାଳାରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ବି ଆର ଗାଭାଇଙ୍କ ସମେତ ବିଭିନ୍ନ ରାଜ୍ୟର ମୁଖ୍ୟ ବିଚାରପତି, ବିଚାରପତି, ଆଡଭୋକେଟ ଜେନେରାଲ, ଆଇନ ସଚିବ, ମଧ୍ୟସ୍ଥତା ସହିତ ସମ୍ପୃକ୍ତ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି ମାନେ ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଆଜିର ବୈଠକରେ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ, ଡିଜିପି ଯୋଗେଶ ବାହାଦୁର ଖୁରାନିଆ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକ, ସୂଚନା ପ୍ରଯୁକ୍ତି ଓ ଶକ୍ତି ବିଭଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ପୁଲିସ କମିଶନର ଦେବ ଦତ୍ତ ସିଂହ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

● ଦୁଗ୍ଧ ଚାଷୀଙ୍କ ଚେତାବନୀ

## ୧୮ ରେ ବିଧାନସଭା ଘେରିବେ ଦୁଗ୍ଧଚାଷୀ

ଆକ୍ରମଣକାରୀ ଗୋମାଫିଆଙ୍କୁ ଗିରଫ ଦାବି

ଭୁବନେଶ୍ୱର, ୧୨।୯ (ସମିସ): ଦୁଗ୍ଧ ଚାଷୀମାନେ ଗାଈ କିଣି ଘରକୁ ନେଉଥିଲା ବେଳେ ଗୋମାଫିଆ ମାନେ ଆକ୍ରମଣ କରୁଛନ୍ତି। ଟଙ୍କା ମାଗୁଛନ୍ତି, ଲୁଟ୍ ପାଟ୍ କରୁଛନ୍ତି। କିଛି ଦେଲେ ଆକ୍ରମଣ କରୁଛନ୍ତି। ଆଇନ୍‌ଶୃଙ୍ଖଳା ପରିସ୍ଥିତିକୁ ନିଜ ହାତକୁ ନେଇ ପୁଲିସ ସାମ୍ନାରେ ଗୁଣ୍ଡାରାଜ କରୁଛନ୍ତି। ଏହାସତ୍ତ୍ୱେ ପୁଲିସ ଲୋକ ଦେଖାଣିଆ ଗିରଫ କରୁଛି। ଖୋଜା ଚାଲିଛି, ଅଭିଯୁକ୍ତଙ୍କୁ ପାଉ ନାହୁଁ କହି ଦିନ ଗଡ଼ାଇ ଚାଲିଛି। ଏଣୁ ଦୁଗ୍ଧଚାଷୀମାନେ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଖଣ୍ଡଗିରି ଏବଂ ପଳାଶୁଣିରେ ଆକ୍ରମଣ ଅଭିଯୁକ୍ତଙ୍କୁ ଆସନ୍ତା ୧୭ ତାରିଖ ମଧ୍ୟରେ ତୁରନ୍ତ ଗିରଫ କର। ନ ହେଲେ ୧୮ ତାରିଖ ଦିନ ବିଧାନସଭା ଘେରାଉ ହେବ ବୋଲି ଭୁବନେଶ୍ୱରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦୁଗ୍ଧ ଚାଷୀ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

ଏହି ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘର ରାଜ୍ୟ ଅଧ୍ୟକ୍ଷ ରବି ବେହେରା, ଦୁଗ୍ଧ ଉତ୍ପାଦନକାରୀ ସଂଘ, ଭୁବନେଶ୍ୱରର ସଭାପତି ରାଜକିଶୋର ଦାସ, ସମ୍ପାଦକ ନୃସିଂହ ବେହେରା, ଅଲ୍ ଓଡ଼ିଶା ଗୋପାଳ ସମାଜର ସମ୍ପାଦକ ନାରାୟଣ ଡାଲୁଆ, ଅଲ ଓଡ଼ିଶା ଗୋପାଳ ଯାଦବ ମହାସଂଘର ସମ୍ପାଦକ ନାରାୟଣ ବେହେରା, ଭୁବନେଶ୍ୱର ଜିଲ୍ଲା ଯାଦବ ମହାସଭା ମହିଳା ସଭାନେତ୍ରୀ ପୁଷ୍ପାଞ୍ଜଳି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରୋନିକ୍ସୱେର ପକ୍ଷରୁ 'ଚେକ୍‌ଡ ହେଲଥ୍ କେୟାର ଆପ୍' ଉନ୍ମୋଚିତ




ଭୁବନେଶ୍ୱର,୧୨।୯ (ସମିସ): ପ୍ରଯୁକ୍ତିବିଦ୍ୟା କମ୍ପାନୀ ଟ୍ରୋନିକ୍ସୱେର ପକ୍ଷରୁ ଅତ୍ୟାଧୁନିକ ଆପ୍ଲିକେସନ୍ ଫ୍ରେମୱାର୍କ ଷ୍ଟେ-ଚେକ୍‌ଡ ଆପ୍‌ର ଶୁଭାରମ୍ଭ ହୋଇଛି। ଏହି ଆପ୍ ପାଇଁ କମ୍ପାନି ୩ ବର୍ଷର ଗବେଷଣା କରିଥିବା ବେଳେ ଏହା ଓଡ଼ିଶାବାସୀଙ୍କ ପାଇଁ ଉତ୍ସର୍ଗ କରାଯାଇଥିବା ବେଳେ ଏହି ପ୍ଲାଟଫର୍ମ ଏକ ଏକୀକୃତ ଡିଜିଟାଲ୍ ଇକୋସିଷ୍ଟମ୍ ମଧ୍ୟରେ ସ୍ୱାସ୍ଥ୍ୟସେବା ପ୍ରଦାନ କରିବ। ଇଣ୍ଟେଲିଜେଣ୍ଟ ଆସିଷ୍ଟାଣ୍ଟ (ଆଇଏ) ମଡେଲ୍ ଦ୍ୱାରା ସଶକ୍ତ ଏହି କମ୍ପାନୀ ସ୍ୱାସ୍ଥ୍ୟସେବା ଯାତ୍ରାରେ ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ସୁଗମ ଅଭିଜ୍ଞତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି ଆପ୍ ପ୍ରଚଳନ କରିଛି। ବର୍ତ୍ତମାନ ଗୁଗୁଲ ପ୍ଲେ ଷ୍ଟୋର ଏବଂ ଆପଲ୍ ଆପ୍ ଷ୍ଟୋରରେ ଡାଉନଲୋଡ୍ କରାଯାଇପାରିବ। ଏହାଦ୍ୱାରା ଡାକ୍ତରମାନଙ୍କ ସ୍ଲଟ୍ ଏବଂ ସମୟ ପରିଚାଳନା, ନିଯୁକ୍ତି ସମୟ ନିର୍ଦ୍ଧାରଣ, ପୂର୍ବ ମେଡିକାଲ୍ ରେକର୍ଡ, ଡିଜିଟାଲ୍ ପ୍ରେସକ୍ରିପସନ୍ ଜେନେରେସନ୍ ଆଦି ଉପଲବ୍ଧ ରହିବ।ଏହାସହ ତୁରନ୍ତ ଆପଏଣ୍ଟମେଣ୍ଟ ବୁକିଂ ସହ ପରିବାର ସଦସ୍ୟଙ୍କ ପ୍ରୋଫାଇଲ୍ ଯାହାକି ଗୋଟିଏ ଆକାଉଣ୍ଟ ସହିତ ସମଗ୍ର ପରିବାର ପାଇଁ ସ୍ୱାସ୍ଥ୍ୟସେବା ପରିଚାଳନା କରାଯାଇପାରିବ। ଏହି ଅବସରରେ ଷ୍ଟେ-ଚେକ୍ଡ଼ର ପ୍ରତିଷ୍ଠାତା ଅସିତ୍ କେ. ଧଳ କହିଛନ୍ତି ଯେ, ଏହା କେବଳ ଏକ ଆପ୍ ନୁହେଁ, ଏହା ସ୍ମାର୍ଟ, ସଂଯୁକ୍ତ ଏବଂ ସଂପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଦିଗରେ ଏକ ଆନ୍ଦୋଳନ। ପ୍ରତ୍ୟେକ ରୋଗୀ ସୁଗମ, ସୁବିଧା ଚିକିତ୍ସା ସୁବିଧା ପାଇବେ। ଏପର୍ଯ୍ୟନ୍ତ ଏଥିରେ ପ୍ରାୟ ୫୦ କ୍ଲିନିକ୍‌କୁ ସାମିଲ କରାଯାଇଥିବା ବେଳେ ଭୁବନେଶ୍ୱର ଏବଂ କଟକର ୨୫୦ରୁ ଅଧିକ ଡାକ୍ତରଙ୍କୁ ସଂଯୋଗ କରାଯାଇଛି। ଆସନ୍ତା ୬ମାସ ମଧ୍ୟରେ ସାରା ଓଡ଼ିଶାରେ ୫୦୦ କ୍ଲିନିକ୍‌କୁ ସାମିଲ କରିବାକୁ ଲକ୍ଷ୍ୟ ରହିଛି।

## ୩୧ ହଲ୍‌ରେ ମୁକ୍ତିଲାଭ କଲା 'ଲହରୀ'

ଭୁବନେଶ୍ୱର, ୧୨।୯ (ସମିସ): ଓଡ଼ିଶାର ୩୧ଟି ସିନେମା ହଲ୍‌ରେ ମୁକ୍ତିଲାଭ କରିଛି ଓଡ଼ିଆ ଚଳଚ୍ଚିତ୍ର 'ଲହରୀ'। ଏସପ୍ଲାନେଡ ୱାନ ସ୍ଥିତ ସିନେପଲିସରେ ଏହାର ଗ୍ରାଣ୍ଡ ପ୍ରିମିୟର ଅନୁଷ୍ଠିତ ହୋଇ ଯାଇଛି। ବରିଷ୍ଠ ରାଜନେତା ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କେକ୍ କାଟିଥିଲେ ଏବଂ 'ଲହରୀ'ର ସମସ୍ତ ଟିମ ମେମ୍ବରଙ୍କୁ ଶୁଭେଚ୍ଛା ଜଣାଇଥିଲେ। କୋଲକାତା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଓ ମେଲବୋର୍ଣ୍ଣ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇଥିବା ଝିଲିକ ମୋସନ ପିକ୍‌ଚର୍ସ ନିବେଦିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଜାତୀୟ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ। ପ୍ରଯୋଜନା କରିଛନ୍ତି ଅଭିନେତ୍ରୀ ଝିଲିକ ଭଟ୍ଟାଚାର୍ଯ୍ୟ। ବିଭିନ୍ନ ଭୂମିକାରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ସ୍ମୃତି ମହଲା, ଦୀପାନ୍ୱିତ ଦାସ ମହାପାତ୍ର, ସୁଶାନ୍ତ ମିଶ୍ର, ହର ରଥ, ପ୍ରସେନଜିତ, ସ୍ୱସ୍ତିକ ଚୌଧୁରୀ, ଜେଇନବ ଡୋଇୟର, ଦେବଶିଷ ପାତ୍ର, ବାବୁସାନ ମହାନ୍ତି ଅଭିନୟ କରିଛନ୍ତି। ଏଥିରେ ସଙ୍ଗୀତ ଦେଇଛନ୍ତି କିଶଳୟ ରୟ। କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ ଓ ନବ୍ୟା ଜାଇତି। ଶବ୍ଦସଜ୍ଜାରେ ଅଛନ୍ତି ଅଦୀପ ସିଂ ମାଣିକ।

## ଆସନ୍ତା ୧୭ରୁ ସ୍ୱଚ୍ଛତା ହିଁ ସେବା ୨୦୨୫

ଭୁବନେଶ୍ୱର, ୧୨।୯ (ସମିସ): ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ସମସ୍ତ ୟୁଏଲ୍‌ବିରେ ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ପକ୍ଷକାଳୀନ "ସ୍ୱଚ୍ଛତା ହିଁ ସେବା ୨୦୨୫' ଅଭିଯାନକୁ "ସ୍ୱଚ୍ଛୋତ୍ସବ'ର ସହିତ ପାଳନ କରିବାକୁ ଆହ୍ୱାନ ଦିଆଯାଇଛି। ୨୦୧୭ ରେ ଆରମ୍ଭ ହେବା ପରେ ସ୍ୱଚ୍ଛତା ହି ସେବା ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଯାହା ସ୍ୱଚ୍ଛ ଓ ସ୍ଥାୟୀ ଭାରତର ଦୃଷ୍ଟିକୋଣ ପାଇଁ ସ୍ୱେଚ୍ଛାସେବୀ ମନୋଭାବ ଓ ସାମୁହିକ ନାଗରିକ କାର୍ଯ୍ୟକୁ ଦୃଢ଼ କରିଛି। ବର୍ଷବର୍ଷ ଧରି ଏହି ଅଭିଯାନ ଆକାର ଓ ପ୍ରଭାବରେ ବୃଦ୍ଧି ପାଇଛି। ଚଳିତବର୍ଷ ଅଭିଯାନରେ ନାଗରିକ ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ମୁଟ୍ କୋର୍ଟ ପ୍ରତିଯୋଗିତା ଉଦ୍‌ଘାଟିତ

ଭୁବନେଶ୍ୱର, ୧୨।୯ (ସମିସ): ଭାରତର ୨୩ତମ ଭାରତୀୟ ବିଧି ଆୟୋଗ ଅଧ୍ୟକ୍ଷ ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଦିନେଶ ମାହେଶ୍ୱରୀଙ୍କ ଦ୍ୱାରା କିଟ୍ ଲ ସ୍କୁଲରେ ପ୍ରଥମ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ମୁଟ୍ କୋର୍ଟ ପ୍ରତିଯୋଗିତା ୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ତିନି ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଜଷ୍ଟିସ୍ ମାହେଶ୍ୱରୀ ଯୋଗ ଦେଇଥିଲେ। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କୁଳାଧିପତି ଅଶୋକ କୁମାର ପରିଜା, ପ୍ରଫେସର ଏମେରିଟସ୍ ଏନ. ଏଲ୍. ମିତ୍ର, କିଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ରାଜୁ କେ. ଡି. ଏବଂ କିଟ୍ ଲ ସ୍କୁଲ ନିର୍ଦ୍ଦେଶକ ପ୍ରଫେସର ରୋଜ୍ ଭାର୍ଗୀଜ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଶିକ୍ଷାନୀତି ସଂକ୍ରାନ୍ତ କର୍ମଶାଳା

ଭୁବନେଶ୍ୱର, ୧୨।୯ (ସମିସ): ମମତା, ରୋଟାରୀ କ୍ଲବ ଭୁବନେଶ୍ୱର ନିୟୁ ହରାଇଜନ ପକ୍ଷରୁ ସିୱାଇଏସଡିର ପ୍ରେକ୍ଷାଳୟରେ 'ସମାଜ ପରିବର୍ତ୍ତନରେ ଶିକ୍ଷାର ଭୂମିକା ଓ ଜାତୀୟ ଶିକ୍ଷାନୀତିରେ ଏହାର ଦୃଷ୍ଟିକୋଣ' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିୱାଇଏସଡିର ସହପ୍ରତିଷ୍ଠାତା ଜଗଦାନନ୍ଦ ଓ ପ୍ରଫେସର ମଧୁମିତା ଦାସ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମର ବିଜୟା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲର ଅଧ୍ୟକ୍ଷା ଯୋଗ ଦେଇଥିବା ବେଳେ ପ୍ୟାନେଲ ଆଲୋଚନାରେ ପ୍ରଫେସର ଜୟନ୍ତୀ ଜଗଦେବ, ଡ. ଜ୍ୟୋତ୍ସ୍ନା ମହାପାତ୍ର, ଡ. ଆରତୀ ବିଶ୍ୱାଳ, ପ୍ରଫେସର ସ୍ମିତା ସିହ୍ନା ନିଜର ମତ ଉପସ୍ଥାପନା କରିଥିଲେ।

ପ୍ରକଳ୍ପଗୁଡ଼ିକୁ ବନ ବିଭାଗ ମଞ୍ଜୁରୀ ପ୍ରଦାନ ପାଇଁ ସମନ୍ୱୟ ବୈଠକ

## ଆନ୍ତଃବିଭାଗୀୟ ସମନ୍ୱୟକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର,୧୨।୯ (ସମିସ): ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପଗୁଡିକୁ ବନ ବିଭାଗ ମଞ୍ଜୁରୀ ପ୍ରଦାନ କ୍ଷେତ୍ରରେ ପ୍ରତିବନ୍ଧକ ଦୂର କରିବା ସଂକ୍ରାନ୍ତରେ ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ପିସିସିଏଫ୍ (ନୋଡାଲ୍) କେ.ମୁରୁଗେସନ, ସିସିଏଫ୍ (ନୋଡାଲ୍) ଏ. କେ. କର, ସ୍ୱତନ୍ତ୍ର ସଚିବ ଲିଙ୍ଗରାଜ ଓତା, ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଜେ.ପି. ମହାକୁଡ, ଦକ୍ଷିଣ ପୂର୍ବ ମୁଖ୍ୟ ଇଞ୍ଜିନିୟର ରେଳବାଇ ବିଜୟ କୁମାର, ଏନ୍‌ଏଚ୍‌ଏଆଇ ସିଜିଏମ୍ ବୀରେନ୍ଦ୍ର ସିଂହ ଏବଂ ପ୍ରକଳ୍ପଗୁଡିକର ପ୍ରତିନିଧିମାନେ ଯୋଗ ଦେଇଥିଲେ।

ବୈଠକରେ ଆନ୍ତଃବିଭାଗୀୟ ସମନ୍ୱୟକୁ ସୁଦୃଢ଼ କରିବା ସହ ସାମ୍ବିଧାନିକ ମାନଦଣ୍ଡ ଅନୁପାଳନ କରିବା ଉପରେ ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ ଗୁରୁତ୍ୱାରୋପ କରିଥିଲେ। ସେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ବିଭାଗୀୟ ବନ ଅଧିକାରୀ ଏବଂ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟରେ ସମ୍ଭାବ୍ୟ ପ୍ରତିବନ୍ଧକଗୁଡ଼ିକୁ ଚିହ୍ନଟ କରିବା ସହ ଦୂର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାଦ୍ୱାରା ପ୍ରକଳ୍ପଗୁଡ଼ିକ ଅଯଥାରେ ଅଟକି ରହିବ ନାହିଁ। ଜଙ୍ଗଲ ସଂରକ୍ଷଣ ମାନଦଣ୍ଡ ସହିତ ସାଲିସ କରାଯିବ ନାହିଁ। ବିକାଶ ପ୍ରକ୍ରିୟା ଅଟକି ରହିବ ନାହିଁ ବୋଲି କହିଥିଲେ। ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ, ଅଧିକାର ସମାଧାନ, କ୍ଷତିପୂରଣ ବନୀକରଣ ଆବଶ୍ୟକତା ଏବଂ ଜଙ୍ଗଲ ଜମିର ସଠିକ ସୀମା ନିର୍ଦ୍ଧାରଣ ସମେତ ବନ ବିଭାଗ ମଞ୍ଜୁରୀ ପ୍ରଦାନ କ୍ଷେତ୍ରରେ ପ୍ରାୟତଃ ବିଳମ୍ବ ହେଉଥିବା ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଉପରେ ସେ ଆଲୋଚନା କରିଥିଲେ। ଜିଆଇଏସ୍-ଆଧାରିତ ମ୍ୟାପିଂ, ପ୍ରସ୍ତାବଗୁଡ଼ିକର ଡିଜିଟାଲ୍ ତଦାରଖ ଏବଂ ସମୟୋଚିତ ଆନ୍ତଃବିଭାଗୀୟ ପରାମର୍ଶ ଭଳି ପ୍ରଯୁକ୍ତିବିଦ୍ୟା-ଚାଳିତ ସମାଧାନ ଗ୍ରହଣ କରିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ।

ସେ ଆହୁରି କହିଥିଲେ, ପ୍ରତି ମାସ ୧୨ ତାରିଖରେ, ପିଏମଜି ପ୍ରଗତି (ପ୍ରକଳ୍ପ ତଦାରଖ ଗୋଷ୍ଠୀ) ଅଧୀନରେ ପଡ଼ି ରହିଥିବା ପ୍ରକଳ୍ପଗୁଡ଼ିକ ଉପରେ ତାଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଏହା ଜଙ୍ଗଲ ସମସ୍ୟା ସମାଧାନ କରିବ। ନୋଡାଲ୍ ଅଧିକାରୀମାନେ ଜଙ୍ଗଲ ଜମି କିସମ ପରିବର୍ତ୍ତନ ପ୍ରସ୍ତାବଗୁଡ଼ିକୁ ଶୀଘ୍ର ପ୍ରକ୍ରିୟାକରଣ କରିବେ। ଦ୍ରୁତ ଏବଂ ଅଧିକ ସ୍ୱଚ୍ଛ ମଞ୍ଜୁରୀ ସୁନିଶ୍ଚିତ କରି ସରକାର ସ୍ଥାନୀୟ ସମ୍ପ୍ରଦାୟର ସ୍ୱାର୍ଥକୁ ସୁରକ୍ଷା ଦେବା ଏବଂ ପରିବେଶଗତ ସନ୍ତୁଳନ ବଜାୟ ରଖିବା ସହିତ ଭିତ୍ତିଭୂମି ଓ ଶିଳ୍ପ ପ୍ରକଳ୍ପଗୁଡ଼ିକୁ ପ୍ରୋତ୍ସାହନ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ଉଚ୍ଚସ୍ତରୀୟ ସମନ୍ୱୟ ବୈଠକରେ ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣର ୭ଟି ଅନୁସନ୍ଧାନକାରୀ ଖନନ ପ୍ରକଳ୍ପର ସ୍ଥିତି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ସେହିପରି ଦକ୍ଷିଣ ପୂର୍ବ ରେଳବାଇର ଦୁଇଟି ରେଳ ପ୍ରକଳ୍ପର ସ୍ଥିତି ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଏଥିସହ ରିଙ୍ଗ ରୋଡ୍ ରାମେଶ୍ୱରରୁ ଗୋବିନ୍ଦପୁର ଏବଂ ଗୋବିନ୍ଦପୁରରୁ ଟାଙ୍ଗୀ ନିର୍ମାଣ ସହ ନେଭେଲି ଲିଗନାଇଟ୍ କର୍ପୋରେସନ (ଏନଏଲସି) ଅଧୀନରେ ଉତ୍ତ୍ରା ପାଉଁଶ ଡାଇକ୍ ପ୍ରକଳ୍ପ ପାଇଁ ପ୍ରତିବନ୍ଧକ ଦୂର କରିବାକୁ ବନାଞ୍ଚଳ ଅଧିକାରୀମାନଙ୍କୁ କହିଥିଲେ। ରାଉରକେଲା, ଅନୁଗୁଳ ଏବଂ ସମ୍ବଲପୁରର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଏବଂ ରାଉରକେଲା, ରାଇରଙ୍ଗପୁର, ବାରିପଦା, କଟକ, ସୁନ୍ଦରଗଡ଼, ଝାରସୁଗୁଡା, କେଉଁଝରଏବଂବୋନାଇବନଡିଭିଜନରବନାଞ୍ଚଳଅଧିକାରୀମାନେ ଆଭାସୀ ମାଧ୍ୟମରେ ବୈଠକରେ ଯୋଡ଼ି ହୋଇଥିଲେ।

## ବାଲ୍ୟ ବିବାହ ବନ୍ଦ ପାଇଁ ଶପଥ ନେଲେ ପୂଜକ




ଭୁବନେଶ୍ୱର, ୧୨।୯ (ସମିସ): ରୁଚିକାସମାଜମଙ୍ଗଳସଂଗଠନପକ୍ଷରୁ ବାଲ୍ୟ ବିବାହକୁ ବନ୍ଦ କରିବା ପାଇଁ ବିଶ୍ୱ ଆନ୍ତଃବିଶ୍ୱାସ ଶପଥ ପାଠ ସପ୍ତାହ ପାଳିତ ହୋଇଯାଇଛି। ଏହି ଶପଥ ପାଠ ସପ୍ତାହ ଅଭିଯାନଟି ଲିଙ୍ଗରାଜ ମନ୍ଦିର ପରିସର ବାହାରେ ବାଲ୍ୟ ବିବାହ ବନ୍ଦ କରିବା ପାଇଁ ମନ୍ଦିରର ପୂଜକମାନେ ବ୍ୟାନର ଧରି ସମାଜରେ ବାଲ୍ୟ ବିବାହକୁ ବନ୍ଦ କରିବା ପାଇଁ ଶପଥ ପାଠ କରିଥିଲେ। ଏଥିରେ ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ନିର୍ଦ୍ଦେଶକ ଡ. ବେଣୁଧର ସେନାପତି ଯୋଗ ଦେଇଥିବା ବେଳେ ସ୍ୱେଚ୍ଛାସେବୀମାନେ ଶପଥପାଠରେ ସାମିଲ ହୋଇଥିଲେ।

## 'ହିମ୍ମତ୍'ର ଚତୁର୍ଦ୍ଦଶ ସ୍ୱନକ୍ଷତ୍ର ଉତ୍ସବ

ଭୁବନେଶ୍ୱର, ୧୨।୯ (ସମିସ): ସମାଜକୁ ସୁଧାରିବାରେ ସମ୍ବାଦପତ୍ରର ଭୂମିକା ସ୍ୱତନ୍ତ୍ର ଓ ନିରେପକ୍ଷ। ଦୈନିକ ଓଡିଆ ଖବର କାଗଜ 'ହିମ୍ମତ୍'ର ଚତୁର୍ଦ୍ଦଶ ତମ ସ୍ୱନକ୍ଷତ୍ର ଉତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ସ୍ଥାନୀୟ ଜୟଦେବ ଭବନରେ 'ହିମ୍ମତ୍'ର ପରିଚାଳନା ମୁଖ୍ୟ ରଜନୀକାନ୍ତ ସମାନ୍ତରାୟଙ୍କ ପୌରୋହିତ୍ୟରେ ଖବରକାଗଜର ମୁଖ୍ୟ ସମ୍ପାଦକ ଉମାକାନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଉତ୍ସବକୁ ଉଦ୍‌ଘାଟକଭାବେ ଡ. ପଣ୍ଡିତ ପ୍ରବୋଧ ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ବିଜେପିର ସଭାପତି ମନମୋହନ ସାମଲ, ମୁଖ୍ୟବକ୍ତା ଭାବେ ରାଜ୍ୟ ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଡ. ରବୀନ୍ଦ୍ର ନାରାୟଣ ବେହେରା ଯୋଗ ଦେଇଥିଲେ। ବରେଣ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ଭିତରେ ସଞ୍ଜୟ ଦାସ, ଚିତ୍ତରଞ୍ଜନ ମହାନ୍ତି, ଇନ୍ଦ୍ରମଣି ମଲ୍ଲିକ, ପ୍ରଦ୍ୟୁମ୍ନ ଦାଶ ପ୍ରମୁଖ ଯୋଗ ଦେଇଥିଲେ।

## ବଡ଼ ପରଦାକୁ ଆସୁଛି 'ଦର୍ପଣ'

ଭୁବନେଶ୍ୱର, ୧୨।୯ (ସମିସ): 'ବୋଉ ବୁଟୁ ଭୂତ' ପରେ ଆଉ ଏକ ଓଡ଼ିଆ ହରର୍ ଥ୍ରିଲର୍ 'ଦର୍ପଣ' ବଡ ପରଦାକୁ ଆସିବାକୁ ଯାଉଛି। ପ୍ରଥମ ଥର ସାୟନ୍ ପ୍ରଡକ୍ସନ ହାଉସ୍ ବ୍ୟାନର୍ ରେ ନିର୍ମାଣ ହୋଇଛି ପ୍ରଥମ ଓଡ଼ିଆ ହୋରର୍ ଥ୍ରିଲର୍ ସିନେମା 'ଦର୍ପଣ'। ଏହି ହରର୍ ଥ୍ରିଲର୍ କାହାଣୀ ସିନେମାର ନାୟକ ତଥା ନିର୍ଦ୍ଦେଶକ ରହିଛନ୍ତି ଭାରତ ପୁଷ୍ପରାଗ। ଭାରତ ଆଗରୁ ଓଡ଼ିଆ ଇଣ୍ଡଷ୍ଟ୍ରିରେ ବହୁତ୍ ସାରା ମ୍ୟୁଜିକ୍ ଭିଡିଓରେ ନିଜେ ଅଭିନୟ ଓ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ଏହି ସିନେମାର କାହାଣୀ ଓ ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ପ୍ରଡ୍ୟୁସର୍ ଦିଲ୍ଲୀପ କୁମାର ସାହୁ। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ ଓ ଟୁନୁ ପଟ୍ଟନାୟକ। ନୃତ୍ୟ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି ସୁଧାକର ବସନ୍ତ ରହିଛନ୍ତି। ଏହି ସିନେମାରେ ଦର୍ଶକ ଦୁଇ ନାୟକ ଓ ଦୁଇ ନୟିକାଙ୍କୁ ଦେଖିବାକୁ ପାଇବେ। ଏହି ଚଳଚ୍ଚିତ୍ର ଓଡ଼ିଶା ଏବଂ ଓଡ଼ିଶା ବାହାରେ ସୁଟିଂ କରାଯାଇଛି। ସବୁ ବର୍ଗର ଲୋକଙ୍କ ମନକୁ ଛୁଇଁବା ସହ ଚଳଚ୍ଚିତ୍ରରେ କିଛି ଭିନ୍ନ ଦେଖିବାକୁ ଦର୍ଶକ ପାଇବେ ବୋଲି ନିର୍ଦ୍ଦେଶକ ତଥା ନାୟକ ଭାରତ ପୁଷ୍ପରାଗଙ୍କ ଆଶା ପ୍ରକଟ କରିଛନ୍ତି।

# ବିପଦ ସାଜିବ ମାଗଣା ମୋବାଇଲ ଆପ୍ !

ଭୁବନେଶ୍ୱର, ୧୨।୯ (ସମିସ): ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ଟ୍ରେଣ୍ଡ କରୁଛି ନାନୋ ଥ୍ରୀଡି ଇମେଜ୍। ଫେସବୁକ୍ ଠାରୁ ଆରମ୍ଭ କରି ଇନଷ୍ଟାଗ୍ରାମ୍, ଏକ୍ସ, ଥ୍ରେଡସ ଆଦି ପ୍ଲାଟଫର୍ମ ଖୋଲିବା ମାତ୍ରେ ଦେଖିବାକୁ ମିଳୁଛି ଏହି ଆନିମଟେଡ ଫଟୋ। ଏଆଇ ଟୁଲସ୍ ମାଧ୍ୟମରେ ନିଜର ଫଟୋକୁ ଏଭଳି ଥ୍ରୀଡି ଏଆଇ ଇମେଜ୍ ତିଆରି କରି ସେୟାର କରୁଛନ୍ତି ୟୁଜର୍ସ। ଯାହାକି ବର୍ତ୍ତମାନ ଗ୍ଲୋବାଲ ଟ୍ରେଣ୍ଡରେ ପରିଣତ ହୋଇଛି। ଠିକ୍ କିଛିଦିନ ପୂର୍ବରୁ ଜାପାନୀ ଟେକ୍ନୋଲୋଜି ଘିବଲି ଇମେଜ୍ ସାମାଜିକ ଗଣମାଧ୍ୟମରେ ଟ୍ରେଣ୍ଡ ପାଲଟିଥିଲା। ଯେଉଁଥିରେ ନିଜ ଫଟୋକୁ ଘିବ୍‌ଲି ଆନିମସେନ୍ ଦ୍ୱାରା କାର୍ଟୁନ ସଦୃଶ କରାଯାଇ ଅପଲୋଡ କରାଯାଉଥିଲା। ଠିକ୍ ସେହିପରି ପ୍ରାୟ ୩ ଦିନ ହେବ ଚାରିଆଡ଼େ ଟ୍ରେଣ୍ଡ କରୁଛି ନାନୋ ବାନାନା ଥ୍ରୀଡି ଇମେଜ୍।

■ ବାଧ୍ୟ କରୁଛି ନାନୋ ବାନାନା ଥ୍ରୀଡି ଇମେଜ୍

■ ବ୍ୟକ୍ତିଗତ ଫଟୋ ଏବଂ ଡାଟାର ହୋଇପାରେ ଅପବ୍ୟବହାର

ବର୍ତ୍ତମାନ ସମସ୍ତଙ୍କ ହାତରେ ସ୍ମାର୍ଟ ଫୋନ୍। ସାମାଜିକ ଗଣମାଧ୍ୟମରେ ଯୁବଗୋଷ୍ଠୀମାନେ ଅଧିକ ସକ୍ରିୟ। କିଛି ନୂଆ କରିବାର ଉତ୍କଣ୍ଠା ମଧ୍ୟ ସମସ୍ତଙ୍କ ମଧ୍ୟରେ ରହିଛି। ଯାହାକି ବର୍ତ୍ତମାନ ଦେଖିବାକୁ ମିଳିଛି ସୋସିଆଲ ନେଟୱାର୍କିଂ ସାଇଟ୍ ଗୁଗଲର ଜେମିନି ଏଆଇ ଟୁଲ ବ୍ୟବହାର କରି ୟୁଜର୍ସମାନେ ଏଭଳି ଭିନ୍ନ ଭିନ୍ନ ଫଟୋ ଜେନେରେଟ୍ କରୁଛନ୍ତି। କେବଳ ସୋସିଆଲ ମିଡିଆ ୟୁଜର୍ସ ନୁହଁନ୍ତି ବରଂ ରାଜନେତା, ଅଭିନେତାଙ୍କ ସହ ସୋସିଆଲ ମିଡିଆ ଇନଫ୍ଲୁଏନସର ମଧ୍ୟ ନିଜ ଫଟୋକୁ ନାନୋ ବାନାନା ଫଟୋ କରି ଅପଲୋଡ କରୁଥିବା ଦେଖିବାକୁ ମିଳିଛି। ଏପରିକି ଭାରତ ସରକାରଙ୍କ କୃଷି ଓ କୃଷକ ସଶକ୍ତ ବିଭାଗ ପକ୍ଷରୁ ମଧ୍ୟ ଏଭଳି ଥ୍ରୀଡି ଇମେଜ୍ କରି ପୋଷ୍ଟ କରାଯାଇଥିବା ଦେଖିବାକୁ ମିଳିଛି। ତେବେ ଏହାଦ୍ୱାରା ମୋବାଇଲ ହ୍ୟାକ୍ ହେବା ସହ ଗୁରୁତ୍ୱପୂର୍ଣ୍ଣ ଡାଟା କେତେ ସୁରକ୍ଷିତ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ସାଇବର ଏକ୍ସପର୍ଟ ଲିଙ୍ଗରାଜ ସେଠୀ କହିଛନ୍ତି ଯେ, କିଛି ନୂଆକରି ଅନ୍ୟକୁ ଦେଖାଇବା ହେଉଛି ବର୍ତ୍ତମାନର ସମାଜର ଟ୍ରେଣ୍ଡ। ଭିନ୍ନ ଭାବେ ନିଜକୁ ପର୍ଯ୍ୟବଶିତ କରିବା କିମ୍ବା ଏକ୍ସପୋଜର କରିବା ଦ୍ୱାରା ନିଜର ସୁରକ୍ଷାକୁ ଆମେ ହରାଇ ବସୁଛନ୍ତି। ଯାହାର ଅନ୍ୟ ଏକ ମାଧ୍ୟମ ହେଉଛି ସାମାଜିକ ଗଣମାଧ୍ୟମ। ତେବେ ଜେମ୍‌ନି ହେଉଛି ଏକ ଏଆଇ ଇଣ୍ଟଗ୍ରେଟେଡ୍ ଆପ୍ଲିକେସନ୍। ବିଗତ ଦିନରେ ଅନଲାଇନ୍ କିମ୍ବା ଅଫଲାଇନରେ ଅପଲୋଡ ହୋଇଥିବା ଡାଟାକୁ ଆନଲାଇଜ୍ କରି ଏଆଇ ଦର୍ଶାଇଥାଏ। ଆମେ ବିଗତ ୧୦ ବର୍ଷ ଧରି ଯେଉଁ ଆକ୍ଟିଭିଟିଜ୍ କରିଛନ୍ତି ତାହା ଉପରେ ୧୧ବର୍ଷର ଆକ୍ଟିଭିଟିଜ୍‌ଗୁଡ଼ିକ ପର୍ଯ୍ୟବଷିତ ହୁଏ। ଯେତେବେଳେ ଜେମ୍‌ନିରେ ନିଜର ଫଟୋ ଅପଲୋଡ ହେଉଛି ସେତେବେଳେ ଫଟୋ ସହିତ ଡିଟେଲ ଗ୍ୟାଲେରୀର ଆକସେସ୍ ପରମିସନ୍ ମାଗିଥାଏ। ଏହାକୁ ପରିମିସନ୍ ନ ଦେଲେ ଫଟୋ ଅପଲୋଡ ହୋଇ ନ ଥାଏ। ପରମିସନ୍ ଦେବା ଦ୍ୱାରା ଏଆଇ ଗ୍ୟାଲେରୀକୁ ସମ୍ପୂର୍ଣ୍ଣ ଭାବେ ଆକସେସ୍ କରିପାରିବ। ଭବିଷ୍ୟତରେ ମୋବାଇଲରେ ଥିବା ବ୍ୟକ୍ତିଗତ ଫଟୋ, କୌଣସି ବ୍ୟାଙ୍କ ଟ୍ରାଞ୍ଜାକସନ୍ ଡିଟେଲସ୍ ଆଦି ଅନେକ ଡାଟାର ଅପବ୍ୟବହାର ସହ କୌଣସି ପ୍ରକାର ସାଇବର ଆଟାକ୍ ହେବାର ଆଶଙ୍କା ରହିଛି। ତେଣୁ ଏସବୁକୁ ଏଡ଼ାଇଦେବା ଉଚିତ୍ ବୋଲି ଶ୍ରୀ ସେଠୀ କହିଛନ୍ତି। ଗୁଗଲ୍‌ର ଭାଇସ ପ୍ରେସିଡେଣ୍ଟଙ୍କ ସୂଚନା ଅନୁସାରେ, ବର୍ତ୍ତମାନ ସୁଦ୍ଧା ବିଶ୍ୱବ୍ୟାପୀ ୨୦୦ ମିଲିୟନରୁ ଅଧିକ ଏଡିଟେଡ ଇମେଜ୍ ଜେନେରେଟ କରିଛନ୍ତି ୟୁଜର୍ସ। ସେମାନଙ୍କ ମଧ୍ୟରୁ ୧୦ମିଲିୟନ୍ ଲୋକେ ଜେମ୍‌ନି ଆପ୍‌କୁ ନୂଆ କରି



ଆସିଛନ୍ତି ବା ଡାଉନଲୋଡ କରିଛନ୍ତି। ଚାର୍ଟ ଜିପିଟି, ଗ୍ରୋକ୍ ଭଳି ଲୋକପ୍ରିୟ ପ୍ଲାର୍ଟଫର୍ମକୁ ଚ୍ୟାଲେଞ୍ଜ କରି ଏବେ ଭାଇରାଲ ହେଉଛି ଗୁଗଲ୍ ଜେମନି ଏଆଇର ଏହି ନାନୋ ବାନାନା ଟ୍ରେଣ୍ଡ। ଗୁଗଲ ଏଆଇ ଷ୍ଟୁଡିଓକୁ ଯାଇ ସେଠାରେ ଟ୍ରାଇ ନାନୋ ବାନାନା ଆପ୍‌ରେ ନିଜର ଫଟୋ ଦେବା ପରେ ଏହା ହେଉଛି। ନିକଟରେ ଗିଭଲି ଆପ୍‌ରେ ଏକ କାର୍ଟୁନ ଭଳି ଫଟୋ କରାଯାଉଥିଲା।ଯାହାକି ସାମାଜିକ ଗଣମାଧ୍ୟରେ ଟ୍ରେଣ୍ଡ ପାଲଟିଥିଲା।

ସକାଳ
THE SAKALA



● ଅବକାରୀ ବିଭାଗର ସଫଳତା

# ୭୯ ଗ୍ରାମ୍ ବ୍ରାଉନ୍‌ସୁଗର ଓ ଚୋରାମଦ ଜବତ

ଜଗତସିଂହପୁର,୧୨।୯ (ସମିସ): ଅବକାରୀ କମିଶନର ଓ ଜିଲ୍ଲାପାଳ ଜେ. ସୋନାଲଙ୍କ ନିର୍ଦ୍ଦେଶରେ ଜଗତସିଂହପୁର ଜିଲ୍ଲା ଅବକାରୀ ଅଧୀକ୍ଷିକା ଅନୀତା ପ୍ରଧାନଙ୍କ ନେତୃତ୍ୱରେ ଚଢ଼ଉକୁ ଜୋରଦାର କରାଯାଇଛି। ସଦର ଥାନା ଅନ୍ତର୍ଗତ ନୂଆପୋଲ ଛକ ନିକଟରୁ ୫୫ ଗ୍ରାମ ହିରୋଇନ ସହ ବାଇକ୍ ଜବତ କରିଛି ଜିଲ୍ଲା ଅବକାରୀ ମୋବାଇଲ୍ ୟୁନିଟ୍। ଏ ଏହି ଅଭିଯାନରେ ଅବଦୁଲ ସତ୍ତାର ଖାଁଙ୍କୁ ଗିରଫ କରାଯାଇଛି। ସେହିପରି ବାଲିକୁଦା ଥାନ ଝାରପିଟି ଅଞ୍ଚଳରୁ ୨୪ ଗ୍ରାମ ହିରୋଇନ ସହ ବାଇକ୍ ଜବତ କରିଛି ବାଲିକୁଦା ଅବକାରୀ ଥାନା। ସତ୍ୟଜିତ ବିଶ୍ୱାଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ଘଟଣାରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ବନିତୋ ଅଞ୍ଚଳରୁ ୪.୫୦୦ ଲିଟର ବିଦେଶୀ ମଦ ସହ ବାଇକ୍ ଜବତ କରିଛି ପାରାଦୀପ ଅବକାରୀ ଥାନା ପୁଲିସ। ଏଥିରେ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ ବାଲିକୁଦା ଥାନା ଅନ୍ତର୍ଗତ କୂଳ ବଜାର ଅଞ୍ଚଳରୁ ୪.୩୨୦ ଲିଟର ବିଦେଶୀମଦ ଓ ବାଇକ୍ ଜବତ କରିଛି ଜିଲ୍ଲା ଅବକାରୀ ମୋବାଇଲ୍ ୟୁନିଟ୍। ଅଭିଯୁକ୍ତକୁ ଗିରଫ କରାଯାଇଛି। ସେହିପରି ତିର୍ତ୍ତୋଲ ଥାନା ଅନ୍ତର୍ଗତ କବାଲପୁର ଅଞ୍ଚଳରୁ ୭.୪୦୦ ଲିଟର ଦେଶୀ ମଦ, ବାଇକ୍ ଜବତ କରାଯାଇଥିବାବେଳେ ଅଭିଯୁକ୍ତକୁ ତିର୍ତ୍ତୋଲ ଅବକାରୀ ଥାନା ପକ୍ଷରୁ ଗିରଫ କରାଯାଇଛି।

## ବ୍ରାଉନସୁଗର ଜବତ, ଜଣେ ଗିରଫ



ଜଗତସିଂହପୁର,୧୨।୯ (ସମିସ): ସଦର ଥାନା ପକ୍ଷରୁ ଓଡ଼ିଶୋ ହାଟ ନିକଟରେ ଚଢ଼ଉ କରାଯାଇ ୩୬.୬୦ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଦାନନ୍ଦପୁର ଗ୍ରାମର ଜଟିଆ ଓରଫ୍ ଦେବୀ ପ୍ରସାଦ ପ୍ରଧାନକୁ ଗିରଫ କରାଯାଇଥିବା ସଦର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଅଙ୍କିତ ବର୍ମା ସୂଚନା ଦେଇଛନ୍ତି। ଏସ୍‌ଆଇ ମିତ୍ରଭାନୁ ଓଝାଙ୍କ ନେତୃତ୍ୱରେ ଏକ ଟିମ୍ ଆଜି ସକାଳ ସାଢେ ଆଠଟା ସମୟରେ ଏହି ଚଢ଼ଉ କରିଥିଲେ। ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଗତ ୧ ତାରିଖରୁ ସମଗ୍ର ରାଜ୍ୟରେ ଅପରେସନ ପ୍ରହାର ଆରମ୍ଭ କରାଯାଇଛି। ଏହି ଅଭିଯାନରେ ବିଗତ ୧୧ ଦିନ ମଧ୍ୟରେ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସ୍ଥାନରୁ ବିପୁଳ ପରିମାଣର ଚୋରାମଦ, ବ୍ରାଉନସୁଗର ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ଜବତ କରାଯିବା ସହିତ ଏହି ନିଶା କାରବାରରେ ଜଡିତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଏସ୍‌ପି ସୂଚନା ଦେଇଥିଲେ। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କା ହେବ ବୋଲି ମଧ୍ୟ ଏସ୍‌ପି ସୂଚନା ଦେଇଥିଲେ।

## ୨୪୧ ବୋତଲ ଦେଶୀମଦ ଜବତ



ଜଗତସିଂହପୁର,୧୨।୯ (ସମିସ): ଜଗତସିଂହପୁର ଏସ୍‌ଡିପିଓ ଆଜିଙ୍କ୍ୟା ମାନେଙ୍କ ନିର୍ଦ୍ଦେଶକ୍ରମେ ସଦର ଥାନା ପୁଲିସ ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ଦେଉଳିଗ୍ରାମେଶ୍ୱର ଛକ ନିକଟରୁ ସ୍କୁଟର ସହିତ ୨୪୧ ବୋତଲ ଦେଶୀମଦ ଜବତ କରିଛି। ଏହି ମଦ ନେଇ ଯାଉଥିବା ଖେରସପାଟଣା ଗ୍ରାମର ସୁଶାନ୍ତ ସ୍ୱାଇଁ ନାମକ ଜଣେ ନିଶା ବେପାରୀକୁ ଗିରଫ୍ କରାଯାଇଥିବା ସଦର ଥାନା ଆଇଆଇସି ସରୋଜ ସାମଲ ସୂଚନା ଦେଇଛନ୍ତି।

## ଆଇନଜୀବୀ ପ୍ରଦୀପ୍ତ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି



ପାରାଦୀପ,୧୨।୯ (ସମିସ): ପାରାଦୀପ ବାର୍ ଆସୋସିଏସନ୍‌ର ସଦସ୍ୟ ପ୍ରଦୀପ୍ତ ମହାପାତ୍ରଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପାରାଦୀପ ପୋର୍ଟ କ୍ଲବ୍‌ରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଆସୋସିଏସନ୍‌ର ସଭାପତି ତଥା ଓଡିଶା ହାଇକୋର୍ଟର ଏଜିଏ ତପନ ଦାଶଙ୍କ ସଭାପତିତ୍ୱ କରିଥିଲେ। ସମ୍ପାଦକ ହେମନ୍ତ ସାହୁ, ରବୀନ୍ଦ୍ର ଜେନା, ଦୁର୍ଯ୍ୟୋଧନ ରଣା, କୈଳାସ ସାହୁ, ପ୍ରଶାନ୍ତ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପ୍ରଦୀପ୍ତ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। ଏହି ସଭାରେ ଗୋପୀନାଥ ମଲ୍ଲ, ବରିଷ୍ଠ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମିଶ୍ର, ପ୍ରମୋଦ ମିଶ୍ର, ରବୀନ୍ଦ୍ର ସ୍ୱାଇଁ, ସଞ୍ଜୀବ ଦେ, ପ୍ରିୟବ୍ରତ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ।

୪୦୦ ମିଟର ରାସ୍ତା ପାଇଁ ୪ ଲକ୍ଷ ଖର୍ଚ୍ଚ

# ବର୍ଷଟିଏ ଗଲାନି ବିରିଡ଼ି ଥାନା ଢଳେଇ ରାସ୍ତା

ଜଗତସିଂହପୁର,୧୨।୯ (ସମିସ)



ଜଗତସିଂହପୁର ଜିଲ୍ଲାର ବିରିଡ଼ି ଥାନାକୁ ଜାତୀୟ ରାଜପଥ ୫୫ରୁ ସଂଯୋଗ କରୁଥିବା ୪୦୦ ମିଟର ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ବାରମ୍ବାର ଦାବି ପରେ ୨୦୨୪ ସେପ୍ଟେମ୍ବର ମାସରେ ଜଳସେଚନ ବିଭାଗ ପକ୍ଷରୁ ୪ ଲକ୍ଷ ଟଙ୍କା ବ୍ୟୟରେ ଏହି ରାସ୍ତାର ନବୀକରଣ କରାଯାଇଥିଲା। ହେଲେ ବର୍ଷଟିଏ ମଧ୍ୟ ପୂରିଲାନି ଏହି ରାସ୍ତା ଏବେ ପୁନର୍ବାର ବିପର୍ଯ୍ୟସ୍ତ ହୋଇପଡିଛି। ଫଳରେ ଥାନାକୁ ଆସୁଥିବା ଲୋକେ ହଇରାଣ ହେଉଥିବା ଅଭିଯୋଗ କରାଯାଇଛି। ଏତେ କମ ଦିନ ମଧ୍ୟରେ ଢଳେଇ ରାସ୍ତା ଖରାପ ହେବା ନବୀକରଣ କାର୍ଯ୍ୟରେ ଦୁର୍ନୀତି ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଉକ୍ତ ଢଳେଇ ରାସ୍ତାର ଅନେକ ସ୍ଥାନରେ ସିମେଣ୍ଟ ଛାଡ଼ି ଯାଇ ଗୋଡି ଉଠିଯିବା ସହ ଆବଡା ଖାବଡା ରାସ୍ତାରେ ପରିଣତ ହୋଇଛି। ଗୋଡ଼ି ଉଠିଯାଇଥିବାରୁ ରାସ୍ତାରେ ଗାଡ଼ି ମଟର ଯିବାବେଳେ ଧୂଳି ଉଡୁଥିବାରୁ ପଥଚାରୀ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ବିରିଡ଼ି ବ୍ଲକ ଅଞ୍ଚଳର ଲକ୍ଷାଧିକ ଲୋକ ଏହି ଥାନା ଉପରେ ନିର୍ଭର କରୁଥିବାରୁ ପ୍ରତିଦିନ ଶହ ଶହ ଲୋକ ଥାନାକୁ ବିଭିନ୍ନ ଅଭିଯୋଗ ନେଇ ଆସିଥା'ନ୍ତି। ସେହିପରି ଥାନାର ଗାଡ଼ିଗୁଡିକ ମଧ୍ୟ ଏହି ଏକମାତ୍ର ରାସ୍ତାରେ ନିୟମିତ ଯାତାୟାତ କରୁଛି। ରାସ୍ତା ଖରାପ ଥିବାରୁ ହଠାତ କିଛି ଘଟଣା ଦୁର୍ଘଟଣା ସମୟରେ ପୁଲିସ ପହଞ୍ଚିବାରେ ବିଳମ୍ବ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେଣୁ ଆବଶ୍ୟକତା ଦୃଷ୍ଟିରୁ ଉକ୍ତ ରାସ୍ତାର ମରାମତି କାର୍ଯ୍ୟ ତୁରନ୍ତ କରିବା ପାଇଁ ସାଧାରଣରେ ଦାବି କରାଯାଉଛି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଆନନ୍ଦ ବେହେରା କହିଛନ୍ତି, ବିଭାଗ ପକ୍ଷରୁ ଖୁବଶୀଘ୍ର ଏହି ରାସ୍ତା ମରାମତି ପାଇଁ ପଦକ୍ଷେପ ନିଆଯାଉଛି।

## ୨ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ

ବାଲିକୁଦା,୧୨।୯ (ସମିସ): ବାଲିକୁଦା ପୁଲିସର ଏକ ସ୍ୱତନ୍ତ୍ର ଟିମ ବାଲିକୁଦା ଥାନା ଅନ୍ତର୍ଗତ ନାଗପୁର ପଞ୍ଚାୟତର ନରସିଂହପୁର ଦଣ୍ଡାସାହି ଅଞ୍ଚଳରୁ ଭରତ କାଣ୍ଡି ନାମକ ଏକ ଯୁବକକୁ ଗିରଫ କରିବା ସହ ତା' ନିକଟରୁ ୨ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ସହ ନଗଦ ୩ ଲକ୍ଷ ୩ ହଜାର ୭୦ ଟଙ୍କା ଜବତ କରିଛି। ବାଲିକୁଦା ଥାନା ଅଧିକାରୀ ସୁଶାନ୍ତ ସାହୁ କହିଛନ୍ତି, ବିଶେଷ ସୂତ୍ରରୁ ଖବର ପାଇ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଉକ୍ତ ସ୍ଥାନରେ ଚଢ଼ଉ କରିଥିଲି। ଆସନ୍ତାକାଲି ମାମଲା ରୁଜୁ ହେବା ସହ ଭରତକୁ କୋର୍ଟ ଚାଲାଣ କରାଯିବ। ଭରତକୁ କିଏ ଏହି ଗଞ୍ଜେଇ ଯୋଗାଉଛି ଓ ଏହାର ଚେର କେଉଁ ପର୍ଯ୍ୟନ୍ତ ଲମ୍ବିଛି ତାହାର ସଠିକ ତଦନ୍ତ ଦାବି ହୋଇଛି।

## ଡାକ୍ତର ନିରୋଦ ଗୋଚ୍ଛାୟତଙ୍କ ପରଲୋକ



ତିର୍ତ୍ତୋଲ, ୧୨।୯ (ସମିସ): ତିର୍ତ୍ତୋଲ ଅଞ୍ଚଳର ସୁନାମଧନ୍ୟ ଚିକିତ୍ସକ ତଥା କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲର ଅବସରପ୍ରାପ୍ତ ଯକ୍ଷ୍ମା ଓ ଛାତିରୋଗ ବିଶେଷଜ୍ଞ ଡାକ୍ତର ନିରୋଦ ଗୋଚ୍ଛାୟତ (୮୩)ଙ୍କ ପରଲୋକ ହୋଇଯାଇଛି। ଅବସର ପରେ ଘରୋଇ ଚିକିତ୍ସା କରିବା ସହ ତିର୍ତ୍ତୋଲ ଅଞ୍ଚଳର ରୋଗୀଙ୍କୁ ନିଃଶୁଳ୍କ ସେବା ଦେଉଥିଲେ। ସେ ତିର୍ତ୍ତୋଲ ସରସ୍ୱତୀ ଶିଶୁ ମନ୍ଦିରର ପ୍ରତିଷ୍ଠାତା ଥିଲେ। ଏଥିସହ ତିର୍ତ୍ତୋଲ ଅଞ୍ଚଳର ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ତାଙ୍କ ବିୟୋଗରେ ମଣି ଚରଣ ସାରଳା ଏକାଡେମୀର ପୁରାତନ ଛାତ୍ର ସଂଘ ସଭାପତି ପତିତପାବନ ହୋତା, ସମ୍ପାଦକ ଅକ୍ଷୟ ଦାସ, ଡା ନିମାଇଁ ପରିଜା, ନବଘନ ବିଶ୍ୱାଳ, ପ୍ରଶାନ୍ତ ଲେଙ୍କା, ଉମାକାନ୍ତ ଦାସ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଟ୍ରାକ୍ଟର ଧକ୍କାରେ ବାଇକ୍ ଆରୋହୀ ମୃତ

ରଘୁନାଥପୁର,୧୨।୯ (ସମିସ): ମାହାଳହାଟ ଫାଣ୍ଡି ଅନ୍ତର୍ଗତ ବିଲହାଟ ପେଟ୍ରୋଲ ପମ୍ପ ନିକଟରେ ଆଜି ପୂର୍ବାହ୍ନରେ ଟ୍ରାକ୍ଟର ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ବିଲହାଟ ବଜାରରେ ବାଇକ୍ ପାର୍ଟସ୍ ଦୋକାନ କରିଥିବା ସଂଗ୍ରାମପୁରର ସେକ୍ ଅନୱାର ଅଲ୍ଲୀ ବାଇକ୍‌ରେ କୌଣସି କାମରେ ଯାଉଥିବାବେଳେ ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଅନୱାରଙ୍କ ମୃତ୍ୟୁ ଘଟିଥିବାବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ପହଞ୍ଚି ଟ୍ରାକ୍ଟରକୁ ଜବତ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡିଛି।

## ସରକାରୀ ଜମିରୁ ଗଛକଟାକୁ ନେଇ ଉତ୍ତେଜନା | କାଠ ଜବତକଲେ ଆର୍‌ଆଇ



ରଘୁନାଥପୁର,୧୨।୯ (ସମିସ): ରଘୁନାଥପୁର ତହସିଲ ଅନ୍ତର୍ଗତ କୋରକରା ଗ୍ରାମ ଶ୍ମଶାନ ଗୃହ ନିକଟରେ ଥିବା ସରକାରୀ ଜମିରୁ ଦୁଇଟି ଗଛ କାଟି ସ୍ଥାନାନ୍ତର ପାଇଁ ଉଦ୍ୟମ ହେଉଥିବାବେଳେ ଗ୍ରାମବାସୀ ବିରୋଧ କରିବା ସହ ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କୁ ଅଭିଯୋଗ କରିଥିଲେ। ସରପଞ୍ଚ ସୁଚିତ୍ରା ପଣ୍ଡା ଆରଆଇ ଲିଜାରାଣୀ ପରିଡାଙ୍କୁ ଜଣାଇଥିଲେ। ଆରଆଇ ପରିଡା ପହଞ୍ଚି ତଦନ୍ତ କରିବା ସହ କଟା ହୋଇଥିବା ଗଛକୁ ଜବତ କରିଛନ୍ତି। ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ଜବରଦସ୍ତ ନିଜ ଜମି ଉପରେ ଗଛ ଥିବା କହି ଦୁଇଟି ୟୁକାଲ ପଟାସ ଗଛ କାଟିଥିଲେ। ସରକାରୀ ଜମିରୁ ଗଛ କଟା ହୋଇଥିବା ନେଇ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିବା ସହ ଏଥିପାଇଁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସରପଞ୍ଚଙ୍କୁ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଆରଆଇ ପରିଡ଼ାଙ୍କୁ ପଚାରିବାରୁ ଦୁଇଟି ଗଛ କଟା ହୋଇଥିବା ସେ ସ୍ପଷ୍ଟ କରିଛନ୍ତି। ତେବେ ଉକ୍ତ ଜମି ମାପଚୁପ ପରେ ଯଦି ଏହା ସରକାରୀ ଜମିରେ ଥାଏ, ତେବେ କାଟିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## କୃଷି ବିଜ୍ଞାନ କେନ୍ଦ୍ରରେ ବ୍ରଏଲର ଚାଷ ସମ୍ବନ୍ଧୀୟ ତାଲିମ



ଜଗତସିଂହପୁର,୧୨।୯ (ସମିସ): ଜଗତସିଂହପୁର କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ଯୁବ ଉଦ୍ୟୋଗୀଙ୍କ ପାଇଁ ବ୍ରଏଲର ଚାଷ ଉପରେ ତିନିଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଣୀ ସମ୍ପଦ ବିକାଶ ବିଭାଗ ସହଯୋଗରେ ଆୟୋଜିତ ଏହି ଶିବିରରେ ତିର୍ତ୍ତୋଲ ବ୍ଲକର ୨୦ ଜଣ ଯୁବଉଦ୍ୟୋଗୀ ଭାଗ ନେଇଥିଲେ। ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଶିବିରକୁ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ. ଜୀବନଜିତ ସେନ ଉଦ୍‌ଘାଟନ କରିଥିଲେ। ପ୍ରାଣୀ ବିଜ୍ଞାନୀ ଡ. ତପନ ପଲାଇ, ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଦୁର୍ଗାପ୍ରସାଦ ମିଶ୍ର ଭାଗ ନେଇଥିବା ଚାଷୀଙ୍କୁ କୁକୁଡ଼ା ପାଳନ ବିଷୟରେ ଜ୍ଞାନ ପ୍ରଦାନ କରିଥିଲେ। କୁକୁଡ଼ା ପାଳନରେ ଗୃହ ପରିଚାଳନା, ଖାଦ୍ୟ ପରିଚାଳନା, ରୋଗ ପରିଚାଳନା, ଟୀକାକରଣ, ପ୍ରକଳ୍ପ ପ୍ରସ୍ତୁତି ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଦିନରେ ଗଡ଼କୁଜଙ୍ଗରେ ଅବସ୍ଥିତ ବ୍ରଏଲର ଫାର୍ମ ପରିଦର୍ଶନରେ ଯାଇ ଚାଷୀ ଫାର୍ମ ପରିଚାଳନାର ସମସ୍ତ କାର୍ଯ୍ୟ ଶିଖିଥିଲେ। ତୃତୀୟ ଦିନରେ ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡ. ଅଜୟ ସାହୁ ଓ ସହକାରୀ ପ୍ରାଣୀ ସମ୍ପଦ ଅଧିକାରୀ ଡ.ଯଦୁନାଥ ପରିଡା ଅତିଥି ଭାବେ ଯୋଗଦେଇ ଯୁବଉଦ୍ୟୋଗୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଜ୍ଞାନିକ ଡ. ଦ୍ୱାରିକା ମୋହନ ଦାସ, ସସ୍ମିତା ପୁରୋହିତ, ସରିତା ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଜଗନ୍ନାଥପୁର ନାଥସାହିରେ ଗଣେଶ ଭସାଣି



କୁଜଙ୍ଗ,୧୨।୯ (ସମିସ): କୁଜଙ୍ଗ ଜଗନ୍ନାଥପୁର ନାଥସାହି ମା' ରାମଚଣ୍ଡୀ ଗଣେଶ ପୂଜା କମିଟି ପକ୍ଷରୁ ଗଣେଶ ପୂଜା ଭସାଣି ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଦିବଂଗତ ଯୁବ ବ୍ୟବସାୟୀ ପ୍ରଶାନ୍ତ ଦାସଙ୍କ ସ୍ମୃତିରେ ଏହି ଭସାଣ ଉତ୍ସବକୁ ନିଆରା ଢ଼ଙ୍ଗରେ କରାଯାଏ। ଚଳିତ ବର୍ଷ ମଧ୍ୟ ଏହାକୁ ଆକର୍ଷଣୀୟ କରାଯାଇଥିଲା।

## ଧର୍ମପ୍ରାଣାଙ୍କୁ ଶ୍ରଦ୍ଧାଞ୍ଜଳି

କୁଜଙ୍ଗ, ୧୨।୯ (ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ନିବାସୀ ପ୍ରାକ୍ତନ ସ୍କୁଲ୍ ଏସଇ ସ୍ୱର୍ଗତ ପ୍ରାଣକୃଷ୍ଣ ମିଶ୍ରଙ୍କ ପତ୍ନୀ ମାଳତୀଲତା ମିଶ୍ରଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡଃ ପ୍ରମୋଦ ମିଶ୍ର, ଓଡ଼ିଆ ଅସ୍ମିତା ପରିଷଦ ସଭପତି ରବୀନ୍ଦ୍ର ବେହେରା, ଶିଳ୍ପପତି ଉମେଶ ମହାପାତ୍ର, ଓଡ଼ିଶା ହାଇକୋର୍ଟର ଏଏଜି ତପନ ଦାଶ, ଦେବେନ୍ଦ୍ର ଦାସ, କ୍ରୀଡ଼ାବିତ୍ ରଞ୍ଜନ ସାହୁ, ବିରଞ୍ଚି ନାରାୟଣ ମହାପାତ୍ର, ଅରବିନ୍ଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଜ୍ୟେଷ୍ଠ ପୁଅ ପ୍ରଦୀପ୍ତ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କନିଷ୍ଠ ପୁତ୍ର ତଥା ଭାରତୀୟ ଜୀବନ ବୀମା ନିଗମର ଅବସରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥଲେ।

ଜିଲ୍ଲା ଟ୍ରକ୍ ମାଲିକ ସଂଘର ସାମ୍ବାଦିକ ସମ୍ମିଳନୀ

# ସଂଘରେ ବିଭ୍ରାଟ ସୃଷ୍ଟି କରିବାକୁ ଯୋଜନା ଅଭିଯୋଗ

ପାରାଦୀପ, ୧୨।୯ (ସମିସ)




ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଂଘରେ ବିଭ୍ରାଟ ସୃଷ୍ଟି କରିବାକୁ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଚାପ ପକାଉଥିବା ସଙ୍ଘ ଗତକାଲି ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛି। ବିଜେପି ସରକାର ଆସିବା ପରେ ପାରାଦୀପର ସବୁ ସଙ୍ଘରେ ଏଭଳି ବିଭ୍ରାଟ ସୃଷ୍ଟି କରିଦିଆଯାଉଛି। ଏ ନେଇ ସଙ୍ଘ କାର୍ଯ୍ୟାଳୟରେ ସଂଘର ସଭାପତି ତଥା ବରିଷ୍ଠ ବିଜେଡି ନେତା ସନ୍ତୋଷ କୁମାର ପଟ୍ଟନାୟକ ବିଧାୟକ ତଥା ମନ୍ତ୍ରୀଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ଶ୍ରୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି ଯେ, ମନ୍ତ୍ରୀ ଜାଣିଶୁଣି ଜିଲ୍ଲା ଟ୍ରକ ମାଲିକ ସଙ୍ଘ ଭଳି ଏକ ଶୃଙ୍ଖଳିତ ସଙ୍ଘକୁ ଭାଙ୍ଗିବାକୁ ହୀନ ଉଦ୍ୟମ କରୁଛନ୍ତି। ମନ୍ତ୍ରୀଙ୍କ ଚାପରେ ପ୍ରଶାସନ ଏକପ୍ରକାର ଚେପା ହୋଇଯାଇଛନ୍ତି। ସରକାରୀ କଳର ଅପବ୍ୟବହାର କରି ଜଗତସିଂହପୁର ଜିଲ୍ଲା ଟ୍ରକ୍ ମାଲିକ ସଂଘରେ ଅସ୍ଥିରତା ସୃଷ୍ଟି କରାଯାଉଥିବା ଅଭିଯୋଗ କରିଛନ୍ତି ସଂଘର ଉପଦେଷ୍ଟା ମଣ୍ଡଳୀ।

ଗତ ୧୮ ବର୍ଷ ଧରି ୫ ଶହରୁ ଊର୍ଦ୍ଧ୍ୱ ଟ୍ରକ୍ ମାଲିକ ଶାନ୍ତିଶୃଙ୍ଖଳାର ସହିତ ପାରାଦୀପ ବନ୍ଦରରୁ ପଣ୍ୟ ପରିବହନ କରୁଛନ୍ତି। ପାରାଦୀପରେ ଥିବା ତିନୋଟି ଟ୍ରକ୍ ମାଲିକ ସଂଘ ମଧ୍ୟରେ ଜଗତସିଂହପୁର ଜିଲ୍ଲା ଟ୍ରକ୍ ମାଲିକ ସଂଘ ମାତ୍ର ୧୫ ପ୍ରତିଶତ ପଣ୍ୟ ପରିବହନର ଅନୁମତି ପାଇଛି। ଆଜିପର୍ଯ୍ୟନ୍ତ କୌଣସି ବିଶୃଙ୍ଖଳା ସୃଷ୍ଟି ହୋଇନାହିଁ। ତେବେ ୭ ଶହ ପରିବାରର ପେଟକୁ ଲାତ ମାରୁଥିବା ସଙ୍ଘ ଅଭିଯୋଗ କରିଛି। ସଙ୍ଘ ଗଠନ ହେବା ପରଠାରୁ ଏଭଳି ଘଟଣା କେବେ ଘଟିନାହିଁ। ୪ରୁ ୫ ଜଣ ମାଲିକଙ୍କୁ ନେଇ ପ୍ରଶାସନକୁ ହାତବାରିସୀ କରି ଆମ ସଙ୍ଘର ରେଜିଷ୍ଟ୍ରେସନ ଅବଧି ସରିଛି ଓ ନିର୍ବାଚନ ହେଉନାହିଁ ବୋଲି ମିଥ୍ୟା ଆରୋପ ଲଗାଇ ସଂଘର ଭାଇଚାରାକୁ ନଷ୍ଟ କରାଯାଉଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସେମାନେ ମିଥ୍ୟା ଆରୋପ ଲଗାଇ ସାମ୍ବାଦିକ ସମ୍ମିଳନୀ କରି ପ୍ରାୟ ୭ ଶହରୁ ଊର୍ଦ୍ଧ୍ୱ ଟ୍ରକ୍ ମାଲିକଙ୍କ ପେଟକୁ ଲାତ ମାରିବାକୁ ଉଦ୍ୟମ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଯାହାର କଡା ଜବାବ ଦିଆଯିବ ବୋଲି ସଙ୍ଘ ପକ୍ଷରୁ ଚେତାବନୀ ଦିଆଯାଇଛି। ହାଇକୋର୍ଟ ଗତ ୯ ତାରିଖରେ ଏକ ନିର୍ଦ୍ଦେଶ ନାମା ଦେଇଛନ୍ତି। ଏଡିଏମ ଜିଲ୍ଲା ଟ୍ରକ ମାଲିକ ସଙ୍ଘ ଉପରେ ନଭେମ୍ବର ୧୦ ତାରିଖ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନେଇପାରିବେନାହିଁ। ପରିତାପର ବିଷୟ ଏଡିଏମ ବ୍ୟାକ ଡେଟରେ ସଙ୍ଘ ବିରୋଧରେ ଏକ ଚିଠି ଦେଇଛନ୍ତି। ଯାହା ଆମର ହସ୍ତଗତ ହୋଇନାହିଁ। ଚିଠି ଆମର ହସ୍ତଗତ ହେଲେ ଆମେ ହାଇକୋର୍ଟକୁ ଯିବୁ। ହାଇକୋର୍ଟ ଯାହା ଫାଇନାଲ କରିବେ ସଙ୍ଘ ତାକୁ ମାନି ନେବ। କୋର୍ଟ ନିର୍ଦ୍ଦେଶକୁ ଅବମାନନା କରି ରାଜନୈତିକ ଉଦ୍ଦେଶ୍ୟ ରଖି ଜିଲ୍ଲା ଟ୍ରକ ମାଲିକ ସଂଘରେ ବିବାଦ ଓ ବିଶୃଙ୍ଖଳା ସୃଷ୍ଟି କରାଯାଉଥିବା ସଭାପତି ଶ୍ରୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ସଭାପତି ଶ୍ରୀ ପଟ୍ଟନାୟକଙ୍କ ସମେତ ସମ୍ପାଦକ ରଞ୍ଜିତ ବେହେରା ଓ ସମସ୍ତ ଉପଦେଷ୍ଟା ମଣ୍ଡଳୀ ଓ ସଭ୍ୟ ଉପସ୍ଥିତ ଥିଲେ।

## ସିଦ୍ଧ ଗୁମ୍ଫାରେ ଭାଗବତ ଜନ୍ମ ଉତ୍ସବ

ପାରାଦୀପ,୧୨।୯ (ସମିସ): ନୂଆଗାଁ ପଞ୍ଚାୟତର ଆଧ୍ୟାତ୍ମିକ କ୍ଷେତ୍ର ସିଦ୍ଧ ଗୁମ୍ଫା ଆଶ୍ରମରେ ଭାଗବତ ଜନ୍ମ ଉତ୍ସବ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରତ୍ୟୁଷରୁ ମହାପୁରୁଷ ରାଜୀବଲୋଚନ ଦାସଙ୍କ ସାଧନା ପୀଠ ସିଦ୍ଧ ଗୁମ୍ଫାରେ ଉଦୟ ସ୍କନ୍ଦ ଭାଗବତ ଜନ୍ମ ଉତ୍ସବ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏଥିରେ ଭାଗବତପ୍ରେମୀ ଯୋଗଦେଇ ଭାଗବତ ପାଠ ସହ ଭଜନ କୀର୍ତ୍ତନ କରିଥିଲେ। ମହାପୁରୁଷଙ୍କ ଅଣନାତି ଶିକ୍ଷାବିତ ବିଚିତ୍ରାନନ୍ଦ ମନ୍ତ୍ରୀ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ତଥା ସ୍ତମ୍ଭକାର ଅକ୍ଷୟ ରାଉତ, ଗ୍ରାମ୍ୟ କୃଷି କର୍ମଚାରୀ ଯୁବକବି ପ୍ରଶାନ୍ତ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ନାୟକ, କେଲୁ ଚରଣ ସାହୁ, ଡଃ ରବୀନ୍ଦ୍ର ସ୍ୱାଇଁ, ଅଶ୍ୱିନୀ ଭୂୟାଁ, ସୁବାସ ନାୟକ, ମନୋରଞ୍ଜନ ଜେନାଙ୍କ ସହିତ ସିଦ୍ଧ ଗୁମ୍ଫା ଆଶ୍ରମ ପରିଚାଳନା କମିଟି ସଭ୍ୟସଭ୍ୟା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଇଫ୍‌କୋକୁ ସୁରକ୍ଷା, ସ୍ୱାସ୍ଥ୍ୟ, ପରିବେଶ ପୁରସ୍କାର



ପାରାଦୀପ,୧୨।୯ (ସମିସ): ଇଫ୍‌କୋ ପାରାଦୀପ ୟୁନିଟ୍‌କୁ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ପକ୍ଷରୁ ୨୦୨୪-୨୫ ବର୍ଷ ନିମନ୍ତେ ସୁରକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। କୋଲକାତାର ଆଇଟିସିଠାରେ ଅନୁଷ୍ଠିତ ୧୯ତମ ସୁରକ୍ଷା ଆଲୋଚନାଚକ୍ର ଓ ପ୍ରଦର୍ଶନୀରେ ସିଆଇଆଇ ପୂର୍ବାଞ୍ଚଳ ସୁରକ୍ଷା ସବ୍‌କମିଟି ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସିଇଏସସି ଲିମିଟେଡ୍ ସ୍ନେହାଶିଷ ସମାଦାରଙ୍କଠାରୁ ଇଫକୋର ଅଗ୍ନି ଓ ସୁରକ୍ଷା ବିଭାଗର ଯୁଗ୍ମ ସାଧାରଣ ପରିଚାଳକ ରଞ୍ଜିତ ସ୍ୱାଇଁ ଓ ଡେପୁଟି ମ୍ୟାନେଜର ଆଦିଲ ଓାକର ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ।



ଆସୁଛନ୍ତି ମା'



ଶ୍ରୀଶ୍ରୀ ଦୁର୍ଗାପୂଜା ସମିତି କଟକ ରୋଡ୍

# ନୂଆଦିଲ୍ଲୀର ଲକ୍ଷ୍ମୀ ନିବାସରେ ବିରାଜିବେ ମା'



ଭୁବନେଶ୍ୱର, ୧୨।୯ (ସମିସ): ଦୁର୍ଗାପୂଜା ପାଇଁ କଟକ ରୋଡ୍ ଶ୍ରୀଶ୍ରୀ ଦୁର୍ଗାପୂଜା ସମିତି ସମିତି ପକ୍ଷରୁ ମଧ ଆରମ୍ଭ ହୋଇଛି ପ୍ରସ୍ତୁତି। ଚଳିତ ବର୍ଷ କମିଟିର ନିଷ୍ପତ୍ତିକ୍ରମେ ନୂଆଦିଲ୍ଲୀର ଲକ୍ଷ୍ମୀନିବାସ ସଦୃଶ ତୋରଣରେ ବିରାଜିବେ ମା' ମହିଷାମର୍ଦ୍ଦିନୀ। ୮୦ ଫୁଟ ଉଚ୍ଚତା ଓ ୧୦୦ ଫୁଟ ଚଉଡ଼ା ବିଶିଷ୍ଟ ଏହି ତୋରଣ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି କାରିଗର। ଚଳିତ ବର୍ଷ ପୂଜା ୪୫ ବର୍ଷରେ ପହଞ୍ଚିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ସମିତି ପକ୍ଷରୁ ମଧ ଚଳିତ ବର୍ଷ ତୋରଣ ସାଙ୍ଗକୁ ସାଜସଜ୍ଜା ଉପରେ ଗୁରୁତ୍ୱ ଦିଆଯାଇଛି। ଝାରପଡ଼ା ଓଭରବ୍ରିଜ୍‌ରୁ ଷ୍ଟେସନ୍ ବଜାର ଛକ ପର୍ଯ୍ୟନ୍ତ ପ୍ରାୟ ଅଧା କିଲୋମିଟର ଯାଏ ରାସ୍ତାର ଉଭୟ ପାର୍ଶ୍ୱକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜାଯିବ। ୪ଟି ଛୋଟ ଏବଂ ୪ଟି ବଡ଼ ଗେଟ୍ ସମତେ ମୋଟ୍ ୮ଟି ଲାଇଟ୍ ଗେଟ୍ ନିର୍ମାଣ କରାଯିବ। ପ୍ରତି ଗେଟ୍‌ରେ ଲାଇଟ୍ ଦ୍ୱାରା ଆର୍ଷଣୀୟ ଛବି ସାଙ୍ଗକୁ ରହିବ ସଚେତନତା ବାର୍ତ୍ତା। ତେବେ ଚଳିତ ବର୍ଷ ପୂଜା ପାଇଁ ପ୍ରାୟ ୪୦ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏଥର ମା'ଙ୍କ ମୂର୍ତ୍ତିର ଉଚ୍ଚତା ୧୮ ଫୁଟ ରହିଥିବା ବେଳେ ଆକର୍ଷଣୀୟ ଭାବେ ସଜ୍ଜିତ କରାଯିବ। ବିଧି ଅନୁସାରେ ଷଷ୍ଠୀ ଦିନ ୨୧ଟି କଳସ ଯାତ୍ରା କରାଯିବା ସହ ସନ୍ଧ୍ୟାରେ ଛୋଟ ପିଲାଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଓ ଭଜନ ପରିବେଷଣ କରାଯିବ। ସପ୍ତମୀ ଦିନ ଭଜନ ସନ୍ଧ୍ୟା ସାଙ୍ଗକୁ ଅଷ୍ଟମୀ ଓ ନବମୀରେ ମେଲୋଡି ଏବଂ ଦଶମୀରେ ମେଲୋଡି ସାଙ୍ଗକୁ ଗୀତ୍ ସାଗର ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ଆଗଧାଡ଼ିର କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରିବେ। ମଧ୍ୟାହ୍ନରେ ୩ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ସହ ଦଶମୀ ରେ ୫ଶହ ଶ୍ରଦ୍ଧାଳୁଙ୍କ ପାଇଁ ଦହି ପଖାଳ ବ୍ୟବସ୍ଥା ରହିଛି।



ପ୍ରତିବର୍ଷ ଭଳି ଭସାଣୀ ଉତ୍ସବ ସହିଦ ନଗରରେ ଅନୁଷ୍ଠିତ ହେବ। ବାଣୀବିହାର ଛକରୁ ରାଜମହଲ ପର୍ଯ୍ୟନ୍ତ ଭସାଣ ଶୋଭାଯାତ୍ରାରେ ଶିଙ୍ଗ ବାଜା, ସମ୍ବଲପୁରୀ, ପଞ୍ଜାବୀ ଓ ପାରମ୍ପରିକ ନୃତ୍ୟ ପରିବେଷଣ କରାଯିବ। ଏହାସହ ବାଘବାଘୁଣୀ, ଘୋଡ଼ା ନାଚ, ଘଣ୍ଟ ଓ ପତାକା ସହ ଭସାଣ ଶୋଭାଯାତ୍ରା କରାଯିବ। ସକାଳ ୧୦ଟାରୁ ଝାରପଡ଼ା ଓଭରବ୍ରିଜ୍ ଦେଇ ଝାରପଡ଼ା ପୂଜାସମିତି, ଲକ୍ଷ୍ମୀସାଗର ଗାଁ ଦେଇ ପୁଣି ଲକ୍ଷ୍ମୀସାଗର ମଣ୍ଡପରେ ପହଞ୍ଚିବ ଶୋଭାଯାତ୍ରା। ସେଠାରୁ ଦିନ ୨ଟାରେ ବାହାରି ବିମଖାଲ, ରସୁଲଗଡ଼ ଦେଇ ବାଣୀବିହର ଛକରେ ପହଞ୍ଚିବା ପରେ ସନ୍ଧ୍ୟା ୬ଟାରୁ ପ୍ରୋସେସନ୍ ଆରମ୍ଭ ହୋଇ ରାଜମହଲ ଅଭିମୁଖେ ଯାତ୍ରା କରିବ। ଏହାପରେ ଦୟାନଦୀରେ ମା'ଙ୍କୁ ବିସର୍ଜନ କରାଯିବ।

-ସୁବଳ ବେହେରା, ସଭାପତି



ପ୍ରତିବର୍ଷ ଭଳି ଏଥର ମଧ ନିରାପଦ ଭାବେ ପୂଜା ସମ୍ପନ୍ନ କରାଯିବାକୁ ଗୁରୁତ୍ୱ ଦିଆଯିବ। ସାଜସଜ୍ଜା, ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ସୁରକ୍ଷାକୁ ପ୍ରତି ଧ୍ୟାନ ଦିଆଯିବ। ଦର୍ଶନ ସମୟରେ ଯେଭଳି ଭକ୍ତମାନଙ୍କର କୌଣସି ଅସୁବିଧା ନହେବ ସେଥିପାଇଁ ସିଟିଭି କ୍ୟାମେରା ଲଗାଯିବା, ପୁଲିସ ମୁତୟନ ରହିବେ। ସେହିପରି ପୂଜା ମଣ୍ଡପ ପରିସରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଏବଂ କମିଟି ପକ୍ଷରୁ ଶହେରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ପୂଜା ଉପରେ ନଜର ରଖିବେ।

-ଶ୍ରୀବତ୍ସ ରାଉତ, ସାଧାରଣ ସମ୍ପାଦକ

# ନାଟ୍ୟକାର ମନ୍ମଥ ଶତପଥୀ ପାଇବେ ନବଗୁଞ୍ଜରର ସମ୍ମାନ



ଭୁବନେଶ୍ୱର, ୧୨।୯ (ସମିସ): ପ୍ରଖ୍ୟାତ ନାଟ୍ୟକାର, ନିର୍ଦ୍ଦେଶକ, ଲେଖକ ଓ ଓଡ଼ିଆ ଲୋକସଂସ୍କୃତି ବିଶେଷଜ୍ଞ ମନ୍ମଥ କୁମାର ଶତପଥୀ ଚଳିତ ବର୍ଷର ନବଗୁଞ୍ଜରର ସମ୍ମାନ ପାଇବେ। ଓଡ଼ିଆ ନାଟକ ଓ ଲୋକକଳା କ୍ଷେତ୍ରରେ ଅର୍ଦ୍ଧଶତାବ୍ଦୀରୁ ଅଧିକ ସମୟ ଧରି ସଫଳ ଓ ସମର୍ପିତ ସାଧନା ନିମନ୍ତେ ନବଗୁଞ୍ଜର ସଂସ୍କୃତି ମଞ୍ଚ ଭୁବନେଶ୍ୱର ପରିଚାଳନା ପରିଷଦ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନେଇଛନ୍ତି। ଶ୍ରୀ ଶତପଥୀ ଛାତ୍ର ଜୀବନରୁ ନାଟକ ରଚନା, ଅଭିନୟ, ନିର୍ଦ୍ଦେଶନା ଆଦିରେ ବିଶେଷ ରୁଚି ରଖିବା ସହ ନିଜ ଜନ୍ମଭୂମି ଭଞ୍ଜନଗରରେ 'ତରୁଣ କଳାକାର ସଂସ୍ଥା' ଭଳି ଅଗ୍ରଣୀ ନାଟ୍ୟାନୁଷ୍ଠାନ ପ୍ରତିଷ୍ଠା କରି ସ୍ୱଳ୍ପବ୍ୟୟ ତଥା ନାରୀ ଚରିତ୍ର ବିନା ସାମାଜିକ ନାଟକ ମଞ୍ଚସ୍ଥ କରି ଏକ ଅଭିନବ ପରମ୍ପରା ଆରମ୍ଭ କରିଥିଲେ। ଏପର୍ଯ୍ୟନ୍ତ ୩୫ଟି ମଞ୍ଚ ନାଟକ, ୨ଟି ରେଡ଼ିଓ ନାଟକ, ୪ଟି ଓଡ଼ିଆ ଚଳଚ୍ଚିତ୍ର କାହାଣୀ ଓ ଚିତ୍ରନାଟ୍ୟ ରଚନା କରିଥିବା ବେଳେ ୨୦୦ରୁ ଊର୍ଦ୍ଧ୍ୱ ମଞ୍ଚ ନାଟକ ଓ ଲୋକନାଟ୍ୟ ନିର୍ଦ୍ଦେଶନା ଦେଇ ଓଡ଼ିଆ ମଞ୍ଚକଳା ଜଗତକୁ ଋଦ୍ଧିମନ୍ତ କରିଛନ୍ତି। ଦୀର୍ଘ ୨୦ ବର୍ଷର ଗବେଷଣା ପରେ ତାଙ୍କ ଲିଖିତ ଓ ନିର୍ଦ୍ଦେଶିତ ମଞ୍ଚ ନାଟକ 'ମୁଁ ଚକରା କହୁଛି' ରାଜ୍ୟ ଓ ରାଜ୍ୟ ବାହାରେ ପ୍ରଶଂସା ସାଉଁଟିଛି। ଆସନ୍ତା ଅକ୍ଟୋବର ୫ତାରିଖରେ ଭୁବନେଶ୍ୱରରେ ନବଗୁଞ୍ଜର ମଞ୍ଚର ବାର୍ଷିକ ଉତ୍ସବରେ ଶ୍ରୀ ଶତପଥୀଙ୍କୁ ଏହି ସମ୍ମାନ ଦିଆଯିବ।

# ଖାରଜ ହୋଇଥିବା ବର୍ଦ୍ଧିତ ପେନ୍‌ସନ ଦରଖାସ୍ତର ପୁନର୍ବିଚାର ଦାବି




ଭୁବନେଶ୍ୱର, ୧୨।୯ (ସମିସ): ଓଡ଼ିଶା ପୁଲିସ ହାଉସିଂ କର୍ପୋରେସନର ୧୯୮ଜଣ ଅବସରପ୍ରାପ୍ତ କର୍ମଚାରୀ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ ପାଇବାପାଇଁ ଅନଲାଇନରେ ଦରଖାସ୍ତ ଦେଇଥିଲେ। ଉକ୍ତ ଦରଖାସ୍ତଗୁଡ଼ିକୁ ଏହି ସଂସ୍ଥାର କର୍ତ୍ତୃପକ୍ଷ ଭବିଷ୍ୟନିଧି କର୍ମଚାରୀ ସଂଗଠନର ପୋର୍ଟାଲରେ ଆବଶ୍ୟକ ତଥ୍ୟ ସହ ପଠାଇଥିଲେ। କିନ୍ତୁ ସମ୍ପୃକ୍ତ ଦରଖାସ୍ତକାରୀମାନଙ୍କୁ ଏବଂ ସେମାନଙ୍କର କର୍ତ୍ତୃପକ୍ଷଙ୍କୁ କୌଣସି ସୁଯୋଗ ନ ଦେଇ ଭୁବନେଶ୍ୱର ଆଞ୍ଚଳିକ କର୍ତ୍ତୃପକ୍ଷ ଦରଖାସ୍ତଗୁଡିକୁ ନାକଚ କରିଦେଇଛନ୍ତି। ଫଳରେ ରାଜ୍ୟ ପୁଲିସ ଗୃହ ନିର୍ମାଣ ନିଗମର ଅବସରପ୍ରାପ୍ତ ତଥା କାର୍ଯ୍ୟରତ କର୍ମଚାରୀମାନେ ବର୍ଦ୍ଧିତ ପେନସନ ପାଇବାରୁ ବଞ୍ଚିତ ହେବେ। ଏହି ବାବଦରେ ଭୁବନେଶ୍ୱର ସଙ୍ଘ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ସଙ୍ଘର ସଭାପତି ମୁକ୍ତିକାନ୍ତ ମହାପାତ୍ର ଏବଂ ସାଧାରଣ ସମ୍ପାଦକ ଶିବ ଶଙ୍କର ପ୍ରଧାନ ଯୋଗ ଦେଇଥିଲେ। ସଂଘର ନିମନ୍ତ୍ରଣ କ୍ରମେ ଅଲ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିସନର ରାଜ୍ୟ ସଭାପତି ବିଜୟ ଜେନା, ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ଉପଦେଷ୍ଟା ନଟବର ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଦାସ, ନିଗମ କର୍ମଚାରୀ ମହାସଂଘର ସଭାପତି ସରୋଜକାନ୍ତ ମଲ୍ଲିକ, ପ୍ରକାଶ ପଟ୍ଟନାୟକ, ଗୀତାଞ୍ଜଳୀ ପାତ୍ର, ଉର୍ବଶ୍ରୀ ମିଶ୍ର, ରାଜ୍ୟ ସଡ଼କ ପରିବହନ ନିଗମର ଅବସରପ୍ରାପ୍ତ କର୍ମଚାରୀ ନେତା ପ୍ରଶାନ୍ତ କୁମାର ରାଉତ, ଲୋକନାଥ ସାମନ୍ତରାୟ (ଆଗ୍ରୋ), ରମେଶ ଚୌଧୁରୀ (ପିକେଡିଏ) ଯୋଗ ଦେଇଥିଲେ। ନାକଚ ହୋଇଥିବା ଦରଖାସ୍ତର ତୁରନ୍ତ ପୁନର୍ବିଚାର କରିବା ପାଇଁ ଭବିଷ୍ୟନିଧି ସଂଗଠନର ମୁଖ୍ୟ କାର୍ଯ୍ୟାଳୟରୁ ଆସିଥିବା ଚିଠି ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଲ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏସନ ତରଫରୁ ଭବିଷ୍ୟନିଧି ସଂଗଠନର କମିସନରଙ୍କ ସହ ଆଲୋଚନା କରାଯାଇ ସମାଧାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପରେ ଏକ ପ୍ରତିନିଧି ଦଳ ପୁଲିସ ଗୃହ ନିର୍ମାଣ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ସାକ୍ଷାତ କରି ଏହି ବାବଦରେ ଆଲୋଚନା କରିଥିଲେ।

# ବନ୍ୟପ୍ରାଣୀ ଚିକିତ୍ସକଙ୍କ ପରଲୋକ

ନନ୍ଦନକାନନ, ୧୨।୯ (ସମିସ): ନନ୍ଦନକାନନ ପ୍ରାଣୀଉଦ୍ୟାନର ଅବସରପ୍ରାପ୍ତ ବରିଷ୍ଠ ବନ୍ୟପ୍ରାଣୀ ଚିକିତ୍ସକ ଡା. ଭିକାରି ଚରଣ ବେହେରାଙ୍କ ୮୪ବର୍ଷରେ ପରଲୋକ ହୋଇଛି। ବାର୍ଦ୍ଧକ୍ୟ ଜନିତ କାରଣରୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ଘଟିଛି। ପ୍ରଥମେ ତାଙ୍କ ମରଶରୀରକୁ ଜନ୍ମସ୍ଥାନ କଳାରାହାଙ୍ଗ ଗ୍ରାମ ବାସଭବନକୁ ନିଆଯାଇଥିଲା। ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶବଦାହ କରାଯାଇଥିଲା। ବଡପୁଅ ଶୁଭକାନ୍ତ ବେହେରା ମୁଖାଗ୍ନି ଦେଇଥିଲେ।

# ବାଲିଅନ୍ତାରେ ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ କମିସନର୍



ବାଲିଅନ୍ତା, ୧୨।୯ (ସମିସ): ମିଶନ ଶକ୍ତି କମିସନର ତଥା ସ୍କୁଲ ଓ ଗଣ ଶିକ୍ଷା ବିଭାଗ ସଚିବ ସାଲିନୀ ପଣ୍ଡିତ ବାଲିଅନ୍ତା ପଞ୍ଚାୟତ ସମିତିର ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରି ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଥିଲେ। ଜିଲ୍ଲା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଡିଓ) ଜ୍ୟୋତିଶଙ୍କର ସାହୁ ଏବଂ ବାଲିଅନ୍ତା ବ୍ଲକ ବିଡିଓ ରଶ୍ମିତା ନାଥ ପ୍ରମୁଖ ତଦନ୍ତରେ ଅ।ସି ଉନ୍ନୟନ କାର୍ଯ୍ୟର ସ୍ଥିତି ପରଖି ଥିଲେ। କମିସନର ଓ ପଦସ୍ଥ ଅଧିକାରୀମାନେ ବାଲିଅନ୍ତା ପଞ୍ଚାୟତ ପକ୍ଷରୁ କୁଶଗାଡିଆ ନିକଟରେ ୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂତନ ଗୋଷ୍ଠୀ ସୌଚାଳୟ ବୁଲି ଦେଖିଥିଲେ। ପରେ ବାଲିଅନ୍ତା – ବେଣୁପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ୯୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂତନ ଆଉଟଡୋର ବିଲ୍ଡିଂ ଦେଖିଥିଲେ। ନୂଆ କୋଠାରେ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାପରେ ପିଏମଶ୍ରୀ ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ ଉନ୍ନତୀକରଣ କାର୍ଯ୍ୟ ଦେଖିଥିଲେ। କାକରୁଦ୍ରପୁର ପଞ୍ଚାୟତ ଅଧୀନ ଖମଙ୍ଗ ଶାସନ ଗ୍ରାମର ନକୁଳ ମୁଖୀଙ୍କ ଗୁଆ ଫାର୍ମ ଦେଖିଥିଲେ। ପରେ ପ୍ରତାପରୁଦ୍ରପୁରରେ ପଞ୍ଚାୟତରେ ସୁନନ୍ଦା ଶତପଥୀଙ୍କ ମଞ୍ଜି ପ୍ରକ୍ରିୟାକରଣ ୟୁନିଟ ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡଓ ନିହାରିକା ପଣ୍ଡା, ବାଲିଅନ୍ତା ସରପଞ୍ଚ କୃଷ୍ଣ କେଶବ ଆପଟ, କାକରୁଦ୍ରପୁର ସରପଞ୍ଚ ସସ୍ମିତା ମଲ୍ଲିକଙ୍କ ସମେତ ପ୍ରତାପରୁଦ୍ରପୁର ସରପଞ୍ଚ ଶ୍ରଦ୍ଧେୟା ପାତ୍ର ସାମିଲ ଥିଲେ।

# ଶାନ୍ତନୁ ମହାପାତ୍ରଙ୍କୁ 'ଜୟକିରଣ ସମ୍ମାନ'




ଭୁବନେଶ୍ୱର, ୧୨।୯ (ସମିସ): 'ଜୟକିରଣ ଟ୍ରଷ୍ଟ' ଦ୍ୱାରା ପକ୍ଷରୁ ଜୟକିରଣ ସମ୍ମାନ ପ୍ରଦାନ ଉତ୍ସବ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ତଥା ବିଧାୟିକା ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଓ ଭୁବନେଶ୍ୱର ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗ ଦେଇଥିଲେ। ଏହି ଅବସରରେ ସମାଜସେବୀ ଶାନ୍ତନୁ ମହାପାତ୍ରଙ୍କୁ 'ଜୟକିରଣ ସମ୍ମାନ' ପ୍ରଦାଦ କରାଯାଇଥିଲା। ସେହିପରି ବିଶିଷ୍ଟ କଣ୍ଠଶିଳ୍ପୀ ବୀଣାପାଣି ନାୟକଙ୍କୁ ଓଡ଼ିଶୀ 'ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା ସମ୍ମାନ', ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ମିନାକ୍ଷୀ ବେହେରାଙ୍କୁ 'ଗୁରୁ ଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନ ସମ୍ମାନ'ରେ ସମ୍ମାନିତ କାରା ଯାଇଥିଲା। ପ୍ରାରମ୍ଭରେ ଅନୁଷ୍ଠାନର ଟ୍ରଷ୍ଟି ସୁମିତ୍ରା ଜେନା ଟ୍ରଷ୍ଟର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିବା ବେଳେ ବିଶିଷ୍ଟ ସ୍ତମ୍ଭକାର ପ୍ରହଲ୍ଲାଦ ସିଂ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଜାତୀୟ କବି ବୀରକିଶୋରଙ୍କ ଦ୍ୱାରା ରଚିତ ସଂଗ୍ରାମୀ ସଙ୍ଗୀତ ଡ. ସର୍ବେଶ୍ୱର ବୈଠାରୁ ଓ ସାଥୀମାନଙ୍କ ଦ୍ୱାରା ପରିବେଷଣ କରାଯିବା ସହ ପ୍ରକୃତି କବି ଗଙ୍ଗାଧର ମେହେରଙ୍କ ଲିଖିତ ଏବଂ ଅଜିତ୍ ନାଟ୍ୟ ସଂସ୍ଥା ଦ୍ୱାରା ପ୍ରସ୍ତୁତ 'ତପସ୍ୱିନୀ' କାବ୍ୟର ନାଟ୍ୟାଭିନୟ ମଞ୍ଚସ୍ଥ ହୋଇଥିଲା। ଯାହାର ନିର୍ଦ୍ଦେଶନା ଦେଇଥିଲେ ଅଜିତ ଦାସ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ପରିଚାଳନା କରିଥିଲେ।

# ମୁଣ୍ଡମୁହାଣରେ ଏନ୍‌ଏସ୍‌ଏସ୍ ପକ୍ଷରୁ ସ୍ୱତନ୍ତ୍ର ଶିବିର

ଭୁବନେଶ୍ୱର, ୧୨।୯ (ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ନ୍ୟାସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ' (ଏସ୍‌ଏନ୍‌ଆଇଏଲ୍) ଏନ୍‌ଏସ୍‌ଏସ୍ ଶାଖା ପକ୍ଷରୁ ଜଟଣୀ ବ୍ଲକର ମୁଣ୍ଡମୁହାଁଣ ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରାଯିବା ସହ ଏକ ସାତଦିନିଆ ସ୍ୱତନ୍ତ୍ର ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକ୍ରମ ସଂଯୋଜକ ଡ. କମଳ ଲୋଚନ ମହନ୍ତ, ସାହିତ୍ୟିକ ତଥା ପରିବେଶବିତ୍ ରମାକାନ୍ତ ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିବିର ମାଧ୍ୟମରେ ବିଧି ଶାସ୍ତ୍ର ବିଭାଗର ସ୍ୱେଚ୍ଛାସେବୀମାନେ ଗ୍ରାମବାସୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଓ ଶିକ୍ଷା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ମୌଳିକ ଆଇନ ସହାୟତାର ବିଭିନ୍ନ ଦିଗ ବିଷୟରେ ସଚେତନ କରିଥିଲେ। ସାତଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ଗ୍ରାମୀଣ ପରିବେଶରେ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ବିଷୟରେ ସଚେତନତା ସହ ସାମୁହିକ ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ କରାଯିବାକୁ ଲକ୍ଷ୍ୟ ରହିଛି।

ଭୁବନେଶ୍ୱର ଉତ୍ତର ପୂଜା ଭସାଣି ସମିତିର ପ୍ରସ୍ତୁତି

# ନିଶାମୁକ୍ତ ପୂଜା ପେଣ୍ଡାଲକୁ ପୁରସ୍କୃତ କରାଯିବ

ନନ୍ଦନକାନନ, ୧୨।୮ (ସମିସ): ଭୁବନେଶ୍ୱର ଉତ୍ତର ପୂଜା ଭସାଣି ସମିତି ଆନୁକୂଲ୍ୟରେ ଚଳିତ ବର୍ଷ ୧୫ ତମ ସାର୍ବଜନୀନ ଦୁର୍ଗାପୂଜା ଭସାଣି ମହୋତ୍ସବ ପ୍ରସ୍ତୁତି ସଭା ଚନ୍ଦ୍ରଶେଖରପୁର ସ୍ଥିତ ଗ୍ରାଣ୍ଡ ଲୁମ୍ବିନୀ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ଟାଉନ ପଡ଼ିଆକୁ ଭସାଣି ପଡ଼ିଆ ଭାବରେ ନାମିତ କରାଯାଇ ତାକୁ ଭସାଣି ନିମନ୍ତେ ସଂରକ୍ଷିତ ରଖିବା ପାଇଁ ଦାବି ଉପସ୍ଥାପନ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ବାବୁ ସିଂ, ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗ ଦେଇଥିଲେ। ଏଥର ପୂଜା ପେଣ୍ଡାଲ ଅଞ୍ଚଳକୁ ନିଶାମୁକ୍ତ କରିବାକୁ ସଚେତନତା କରାଯିବା ସହ ଯେଉଁ ପୂଜା କମିଟି ସମ୍ପୂର୍ଣ୍ଣ ନିଶାମୁକ୍ତ ଭାବେ ପୂଜା ମହୋତ୍ସବକୁ ପାଳନ କରିବେ ତାଙ୍କୁ ପୁରସ୍କୃତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପୁଲିସ ପ୍ରଶାସନ, ଅଗ୍ନିଶମ ବିଭାଗ, ଟ୍ରାଫିକ, ୱାଟକୋ, ବିଏମସି, ସାନିଟେସନ ବିଭାଗୀୟ ଅଧିକାରୀ, ନିର୍ମାଣ ବିଭାଗର ବିଭାଗୀୟ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ। ସମିତି ତରଫରୁ ସମସ୍ତ ଅଧିକାରୀ ଓ ସାମ୍ବାଦିକଙ୍କୁ ସମ୍ମାନିତ କରାଯାଇଥିଲା। ଉପଦେଷ୍ଟା ଡ ମଧୁମାଧବ ଜେନା, ଗଜେନ୍ଦ୍ର ଜେନା, ନିଶାକର ସାହୁ, ସମରେନ୍ଦ୍ର ସାହୁ, ସୁକାନ୍ତ ପରିଡ଼ା, ଅଶୋକ ପାତ୍ର, ସୁନୀଲ ରାୟ, ଗୟାଧର ମଲ୍ଲିକ, କେ. ସି. ଭଞ୍ଜଦେଓ ଓ ଉମାକାନ୍ତ ହାତୀଙ୍କ ସମେତ ବିଭିନ୍ନ କମିଟିର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏସନର ସାଧାରଣ ସମ୍ପାଦକ ତଥା ଭସାଣି ସମିତିର ସାଧାରଣ ସମ୍ପାଦକ ସରୋଜ କାନ୍ତ ମଲ୍ଲିକ ସଭାରେ ସଂଯୋଜନା କରିଥିଲେ।

# 'ସଫେଇ ସାଥୀଙ୍କୁ ସମ୍ମାନ, ପ୍ଲାଷ୍ଟିକ୍‌ମୁକ୍ତ ଭୁବନେଶ୍ୱର ପ୍ରତି ପଦକ୍ଷେପ'



ଭୁବନେଶ୍ୱର, ୧୨।୯ (ସମିସ): ଜୟଦେବ ବିହାରସ୍ଥିତ ରାମେଶ୍ୱର ମନ୍ଦିରଠାରେ ଇକୋଏକ୍ସ ଫାଉଣ୍ଡେସନ, ହିନ୍ଦୁସ୍ତାନ କୋକୋ-କୋଲାବେଭେରେଜ୍, ଗୀତାଞ୍ଜଳି ଫାଉଣ୍ଡେସନ ସହଯୋଗରେ ପ୍ଲାଷ୍ଟିକ୍ ସଂଗ୍ରହଣ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅଭିଯାନରେ ୱାର୍ଡ ସଂଖ୍ୟା ୨୫, ୨୬ ଓ ୨୭ର ସଫେଇ କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ସମୁଦାୟରେ ପ୍ଲାଷ୍ଟିକ ବିଭାଜନ, ସିଙ୍ଗଲ: ୟୁଜ ପ୍ଲାଷ୍ଟିକ ପୁର୍ନବ୍ୟବହାର ସମ୍ବନ୍ଧିତ ସଚେତନତା ସୃଷ୍ଟି କରିବା ସହ ସଫେଇ କର୍ମଚାରୀଙ୍କୁ ସୁରକ୍ଷା କିଟ୍, ଉପହାର ସାମଗ୍ରୀ ଆଦି ପ୍ରଦାନ କରାଯାଇଥିଲା। ଇକୋଏକ୍ସ ଫାଉଣ୍ଡେସନ ଓ ହିନ୍ଦୁସ୍ତାନ କୋକା କୋଲା ବେଭେରେଜ ତରଫରୁ ବରିଷ୍ଠ ପରିଚାଳନା ପ୍ରବନ୍ଧକ ସମ୍ବିତ ଶାଶ୍ୱତ, ଆଇଇସି ପ୍ରକଳ୍ପ ଅନୁରାଗ କୁମାର, ତୁଷାର ପଟ୍ଟନାୟକ, ମିଳନ ଲେଙ୍କା ପ୍ରମୁଖ ଅତିଥିଭାବେ ଏବଂ ଓଡ଼ିଶା ଷ୍ଟେଟ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡରୁ ଡା. ଉଷାରାଣୀ ପଟ୍ଟନାୟକ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଗୀତାଞ୍ଜଳି ଫାଉଣ୍ଡେସେନର ଅଧ୍ୟକ୍ଷା ଗୀତାଞ୍ଜଳି ଦାସ ଏବଂ ଟ୍ରଷ୍ଟି ଅମିତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚକୋଲେଟ୍‌ରେ ନେତା, ମନ୍ତ୍ରୀ ଓ ସେଲିବ୍ରିଟି

ଆଜି ଚକୋଲେଟ୍ ଦିବସ




ଭୁବନେଶ୍ୱର, ୧୨।୯ (ସମିସ): ନବେ ଦଶକରୁ ନେଇ ବର୍ତ୍ତମାନ ପର୍ଯ୍ୟନ୍ତ ସମସ୍ତେ ଚକୋଲେଟ୍‌କୁ ପସନ୍ଦ ଆଜିର ଦିନରେ ପିଲାଠୁ ନେଇ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କୁ ଚକୋଲେଟ୍ ଖାଇବା ପାଇଁ ସମସ୍ତେ ଭଲ ପାଉଛନ୍ତି। ହେଲେ ଏହି ଚକୋଲେଟର ବିଭିନ୍ନ ଆଇଟମ୍ ତିଆରି

## ■ ଡିସେମ୍ବର ପର୍ଯ୍ୟନ୍ତ ଆଗୁଆ ବୁକିଂ

କରିବା ଉପରେ ବର୍ତ୍ତମାନର ଯୁବପିଢ଼ି ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି। ଯେଉଁଥିପାଇଁ ଅନେକ ଯୁବପିଢ଼ି ଜାତୀୟ ତଥା ଅର୍ନ୍ତଜାତୀୟ ସ୍ତରରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ତେବେ ଏବେ ଚକୋଲେଟ୍ ପ୍ରେମୀଙ୍କୁ ଅଧିକ ଆକର୍ଷଣ କରୁଛି ନେତା, ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ସେଲିବ୍ରିଟିଙ୍କ ଚିତ୍ର।

ରାଜଧାନୀରେ ମଧ ଛୋଟରୁ ବଡ଼ ସମସ୍ତଙ୍କର ଚକୋଲେଟ୍ ପ୍ରତି ଆଗ୍ରହ ରହିଛି। ଏଥିପାଇଁ ବଡ଼ବଡ଼ ସପିଂ ମଲ୍ ଓ ଦୋକାନ ଆଦିରେ ଚକୋଲେଟ୍ ସେକ୍, ଚକୋଲେଟ୍ କୁଲଫିଂ, ଚକୋଲେଟ୍ କେକ୍, ଚକୋଲେଟ୍ ଆଇସ୍‌କ୍ରିମ୍ ଆଦି ଉପଲବ୍ଧ ହେଉଛି। ହେଲେ ଚକୋଲେଟ୍ ଉପରେ ବର୍ତ୍ତମାନ ପିଲାମାନେ ଶିକ୍ଷା ଗ୍ରହଣ କରିବା ପାଇଁ ଅଧିକ ଉତ୍ସାହ ଦେଖାଉଛନ୍ତି। ଯେଉଁଥିପାଇଁ ସ୍ମାର୍ଟସିଟିରେ ଚନ୍ଦ୍ରଶେଖରପୁର, ବମିଖାଲରେ ରହିଛି କ୍ଲବ୍ ଚକୋଲେଟ୍। ୨୦୧୬ରୁ ଆରମ୍ଭ ହୋଇଥିବା ଏହି ଚକୋଲେଟ୍ କ୍ଲବ୍‌ରେ ପ୍ରାୟ ୮ ଶହରୁ ୯ ଶହ ପିଲା ଶିକ୍ଷା ଗ୍ରହଣ କରିସାରିଲେଣି।

ଏହି କ୍ଲବ୍ ଚକୋଲେଟ୍‌ରୁ ପିଲାମାନେ ଚକୋଲେଟ୍, ବେକେରୀ, ପେଷ୍ଟ୍ରୀ ଆଦି ଉପରେ ଶିକ୍ଷା ଗ୍ରହଣ କରି ସାଉଦି ଆରବ, ଦୁବାଇ, କତାର, ନରୱେ ସହିତ କ୍ରୁଜ୍ ସହ ଦିଲ୍ଲୀ, ମୁମ୍ବାଇ ଭଳି ବଡ଼ବଡ଼ ସହରରେ ରହିଛନ୍ତି। ଏଥିସହିତ ଆତ୍ମ ନିର୍ଭର ହେବା ପାଇଁ ମଧ ମହିଳାମାନେ ଏହି କ୍ଲବ୍‌ରୁ ଶିକ୍ଷା ଗ୍ରହଣ କରୁଛନ୍ତି। ହ୍ୱାଇଟ୍, ବ୍ଲାକ୍, ମିଲକ୍ ଚକୋଲେଟ୍ ସହ ଚକୋଲେଟ୍‌କୁ କିପରି ତିଆରି କରିଯିବ ଏଥିସହ ଏହାର ବ୍ୟବହାର ଏବଂ ଚକୋଲେଟ୍‌କୁ କେତେ ତାପମାତ୍ରାରେ ରଖାଯାଇ ପାରିବ ଏହି କ୍ଲବ୍ ଚକୋଲେଟ୍‌ରୁ ପିଲାମାନେ ଜାଣିବାକୁ ପାଇଥାନ୍ତି। କ୍ଲବ୍‌ରେ ପିଲାମାନେ ଚକୋଲେଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଗଣେଶଙ୍କ ମୂର୍ତ୍ତି, କ୍ରିକେଟ୍ ୱାର୍ଲ୍ଡ କପ୍, ହକି ୱାର୍ଲ୍ଡ କପ୍ ଆଦି ତିଆରି କରିଛନ୍ତି।

ପ୍ରଥମରୁ ଯେତେବେଳେ ଏହି କ୍ଲବ୍ ଚକୋଲେଟ୍ ଖୋଲାଯାଇଥିଲା କେହି ଏଥିପ୍ରତି ଆଗ୍ରହ ଦେଖାଉନଥିଲେ ହେଲେ ବର୍ତ୍ତମାନ ଡ଼ିସେମ୍ବର ମାସ ପର୍ଯ୍ୟନ୍ତ ସବୁ ବୁକିଂ ସରିଯାଇଛି। ମାର୍କେଟରେ ଚୋକୋଲେଟ୍ ସହ ବେକେରୀ ଏବଂ ପେଷ୍ଟ୍ରୀର ଚାହିଦା ଅଧିକ ରହିଛି। ଘରେ ରହି କିଛି ରୋଜଗାର କରିବା ପାଇଁ ମହିଳାମାନେ ଅଧିକ ପସନ୍ଦ କରୁଛନ୍ତି ବୋଲି ସହ ପ୍ରତିଷ୍ଠାତା ରାକେଶ କୁମାର ସାହୁ କହିଛନ୍ତି।

# ଦୋଷୀକୁ ଫାଶୀ ଓ ପୀଡ଼ିତ ପରିବାରକୁ କ୍ଷତିପୂରଣ ପାଇଁ ଦାବିପତ୍ର

**କିଶୋର ହତ୍ୟାକାଣ୍ଡ ଘଟଣା**

ଦେବଗଡ଼,୧୨।୯ (ସମିସ)

ତିଳେଇବଣି ବ୍ଲକ୍ ଅଧୀନ କେନ୍ଦେଇଜୁରୀ ଗାଁରେ ଗତ ୩ ତାରିଖ ଦିନ ଗାଁ ଜଙ୍ଗଲରେ ଏକ ମୃତ ଗାଈର ଚମଡା ବାହାର କରୁଥିବା ସମୟରେ କାଉଁସିଡ଼ିପ ଗାଁର କିଶୋର ଚମାର ଏବଂ ତାଙ୍କ ଅନ୍ୟ ଜଣେ ସହଯୋଗୀଙ୍କୁ ଉକ୍ତ ଅଞ୍ଚଳର କେତେକ ଗୋରକ୍ଷକ ପିଟିପିଟି ହତ୍ୟା କରିଛନ୍ତି। ଏହାର ବିରୋଧରେ ଶୁକ୍ରବାର ଆମ୍ବେଦକର ସାମାଜିକ ପରିବର୍ତ୍ତନ ମଞ୍ଚ, ଜିଲ୍ଲା ଏସସି ଓ ଏସଟି ମଞ୍ଚ ଏବଂ ଅଲ ଓଡ଼ିଶା ରବୀଦାସ ସମାଜ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିବାଦ ଦିବସ ପାଳନ କରାଯାଇଛି। ଏଥିସହ ଘଟଣାରେ ସଂଶ୍ଳିଷ୍ଟ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ ସହ ପୀଡିତ ପରିବାରକୁ ୨୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ସହ ସରକାରୀ ଚାକିରି ଦାବି କରାଯାଇଛି। ମୃତ କିଶୋରଙ୍କ ବିଧବା ସ୍ତ୍ରୀ ଓ ତିନି ପିଲାଙ୍କୁ ନେଇ ସଂଗଠନର ରାଜ୍ୟସ୍ତରୀୟ ନେତୃବୃନ୍ଦ ଆଜି ସେଣ୍ଟର ଫର କଲଚର ପରିସରରୁ ବିକ୍ଷୋଭ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭାର ଆୟୋଜନ କରିଥିଲେ। ସଭାରେ କିଶୋର ହତ୍ୟାକାଣ୍ଡ ଘଟଣାକୁ ଅତି



ଅମାନବୀୟ ଦର୍ଶାଯିବା ସହ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଦଳିତ ସମାଜର ସୁରକ୍ଷାରେ ବିଫଳ ହୋଇଥିବା ଅଭିଯୋଗ କରିଥିଲେ। ସେହିପରି ଘଟଣାରେ ସମ୍ପୃକ୍ତି ଥିବା ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି ନଥିବାରୁ ପୁଲିସର ଭୂମିକା ଉପରେ ମିଳିତ ସଂଗଠନ ସନ୍ଦେହ ପ୍ରକାଶ କରିଛି। ହତ୍ୟାକାଣ୍ଡରେ ଜଡ଼ିତ ସମସ୍ତ ଅଭିଯୁକ୍ତଙ୍କୁ ତରନ୍ତ ଗିରଫ କରା ନଗଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଆମ୍ବେଦକର ସାମାଜିକ ପରିବର୍ତ୍ତନ ମଞ୍ଚ ସଭାପତି ତଥା ଜିଲ୍ଲା ଏସସି ଏସଟି ମିଳିତ ମଞ୍ଚ ସଭାପତି ଚୌଧୁରୀ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଏସସି, ଏସଟି, ଓବିସି ଓ ମାଇନରିଟି ଜଏଣ୍ଟ ଆକ୍ସନ କମିଟି ସଭାପତି ଅଭିରାମ ମଲ୍ଲିକ, ଭୀମ ଆର୍ମି ରାଜ୍ୟ ସଭାପତି ଲଙ୍କେଶରାବଣ, ଓଡ଼ିଶା ରବୀଦାସ ସମାଜରାଜ୍ୟ ସଭାପତି ସୀତାରାମ ମେହେର, ବିଜୟ ମେହେର, ସୀତାରାମ ରୋହିଦାସ, ଯୋଗେନ୍ଦ୍ର ରୋହିଦାସ, ଶିବାଜୀ ଭୋଜ, କ୍ଷମାନିଧି ପାତ୍ର, ସୁଜିତ ମୁଖିଙ୍କ ସମେତ ରବୀଦାସ ସମାଜ ଅନଗୁଳ ଜିଲ୍ଲା, ସମ୍ବଲପୁର ଜିଲ୍ଲା, ସୁନ୍ଦରଗଡ ଜିଲ୍ଲା, ସୋନପୁର ଜିଲ୍ଲା, ଝାରସୁଗୁଡ଼ା ଜିଲ୍ଲାର କମିଟି ସାଦସ୍ୟ ମାନେ ଯୋଗ ଦେଇଥିଲେ।

## ଦନ୍ତା ହାତୀର ମୃତଦେହ ଠାବ

ଦେବଗଡ଼,୧୨।୯ (ସମିସ): ଦେବଗଡ଼ ବନଖଣ୍ଡ ରିଆମାଳ ବନାଞ୍ଚଳ ପଳସମା ସେକ୍ସନ ଅଧୀନ ଚିରଗୁଣିକୁ ଦର ଗାଁର ନୂଆଁକଟା ନିକଟରେ ଏକ ଦନ୍ତା ହାତୀର ମୃତଦେହ ଠାବ କରାଯାଇଛି। ଆଜି ସକାଳୁ ଗ୍ରାମବାସୀ ହାତୀଟି ମରି ପଡିଥିବା ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ରିଆମାଳ ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧାରୁଆ ବିଭାଗୀୟ କର୍ମଚାରୀଙ୍କ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପ୍ରାଥମିକ ତଦନ୍ତରେ ହାତୀର ଆନୁମାନିକ ବୟସ ୧୦ରୁ ୧୫ ବର୍ଷ ମଧ୍ୟରେ ହୋଇଥିବା ବେଳେ ମୃତଶରୀରର ବାହ୍ୟ ଭାଗରେ କୌଣସି କ୍ଷତ ନଥିବା ଜଣାପଡିଛି। ହାତୀ ମୃତ୍ୟୁର ତଦନ୍ତ ପାଇଁ ବନଖଣ୍ଡ ଅଧିକାରିଣୀ ରଶ୍ମିଜୀ, ଅତିରିକ୍ତ ବନ ସଂରକ୍ଷକ ସ୍ୱାଧୀନତା ସାହାଣୀ, ଅରୁଣ ବେହେରାଙ୍କ ସମେତ ପ୍ରାଣୀ ବିଭାଗ ବିଶେଷଜ୍ଞ ଓ ବିଦ୍ୟୁତ ବିଭାଗ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ହାତୀ ମୃତ୍ୟୁର କାରଣ ତଦନ୍ତ କରିଥିଲେ। ମୃତ ହାତୀର ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଗୁମାଡେରା ବଜାରରେ ମାରପିଟ, ୨ ଗିରଫ

ଇବଥର୍ମାଲ,୧୨।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଥାନା ଅଧୀନ ଗୁମାଡେରା ମୁଖ୍ୟ ବଜାରରେ ହୋଇଥିବା ଏକ ମାରପିଟ ଘଟଣାରେ ୨ ଜଣ ଅଭିଯୁକ୍ତଙ୍କୁ ବେଲପାହାଡ ପୁଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଗୁମାଡେରା ଖଣ୍ଡାପଡାର ଅଭି ସୁନା (୩୨) ଓ ଆଦି ସୁନା (୨୨) ବୋଲି ପୁଲିସ ସୂଚନା ଦେଇଛି। ଗୁରୁବାର ସନ୍ଧ୍ୟାରେ ଗୁମାଡେରାର ହରିଶ ଅଗ୍ରୱାଲ ଗୁମାଡେରା ବଜାରରେ ଥିବାବେଳେ ଅଭିଯୁକ୍ତ ଅଭି ତାଙ୍କୁ ଧମକ ଚମକ ଦେଇ ଟଙ୍କା ମାଗିଥିଲେ। ଟଙ୍କା ଦେବାକୁ ହରିଶ ମନା କରିବାରୁ ଅଭିଯୁକ୍ତ ଅଭି ଓ ଆଦି ମିଶି ହରିଶଙ୍କୁ ମାରପିଟ କରିଥିବା ନେଇ ବେଲପାହାଡ ଥାନାରେ ହରିଶ ଅଭିଯୋଗ କରିଥିଲେ। ହରିଶଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ୬୦ ଲିଟର ଦେଶୀ ମଦ ଜବତ, ଜଣେ ଗିରଫ

ଇବଥର୍ମାଲ,୧୨।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅଧୀନ ସାଗରପାଲି ଛକ ନିକଟରୁ ରେଙ୍ଗାଲି ପୁଲିସ ଏକ ସ୍କୁଟି ସହ ୬୦ ଲିଟର ଦେଶୀ ମଦ ଜବତ କରିଛି। ମଦ ଚାଲାଣ କରୁଥିବା ବ୍ୟକ୍ତି ଠେବରା ଗାଁର ରାଜ ଖଣ୍ଡା ବୋଲି ପୁଲିସ ସୂଚନା ଦେଇଛି। ରାଜ ଗୁରୁବାର ରାତିରେ ଏକ



ସ୍କୁଟି ଯୋଗେ ସାଗରପାଲି ଛକ ଦେଇ ବେଆଇନ ଭାବେ ଦେଶୀ ମଦ ଚାଲାଣ କରୁଥିଲା। ଏହି ସମୟରେ ପେଟ୍ରୋଲିଂ କରୁଥିବା ରେଙ୍ଗାଲି ପୁଲିସ ହାତରେ ସେ ଧରାପଡିଥିଲା। ଏନେଇ ରେଙ୍ଗାଲି ଥାନାରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରିଛି।

## ତୈଳିକ ବୈଶ୍ୟ ସାହୁ ସମାଜର ନୂଆଁଖାଇ ଭେଟ୍‌ଘାଟ୍



ଗାଇସିଲେଟ,୧୨।୯ (ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ୍ ତୈଳିକ ବୈଶ୍ୟ ସାହୁ ସମାଜର ୧୩ତମ ନୂଆଁଖାଇ ଭେଟଘାଟ ଗାଇସିଲାଟରେ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ଅନୁଷ୍ଠିତ ହୋଇଛି। ସାହୁ ସମାଜର ଏହି ବାର୍ଷିକ ଭେଟଘାଟ କେବଳ ପରମ୍ପରାଗତ ଖାଦ୍ୟ ପର୍ବକୁ ପାଳନ କରିବା ନୁହେଁ ବରଂ ସମାଜର ଏକତା, ସଂଘଟନ ଓ ସାଧାରଣ ସମସ୍ୟାଗୁଡିକୁ ସମ୍ମିଳିତ ଭାବେ ସମାଧାନ ପାଇଁ ଆଲୋଚନା କରିବାର ଗୁରୁତ୍ୱପୂର୍ଣ୍ଣ ମଞ୍ଚ ହୋଇଛି। ଏଥିରେ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବିଜେପୁର ବିଧାୟକ ସନତ ଗଡତୀୟା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥିଙ୍କ ମଧ୍ୟରେ ଗାଇସିଲାଟ ବ୍ଲକ୍ ଅଧ୍ୟକ୍ଷ ପ୍ରଣୟ ସାହୁ, ପୂର୍ବତନ ମାର୍କଫେଡ ଅଧ୍ୟକ୍ଷ ପ୍ରଭାତ ଆଦିତ୍ୟ ମିଶ୍ର, ସାଂସଦ ପ୍ରତିନିଧି ସୁରେଶ୍ୱର ଶତପଥୀ, ବିଜେପି ଜିଲ୍ଲା ସଭାପତି ଡ.ଅରୁପାନନ୍ଦ ସାହୁ, ବଲାଙ୍ଗିର ମହିଳା ମହାବିଦ୍ୟାଳୟର ଅଧ୍ୟାପକ ବିଭୂତି ଭୂଷଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଭାକୁ ସମାଜର ସଭାପତି ଚୈତନ୍ୟ ସାହୁ ପରିଚାଳନା କରିଥିଲେ। ଅତିଥି ପରିଚୟ କରିଥିଲେ ରୁଦ୍ର ସାହୁ, ବିବରଣୀ ପାଠ କରିଥିଲେ ଡୋଳାମଣି ସାହୁ ଏବଂ ସଂଯୋଜନାର ଦାୟିତ୍ୱ ନିଭାଇଥିଲେ ବିପିନ ବିହାରୀ ସାହୁ। ଏହି ଅବସରରେ ଶିକ୍ଷା, କ୍ରୀଡା, ସାମାଜିକ କାର୍ଯ୍ୟ, ସରକାରୀ ସେବା ଆଦି ବିଭିନ୍ନ କ୍ଷେତ୍ରରେ ସଫଳତା ଲାଭ କରିଥିବା ସାହୁ ସମାଜର ୭ ଜଣ ସଦସ୍ୟଙ୍କୁ ମାନପତ୍ର, ପୁଷ୍ପମାଲ୍ୟ ଓ ଉପହାର ସାମଗ୍ରୀ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସମାଜ ପକ୍ଷରୁ ସୁନାଧର ସାହୁ ଧନ୍ୟବାଦ ଜଣାଇଥିଲେ।

## ଗଙ୍ଗାଧର ମେହେର ବିଦ୍ୟାଳୟରେ 'ସ୍କୁଲ ଆସ' କାର୍ଯ୍ୟକ୍ରମ

ଦହିତା,୧୨।୯ (ସମିସ): ଦହିତା ନିକଟସ୍ଥ ଡଙ୍ଗା ଛଞ୍ଚା ଗାଁରେ ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟ, ଦହିତାର ସ୍କୁଲ ଆସ କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ କ୍ଷୀରସିନ୍ଧୁ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ପିତାମାତାଙ୍କ ସହ ଗାଁର ଭଦ୍ରକ ବ୍ୟକ୍ତି ଓ ୩୫ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏଥିରେ କ୍ଲଷ୍ଟର୍ ସଂଯୋଜକ ଆଶିଷ ବୈକାର, ଡଙ୍ଗା ଛଞ୍ଚା ଗାଁ ସଭାପତି ବନମାଳୀ ବାରିକ, ସଂପାଦକ ତଥା ଅବସରପ୍ରାପ୍ତ ଶିକ୍ଷକ ବୈଶାଖୁ ସେଠ, ଅଭିଭାବକ ବସୁଦେବ ସାହୁ, କାର୍ତ୍ତିକ ସାହା, ପୂର୍ଣ୍ଣ ସେଠ, ଶିକ୍ଷକ କ୍ଷୀରୋଦ୍ର ନାଥ ସାହୁ, କିଶୋର କୁମ୍ଭାର ମଞ୍ଚାସୀନ ଥିଲେ। ସଭାପତି ସୁନା ବିଦ୍ୟାଳୟର ଶୃଙ୍ଖଳା ଠାରୁ ଆରମ୍ଭ କରି, ପାଠପଢ଼ା, ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଭୂମିକା, ସମସ୍ତ ସରକାରୀ ସୁବିଧା ସୁଯୋଗ କହିବା ସହ ଡଙ୍ଗା ଛଞ୍ଚା ଗାଁର ୪୩ ଜଣ ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ପୋଷ୍ୟ ଛାତ୍ରଛାତ୍ରୀଙ୍କୁ ଯୋଗାଯୋଗ, ସାପ୍ତାହିକ ପୁନରାଆଲୋଚନା ତଥା ପରୀକ୍ଷା, ଦୈନିକ ଗୃହକାର୍ଯ୍ୟ, ବିଦ୍ୟାଳୟର ଅତିରିକ୍ତ ପାଠପଢ଼ା, ସ୍କାଉଟ୍, ଗାଇଡ୍ ବିଷୟରେ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀ ନିୟମିତ କେମିତି ବିଦ୍ୟାଳୟକୁ ଆସିବେ, ଭଲ ପଢ଼ିବେ ସେ ବିଷୟରେ ଅଭିଭାବକ ଅଭିଭାବିକା ମାନଙ୍କ ମତ ନିଆଯାଇଥିଲା।

ପିଲାମାନେ ଦୈନିକ ପାଠପଢ଼ା ସହ ମୋବାଇଲ୍‌ରୁ ନିବୃତ୍ତ ରହିବା ପାଇଁ ଶିକ୍ଷକ ସାହୁ ପିତାମାତାଙ୍କୁ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ମୋବାଇଲ୍, ରିଲ୍ସ ଆଦି ନ ଦେଖିବାକୁ ମତ ରଖିଥିଲେ। ଛୋଟ କୋମଳମତି ଛାତ୍ରଛାତ୍ରୀଙ୍କ ଦ୍ୱାରା କେହି ନିଶାଦ୍ରବ୍ୟ କିଣାଇବେ ନାହିଁ କି ଦୋକାନୀ ବିକ୍ରୟ କରିପାରିବ ନାହିଁ ବୋଲି ଭଦ୍ରବ୍ୟକ୍ତିମାନେ ମତ ରଖିଥିଲେ। ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କୁ ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇବା ସହ ସରକାରଙ୍କ ବିଭିନ୍ନ ପ୍ରୋତ୍ସାହନ ରାଶି ପୋଷାକ ବଣ୍ଟନ, ଷ୍ଟାଇପେଣ୍ଡ, ହାତ ଖର୍ଚ୍ଚ, ମୁଖ୍ୟମନ୍ତ୍ରୀ ସାଇକେଲ ଯୋଜନା ସହ ଦହିତା ହାଇସ୍କୁଲ ଡଙ୍ଗା ଛଞ୍ଚା ଆସି ସମସ୍ତ ସରକାରୀ ସୁବିଧା ବ୍ୟବସ୍ଥା ଥିବା କଥା କହିଥିଲେ। ବନମାଳୀ ବାରିକ, ବୈଶାଖୁ ସେଠ ଗାଁର ସମସ୍ତ ପିଲା ନିୟମିତ ବିଦ୍ୟାଳୟ ଯିବାକୁ ଆମେ ବ୍ୟବସ୍ଥା କରିବୁ ବୋଲି ମତ ରଖିଥିଲେ। ଅଭିଭାବିକା ତୁଳସୀ ମହାନନ୍ଦ ବିଦ୍ୟାଳୟର ପଦକ୍ଷେପ ଯୋଗୁଁ ତାଙ୍କ ପୁଅ ନିୟମିତ ବିଦ୍ୟାଳୟ ଯାଉଥିବାରୁ ଖୁସି ବ୍ୟକ୍ତ କରିଥିଲେ। ପୁରାତନ ଛାତ୍ରୀ ପୂଜା ଚୌଧୁରୀ ଛାତ୍ରଛାତ୍ରୀ କେମିତି ନିୟମିତ ବିଦ୍ୟାଳୟ ଯିବା ସହ ସ୍ୱାଧ୍ୟାୟୀ ହୋଇ ଗୃହ କାର୍ଯ୍ୟ କରି ପରୀକ୍ଷା ଭଲ କରିପାରିବେ ବୋଲି ମତ ରଖିଥିଲେ। ଶିକ୍ଷକ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ।

## ଚତୁର୍ଥ ରାଜ୍ୟସ୍ତରୀୟ ସିନିଅର ହକିରେ ତୃତୀୟ ସ୍ଥାନରେ ଦେବଗଡ଼

ଦେବଗଡ଼,୧୨।୯ (ସମିସ): ରାଉରକେଲା ହକି ଷ୍ଟାଡିୟମ ଠାରେ ଗତ ୬ ରୁ ଯାଏଁ ଚତୁର୍ଥ ରାଜ୍ୟସ୍ତରୀୟ ସିନିଅର ପୁରୁଷ ହକି ପ୍ରତିଯୋଗିତା ଆୟୋଜିତ ହୋଇଛି। ଏଥିରେ ଦେବଗଡ଼ ଜିଲ୍ଲାର ଟିମ୍ ମ୍ୟାନେଜର ପ୍ରେମ ଦୀପକ୍ ଏକ୍କା ଓ କୋଚ୍ ସୁଧୀର କୁଜୁରଙ୍କ ତତ୍ତ୍ୱାବଧାନରେ ଦେବଗଡ଼ ଜିଲ୍ଲା ତୃତୀୟ ସ୍ଥାନ ଅଧିକାର କରିଛି। ପ୍ରତିଯୋଗିତାରେ ଦେବଗଡ଼ ତାର ପ୍ରଥମ ମ୍ୟାଚ୍ ନୟାଗଡ ସହିତ ଖେଳି ୫-୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ପାରାଦ୍ୱୀପ ପୋର୍ଟକୁ ୩-୦ ଗୋଲ ଦେଇ ଟୁର୍ନାମେଣ୍ଟର କ୍ୱାଟର ଫାଇନାଲ ଖେଳିବାର ସୁଯୋଗ ପାଇଥିଲା। ତୃତୀୟ ମ୍ୟାଚ୍‌ରେ ଖୋର୍ଦ୍ଧାକୁ



୭-୧ ଗୋଲ ଦେଇ ସେମିଫାଇନାଲ ଖେଳିବାର ସୁଯୋଗ ପାଇଥିଲା। ସେମିଫାଇନାଲରେ ଗତ ବର୍ଷ ଚମ୍ପିଆନ୍ ସୁନ୍ଦରଗଡ ଦଳ ଠାରୁ ୨-୧ ଗୋଲରେ ପରାଜିତ ହୋଇଥିଲା। ତୃତୀୟ ସ୍ଥାନ ପାଇଁ ଦେବଗଡ଼ ଦଳ ଗାଙ୍ଗପୁର ହକି ସହିତ ଖେଳି ନିର୍ଦ୍ଧାରୀତ ସମୟ ମଧ୍ୟରେ ୩-୩ରେ ଡ୍ର ହୋଇ ଶେଷରେ ପେନାଲ୍ଟି ସୁଟ୍ ଆଉଟ୍ ଜରିଆରେ ୩-୨ ଗୋଲ ଦେଇ ତୃତୀୟ ସ୍ଥାନ ଅଧିକାର କରିଥିଲା। ଆଜି ଦେବଗଡରେ ଦଳ ପହଞ୍ଚିବାପରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲାପାଳ କବିନ୍ଦ୍ର ସାହୁ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଭାରପ୍ରାପ୍ତ ନଗରପାଳ ପ୍ରଜିତ୍ ଭୋଜ, ଜିଲ୍ଲା କ୍ରୀଡା ଅଧିକାରୀ ତାପସ ମହନ୍ତ, ଜିଲ୍ଲା କ୍ରୀଡା ସାଧାରଣ ସମ୍ପାଦକ ଧୀରେନ୍ଦ୍ର ନାୟକ୍ ଓ ବହୁ କ୍ରୀଡା ପ୍ରେମୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ପଞ୍ଚାୟତ ସମିତି ବୈଠକରେ ସରଳ ସହଜ ସମାଧାନର ସୂତ୍ର ଉପରେ ଆଲୋଚନା

ଦେବଗଡ/ରିଆମାଳ,୧୨।୯ (ସମିସ): ରିଆମାଳ ପଞ୍ଚାୟତ ସମିତି ସଭା ଗୃହ ଠାରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରିଆମାଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ମଧୁସୂଦନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ବୀର ପ୍ରଧାନ ଓ ଜିଲ୍ଲା ପରିଷଦ ଜୋନ ଦୁଇ ସଭ୍ୟା ବାସନ୍ତି ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା ସଭା ସଂଯୋଜନା କରିଥିଲେ। ବୈଠକରେ ମୁଖ୍ୟତଃ ଶିକ୍ଷକ ବଦଳି, ଜଳ ଯୋଗାଣ ବ୍ୟବସ୍ଥା, ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଗୁଡିକ ସମ୍ପୂର୍ଣ୍ଣ ହୋଇଥିଲେ ସୁଦ୍ଧା ସମ୍ପୃକ୍ତ ଠିକାଦାର ମାନଙ୍କୁ ମିଳି ନଥିବା ପ୍ରାପ୍ୟ ଆଦି ଅନେକ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବିଧାୟକ ଶ୍ରୀ ବିଶ୍ୱାଳ ଯଥାଶୀଘ୍ର ଅଟକି ରହିଥିବା ସମସ୍ତ ବିଲ ଗୁଡିକ ତୁରନ୍ତ ଯେମିତି ସମାଧାନ କରାଯିବ ତାର ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ କେବଳ ପ୍ରାଣୀ ସମ୍ପଦ ବିଭାଗର କୌଣସି ଅଧିକାରୀ କିମ୍ବା ତାଙ୍କର ପ୍ରତିନିଧି ଉପସ୍ଥିତ ନ ଥିବାରୁ ସମସ୍ତ ସଭ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ।

## ଜନତା ସରକାରୀ ହାଇସ୍କୁଲରେ ଜାତୀୟ ବନ ସହିଦ ଦିବସ



ଅମ୍ବାଭୋନା,୧୨।୯ (ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ଜନତା ସରକାରୀ ହାଇସ୍କୁଲରେ ଜାତୀୟ ବନ ସହୀଦ ଦିବସ ୨୦୨୫ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ତଥା ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ଜାତୀୟ ବନ ସହୀଦ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ବନ ସହୀଦମାନଙ୍କର ସ୍ମୃତିକୁ ସମ୍ମାନ ଜଣାଇବା ପାଇଁ ବନ ସୁରକ୍ଷା କାର୍ଯ୍ୟରେ ଯୋଗଦାନ କରିବା ସହିତ ବୃକ୍ଷରୋପଣ ଅଭିଯାନରେ ଅଂଶଗ୍ରହଣ କରିବା ଉଚିତ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଉପଲବଧ ପ୍ରାକୃତିକ ସଂସାଧନ ଗୁଡିକର ସଂରକ୍ଷଣର ମହତ୍ତ୍ୱ ସ୍ମରଣ କରାଇବା ସହିତ ଯେଉଁ ବନ କର୍ମଚାରୀମାନେ ବନ ସଂରକ୍ଷଣ ଦିଗରେ ନିଜ ଜୀବନକୁ ସମର୍ପିତ କରିଥିଲେ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେମାନଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବିଦ୍ୟାଳୟର ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ୍, ଶକ୍ତି କ୍ଲବ୍ ଓ ଜୁନିଅର୍ ରେଡ୍‌କ୍ରସର ସଦସ୍ୟ ଅଂଶଗ୍ରହଣ କରିଥିବା ବେଳେ ଶିକ୍ଷକ ଆଶୁତୋଷ ଭୋଇ, ସୁବାସ ଚନ୍ଦ୍ର ଖମାରୀ, ତେଜରାମ ସା, ପ୍ରଶାନ୍ତ ମହାପାତ୍ର ଏବଂ ଶିକ୍ଷୟିତ୍ରୀ ଅନୀତା ପଧାନ ପ୍ରମୁଖ ସହଯୋଗ କରିଥିଲେ।

## ଗୋଟେ ରାଜସ୍ୱ ମୌଜା ନାମରେ ଅନୁଷ୍ଠାନ, ଅନ୍ୟ ମୌଜା ନାମରେ ଉନ୍ନୟନ କାର୍ଯ୍ୟ

ଦେବଗଡ଼,୧୨।୯ (ସମିସ): ବାରକୋଟ ସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଉନ୍ନତି ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଞ୍ଜୁରୀ ହୋଇଛି। ଏଥିପାଇଁ ଉଦ୍ଦିଷ୍ଟ ଅର୍ଥ ବ୍ଲକ୍ ପ୍ରଶାସନ ଅଧୀନରେ ରହିଛି। ତେବେ ବ୍ଲକ୍ ପ୍ରଶାସନ ଉଦ୍ଦେଶ୍ୟ ମୂଳକ ଭାବେ ସେହି ଅନୁଷ୍ଠାନକୁ ବିଜୟନଗର ପଞ୍ଚାୟତ ଅଧୀନ ଆମ୍ବକଟା ରାଜସ୍ୱ ଗାଁର ଦର୍ଶାଇ ଫାଇଲ ଖୋଲି କାର୍ଯ୍ୟାଦେଶ



ଦେଇଛି। ବାସ୍ତବରେ ବାରକୋଟ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନଟି ଉଆଁରା ପଞ୍ଚାୟତ ଅଧୀନ ବାସୁପାଲି ମୌଜା ଖାତା ନଂ ୧ ଓ ପ୍ଲଟ ନଂ ୧ରେ ରହିଛି। ଏଣୁ ପୂର୍ବରୁ ଖୋଲା ଯାଇଥିବା ଫାଇଲକୁ ରଦ୍ଦ କରି ବିଜୟନଗର ପଞ୍ଚାୟତ ଅଧୀନ ଆମ୍ବକଟା ପରିବର୍ତ୍ତେ ଉଆଁରା ପଞ୍ଚାୟତ ବାସୁପାଲି ଗାଁ ନାମରେ ଫାଇଲ ଖୋଲି କାର୍ଯ୍ୟାଦେଶ ଦେବାକୁ ଆଜି ଉଆଁରା ସରପଞ୍ଚ ପ୍ରକାଶ ପାଣି ଓ ସମିତି ସଦସ୍ୟା ବବିତା ପ୍ରଧାନ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଦାବି କରିଛନ୍ତି।

## ବ୍ଲକ୍‌ସ୍ତରୀୟ ନିଷ୍ଠା, ସମତା ଓ ଅନ୍ତର୍ନିବେଶୀ ଶିକ୍ଷା ସମ୍ପର୍କିତ ଶିକ୍ଷକ ତାଲିମ ଶିବିର

ଦେବଗଡ଼,୧୨।୯ (ସମିସ): ସମଗ୍ର ଶିକ୍ଷା ଦେବଗଡ଼ ନିର୍ଦ୍ଦେଶ କ୍ରମେ ତିଳେଇବଣି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକ୍‌ସ୍ତରୀୟ ନିଷ୍ଠା, ସମତା ଓ ଅନ୍ତର୍ନିବେଶୀ ଶିକ୍ଷା ସମ୍ପର୍କିତ ପଞ୍ଚଦିବସୀୟ ତାଲିମ ଶିବିର ପାରପୋଷି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜାତୀୟ ଶିକ୍ଷା ନୀତି ୨୦୨୦ ଆଧାରରେ ସାଧାରଣ ବିଦ୍ୟାଳୟ




ଗୁଡିକରେ ଅଧ୍ୟୟନ କରୁଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସମାନ ଶିକ୍ଷଣ ଅନୁଭୂତି ଯୋଗାଇଦେବା, ସାର୍ବଜନୀନ ଶିକ୍ଷଣ ଡାଞ୍ଚା ଅବଲମ୍ବନ ପୂର୍ବକ ବିବିଧତା ପୂର୍ଣ୍ଣ ଅନ୍ତର୍ନିବେଶୀ ଶ୍ରେଣୀ କକ୍ଷର ସୁପରିଚାଳନା କରିବା, ଅନ୍ତର୍ନିବେଶୀ ଶ୍ରେଣୀ କକ୍ଷରେ ସୂଚନା ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା, ଭିନ୍ନକ୍ଷମ ପିଲାଙ୍କ ଚିହ୍ନଟ ପ୍ରକ୍ରିୟାରେ ସୁଗମତା ଆଣିବା, ବିଭିନ୍ନ ପରୀକ୍ଷାରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ନିମନ୍ତେ ମିଳୁଥିବା ସୁବିଧା ସୁଯୋଗ, କ୍ରୀଡା, ଶାରୀରିକ ଶିକ୍ଷା, ଯୋଗ ଇତ୍ୟାଦି କ୍ଷେତ୍ରରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ସହାଭାଗିତାକୁ ସୁନିଶ୍ଚିତ କରିବା ଆଦି ନେଇ ଛାତ୍ରଛାତ୍ରୀଙ୍କ ପଞ୍ଚକୋଷିୟ ବିକାଶ ଇତ୍ୟାଦି ଉପରେ ତାଲିମ ପ୍ରଦାନ କରାଯିବ। ସାଧନକର୍ମୀ ଭାବେ ସିଆରସିସି ପ୍ରାଣବନ୍ଧୁ ଘଡେଇ, ଭେନସ ପ୍ରଧାନ, ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର, ଶିକ୍ଷକ ଫକୀର ମୋହନ ପ୍ରଧାନ ତାଲିମ ପ୍ରଦାନ କରିବେ। ଶିବିରରେ ବିଭିନ୍ନ ଦିବସରେ ଜିଲ୍ଲା ଭିନ୍ନକ୍ଷମ ସଂଯୋଜକ ଲିଙ୍ଗରାଜ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ ସାହୁ ଉପସ୍ଥିତ ଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାଜେନ୍ଦ୍ର ସାହୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ପାରପୋଷି ସିଆରସିସି ରାଜେଶ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ତାଲିମ ଶିବିରରେ ଝରାଗୋଗୁଆ, ପାରପୋଷି, ଲଇମୁରା ଓ ଡିମିରିକୁଦା କ୍ଲଷ୍ଟରରୁ ମୋଟ ୪୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ଖୋ-ଖୋ, କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ



ଝାରସୁଗୁଡ଼ା,୧୨।୯ (ସମିସ): ଝାରସୁଗଡ଼ା ଜିଲ୍ଲା ଲଇକେରା ବ୍ଲକ୍ ଅଧୀନ ସରକାରୀ ଉଚ୍ଚ ବିଦ୍ୟାଳୟ ସୁଡୁଙ୍ଗ ଠାରେ ବ୍ଲକ୍‌ସ୍ତରୀୟ ଖୋ ଖୋ, କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ ମେହେରଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍‌ଘାଟନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଖୁନ୍ତାମାଲ ପଞ୍ଚାୟତ ସରପଞ୍ଚ ସବ୍ୟସାଚୀ ସାହୁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସିଆରସିସି ପ୍ରଦୀପ ନାଏକ, ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ ଦେଓ, କୁବେର କୁମ୍ଭାର, ଯୁଗଳ କିଶୋର ପଟେଲ, ସୁରେଶ ଚନ୍ଦ୍ର ନାଏକ, ପିତାମ୍ବର ସାହୁ, ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଭୁବନେଶ୍ୱର ମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ ଶାରୀରିକ ଶିକ୍ଷକ ଭାସ୍କର କିସାନ ଏବଂ ଯତୀନ ମିଶ୍ର ଲଇକେରା ବ୍ଲକ୍‌ର ୭ଟି କ୍ଲଷ୍ଟରରୁ ଆସିଥିବା ପ୍ରାୟ ପାଞ୍ଚଶହ ଜଣ ପ୍ରତିଯୋଗୀ ମାନଙ୍କୁ ନେଇ ଖେଳ ପରିଚାଳନା କରିଥିଲେ।

# ନୂତନ ଦେଶୀ ମଦଭାଟିକୁ ବିରୋଧ

ବରଗଡ଼,୧୨।୯ (ସମିସ)

ନୂତନ ଭାବେ ଜିଲ୍ଲା ଅବକାରୀ ବିଭାଗ ତରଫରୁ ଦେଶୀ ମଦଭାଟି ଖୋଲା ଯିବାକୁ ବିରୋଧ କରି ଶହଶହ ଜନସାଧାରଣ ଜିଲ୍ଲାପାଳଙ୍କ ଅଫିସକୁ ଆସି ଦାବିପତ୍ର ଦେଇଛନ୍ତି। ଭେଡେନ ବ୍ଲକ୍ ରେଶମ ପଞ୍ଚାୟତର ଇଛାପଦର ଏବଂ ନନ୍ଦିନୀପୁର ଗାଁରେ ନୂତନ ଭାବେ ଦେଶୀ ମଦ ବ୍ରାଞ୍ଚ ଭାଟି ନିର୍ମାଣ ହେଉଛି। ମଦଭାଟି ଖୋଲା ଯାଉଥିବା ସ୍ଥାନ ନିକଟରେ ସରକାରୀ ସ୍କୁଲ ଓ ମନ୍ଦିର ରହିଛି। ଏପରିକି ମୁଖ୍ୟରାସ୍ତା ହୋଇଥିବାରୁ ଶହଶହ ଛାତ୍ରଛାତ୍ରୀ ଏବଂ ଲୋକ ମଧ୍ୟ ପ୍ରତ୍ୟହ ଯାତାୟାତ କରିଥାନ୍ତି। ଏପରି ସ୍ଥାନରେ ମଦଭାଟି ଖୋଲାଗଲେ ମଦ ପିଇ ଅନେକ ବିଭିନ୍ନ ପ୍ରକାର ଅସମାଜିକ କାର୍ଯ୍ୟ କରିବାର ସମ୍ଭାବନା ରହିଛି।



ଏହାଦ୍ୱାରା ପାଖ ଗାଁର ସ୍ୱାସ୍ଥ୍ୟ, ଶିକ୍ଷା ତଥା ଅର୍ଥନୀତି ପ୍ରଭାବିତ ହେବ। ଏପରିସ୍ଥଳେ ପ୍ରଶାସନ ପକ୍ଷରୁ ମଦଭାଟି କାହିଁକି ଏବଂ କାହା ସ୍ୱାର୍ଥରେ ଖୋଲାଯାଉଛି ବୋଲି ମହିଳାମାନେ ପ୍ରଶ୍ନ କରିଛନ୍ତି। ନିଶାଦ୍ରବ୍ୟ ବନ୍ଦ କରିବା ପାଇଁ ସରକାର ସ୍କୁଲ କଲେଜ ଏବଂ ଗାଁ ଗାଁରେ ସଚେତନତା ସୃଷ୍ଟି କରୁଛନ୍ତି। ତେବେ କେଉଁ ମାନସିକତା ଆଧାରରେ ମଦଭାଟି ଖୋଲାଯାଉଛି ବୋଲି ସେମାନେ ଯୁକ୍ତି କରିଛନ୍ତି। ତୁରନ୍ତ ଏହି କାର୍ଯ୍ୟ ବନ୍ଦ କରା ନ ଗଲେ ମଦଭାଟି ଭାଙ୍ଗିବା ପାଇଁ ବାଧ୍ୟ ହେବୁ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଡେପୁଟି କଲେକ୍ଟର ଉତ୍ତମ ବାଗ ଏବଂ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ସୁବର୍ଣ୍ଣ ନାୟକ, ତହସିଲଦାର ଭେଡେନଙ୍କୁ ଦାବିପତ୍ରରେ ଉଲ୍ଲେଖ କରି ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଗାଁର ମହିଳା ମାନେ ଲଳିତା ପଧାନ, ସୁରେନ୍ଦ୍ରୀ ପଧାନ, ଲଳିତା ଭୋଇ, ଏବଂ ସୁନୀଲ ବାରିକ, ଅର୍ଜ୍ଜୁନ ଭୁଏ, ସୀତାରାମ ପଧାନ, ଝସକେତନ ପଧାନ କୃଷକ ସଂଗଠନର ସୁଦାମ ପାତ୍ର, ବିକାଶ ମାଝୀ, ସୁରେଶ ନିକେଣ୍ଡି, ରମେଶ ମହାପାତ୍ର ନେତୃତ୍ୱ ନେଇଥିବା ବେଳେ ଶହଶହ ମହିଳା ପୁରୁଷ ମାନେ ସାହାଯ୍ୟ କରିଥିଲେ।

### ଜିଏସ୍‌ଟି ସଂସ୍କାର ୨.୦ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

# ଗାଁରୁ ଦେଶ ପର୍ଯ୍ୟନ୍ତ ଅର୍ଥନୀତିକୁ ବଳ ମିଳିବ: ଧର୍ମେନ୍ଦ୍ର

ସମ୍ବଲପୁର, ୧୨।୯ (ସମିସ)

ଜିଏସ୍‌ଟି ସଂସ୍କାର ୨.୦ ମୋଦୀ ସରକାରଙ୍କ ଐତିହାସିକ ନିଷ୍ପତ୍ତି। ୫୬ତମ ଜିଏସ୍‌ଟି ପରିଷଦ ବୈଠକରେ ହୋଇଥିବା ନିଷ୍ପତ୍ତି ଦ୍ୱାରା ସାଧାରଣ ନାଗରିକମାନେ ବିଶେଷ ଭାବରେ ଲାଭବାନ ହେବା ସହ ଗାଁରୁ ଦେଶ ପର୍ଯ୍ୟନ୍ତ ଅର୍ଥନୀତିକୁ ବଳ ମିଳିବ ବୋଲି ଶୁକ୍ରବାର 'ସମ୍ବଲପୁର ଚାମ୍ବର୍ସ ଅଫ୍ କମର୍ସ' ପକ୍ଷରୁ ଆୟୋଜିତ ଜିଏସଟି ସଂସ୍କାର ସମ୍ପର୍କିତ କନଭେସନ ୨.୦ ଫର୍ମ ୨୦୨୫ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସେ କହିଛନ୍ତି ଯେ ଭାରତ ଜର୍ମାନୀକୁ ପଛରେ ପକାଇ ୪.୨ ଟ୍ରିଲିୟନ ଆମେରିକୀୟ ଡଲାର ସହ ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୀତିର ଦେଶ ହୋଇଛି। ଆଗାମୀ ଦୁଇରୁ ୩ ବର୍ଷ ମଧ୍ୟରେ ଆମର ଅର୍ଥନୀତି ୭ ଟ୍ରିଲିୟନ ଆମେରିକୀୟ ଡଲାର ହେବ ଏବଂ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବ। ୨୦୧୩-୧୪ରେ ଦେଶର ରପ୍ତାନୀ ପରିମାଣ ୪୬୬.୨୨ ବିଲିୟନ ଆମେରିକୀୟ ଡଲାର ଥିବା ବେଳେ ଆଜି ତାହା ୭୭ ପ୍ରତିଶତ ବଢ଼ି ୮୨୪.୯ ବିଲିୟନ ଆମେରିକୀୟ ଡଲାର ହୋଇଛି। ଭାରତର ଆର୍ଥିକ ଅଭିବୃଦ୍ଧି ୬.୩ ପ୍ରତିଶତରୁ ୬.୮ ପ୍ରତିଶତ ହୋଇଛି। ସେହିପରି ୨୦୧୯ରେ ଦେଶରେ ପ୍ରାୟ




୪.୯ କୋଟି ନିବେଶକ ଥିଲେ। ଏହି ସଂଖ୍ୟା ୫ ବର୍ଷରେ ୩ ଗୁଣା ବଢ଼ି ୧୩.୨ କୋଟି ହୋଇଛି। ଏହା ହିଁ ଜିଏସଟି କ୍ରିୟାନ୍ୱୟନର ବଡ ଉପଲବ୍ଧି। ଦେଶରେ ବିଦେଶ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ବା ଏଫଡିଆଇ ୨୦୧୩-୧୪ ବର୍ଷରେ ୩୬.୦୫ ବିଲିୟନ ଆମେରିକୀୟ ଡଲାର ଥିଲା। ଏହି ସଂଖ୍ୟା ଦୁଇ ଗୁଣା ହୋଇ ୮୧.୦୪ ବିଲିୟନ ଆମେରିକୀୟ ଡଲାର ହୋଇଛି। ଦେଶର ଜିଡିପି ହାର ୨୦୧୪-୧୫ରେ ୧୦୬.୫୭ କୋଟିରୁ ତିନିଗୁଣା ବଢ଼ି ୩୩୧.୦୩ କୋଟି ହୋଇଛି। ଆମ ଦେଶରେ ବୈଦେଶିକ ମୁଦ୍ରା ଭଣ୍ଡାର (ଫରେକ୍ସ ରିଜର୍ଭ) ୬୯୭.୯ ବିଲିୟନ ଆମେରିକୀୟ ଡଲାର ବଢ଼ିଛି।

ଜିଏସଟି ୨.୦ରେ ଦୈନନ୍ଦିନ ବ୍ୟବହାର କରୁଥିବା ପେଷ୍ଟ, ସାବୁନ ଭଳି ସାମଗ୍ରୀ ଶସ୍ତା ହେବ। ସ୍କୁଲ

**ଭାରତର ଆର୍ଥିକ ଅଭିବୃଦ୍ଧି ୬.୩ ପ୍ରତିଶତରୁ ୬.୮ ପ୍ରତିଶତ ବୃଦ୍ଧି ହୋଇଛି**

ଯାଉଥିବା ଛାତ୍ରଛାତ୍ରୀମାନଙ୍କ ଠାରୁ ଆରମ୍ଭ କରି ଦେଶର ଗରିବ ଓ ସମାଜର ମଧ୍ୟମ ବର୍ଗର ନାଗରିକ, କୃଷକ, ଏମ୍‌ଏସ୍‌ଏମ୍‌ଇ, ମଧ୍ୟବିତ୍ତ, ମହିଳା ଏବଂ ଯୁବକମାନେ ଲାଭବାନ ହେବେ। କେନ୍ଦୁ ପତ୍ର ଉପରେ ଜିଏସଟି ସ୍ଲାବ ୧୮% ରୁ ୫%କୁ ହ୍ରାସ କରାଯାଇଛି। ଏହି ନିଷ୍ପତି ଦ୍ୱାରା କେନ୍ଦୁ ପତ୍ର ଶିଳ୍ପ ସହିତ ଜଡିତ ୧୫ ଲକ୍ଷରୁ ଅଧିକ ଲୋକମାନେ ଉପକୃତ ହେବେ। ସୂତା ଉପରେ ଜିଏସଟି ୧୨%ରୁ ହ୍ରାସ ପାଇ ୫% ହୋଇଛି ଏବଂ ଏହାଦ୍ୱାରା ଓଡ଼ିଶା ବିଶେଷ ଭାବରେ ରାଜ୍ୟର ପଶ୍ଚିମାଞ୍ଚଳର ବୁଣାକାର ମାନେ ଲାଭବାନ ହେବେ। କୋଇଲା ଉପରେ ଜିଏସଟି ୧୮%କୁ ବୃଦ୍ଧି କରାଯାଇଛି। ଏହା ଦ୍ୱାରା ଓଡ଼ିଶା ବିଶେଷ ଲାଭବାନ ହେବ। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ ବିଭିନ୍ନ କୃଷି ଉପକରଣ ଯଥା ଔଷଧ ସିଞ୍ଚନକାରୀ ଯନ୍ତ୍ର, ଅମଳ କାମରେ ଲାଗୁଥିବା ଯନ୍ତ୍ରପାତି, ଟ୍ରାକ୍ଟର ଓ ଏହାର ଟାୟାର ତଥା ସାର ପାଇଁ ବ୍ୟବହୃତ କଞ୍ଚାମାଲ ଉପରୁ ଜିଏସଟି ହ୍ରାସ ନିମନ୍ତେ ପ୍ରସ୍ତାବିତ ପଦକ୍ଷେପ କୃଷକମାନଙ୍କ ଆର୍ଥିକ ବୋଝକୁ କମାଇବା ସହ କୃଷି ଉତ୍ପାଦନ ଲାଗି ହେଉଥିବା ଖର୍ଚ୍ଚକୁ ହ୍ରାସ କରିବ। ସମ୍ବଲପୁରକୁ ନ୍ୟୁ ଏଜ୍ ଇକୋନାମୀକୁ କରିବା ଦିଗରେ ଶ୍ରୀ ପ୍ରଧାନ ମତ ପ୍ରକାଶ କରିବା ସହ ସ୍ଥାନୀୟ ଉତ୍ପାଦ ବିଶେଷ ଭାବରେ ସମ୍ବଲପୁରୀ ଶାଢୀ, ବସ୍ତ୍ର, କୃଷି ଉତ୍ପାଦିତ ସାମଗ୍ରୀକୁ ସମ୍ବଲପୁରୀ ବ୍ରାଣ୍ଡରେ ପ୍ରୋତ୍ସାହନ ଦେବା ଦିଗରେ ଆଲୋକପାତ କରିଥିଲେ। ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

### ୨୧ରେ ଧବଳମୁଖୀ, ଅକ୍ଟୋବର ୨ରେ ବିଜୟା ଦଶମୀ ଓ ୬ରେ ରାଜରାଜେଶ୍ୱରୀ ବେଶ

## ୧୪ରୁ ସମଲେଶ୍ୱରୀଙ୍କ ଷୋଡ଼ଶ ଉପଚାର ପୂଜା

ସମ୍ବଲପୁର, ୧୨।୯ (ସମିସ) : ଚଳିତ ପାର୍ବଣ ଋତୁରେ ଚଳଚଞ୍ଚଳ ହୋଇଉଠିଛି ସମସ୍ତ ଦେବୀପୀଠ। ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଷୋଡ଼ଶ ଉପଚାର ପୂଜା ଆସନ୍ତା ୧୪ ତାରିଖ ମୂଳାଷ୍ଟମୀଠାରୁ ଆରମ୍ଭ ହେବ। ଏହା ମହାଷ୍ଟମୀରେ ସରିବ। ଏହି ଷୋଡ଼ଶ ଉପଚାର ପୂଜା ପଶ୍ଚିମ ଓଡ଼ିଶାର ପର୍ବ ପୁଓଜିଉଁତିଆରୁ ଆରମ୍ଭ କରି ଭାଏଜିଉଁତିଆରେ ଶେଷ ହୁଏ। ଏହି ସମୟରେ ମା' ସମଲେଶ୍ୱରୀଙ୍କୁ ଷୋହଳ ଜ୍ୟୋତି ରୂପରେ ପୂଜା କରାଯାଏ।

**୧୪ରେ ପୁଓଜିଉଁତିଆ ଓ ୨୯ରେ ଭାଇଜିଉଁତିଆ**

ଆଶ୍ୱିନ ମୂଳାଷ୍ଟମୀ ତିଥିରେ ମା'ଙ୍କୁ ଦୁର୍ଗା ଜ୍ୟୋତି ରୂପରେ ପୂଜାର୍ଚ୍ଚନା କରାଯାଇ ସ୍ୱତନ୍ତ୍ର ନୈବେଦ୍ୟ ଅର୍ପଣ କରାଯାଇଥାଏ। ଏହାପରେ ପ୍ରତିଦିନ ମା' ଭିନ୍ନ ଭିନ୍ନ ଜ୍ୟୋତି ରୂପରେ ପୂଜିତ ହୋଇଥାନ୍ତି।

ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡର ସୂଚନାନୁଯାୟୀ, ଆସନ୍ତା ୧୪ ତାରିଖ ମୂଳାଷ୍ଟମୀ, ପୀଠେ ଷୋଡ଼ଶ ଦିବସୀୟ ପୂଜାରମ୍ଭ, ପୁଓଜିଉଁତିଆ, ଷୋଡ଼ଶ ଦିବସୀୟ ଦୀପ ପ୍ରଜ୍ୱଳନ ହେବ। ଏହାପରେ ୨୧ ତାରିଖ ମହାଳୟାରେ ମା' ଧବଳମୁଖୀ ବେଶରେ ଦର୍ଶନ ଦେବେ। ୨୨ ତାରିଖ ପ୍ରତିପଦାରେ ଶାରଦୀୟ ନବଦିନାତ୍ମକ ପୂଜାରମ୍ଭ ଓ ନବରାତ୍ର ଅଖଣ୍ଡ ଦୀପ ପ୍ରଜ୍ୱଳନ, ୨୩ରେ ଦ୍ୱିତୀୟା, ୨୪ରେ ତୃତୀୟା, ୨୫ରେ ଚତୁର୍ଥୀ, ୨୬ରେ ପଞ୍ଚମୀ ଓ ପଞ୍ଚଦିନାତ୍ମକ ପୂଜାରମ୍ଭ, ୨୭ରେ ଷଷ୍ଠୀ, ୨୮ରେ ପୀଠେ ମହାସପ୍ତମୀ ପୂଜା ଓ ତ୍ରିଦିନାତ୍ମକ ଦୀପ ପ୍ରଜ୍ୱଳନ, ୨୯ରେ ପୀଠେ ମହାଷ୍ଟମୀ, ଭାଇଜିଉଁତିଆ ପର୍ବ, ମା' ସମଲେଶ୍ୱରୀଙ୍କ



ଖଣ୍ଡାଧୂଆ, ଆଖାଡ଼ା ନଗର ପରିକ୍ରମା, ୩୦ରେ ପୀଠେ ମହାନବମୀ ପୂଜା, ମା' ସମଲେଶ୍ୱରୀଙ୍କ ଆଖାଡ଼ା ନଗର ପରିକ୍ରମା, ଅକ୍ଟୋବର ୧ ତାରିଖରେ ପୀଠେ ବିଶ୍ରାମ, ୨ରେ ପୀଠେ ଦଶହରା, ବିଜୟା ଦଶମୀ, ନବରାତ୍ର ଦୀପ ବିସର୍ଜନ ଓ ରଣଜିତା ଉତ୍ସବ ଏବଂ ଅକ୍ଟୋବର ୬ ତାରିଖ କୁମାର ପୂର୍ଣ୍ଣିମା, ମା' ସମଲେଶ୍ୱରୀଙ୍କ ରାଜରାଜେଶ୍ୱରୀ ବେଶ ତଥା ମା' ସମଲେଶ୍ୱରୀ ମନ୍ଦିରରେ ଧ୍ୱଜାରୋହଣ ହେବ ବୋଲି ଜଣାପଡ଼ିଛି।

### ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଅନିୟମତତା

## ଗୋଟିଏ ବର୍ଷରେ ଭାଙ୍ଗିଗଲା ଦୁଇଟି କଲ୍‌ଭର୍ଟ

କୁଚିଣ୍ଡା, ୧୨।୯ (ସମିସ): ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ପଞ୍ଚାୟତ ସମିତି ଅଧୀନରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଥିବା



ଯୋଗୁଁ କାମ ଗୁଡ଼ିକ ନିମ୍ନମାନର ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ହେଲେ ବିଭାଗୀୟ ଅଧିକାରୀମାନେ ନିଦାବିଷ୍ଟ ସାଜୁଥିବାରୁ ସରକାରଙ୍କ ଯୋଜନା ଲୋକଙ୍କ କାମରେ ନ ଆସି ଲକ୍ଷଲକ୍ଷ ଟଙ୍କା ପାଣିରେ ପଡୁଛି ବୋଲି ଅଭିଯୋଗ ହେଉଛି। ପାରୁଆଭାଡ଼ି ଗ୍ରାମରେ ଦୁଇ ବର୍ଷ ତଳେ ନିର୍ମାଣ ହୋଇଥିବା ଦୁଇଟି କଲଭର୍ଟ ଗୋଟିଏ ବର୍ଷାରେ ଭାଙ୍ଗିଯିବା ଘଟଣା ଏହି ଅଭିଯୋଗକୁ ସତ ବୋଲି ପ୍ରମାଣିତ କରୁଛି ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି। ଗତ ୨୦୨୧- ୨୦୨୨ ଏବଂ ୨୦୨୨- ୨୦୨୩ ଆର୍ଥିକ ବର୍ଷରେ ପାରୁଆଭାଡ଼ି ଗ୍ରାମରେ ଦୁଇଟି କଲଭର୍ଟ ନିର୍ମାଣ ପାଇଁ ପଞ୍ଚମ ରାଜ୍ୟ ଅର୍ଥ କମିଶନ ପାଣ୍ଠିରୁ ୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କୁଚିଣ୍ଡା ପଞ୍ଚାୟତ ସମିତି ପକ୍ଷରୁ ଏହାର ନିର୍ମାଣ କାର୍ଯ୍ୟ କରାଯାଇଥିଲା। ଗୋଟିଏ କଲଭର୍ଟ ପାରୁଆଭଡ଼ି ରାଜୀବଭବନ ନିକଟରେ ହୋଇଥିବା ବେଳେ ଅନ୍ୟଟି ପାରୁଆଭାଡ଼ି ମୁଡ଼ା ନିକଟରେ ନିର୍ମାଣ ହୋଇଥିଲା। ଏହି ବର୍ଷ ଜୁଲାଇ ମାସ ହୋଇଥିବା ବର୍ଷାରେ ଦୁଇଟି ଯାକ କଲଭର୍ଟ ଭାଙ୍ଗି ଯାଇଛି। ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ତେବେ ଗ୍ରାମବାସୀଙ୍କ ଏହି ଅଭିଯୋଗ ବାବଦରେ ମତାମତ ପାଇଁ କୁଚିଣ୍ଡା ବିଡିଓ ଜୟନ୍ତ ସାହୁଙ୍କୁ ଯୋଗାଯୋଗ ପାଇଁ ଉଦ୍ୟମ କରିଥିଲେ ମଧ୍ୟ ତାଙ୍କର ଫୋନ ନ ଲାଗିବାରୁ ତାଙ୍କର ମତାମତ ନିଆ ଯାଇପାରି ନାହିଁ।

## ଗଛକୁ ଧକ୍କା ଦେଲା ବାଇକ୍, କଲେଜ ଛାତ୍ର ମୃତ

କୁଚିଣ୍ଡା, ୧୨।୯ (ସମିସ): ଜଣେ ଛାତ୍ରଙ୍କ ସଡ଼କ ଦୁର୍ଘଟଣାରେ ଗୁରୁବାର ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ କୁସମୀ ଫାଣ୍ଡି ଅନ୍ତର୍ଗତ ସାନ ମୁଣ୍ଡାଲୋଇ ଗ୍ରାମର ରୋଶନ ଜୟପୁରିଆ (୧୯)। ବୁଧବାର ସନ୍ଧ୍ୟାରେ ଝିପିଝିପି ବର୍ଷାରେ ଏକ ଚାରିଚକିଆ ଗାଡ଼ିରେ ଘରକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ କୋଦପଡ଼ା ରାସ୍ତାକଡ଼ରେ ଥିବା ଗଛକୁ ଧକ୍କା ଦେଇଥିଲେ। ଦୁର୍ଘଟଣାରେ ଗାଡ଼ିର ଷ୍ଟିୟରିଂ ଛାତିରେ ଚାପି ହୋଇଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ରୋଶନଙ୍କୁ ଡାକ୍ତରଖାନାକୁ ନେଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କୁସମୀ ଫାଣ୍ଡିରେ ଏ ନେଇ ଏକ ମାମଲା ରୁଜୁ ହୋଇଥିବାବେଳେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

## ୯୮ ବୋତଲ କଫ୍‌ସିରପ ଜବତ, ୨ ଗିରଫ

ସମ୍ବଲପୁର, ୧୨।୯ (ସମିସ): ସମ୍ବଲପୁର ମହାନଗର ନିଗମ ହୀରାକୁଦ ଥାନା ଅନ୍ତର୍ଗତ ଲରପଙ୍କଠାରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରି ୯୮ ବୋତଲ ୱିନସେରାକ୍ସ କଫସିରପ, ଗୋଟିଏ ମୋଟର ସାଇକଲ ଓ ୨ଟି ମୋବାଇଲ ଫୋନ ଜବତ କରିବାସହ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ସମ୍ବଲପୁର ଜିଲ୍ଲା ହୀରାକୁଦ ଥାନା ବଙ୍ଗମୁଣ୍ଡା ବିହାରୀପଡ଼ାର ପରମାନନ୍ଦ ମେହେର (୨୬) ଓ ଉତ୍ତରପ୍ରଦେଶ ପ୍ରତାପଗଡ଼ ଜିଲ୍ଲା ମାନ୍ଧାତା ଥାନା କୋହଲାର ବ୍ରିଜେଶ କୁମାର ସରୋଜ (୨୭)। ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।



## ମା'ର ତଣ୍ଟିଚିପି ହତ୍ୟା କଲା ପୁଅ

ରେଢ଼ାଖୋଲ, ୧୨।୯ (ସମିସ): ନିଜ ମା'ର ତଣ୍ଟିଚିପି ହତ୍ୟା କଲା ପୁଅ। ଦୁଇଦିନ ପରେ ପରିବାରଲୋକେ ମୃତଦେହ ପାଇବାପରେ ହତ୍ୟା କରିଥିବା ସ୍ୱୀକାର କରିଛି ପୁଅ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହିତ ହତ୍ୟାକାରୀ ପୁଅକୁ ରେଢ଼ାଖୋଲ ଥାନାରେ ଅଟକ ରଖିଛି। ଏଭଳି ଏକ ଅଭାବନୀୟ ଘଟଣାଘଟିଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ କଦଳିଗଡ଼ ପଞ୍ଚାୟତ ଅଧୀନ ତନ୍ତଗାଡ଼ ଗ୍ରାମରେ। ମୃତକ ହେଲେ ତନ୍ତଗାଡ଼ ଗ୍ରାମର ବାସିନ୍ଦା ନିବାସ ସାହୁଙ୍କ ଧର୍ମପତ୍ନୀ ଇନ୍ଦୁମତି ସାହୁ(୫୫)। ହତ୍ୟାକାରୀ ହେଉଛି ମହିଳାଙ୍କ ବଡ଼ପୁଅ ଲିପୁନ ସାହୁ। ସୂଚନା ଯୋଗ୍ୟ ଯେ ମୃତ ମହିଳା ଇନ୍ଦୁମତି ସାହୁ ଓ ତାଙ୍କ ବଡ଼ପୁଅ ଲିପୁନ ମଧ୍ୟରେ କୌଣସି ଘରୋଇ କଳହକୁ କେନ୍ଦ୍ରକରି ଚାଷ କାର୍ଯ୍ୟ କରୁଥିବା ସମୟରେ ବଚସା ହୋଇଥିଲା। ଲିପୁନ ଉତ୍ତେଜିତ ହୋଇ ଏକ ଗାମୁଛାରେ ମା ଇନ୍ଦୁମତିଙ୍କୁ ତଣ୍ଟିଚିପି ହତ୍ୟା କରିଥିଲା। ସେଠାରୁ ଚୁପଚାପ କାହାକୁ କିଛି ନ କହି ଦୁଇଦିନ ଧରି ଘରେ ଆସି ରହିଥିଲା। ଇନ୍ଦୁମତି ଘରକୁ ନ ଆସିବାରୁ ପରିବାରଲୋକେ ଚିନ୍ତିତ ହୋଇ ଖୋଜାଖୋଜି ପରେ ଚାଷ ଜମିରେ ଇନ୍ଦୁମତିଙ୍କ ଗଳିତ ଶବ ପାଇଥିଲେ। ଚାଷ ଜମିରେ ଶବ ମିଳିବା ପରେ ବଡ଼ପୁଅ ହତ୍ୟା କରିଥିବା ସ୍ୱୀକାର କରିଥିଲା। ଗ୍ରାମବାସୀ ଏବଂ ପରିବାର ଲୋକେ ରେଢ଼ାଖୋଲ ପୁଲିସକୁ ଖବର ଦେବା ପରେ ପୁଲିସ ପହଞ୍ଚି ଶବ ଉଦ୍ଧାର କରିବା ସହିତ ବଡ଼ପୁଅ ଲିପୁନକୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଥାଉ କି ଦୀର୍ଘ ୯ ମାସ ତଳେ ସାନପୁଅ ମାନସିକ ଭାରସାମ୍ୟ ହରାଇ ନିଜ ଆଈଙ୍କୁ ଏକ ଟାଙ୍ଗିଆରେ ମାରି ହତ୍ୟା କରିଥିଲା। ଆଜି ପର୍ଯ୍ୟନ୍ତ ସାନପୁଅ ଜେଲରେ ରହିଛି।

## ହୀରାକୁଦ ଜଳସ୍ତର ୬୨୯ ଡେଇଁଲା, ଖୋଲିଲା ୫ ଗେଟ୍

ସମ୍ବଲପୁର, ୧୨।୯ (ସମିସ) : ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ, ଜଳଭଣ୍ଡାରର ଜଳସ୍ତର ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ୬୨୯ ଫୁଟ୍ ବଜାୟ ରଖାଯିବ। ଉଲ୍ଲେଖଯୋଗ୍ୟ ଯେ, ଜଳଭଣ୍ଡାରର ସର୍ବୋଚ୍ଚ କ୍ଷମତା ୬୩୦ ଫୁଟ୍ ଅଟେ। ଆଜି ସକାଳ ୮ଟା ସମୟରେ ଜଳସ୍ତର ୬୨୯ ଫୁଟ୍ ଡେଇଁବା ପରେ ପର୍ଯ୍ୟାୟକ୍ରମେ ୨ଟି ଲେଖାଏ ଗେଟ୍ ଖୋଲି ଏବେ ମୋଟ ୫ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଶୁକ୍ରବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୦୨ ଫୁଟ୍ ରହିଛି। ନଦୀବନ୍ଧର ବାମ ପାର୍ଶ୍ୱର ୩ଟି ଓ ଡାହାଣ ପାର୍ଶ୍ୱର ୨ଟି ଏହିଭଳି ମୋଟ ୫ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧, ୦୬, ୨୧୫ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧, ୧୮, ୯୨୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୮୧, ୮୧୦ ଘନଫୁଟ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୨, ୫୧୨ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪, ୩୫୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୧୦.୦୬ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧୨.୨୯ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୭.୩୯ ଫୁଟ୍ ରହିଥିଲା।

## ପୂଜା ପେଣ୍ଡାଲରେ ଆଇନସମ୍ମତ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ପାଇଁ ପରାମର୍ଶ

ସମ୍ବଲପୁର, ୧୨।୯ (ସମିସ) : ଚଳିତ ପାର୍ବଣ ଋତୁରେ ବିଭିନ୍ନ ଦେବାଦେବୀଙ୍କ ନିମନ୍ତେ ପେଣ୍ଡାଲ୍ ତିଆରି କରାଯାଇ ଉତ୍ସବ ପାଳନ କରାଯାଇଥାଏ। ଏହି ପେଣ୍ଡାଲମାନଙ୍କରେ ଆଲୋକର ସାଜସଜ୍ଜା ମଧ୍ୟ କରାଯାଇଥାଏ। ଏହିସବୁ ପେଣ୍ଡାଲକୁ ବିଦ୍ୟୁତ୍ ସଂଯୋଗ କରିବା ନିମନ୍ତେ ଆୟୋଜକ କମିଟିମାନଙ୍କୁ ଟିପିଡବ୍ଲୁଓଡିଏଲ୍ ତରଫରୁ ଅନୁରୋଧ କରାଯାଇଛି ଯେ, ସମସ୍ତ କମିଟି ନିକଟସ୍ଥ ବିଦ୍ୟୁତ୍ ବିତରକ କମ୍ପାନୀ କାର୍ଯ୍ୟାଳୟରେ ଯୋଗାଯୋଗ କରି ଆଇନସମ୍ମତ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ କରନ୍ତୁ। ଅସ୍ଥାୟୀ ରୂପେ ବିଦ୍ୟୁତ୍ ଯୋଗାଇ ଦେବାପାଇଁ ଆଇନରେ ପ୍ରାବଧାନ ଉପଲବ୍ଧ ଅଛି। ଏଣୁ ବିଦ୍ୟୁତ୍ ସଂଯୋଗ ପାଇଁ କୌଣସି ପ୍ରକାରର ଅନୈତିକ ଉପାୟ କିମ୍ବା ହୁକିଂ କରନ୍ତୁ ନାହିଁ। ବେଆଇନ ଭାବରେ ବିଦ୍ୟୁତ୍ ସଂଯୋଗ କରିବା ଦ୍ୱାରା ଅସୁରକ୍ଷିତ ପରିସ୍ଥିତି ସୃଷ୍ଟି ହୋଇଥାଏ ଏବଂ କୌଣସି ପ୍ରକାର ବୈଦ୍ୟୁତିକ ଦୁର୍ଘଟଣା ଦ୍ୱାରା ଧନଜୀବନ ହାନୀ ହେବା ସମ୍ଭାବନା ହେବା ସଙ୍ଗେ ଉତ୍ସବ ପରିବେଶ ନଷ୍ଟ ହୋଇପାରେ। ଏହାଦ୍ୱାରା ଆବଶ୍ୟକ ଥିବା ବିଦ୍ୟୁତ୍ ଚାହିଦାର ଅନୁମାନ କରାଯାଇପାରେନାହିଁ। ଫଳରେ ସେହି ଅଞ୍ଚଳର ଟ୍ରାନ୍ସଫର୍ମର ଉପରେ ଅତ୍ୟଧିକ ଲୋଡ୍ ପଡ଼ିଲେ, ତାହା ବିଦ୍ୟୁତ୍ ସରବରାହକୁ ବିଚ୍ଛିନ୍ନ ବି କରିପାରେ। ଏଣୁ ନୈତିକ ଉପାୟରେ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ପାଇଁ ଦରଖାସ୍ତ ଦିଆଯାଇ ଆଇନ ସମ୍ମତ ପ୍ରକ୍ରିୟାରେ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ପାଇଁ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଅନୁରୋଧ କରାଯାଇଛି।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଚାରାରୋପଣ



ସମ୍ବଲପୁର, ୧୨।୯ (ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବୁଢ଼ାରଜା ନଗର ସମ୍ବଲପୁର ତରଫରୁ ଯୋଗୀପାଲି ପାହାଡ଼ରେ ୫୦ଟି ଚାରା ରୋପଣ କରାଯାଇଛି। ଚଳିତବର୍ଷ ୬୦୦ରୁ ଅଧିକ ଚାରା ଲଗାଯାଇଛି। ଭୀମଭୋଇ ଶାଖା ୧୦୦୦ ଚାରା ଲଗାଇବା ପାଇଁ ସଙ୍କଳ୍ପ ରଖିଛି। ସୁରଥ ଭୋଇ, ବିଶ୍ୱରଞ୍ଜନ ଜେନା, ରଶ୍ମି ରଞ୍ଜନ ଜେନା, ବିବେକା ନନ୍ଦ ଦାସ, ସତ୍ୟବ୍ରତ କର୍ଣ୍ଣ, ବ୍ୟୋମକେଶ ସାହୁ, ଭାସ୍କର ମାର୍ଥା, ସୁଶୀଲ ସାହୁ, ରୁଦ୍ର କର୍ଣ୍ଣ, ଆକାଶ ପାଢ଼ୀ, ଧର୍ମେନ୍ଦ୍ର ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

## ଷଣ୍ଡାସିଂହା ଗ୍ରାମ୍ୟ ଜଙ୍ଗଲ କମିଟିର ଚାରା ରୋପଣ

ସମ୍ବଲପୁର, ୧୨।୯ (ସମିସ): ଷଣ୍ଡାସିଂହା ଗ୍ରାମ୍ୟ ଜଙ୍ଗଲ କମିଟି ପକ୍ଷରୁ ଏକ ପେଡ୍ ମା କେ ନାମ ଅଧିନରେ ଶାସନ ଗ୍ରାମ ରାସ୍ତାରୁ ଷଣ୍ଡାସିଂହା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରାୟ ୩୦୦ରୁ ଅଧିକ ଚାରାରୋପଣ କରାଯାଇଛି। ଗ୍ରାମବାସୀ ମାନେ ସବୁଜ ପୃଥିବୀର ବାର୍ତ୍ତା



ଦେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ସମସ୍ତେ ମିଳି ମିଶି ବିଭିନ୍ନ ପ୍ରକାରର ଚାରା ଲଗାଇଥିଲେ। ଏଥିରେ ଶାସନ ଜିପି ଏଡିଇଓ ସୁଶାନ୍ତ କୁମାର ବାରିକ, ପ୍ରକୃତି ବନ୍ଧୁ ତ୍ରିବିକ୍ରମ ପୋଢ, ପ୍ରକୃତିପ୍ରେମୀ ଦୟାନିଧି ଲାକ୍ରା, ଶିବଲାଲ ପିଙ୍ଗ, ପ୍ରକୃତି ବନ୍ଧୁ ଏବଂ ପ୍ରକୃତିମିତ୍ର ପୁରସ୍କାରପ୍ରାପ୍ତ କିଶୋର ଛତର, ଆଦିତ୍ୟ ରେସିଡେନସିଏଲ ସ୍କୁଲ ଉପାଧ୍ୟକ୍ଷ ସଞ୍ଜୀବ ନାଏକ, ମଧୁସୁଦନ ପ୍ରଧାନ, ଦୁର୍ଯ୍ୟୋଧନ କିଶାନ, ଲକ୍ଷ୍ମଣ ବାଗ, ପ୍ରଦୀପ ପ୍ରଧାନ, କେଶବ ଧୁରୁଆ, ଲକ୍ଷ୍ମଣ ନାଏକ, ସମ୍ଭବ ନାଏକ, ସୁରଥ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଖଟେଶ୍ୱର ପାଣ୍ଡେଙ୍କ ଶ୍ରାଦ୍ଧଦିବସ

ସମ୍ବଲପୁର, ୧୨।୯ (ସମିସ): ସ୍ଥାନୀୟ ଝସକେତନ ସାହୁ ସନ୍ତରଣଗାରରେ ଖଟେଶ୍ୱର ପାଣ୍ଡେଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ପ୍ରଥମେ ସ୍ୱର୍ଗତ ପାଣ୍ଡେଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ସଭାପତି ପ୍ରେମରଞ୍ଜନ ପ୍ରଧାନ, ସମ୍ପାଦକ ସୁନ୍ଦରମଣୀ ବାରିକ, ସ୍ୱର୍ଗତ ପାଣ୍ଡେଙ୍କ ପୁତ୍ର ଜୟନ୍ତ ପାଣ୍ଡେ ସଭାରେ ଯୋଗଦେଇ ସ୍ୱର୍ଗତ ପାଣ୍ଡେଙ୍କୁ ସ୍ମୃତିଚାରଣ କରିଥିଲେ। ହରେକୃଷ୍ଣ ପଣ୍ଡା, ଲକ୍ଷ୍ମୀଚନ୍ଦ୍ର ମହାକୁର, ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହ ସନ୍ତରଣ ପ୍ରଶିକ୍ଷଣ ନେଉଥିବା ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ। ସ୍ୱର୍ଗତ ପାଣ୍ଡେଙ୍କ ସ୍ମୃତିରେ ଆସନ୍ତା ୧୪ ତାରିଖରୁ ରାଜ୍ୟ ସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହେବ।

### କେନ୍ଦୁପତ୍ର ଶ୍ରମିକ ମଙ୍ଗଳ ପାଣ୍ଠି କମିଟି ବୈଠକ

## ୩୬ ହିତାଧିକାରୀ ପାଇବେ ୭୨ ଲକ୍ଷ ଟଙ୍କା

ସମ୍ବଲପୁର, ୧୨।୯ (ସମିସ) : ବନଖଣ୍ଡ ଅଧିକାରୀ (କେନ୍ଦୁପତ୍ର) ଗୌରୀଶଙ୍କର ଦାଶଙ୍କ ଅଧ୍ୟକ୍ଷତାରେ ସମ୍ବଲପୁର ବନଖଣ୍ଡ କେନ୍ଦୁପତ୍ର କାର୍ଯ୍ୟାଳୟରେ ୨ୟ ଡିଭିଜନସ୍ତରୀୟ କେନ୍ଦୁପତ୍ର ଶ୍ରମିକ ମଙ୍ଗଳ ପାଣ୍ଠି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୩୬ ଜଣ ହିତାଧିକାରୀଙ୍କ ସକାଶେ ପ୍ରତ୍ୟେକ ହିତାଧିକାରୀ ମାନଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ମୋଟ ୭୨ ଲକ୍ଷ ଟଙ୍କା ମଞ୍ଜୁର କରାଗଲା। ଏହି ଅର୍ଥ ଦେବାପାଇଁ ରାଜ୍ୟର ପ୍ରଧାନ ମୁଖ୍ୟବନ ସଂରକ୍ଷକ (କେନ୍ଦୁପତ୍ର), ଭୁବନେଶ୍ୱର ପାଖକୁ ଚିଠି ଦ୍ୱାରା ଅବଗତ କରାଗଲା। ବୈଠକରେ କମିଟି ନିକଟକୁ ଆସିଥିବା ତିନି ଜଣ ତୋଳାଳୀ ଓ ସିଜିନାଲ କର୍ମଚାରୀଙ୍କ ମୃତ୍ୟୁଜନିତ ଅନୁକମ୍ପା ରାଶିକୁ ଯାଞ୍ଚ କରାଯାଇ ତାହା ପିସିସିଏଫ୍ (କେନ୍ଦୁପତ୍ର)ଙ୍କୁ ପ୍ରଦାନ ନିମନ୍ତେ ସୁପାରିଶ କରାଗଲା। ଏହି ବୈଠକରେ କମିଟି ସଭ୍ୟ ସମ୍ବଲପୁର, ବରଗଡ଼ ଓ ସୁବର୍ଣ୍ଣପୁରର ଜିଲ୍ଲା କଲ୍ୟାଣ ଅଧିକାରୀ ଏବଂ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଡିଭିଜନ ସମ୍ପାଦକ ଗୋକୁଳ ମେହେର ଉପସ୍ଥିତ ଥିଲେ।



### ଶ୍ରୀ ରାମ ବିଜୟା ଦଶମୀ ମହୋତ୍ସବ ସମିତିର ରାବଣ ପୋଡ଼ି

## ଆକର୍ଷଣ ସାଜିବ ଶହେ ଫୁଟିଆ ଡିଜିଟାଲ ରାବଣ

ସମ୍ବଲପୁର, ୧୨।୯ (ସମିସ)

ବିଜୟା ଦଶମୀ ଅବସରରେ ଅଇଁଠାପାଲି ସ୍ଥିତ ପିଏଚ୍‌ଡି ପଡ଼ିଆରେ ୧୦୦ ଫୁଟର ଡିଜିଟାଲ ରାବଣ ପୋଡ଼ି ମହୋତ୍ସବ ଅନୁଷ୍ଠିତ ହେବ। ଏହା ଏଥିପାଇଁ ଡିଜିଟାଲ, ରାବଣର ଗୋଟେ ଗୋଟେ ମୁଣ୍ଡ ନିହତ ହେବ। ଡିଜିଟାଲ ପ୍ରକ୍ରିୟାରେ ଏହି ବ୍ୟବସ୍ଥା କରାଯାଇଛି ବୋଲି ଆୟୋଜକ ଶ୍ରୀ ରାମ ବିଜୟାଦଶମୀ ମହୋତ୍ସବ କମିଟି ପକ୍ଷରୁ ସଭାପତି ଗିରୀଶ ପଟେଲ ସୂଚନା ଦେଇଛନ୍ତି। ଏହା ସହ ୯ ଦିନ ଧରି ଭାରତର ଶ୍ରେଷ୍ଠ ଲବକୁଶ କମିଟି ପକ୍ଷରୁ ରାମଲୀଳା ପ୍ରଦର୍ଶିତ କରାଯିବ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଭାପତି କହିଛନ୍ତି, ବିଜୟା ଦଶମୀ ସନ୍ଧ୍ୟା ୬ ଟା ବେଳେ ରାବଣ ଦହନ ହେବ। ପଶ୍ଚିମବଙ୍ଗ, ଯାଜପୁର, ରାୟପୁର ପ୍ରମୁଖ ସ୍ଥାନରୁ ବାଣ କାରିଗର ଆସି ଏହାକୁ ନିର୍ମାଣ କରିବେ। ଶ୍ରୀ ରାମ, ଲକ୍ଷ୍ମଣ ଓ ହନୁମାନ ସହ ବିରାଟ



ଶୋଭାଯାତ୍ରାରେ ଆସି ପଡ଼ିଆରେ ପହଞ୍ଚିବେ। ଶୋଭାଯାତ୍ରାରେ ରାୟପୁରର ବଡ ଡିଜେ ସହ ପ୍ରାୟ ୨୦୦ ଜଣ ବାନରସେନା ସାମିଲ ହେବେ। ଆସନ୍ତା ୨୨ ତାରିଖରୁ ରାମଲୀଳା ଅନୁଷ୍ଠିତ ହେବ। ଏହା ସହ ସହରର ଆଳତୀ କରିବାର ସୁଯୋଗ ସହରର ପ୍ରତିଷ୍ଠିତ ଲୋକମାନଙ୍କୁ ଦିଆଯିବ। ପରେ ପିଏଚଡି ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଲୋକଙ୍କ ସୁରକ୍ଷା ଦୃଷ୍ଟିକୁ ନଜରରେ ରଖି ରାବଣ ଦହନ କରାଯିବ। ଏଥର ସହରରେ ନୂଆଁ ଢଙ୍ଗରେ ରାବଣ ଦହନ ଦେଖିବେ ବୋଲି ଆୟୋଜକ ପକ୍ଷରୁ ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପି ଉପସଭାପତି ସୀମାଞ୍ଚଳ ଖଟେଇ, ସମିତିର ଉପଦେଷ୍ଟା ସତ୍ୟନାରାୟଣ ପଣ୍ଡା, ପଣ୍ଡିତ ଅମରନାଥ ମିଶ୍ର ଓ ବୁଲୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

**୯ ଦିନ ରାମଲୀଳା**

**ଶୋଭାଯାତ୍ରାରେ ୨୦୦ ବାନର ସେନା**

### ଉପଜିଲ୍ଲାପାଳଙ୍କ ଅଫିସ ଘେରିଲା ବିଜେଡି

# ସରକାର ବିରୋଧୀ ନାରାରେ କମ୍ପିଲା ପାଟଣାଗଡ଼

ପାଟଣାଗଡ଼, ୧୨।୯ (ସମିସ)

ପାଟଣାଗଡ଼ ଏନଏସିକୁ ମ୍ୟୁନିସିପାଲଟି କରାଯାଉ। ଚାଷୀଙ୍କୁ ଯଥେଷ୍ଟ ପରିମାଣରେ ଓ ଉଚିତ ମୂଲ୍ୟରେ ୟୁରିଆ ସାର ବଣ୍ଟନ କରାଯାଉ। ଏଭଳି ଦାବି ନେଇ ଶୁକ୍ରବାର ପାଟଣାଗଡ଼ ବିଜେଡି ପକ୍ଷରୁ ଉପଜିଲ୍ଲାପାଳ ପାଟଣାଗଡ଼ଙ୍କ କାର୍ଯ୍ୟାଳୟ ଘେରଉ କରାଯାଇଛି। ସ୍ଥାନୀୟ ବ୍ରହ୍ମପୁରାଠାରେ ଅଞ୍ଚଳର ବିଜେଡି କର୍ମୀ ଓ ଚାଷୀମାନେ ଏକତ୍ରିତ ହୋଇଥିଲେ। ସମସ୍ତେ ପୂର୍ବତନ ବିଧାୟକ ସରୋଜ ମେହେରଙ୍କ ନେତୃତ୍ୱରେ ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ସହର ପରିକ୍ରମା ସମୟରେ ସମସ୍ତେ ସରକାର ବିରୋଧୀ ବିଭିନ୍ନ ନାରା ନେଇଥିଲେ। ଡବଲ ଇଞ୍ଜିନ ସରକାର ହାଏ ହାଏ, କଳାବଜାର ବନ୍ଦ, ପିସି ନେବା ବନ୍ଦ ହେଉ ଆଦି ନାରା ଦେଇ ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ଥିଲେ। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପୂର୍ବତନ ପାଟଣାଗଡ଼ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ସରୋଜ ମେହେର ରାଜ୍ୟ ସରକାର ଓ କୃଷି ମନ୍ତ୍ରୀଙ୍କ ଉପରେ ବର୍ଷିଥିଲେ। ସେ କହିଥିଲେ ଯେ ପାଟଣାଗଡ଼ ଏନଏସି ବହୁତ ପୁରାତନ ହୋଇଥିଲେ ମଧ୍ୟ ମ୍ୟୁନିସିପାଲଟି ଘୋଷଣା କରାଯାଇନାହିଁ। ପୂର୍ବରୁ ବିଜେଡି ସରକାର ସମୟରେ ଦିଆଯାଇଥିବା ପ୍ରସ୍ତାବଗୁଡିକୁ ବିଜେପି ସରକାର ଏନଏସି ଘୋଷଣା କରିନାହିଁ। ପାଟଣାଗଡ଼ ଉପଖଣ୍ଡର ବେଲପଡ଼ା ଓ ଲାଠୋରକୁ ଏନଏସି ପାଇଁ ବିଜେଡି ସରକାର ପ୍ରକ୍ରିୟା ଆରମ୍ଭ କରିଥିଲା; କିନ୍ତୁ ତାହା ଘୋଷଣା କରାଗଲା ନାହିଁ। ଦୁଃଖର କଥା ବିଜେଡି ସରକାର ସମୟରେ ଯାହା ଘୋଷଣା କରାଯାଇଥିଲା ତାହା ହୋଇପାରିଲାନାହିଁ। ଅନ୍ୟପଟେ ଚାଷୀ ୟୁରିଆ ସାର ପାଇଁ ଦହଗଞ୍ଜ ହେଉଛନ୍ତି। ୟୁରିଆ ସାରର ସରକାରୀ ମୂଲ୍ୟ ୨୬୬ ଟଙ୍କା ରହିଥିଲେ ହେଁ ୮ ଶହରୁ ୧୨ଶହ ଟଙ୍କାରେ କଳାବଜାର ହେଉଛି। ବିଭିନ୍ନ ପେକ୍ସରେ ହଜାର ହଜାର ଚାଷୀ ୟୁରିଆ ସାର ପାଇଁ ଲମ୍ବା ଲାଇନ ଲଗାଉଛନ୍ତି। ତଥାପି ସାର ମିଳୁନାହିଁ। ବିଜେପି ସରକାର ବିଭିନ୍ନ ରାଇସ୍ ମିଲ୍, ଛତୁଆ, ପେଟ୍ରୋଲପମ୍ପ, ଠିକକାମରୁ ପିସି ଯୋଗାଡ଼ରେ ବ୍ୟସ୍ତ; କିନ୍ତୁ ଚାଷୀଙ୍କୁ ଠିକ ସମୟରେ ଉପଯୁକ୍ତ ସାର ଯୋଗାଇ ପାରୁନାହାନ୍ତି। ସ୍ଥାନୀୟ ବିଧାୟକ କୃଷି ମନ୍ତ୍ରୀ ହୋଇଥିଲେ ସୁଦ୍ଧା ଅଞ୍ଚଳର ଚାଷୀ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେ କୃଷି ମନ୍ତ୍ରୀ ନୁହେଁ ପିସି ମନ୍ତ୍ରୀ ବୋଲି କଟାକ୍ଷ ମଧ୍ୟ କରିଥିଲେ। ଉପସ୍ଥିତ ବିଜେଡି କର୍ମୀମାନେ ନିଜ ନିଜ ଅଭିଭାଷଣ ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ମେନଫିଲ କେରକେଟାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଘେରଉରେ ଏନଏସି ଅଧ୍ୟକ୍ଷା ମାନସୀ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷ ନୀଳକାନ୍ତ ବାଗ, ପ୍ରଦୀପ ମେହେର, ସମିତି ସଭ୍ୟ ସଙ୍ଘ ସଭାପତି ଗୋବିନ୍ଦ ମେହେର, ହିମାଞ୍ଚଳ ପଧାନ, ସୁକୁମାର ବାରିକ, ସୁଜିତ ମେହେର, ଜୟନ୍ତ କୁମ୍ଭାରଙ୍କ ସହ ୫ ଶହରୁ ଅଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।






**ପାଟଣାଗଡ଼ ଏନଏସିକୁ ମ୍ୟୁନିସିପାଲିଟି ଓ ଉଚିତ ମୂଲ୍ୟରେ ସାର ପାଇଁ ଦାବି**

**ରାଜ୍ୟ ସରକାର ଓ କୃଷିମନ୍ତ୍ରୀଙ୍କ ଉପରେ ବର୍ଷିଲେ ପୂର୍ବତନ ବିଧାୟକ**

**ସ୍ଥାନୀୟ ବିଧାୟକ କୃଷିମନ୍ତ୍ରୀ ହୋଇଥିଲେ ସୁଦ୍ଧା ଅଞ୍ଚଳର ଚାଷୀ ଅସୁବିଧାର ସମ୍ମୁଖୀନ**

## ଗାଁକୁ ନିଶାମୁକ୍ତ ପାଇଁ ପଣ କରିଛନ୍ତି ମହିଳା

**କୁତ୍ରା, ୧୨।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ କୁରୁଙ୍ଗା ଗ୍ରାମକୁ ମଦମୁକ୍ତ କରିବା ପାଇଁ ଏସ୍ଏଚ୍‌ଜି ମା'ମାନେ ପଣ କରିଛନ୍ତି। ବର୍ତ୍ତମାନର ସମାଜରେ ଅଧିକାଂଶ ଯୁବକ ଯୁବତୀ ନିଶା ସେବନ କରି ବିପଥଗାମୀ ହୋଇଯାଉଥିବାବେଳେ ଏହାର ନିରାକରଣ ପାଇଁ ମହିଳାଙ୍କ ଏହି ଉଦ୍ୟମ ବେଶ୍ ପ୍ରଶଂସନୀୟ।

ଗାଁମାନଙ୍କରେ ହାଣ୍ଡିଆ ଓ ମହୁଲି ଭଳି ନିଶାଦ୍ରବ୍ୟ ଅତି କମ୍ ଦାମ୍‌ରେ ଓ ସହଜରେ ମିଳୁଥିବାରୁ ଅଧିକାଂଶ ଯୁବକ ଯୁବତୀ ଶିକାର ହେଉଛନ୍ତି। ଏହାଦ୍ୱାରା ସମାଜରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଘରେ ଘରେ କଳି ଝଗଡ଼ା ହେଉଛି। ପାରିବାରିକ ଜୀବନ ଦୁଃଖମୟ ହୋଇପଡୁଛି। କୁରୁଙ୍ଗା ଗାଁରେ ମଧ୍ୟ ଏହାର ପ୍ରଭାବ ପଡୁଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର କୁରୁଙ୍ଗା ଗ୍ରାମ କିଶାନ ବସ୍ତିରେ ଗାଁକୁ ମଦମୁକ୍ତ କରିବା ନେଇ ଏସ୍ଏଚ୍‌ଜି ମା'ମାନେ ଏକ ସଭାର ଆୟୋଜନ କରିଥିଲେ। ସଭାର ନିଷ୍ପତ୍ତି ଅନୁଯାୟୀ ଗ୍ରାମର ଯେଉଁ ଘରେ ମଦ ବିକ୍ରି କରାଯିବ ତା' ସେ ପରିବାର ଉପରେ ୫୦ହଜାର ଟଙ୍କାର ଜରିମାନା କରାଯିବ। ଯିଏ ଏ ବିଷୟରେ ଖବର ଦେବ ତାକୁ ୧୦ହଜାର ଟଙ୍କା ପୁରସ୍କାର ଦିଆଯିବ। ମହିଳାମାନଙ୍କ ଏହି ପ୍ରୟାସକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

## ଚୋରକୁ ଛେଚିଲେ ଲୋକେ

**ରାଉରକେଲା, ୧୨।୯ (ସମିସ):** ଦୋକାନରୁ ଟଙ୍କା ଚୋରି କରୁଥିବା ବେଳେ ଧରା ପଡ଼ି ମାଡ଼ ଖାଇଛି ଚୋର। ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ଡିଏଭି ଅଟୋ ଷ୍ଟାଣ୍ଡ ଛକ ନିକଟରେ ଶୁକ୍ରବାର ଅପରାହ୍ଣ ସମୟରେ ଏହି ଘଟଣା ଘଟିଥିଲା। ସୂଚନା ମୁତାବକ, ଉକ୍ତ ଛକ ଠାରେ ଏକ ଭେରାଇଟି ଦୋକାନ ରହିଛି। ଅପରାହ୍ଣ ବେଳେ ହଠାତ୍ ବର୍ଷା ହୋଇଥିଲା। ଫଳରେ ପ୍ରାୟ ୩ ଜଣ ଯୁବକ ଉକ୍ତ ଦୋକାନ ଛାତ ତଳେ ଆଶ୍ରୟ ନେଇଥିଲେ। ଦୋକାନ ମାଲିକ ଅନ୍ୟ କାମରେ ବ୍ୟସ୍ତ ଥିବା ବେଳେ ଜଣେ ଦୁର୍ବୃତ୍ତ କ୍ୟାସ କାଉଣ୍ଟର ଖୋଲି ଟଙ୍କା ବାହାର କରିଥିଲା। ଶବ୍ଦ ଶୁଣି ମାଲିକ ଦେଖିବା ବେଳକୁ ଦୁର୍ବୃତ୍ତ ଜଣକ ଦୌଡ଼ି ପଳାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲା। ସ୍ଥାନୀୟ ଲୋକେ ଓ ମାଲିକ ତାକୁ ମାଡ ମାରି ଛାଡ଼ି ଦେଇଥିବା ସୂଚନା ମିଳିଛି।

## ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱର ବିକାଶ କର୍ମଶାଳା ଉଦ୍‌ଘାଟିତ



**ନୂଆପଡ଼ା/ଖଡ଼ିଆଲ, ୧୨।୯ (ସମିସ):** ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଓଡ଼ିଶା ସତ୍ୟସାଇ ସେବା ଅନୁଷ୍ଠାନ ପକ୍ଷରୁ ୩ ଦିନ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ବିକାଶ ଜନିତ ପ୍ରମାଣପତ୍ର କର୍ମଶାଳା ଉଦ୍‌ଘାଟିତ ହୋଇଛି। ଆହ୍ଲାଦିନି ଶବର, ମନସ୍ୱିନୀ ଦାଶ, ବିଲାସିନୀ ଭୁଇଁଆ, ଅଶ୍ୱିନୀ ଦୀପ, ମନୀଷା ରାଣୀ ମେହେର ଏବଂ ସୁଜାତା ନାଏକ ଆବାହନି ସଙ୍ଗୀତ ଗାନ କରିଥିଲେ। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିବାସ୍ଥଳେ ଜିଲ୍ଲା ଶ୍ରୀ ସତ୍ୟସାଇ ସେବା ଅନୁଷ୍ଠାନର ସଭାପତି ନଟବର କ୍ଷତ୍ରି ଉଦ୍‌ଘାଟନୀ ମନ୍ତବ୍ୟ ପ୍ରଦାନ କରିଥିଲେ। ଡ଼. ଅଶୋକ କୁମାର ହୋତା ଆଧୁନିକ ଯୁଗରେ ବ୍ୟକ୍ତିତ୍ୱର ବିକାଶ, ମାନବ ଜୀବନରେ ୩ଏଚ୍‌ଏସର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଭଞ୍ଜନଗରରୁ ଆସିଥିବା ଉକ୍ତ ଅନୁଷ୍ଠାନର ଗଞ୍ଜାମ ଜିଲ୍ଲା ଅଧିକାରୀ ପ୍ରତାପ ସ୍ୱାଇଁ ବ୍ୟକ୍ତିତ୍ୱର ପଞ୍ଚ ବିକାଶର ମୂଲ୍ୟବୋଧ ସମ୍ପର୍କରେ ଆଲୋଚନା କରିଥିଲେ। ବିଜୟଲକ୍ଷ୍ମୀ ଶତପଥୀ ସମସ୍ତ ଅତିଥିମାନଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲା ସଭାପତି ସତ୍ୟ ସାଇଙ୍କ ଉପରେ ଆଧାରିତ ପୁସ୍ତକ ମହାବିଦ୍ୟାଳୟର ପାଠାଗାର ନିମନ୍ତେ ଅଧ୍ୟକ୍ଷ ଶ୍ରୀ ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ପ୍ରଦାନ କରିଥିଲେ। ଗୀତାଶ୍ରୀ ପ୍ରିୟମ୍ବଦା ମଞ୍ଚ ପରିଚାଳନା କରିଥିବାବେଳେ ବିଷୟ ସଂଯୋଜକ ଡ. ସରୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାୟ ୧୫୦ଜଣ ଛାତ୍ରଛାତ୍ରୀ ଯୋଗଦେଇଥିବାବେଳେ ଅଧ୍ୟାପକ ଡ.ତରୁଣ କୁମାର ପ୍ରଧାନ, ଅଧ୍ୟାପକ ସୁନିଲ କୁମାର ପାଢ଼ୀ, ଅଧ୍ୟାପିକା ରୀତା ଦାଶ, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଅଧ୍ୟାପିକା ବିୟୁଟି ଅଗ୍ରୱାଲ, ଅଧ୍ୟାପିକା ସଂନ୍ତୋଷୀ ଶର୍ମା, ଅଧ୍ୟାପିକା କାଜଲ ମେହେର, ଅଧ୍ୟାପିକା ରାଜେଶ୍ୱରୀ କରୁଁଆ, ଅଧ୍ୟାପିକା ତନୁଜା ସାହୁ, ଅଧ୍ୟାପିକା ପାୟଲ ପ୍ରଧାନ ମୁଖ୍ୟକିରାଣି ଅକ୍ଷୟ ଦାଶ, ଗିରିଧାରୀ ନାୟକ ଉପସ୍ଥିତ ଥିଲେ।

## କଂଗ୍ରେସ ପକ୍ଷରୁ ସଂଗଠନ ସୃଜନ ଅଭିଯାନ




**ଶଗଡ଼ା, ୧୨।୯ (ସମିସ):** କନ୍ଧମାଳ ବ୍ଲକ କଲ୍ୟାଣ ମଣ୍ଡପଠାରେ ବୌଦ୍ଧ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସଂଗଠନ ସୃଜନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏଆଇସିସି ପର୍ଯ୍ୟବେକ୍ଷକ ଶ୍ରୀନିବାସ ଭିବି ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ପୂର୍ବତନ ଏମ୍‌ପି ନକୁଳ ନାୟକ, ଆକବର ଖାନ, ପ୍ରମୋଦ କୁମାର ଜେନା, ନବ କୁମାର ମିଶ୍ର, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ପର୍ଯ୍ୟବେକ୍ଷକ ଶ୍ରୀ ଭିବି ତୃଣମୂଳ ସ୍ତରରୁ କିଭଳି ସଂଗଠନକୁ ସୁଦୃଢ଼ କରି ହେବ ସେନେଇ ଉପସ୍ଥିତ କର୍ମୀଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ବୌଦ୍ଧ, କନ୍ଧମାଳ ଓ ହରଭଙ୍ଗା ବ୍ଲକର ସମସ୍ତ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## କାଉନସିଲରଙ୍କ ସହ ଥାନା ଅଧିକାରୀଙ୍କ ଆଲୋଚନା



**ବୌଦ୍ଧ, ୧୨।୯ (ସମିସ):** ଆଜି ବୌଦ୍ଧ ଆଦର୍ଶ ଥାନାରେ ନୂତନ ଭାବେ ଯୋଗଦେଇଥିବା ଥାନା ଅଧିକାରୀ ନଳିନୀ କାନ୍ତ ଦାସ ବୌଦ୍ଧଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର କାଉନସିଲରମାନଙ୍କ ଆଲୋଚନା କରିଛନ୍ତି। ସେ ସହର ତଥା ବିଭିନ୍ନ ୱାର୍ଡରେ ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ କାଉନସିଲରଙ୍କ ସହଯୋଗ କାମନା କରିଥିଲେ। ଏଥିସହ ସହରର ରାସ୍ତା କିମ୍ବା ପଡ଼ିଆରେ ବସି ମଦ ପିଇବା ସମ୍ପୂର୍ଣ୍ଣ ମନା ଏବଂ ଯାତ୍ରା ପର୍ବରେ ଡିଜେ ବଜାଇବା ମଧ୍ୟ ମନା କରିଥିବା ଜଣାପଡ଼ିଛି।

## ଗ୍ୟାରେଜରେ ପଶିଗଲା ମିନିଟ୍ରକ୍

**କଣ୍ଟାବାଞ୍ଜି, ୧୨।୯ (ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ମହୁଲବାହାଲି ଧରୁଆ ଗ୍ୟାରେଜ ଭିତରକୁ ଭାରସାମ୍ୟ ହରାଇ ଏକ ମିନିଟ୍ରକ୍ ପଶି ଯାଇଛି। ଗାଡିଟି ତୁରେକେଲାରୁ କଣ୍ଟାବାଞ୍ଜି ଯାଉଥିଲା। ତେବେ ଏହାଦ୍ୱାରା ଅନେକ କ୍ଷୟକ୍ଷତି ହୋଇଛି। ତୁରେକେଲା ପୋଲିସ ପହଞ୍ଚି ଡ୍ରାଇଭରକୁ ଥାନାରେ ଅଟକ ରଖିଛି।

## ଟ୍ରାନ୍ସଫର୍ମରରେ ଲାଗିଲା ନିଆଁ

**ଗୋଲାମୁଣ୍ଡା, ୧୨।୯ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁସ୍ଥିତ ବିଦ୍ୟୁତ ଟ୍ରାନ୍ସଫର୍ମରରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ନିଆଁ ଲାଗିଥିବା ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇଥିଲେ। ଶୁକ୍ରବାର ଅପରାହ୍ଣରେ ଏହି ଘଟଣା ଘଟିଥିଲା। ଏନେଇ ସମାଜସେବୀ ଆଲୋକ ଅଗ୍ରୱାଲ ବିଦ୍ୟୁତ ବିଭାଗକୁ ଯୋଗାଯୋଗ କରିଥିଲେ। ବିଦ୍ୟୁତ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମରାମତି କରିଥିଲେ।

## 'ଆଦି କର୍ମଯୋଗୀ' ଅଭିଯାନର ପ୍ରୟୋଗଶାଳା ଉଦ୍‌ଯାପିତ



**ଥୁଆମୂଳ ରାମପୁର, ୧୨।୯ (ସମିସ):** ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଥୁଆମୂଳ ରାମପୁର ଦ୍ୱାରା ଆୟୋଜିତ 'ଆଦି କର୍ମ ଯୋଗୀ' ଅଭିଯାନ ଆନୁକୂଲ୍ୟରେ ୩ ଦିନିଆ ପ୍ରୟୋଗଶାଳା ଉଦ୍‌ଯାପିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଉପସ୍ଥିତ ରହି ଆଗାମୀ ଦିନରେ କିଭଳି ଭାବେ ଆଦିବାସୀ ବହୁଳ ଗ୍ରାମ ଗୁଡିକର ସର୍ବାଙ୍ଗୀନ ଉନ୍ନତି ତଥା ପ୍ରତ୍ୟେକ ପରିବାରକୁ ବିଭିନ୍ନ ବିଭାଗରୁ ଆସୁଥିବା ସୁବିଧା ସୁଯୋଗ ପାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ସେନେଇ ଜିଲ୍ଲା ଏବଂ ବ୍ଲକସ୍ତରରୁ ଏହି ପ୍ରୟୋଗଶାଳାରେ ଯୋଗ ଦେଇଥିବା ଅଧିକାରୀ, କର୍ମଚାରୀଙ୍କୁ ବୁଝାଇଥିଲେ। ଏଥିରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର ପ୍ରଶିକ୍ଷିତ ହେଇଥିବା ଅଧିକାରୀଙ୍କୁ କିଭଳି ତୃଣମୂଳସ୍ତରରେ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ମାନସିକସ୍ତରରେ ପ୍ରସ୍ତୁତ କରିବେ ସେନେଇ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଥୁଆମୂଳ ରାମପୁର ବିଡିଓ ଧ୍ରୁବଚରଣ ମୁଦୁଲିଙ୍କ ସମେତ ବହୁ ଅଧିକାରୀ ଏବଂ କର୍ମଚାରୀ ଯୋଗ ଦେଇଥିଲେ। ପ୍ରଶିକ୍ଷଣ ନେଇଥିବା ସମସ୍ତଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଲାଞ୍ଜିଗଡ଼ ବିଇଓ ରୁଷିଆ ମେହେର ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ସାମର୍ଥ୍ୟ ଶିବିର ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ

**କଲମପୁର, ୧୨।୯ (ସମିସ)** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ କାର୍ଯ୍ୟାଳୟ ଠାରେ ଶୁକ୍ରବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ସମେତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିଜୟ କୁମାର ମାଣ୍ଡାଙ୍ଗିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ କଲମପୁର ବ୍ଲକ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ବ୍ଲକ ସହକାରୀ ଯନ୍ତ୍ରୀ କିରଣ କୁମାର ଷଣ୍ଢ, ଗୋଷ୍ଠୀ ଅର୍ଥ ପରାମର୍ଶଦାତା ନିଖିଳେସ ପାତ୍ର, ସାଂସଦ ପ୍ରତିନିଧି ଅରୁଣ ଜଗରିଆ, ବିଧାୟକ ପ୍ରତିନିଧି ସୁଶାନ୍ତ ରାଉତ, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ଘନଶ୍ୟାମ ନାଏକ, ବିଜମରା ପଞ୍ଚାୟତ ସରପଞ୍ଚ ବାଳକୃଷ୍ଣ ଧଙ୍ଗଡ଼ାମାଝି, ବନ୍ଧକନା ପଞ୍ଚାୟତ ସରପଞ୍ଚ ହିମାଦ୍ରି ବାଗ, ସମିତିସଭ୍ୟ ରିନା ମାଝୀ, କୋଟାଗାଁ ସରପଞ୍ଚ ଚନ୍ଦନ ପଣ୍ଡା, ମଣ୍ଡଳ ସରପଞ୍ଚ ତ୍ରୟମ୍ବକ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ବ୍ଲକର ୧୧ଟି ପଞ୍ଚାୟତରୁ ଆସିଥିବା ୩୮୮ ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୧୨୪ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ଅସ୍ଥିଶଲ୍ୟ ବିଭାଗ ପଞ୍ଜିକରଣ ୧୦୫, ମାନସିକ ବିଭାଗ ୩୧, କର୍ଣ୍ଣ ଓ ଗଳା ବିଭାଗ ୯୫, ଚକ୍ଷୁ ବିଭାଗ ୫୯ ଏବଂ ଅନ୍ୟାନ୍ୟ ସହାୟତା ପାଇଁ ୯୮ ଜଣ ପଞ୍ଜିକରଣ କରିଥିବାବେଳେ ୩୦ ଜଣଙ୍କୁ ବସ୍ ପାସ, ୨୭ ଜଣଙ୍କୁ ଟ୍ରେନ୍ ପାସ ଏବଂ ଟ୍ରାଇ ସାଇକେଲ ପାଇଁ ୫ଜଣ ଆବେଦନ କରିଥିଲେ। ଏଥିସହିତ ଡିଆରଆଇ ଲୋନ୍ ପାଇଁ ୩ ଜଣ, ଚଷମା ପାଇଁ ୭ଜଣ, ଘର ପାଇବା ପାଇଁ ୫ଜଣ ଆବେଦନ କରିଥିଲେ। ମଧୁବାବୁ ଭତ୍ତା ୫୦ ଜଣଙ୍କୁ ଏବଂ ଇନ୍ଦିରାଗାନ୍ଧୀ ଜାତୀୟ ଭତ୍ତା ଯୋଜନାରେ ୫୧ଜଣଙ୍କୁ ପ୍ରଦାନ କରାଯାଇଥିବା ବେଳେ ମିଶନ ଶକ୍ତି ବିଭାଗରୁ ୧୫ଟି ସ୍ୱୟଂସହାୟକ ଗୋଷ୍ଠୀକୁ ଆବର୍ତ୍ତନ ପାଣ୍ଠି ଦିଆଯାଇ ଥିଲା, କଲମପୁର ତହସିଲ କାର୍ଯ୍ୟାଳୟ ପକ୍ଷରୁ ୧୦ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ଶିବିରରେ ଅସ୍ଥିଶଲ୍ୟ ବିଭାଗ ଡାକ୍ତର ପ୍ରମୋଦେସ କଶ୍ୟପ ପଣ୍ଡା, ଚକ୍ଷୁ ବିଭାଗର ନିବେଦିତା ମହାରଣା, ମାନସିକ ବିଭାଗ ଅନନ୍ତଚରଣ ମେହେର, କର୍ଣ୍ଣ ଓ ଗଳା ବିଭାଗ ଶ୍ରିଧାର୍ଥ ଜେନା, ମାନସିକ କର୍ମୀ ଅନାୟତ ମହମ୍ମଦ, ଶ୍ରବଣ ବିଦ୍ ଆରାଧନା ବେହେରୁକ, ଟେଲି ମେଡିସିନ ନିବେଦିତା ସାହୁ, ଏମଆଇ ନିବାସ ଚନ୍ଦ୍ର ସାହୁ, ଭୌତିକ ଚିକିତ୍ସକ ସମ୍ବିତ ସ୍ୱରୂପ ପଣ୍ଡା, ପିଏଣ୍ଡଓ ମନୋଜ କୁମାର ସେଠୀ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଲକ୍ଷପତି ପୁଝାରୀ, କନିଷ୍ଠ ସହାୟକ ରବୀନ୍ଦ୍ର ବେହେରା, ଡାଟାଏଣ୍ଟ୍ରି ଅପ୍ରେଟର ଆଶୁତୋଷ ପ୍ରଧାନ ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ। ଜିତେନ୍ଦ୍ର କୁମାର ମଞ୍ଚ ପରିଚାଳନା କରିଥିଲେ।




## ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



**ରାଉରକେଲା, ୧୨।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ପୁରୁଣାପାଣି ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗତକାଲି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୀରମିତ୍ରପୁର ବିଧାୟକ ରୋହିତ ଯୋଶେଫ ତିର୍କୀ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ନୂଆଗାଁ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାଲଗିମନି ଟୁଡୁ ଯୋଗ ଦେଇ ବ୍ଲକସ୍ତରୀୟ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ଆଗାମୀ ଦିନରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇ ବ୍ଲକର ଗୌରବ ଆଣିବେ ବୋଲି କହିଥିଲେ। ନୂଆଗାଁ ବ୍ଲକର ବିଭିନ୍ନ ସ୍କୁଲରୁ ଶତାଧିକ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପୁରୁଣାପାଣି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବନ୍ଦନାରାଣୀ ପଟେଲ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟୋପ୍ନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ବନମାଳୀ ମଲ୍ଲିକ, ଗୋଲାପ ଚନ୍ଦ୍ର ପଟେଲ, ସୁଫଳ ସୁରିନ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଆଜି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟପ୍ପୋ ଯୋଗ ଦେଇଥିବା ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାଲଗିମନି ଟୁଡୁ, ପ୍ରଧାନ ଶିକ୍ଷୟିତ୍ରୀ ବନ୍ଦନାରାଣୀ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଓଡ଼ିଆରେ ନାମ ଫଳକ ଲେଖିବା ନେଇ ସଚେତନତା ପଦଯାତ୍ରା

ରାଉରକେଲା, ୧୨।୯ (ସମିସ)

ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ସମେତ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକ ନାମ ଫଳକକୁ ଓଡ଼ିଆରେ ଲେଖିବା ନେଇ ରାଉରକେଲାରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା।

ସୂଚନାଯୋଗ୍ୟ ଯେ ଓଡ଼ିଶା ସରକାରଙ୍କ ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ-୧୯୫୬ ଧାରା ୩୮ ଏବଂ ସରକାରଙ୍କ ୧୯୫୬ ଆଇନର ସଂଶୋଧିତ ରାଜପତ୍ର ୨୦୧୮ ପରିଚ୍ଛେଦ ୩୫ରେ ପ୍ରକାଶିତ ନିର୍ଦ୍ଦେଶନାମା ଅନୁଯାୟୀ ଓଡ଼ିଶାର ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନର ନାମ ଫଳକ ଏବଂ ନଥିପତ୍ରରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲେ ମଧ୍ୟ ତାହା ଠିକ୍ ଭାବେ ଅନୁଧାନ ଏବଂ ପାଳନ କରାଯାଉ ନଥିବା ବେଳେ ଏହି ସରକାରୀ ନିର୍ଦ୍ଦେଶନାମାର ଖୋଲାଖୋଲି ଉଲ୍ଲଙ୍ଘନ। ଏହି ନିୟମରେ ଆଇନ ଉଲ୍ଲଙ୍ଘନକାରୀଙ୍କୁ ଦଣ୍ଡିତ କରାଯିବାର ଆଇନରେ ବ୍ୟବସ୍ଥା କରାଯାଇଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, ସରକାରଙ୍କ ଶ୍ରମ ବିଭାଗ, ସଂସ୍କୃତି ବିଭାଗ, ନଗର ଉନ୍ନୟନ ବିଭାଗ ସର୍ବୋପରି ଉତ୍କଳ ସମ୍ମିଳନୀର ରାଉରକେଲା ଶାଖା ତରଫରୁ ବିଭିନ୍ନ ସମୟରେ ନିବେଦନ କରାଯାଇଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳୁନାହିଁ। ଏହା ମଧ୍ୟ ପ୍ରତୀତ ହେଉଛି ଯେ, କେତେକ ଦୋକାନ ଏବଂ ପ୍ରତିଷ୍ଠାନ ନାମ ଫଳକ ବଡ଼ ବଡ଼ ଅକ୍ଷରରେ ନିର୍ଭୁଲ ଭାବରେ ନଲେଖିବା ସରକାରଙ୍କ ନିର୍ଦ୍ଦେଶର ଅବମାନନା। ଆଜି ଉତ୍କଳ ସମ୍ମିଳନୀ, ରାଉରକେଲା ଶାଖା ପକ୍ଷରୁ ବିଶ୍ରା ଛକ ଠାରୁ ଏକ ବିଶାଳ ପଦଯାତ୍ରା ବାହାରିଥିଲା। ଏହି ଅବସରରେ ରାଉରକେଲାର ସମସ୍ତ ପ୍ରତିଷ୍ଠାନକୁ ଓଡ଼ିଆରେ ନାମ ଫଳକ ଲେଖିବାକୁ ଅନୁରୋଧ କରାଯାଇଥିଲା। ଏହି ନାମ ଫଳକ ଓଡିଆରେ ଲେଖିବାକୁ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନକୁ ଗୋଟିଏ ମାସ ସମୟ ଦିଆଯାଇଥିଲା। ଏଥିପାଇଁ ଏକ ସଚେତନତା ଶୋଭାଯାତ୍ରା ବିର୍ସା ଛକରୁ ଆରମ୍ଭ ହୋଇ ମୁଖ୍ୟ ରାସ୍ତାରେ ବିଭିନ୍ନ ସ୍ଲୋଗାନ ଦେଇ ଉଦିତନଗର ଆମ୍ବେଦକର ଛକରେ ପହଞ୍ଚିଥିଲା। ଏହି ସଚେତନତା ରାଲିରେ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତିଙ୍କ ସମେତ ଉତ୍କଳ ସମ୍ମିଳନୀ ଧାମରା ସଂଘ, ସ୍ୱାଭିମାନୀ ଓଡ଼ିଆ ସଂଘ, ଜୟ ଜଗନ୍ନାଥ ରାଉରକେଲା ଶାଖା ସହିତ ବିଭିନ୍ନ ସଂଗଠନ ଏବଂ ବିଭିନ୍ନ କଲେଜ ଓ ସ୍କୁଲର ଛାତ୍ରଛାତ୍ରୀ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଶୋଭାଯାତ୍ରା ଆମ୍ବେଦକର ଛକରେ ପହଞ୍ଚିବା ପରେ, ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ଲୋଗାନ ଦିଆଯାଇଥିଲା। ଉତ୍କଳ ସମ୍ମିଳନୀ ରାଉରକେଲା ଶାଖାର ସଭାପତି ସୁଦାମ ଦାସ, ସାଧାରଣ ସମ୍ପାଦକ ଅକ୍ଷୟ ଦାସ, କୋଷାଧ୍ୟକ୍ଷ ଭଗବାନ୍ ମହାପାତ୍ର, ଉପସଭାପତି ଚିତ୍ତରଞ୍ଜନ ଦାସ, ବ୍ରିଜମୋହନ ଅଗ୍ରୱାଲ, ନବଘନ ପାଣି, ଶୈଳେନ୍ଦ୍ର ମହାନ୍ତି, ଡାକ୍ତର କିଶୋରୀ ଦାସ, ଗଗନ ପଣ୍ଡା, ଆଶିଷ ମୋହିତୀ, ବିନୋଦ ସିଂହଙ୍କ ସମେତ ସ୍କୁଲ ଓ କଲେଜର ହଜାର ହଜାର ଛାତ୍ରଛାତ୍ରୀ ତଥା ସହରର ବିଶିଷ୍ଟ ବ୍ୟକ୍ତିମାନେ ଏହି ଶୋଭାଯାତ୍ରାରେ ଉପସ୍ଥିତ ଥିଲେ।



## ପୁଷ୍କରିଣୀ ହୁଡ଼ାରୁ ଷଣ୍ଢ ଉଦ୍ଧାର



ରାମଚନ୍ଦ୍ରପୁର,୧୨।୯ (ସମିସ): ରାମଚନ୍ଦ୍ରପୁର ରାମେଶ୍ୱର ମନ୍ଦିର ପୁଷ୍କରିଣୀକୁ ଗତ ଗୁରୁବାର ପାଣି ପିଇବାକୁ ଯାଇ କାଦୁଅରେ ଫସି ଯାଇଥିଲା ଏକ ବୁଲା ଷଣ୍ଢ। ସ୍ଥାନୀୟ ଯୁବକ ଯେତେ ଚେଷ୍ଟା କଲେ ମଧ୍ୟ ଷଣ୍ଢଟିକୁ ବାହାରି କରିପାରି ନଥିଲେ। ଖବର ପାଇ ଘସିପୁରା ଅଗ୍ନିଶମ କର୍ମଚାରୀ ପହଞ୍ଚି କାଦୁଅ ଭିତରୁ ବହୁ କଷ୍ଟରେ ଷଣ୍ଢଟିକୁ ସୁରକ୍ଷିତ ଉଦ୍ଧାର କରିଥିଲେ। ଘଟଣାଟି ବେଶ୍ ଚର୍ଚ୍ଚାର ବିଷୟ ହୋଇଛି।

## ଦୁର୍ଘଟଣାରେ ଯୁବକ ମୃତ, ଜଣେ ଆହତ



ହାଟଡ଼ିହୀ,୧୨।୯ (ସମିସ): ନନ୍ଦିପଦା ଥାନା ଜଳକଳଙ୍ଗ ଗ୍ରାମର ସ୍ୱର୍ଗତ ରାଧାଶ୍ୟାମ ମୁଖୀଙ୍କ ୪୦ବର୍ଷୀୟ ପୁଅ ଦୀନବନ୍ଧୁ ମୁଖୀ(ବାପି)ଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଦୀନବନ୍ଧୁ ହାଟଡ଼ିହୀ ଏରିଆ ସ୍ୱାସ୍ଥ୍ୟକେନ୍ଦ୍ରର ଗ୍ରୁପ-ଡ଼ି କର୍ମଚାରୀ ଥିଲେ। ସୂଚନା ଅନୁସାରେ, ଦୀନବନ୍ଧୁ ଏବଂ ହାଟଡ଼ିହୀ ଗ୍ରାମର ଚନ୍ଦା ଜେନା କୌଣସି କାମରେ ବାଲେଶ୍ୱର ଜିଲ୍ଲା ରଟିଣା ଅଞ୍ଚଳକୁ ଯାଇ ବାଇକ୍ ଯୋଗେ ଫେରିବା ବେଳେ ସୋରୋ ଥାନା ପଡ଼ିଆରୀପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ବଣିଆପଙ୍କ ନିକଟରେ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ମେଡିକାଲ ଏବଂ ଅବସ୍ଥା ଗୁରୁତର ହେବା ଯୋଗୁଁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଦୀନବନ୍ଧୁଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଥିଲା ବେଳେ ଦୁର୍ଘଟଣାରେ ଗୁରୁତର ଥିବା ଚନ୍ଦା ଜେନା ଏବେ ଚିକିତ୍ସାଧୀନ ଅଛନ୍ତି। ଦୀନବନ୍ଧୁଙ୍କ ମୃତ୍ୟୁକୁ ନେଇ ପରିବାର ସହ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ବ୍ୟବଚ୍ଛେଦ ପରେ ଶୁକ୍ରବାର ଅପରାହ୍ନରେ ଦୀନବନ୍ଧୁଙ୍କ ମୃତଦେହ ଗ୍ରାମରେ ପହଞ୍ଚିଥିଲା। ଗ୍ରାମର ଗୋପାଳ ନାୟକ, କାମପାଳ ନାୟକ, ସନ୍ତୋଷ ଚକ୍ର, ରୁଦ୍ରନାରାୟଣ ଜେନା, ଉପେନ୍ଦ୍ର ସେଠୀଙ୍କ ସମେତ ହାଟଡ଼ିହୀ ମେଡିକାଲର ଡ଼ାକ୍ତର ପ୍ରୀତିଶ ସାହୁ, ଫାର୍ମାସିଷ୍ଟ ହରିହର ଦାସଙ୍କ ସହ ସମସ୍ତ ମେଡିକାଲ କର୍ମଚାରୀ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଦୀନବନ୍ଧୁଙ୍କ ପୁଅ ମୁଖାଗ୍ନି ଦେଇଥିଲା ବେଳେ ପରିବାରବର୍ଗ ଏବଂ ବନ୍ଧୁପ୍ରିୟଜନ ଦ୍ୱାରା ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଇଂରାଜୀ ବିଭାଗରେ ସ୍ୱାଗତ ସଭା



ଆନନ୍ଦପୁର, ୧୨।୯ (ସମିସ): ଆନନ୍ଦପୁର ମହାବିଦ୍ୟାଳୟର ଇଂରାଜୀ ବିଭାଗରେ ସ୍ୱାଗତ ସଭା ସେମିନାର ରୁମ୍‌ରେ ବିଭାଗର ମୁଖ୍ୟ ଦୁର୍ଗାଶଙ୍କର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମନୋରମା ନାୟକଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଡ ନାରାୟଣ ମିଶ୍ର, ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ ପଣ୍ଡା, ସୂର୍ଯ୍ୟମଣି ଜେନା, ନିହାରିକା ପ୍ରିୟଦର୍ଶିନୀ ପାତ୍ର, ପୁଷ୍ପଲତା ରାମ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ପରେ ନବାଗତଙ୍କୁ ସ୍ୱାଗତ କରାଯାଇଥିଲା। ଛାତ୍ର ଚିତ୍ତରଂଜନ ସାହୁ ଧନ୍ୟବାଦ ଦେଇଥିଲେ।

## ନେପାଳରେ ଫସିଛନ୍ତି ଫକୀରପୁର ବୁଣାକାର କାରିଗର



ଆନନ୍ଦପୁର, ୧୨।୯ (ସମିସ): ଆନନ୍ଦପୁର ପୌରାଞ୍ଚଳ ଫକୀରପୁର ଗ୍ରାମର ପ୍ରାୟ ୩୦ ବୁଣାକାର ନେପାଳରେ କାରିଗର ଭାବେ କାର୍ଯ୍ୟ କରୁଥିବାବେଳେ ସେଠାରେ ଘରୋଇ ହିଂସା ଯୋଗୁଁ ପରିବାର ଲୋକେ ଚିନ୍ତିତ ହୋଇପଡିଛନ୍ତ। ଫକୀରପୁର ବଙ୍ଗାଳି ସାହିର ଏହି ବୁଣାକାର କାରିଗରମାନେ ନିୟମିତ ପରିବାର ଲୋକଙ୍କ ସହିତ ଯୋଗାସୂତ୍ରରେ ରହିଥିଲେ। ଆଜକୁ ୫ ଦିନ କେତେ ଜଣ କାରିଗରଙ୍କ ସହ ଯୋଗାସୂତ୍ର ସ୍ଥାପନ ହୋଇପାରୁ ନଥିବାରୁ ଆତ୍ମୀୟ ସ୍ୱଜନଙ୍କ ଚିନ୍ତା ବଢିଯାଇଥିବା ପ୍ରକାଶ କରିଛନ୍ତି। ସ୍ଥାନୀୟ କାଉନସିଲର ସୁରେନ୍ଦ୍ର ଦାସ ଓ ସନତ କର ବୁଣାକାର ପରିବାର ସହ ଯୋଗାଯୋଗରେ ଥିବା ବେଳେ ପ୍ରଶାସନିକ ସହାୟତା ଜରୁରୀ ହୋଇପଡ଼ିଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

### ହାତୀ ଉତ୍ପାତ; ଉଜୁଡ଼ି ଯାଉଛି ପନିପରିବା, ଧାନ ଫସଲ

# ଅଙ୍ଗନବାଡ଼ି କବାଟ ଭାଙ୍ଗି ଛତୁଆ ଖାଇଲା ଦନ୍ତା

କେନ୍ଦୁଝର,୧୨।୯ (ସମିସ)





କେନ୍ଦୁଝର ସଦର ବନାଞ୍ଚଳ ମହାଦେଇଯୋଡ଼ା ଓ କୁଡିଆଘରା, ଟିକରପଡା, ରଥମରା ଗାଁରେ ୨୧ଟିକିଆ ହାତୀପଲ ବ୍ୟାପକ ପନିପରିବା ଓ ଧାନ ଫସଲ ନଷ୍ଟ କରିବା ସମେତ ଘର ଭାଙ୍ଗି ଦେଇଛନ୍ତି। ଗତକାଲି ସନ୍ଧ୍ୟାରୁ କୁଡ଼ିଆଘରା ଜଙ୍ଗଲରୁ ହାତୀପଲ ଗାଁମୁହାଁ ହୋଇଥିଲେ। ଲୋକେ ଫସଲ ଓ ଘର ସୁରକ୍ଷା ପାଇଁ ଠେଙ୍ଗାବାଡ଼ି, ମଶାଲ ଜାଳି ହାତୀମାନଙ୍କୁ ଘଉଡ଼ାଇବାକୁ ଉଜାଗର ରହି ଜଗିବସିଥିଲେ। ବିଳମ୍ବିତ ରାତି ଟିକରପଡା ଦେଇ କାଦଗଡ ଅଭିମୁଖେ ୧୮ ହାତୀ ଯାଇଥିବାବେଳେ ଅନ୍ୟ ତିନି ହାତୀ କୁଡିଆଘରା ଆଡକୁ ଯାଇଥିଲେ। ଟିକରପଡା ଗାଁର ଶ୍ୟାମସୁନ୍ଦର ବେହେରାଙ୍କ ଗ୍ରିଲ୍ ଭାଙ୍ଗି ଧାନ ଖାଇ ଦେଇଥିଲା। ପରିବାର ଲୋକେ ପଦାକୁ ଚାଲି ଆସିଥିବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏକ ଦନ୍ତା ହାତୀ କୁଡିଆଘରା ପ୍ରାଥମିକ ବିଦ୍ୟାଳୟ ସୂଚନା ଫଳକ ଓ ପାଚେରି ଏବଂ ଅଙ୍ଗନୱାଡି ଘର କବାଟ ଭାଙ୍ଗି ଛତୁଆ ଖାଇ ସେଠାରୁ ଚାଲିଯାଇଥିଲା। ବନବିଭାଗ କର୍ମଚାରୀ ଉପସ୍ଥିତଥିଲେ ହେଁ ଲୋକଙ୍କ ଉତ୍ତେଜନା କାରଣରୁ ହାତୀପଲ କୁଆଡେ ଯାଇପାରି ନଥିଲେ। ସକାଳେ ହାତୀପଲ ପୁଣି ଟିକରପଡା ଅତିକ୍ରମ କରି ଅସୁରଖଲ ଜଙ୍ଗଲକୁ ଫେରିଥିଲେ। ଚଲାପଥରେ ହାତୀପଲ ବ୍ୟାପକ ପନିପରିବା ଫସଲ ନଷ୍ଟ କରିଛନ୍ତି। ଟିକରପଡା ଗାଁର କେଶବ ବେହେରା, ବାବୁଲୁ ବେହେରାଙ୍କ କୋବି ଫସଲ, ବିନେଶ ବେହେରା, ଗୌରଚନ୍ଦ୍ର ବେହେରା, ଶ୍ରୀକାନ୍ତ ବେହେରା ସମେତ ଏକାଧିକ ଚାଷୀଙ୍କ ଧାନ ଫସଲ ହାତୀପଲ ଖାଇବା ସହ ପାଦରେ ଦଳିଚକଟି ନଷ୍ଟ କରିଛନ୍ତି। ହାତୀପଲ ଅସୁରଖଲ ଜଙ୍ଗଲରେ ଡେରା ପକାଇଥିବାରୁ ସନ୍ଧ୍ୟା ହେଲେ ଗାଁମୁହାଁ ହେବା ନେଇ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। କ୍ଷତିଗ୍ରସ୍ତଙ୍କୁ ତରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ଶ୍ରମ ବିଭାଗ କାର୍ଯ୍ୟାଳୟରେ ଦଲାଲଙ୍କ ଭିଡ଼

ଆନନ୍ଦପୁର,୧୨।୯ (ସମିସ): ଆନନ୍ଦପୁର ବ୍ଲକ ବିଭିନ୍ନ ଗ୍ରାମାଞ୍ଚଳରେ ରାଜ୍ୟ ସରକାରଙ୍କ ନିର୍ମାଣ ଶ୍ରମିକ ସହାୟତା ଯୋଜନାରୁ ଉପକୃତ ହେବାକୁଥିବା ହିତାକାରୀମାନଙ୍କଠାରୁ କେତେକ ଦଲାଇ ଭାଗ ଦାବି କରୁଥିବା ଘଟଣାରେ ଅସନ୍ତୋଷ ପ୍ରକାଶ ପାଉଛି। ନିର୍ମାଣ ଶ୍ରମିକ ତାଲିକା ପଞ୍ଜିକୃତ ସମୟରେ ସହଯୋଗ କରିଥିବା ଏହି ଦଲାଇମାନେ ଶ୍ରମ କାର୍ଯ୍ୟାଳୟ ପାଇଁ ଖର୍ଚ୍ଚ ଆଳରେ ସହାୟତା ପାଇଥିବା ହିବାଧିକାରୀମାନଙ୍କଠାରୁ ଅର୍ଥ ଆଦାୟ କରୁଥିବା ଏବଂ ଅର୍ଥ ଦେଇ ନଥିବା ହିତାଧିକାରୀଙ୍କୁ ବାରମ୍ବାର ଫୋନ କରି ହଇରାଣ କରୁଥିବା ଅଭିଯୋଗ ହୋଇଛି। ନିର୍ମାଣୀ ଶ୍ରମିକ ପଞ୍ଜିକୃତ କରିବା ପାଇଁ ପ୍ରତିଯୋଗିତା ଚାଲିଥିବାରୁ ଏହି ଘଟଣା ସାଧାରଣରେ ଆଲୋଚନାର ବିଷୟ ହୋଇଥିବା ଜଣାଯାଇଛି।

ଆନନ୍ଦପୁର ବ୍ଲକ କାର୍ଯ୍ୟାଳୟରେ ଦଲାଲଙ୍କ ପ୍ରାଦୁର୍ଭାବ ରହୁଛି। ଉପଖଣ୍ଡର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରେ ନିର୍ମାଣ ଶ୍ରମିକମାନଙ୍କୁ ପଞ୍ଜିକୃତ କରିବା ପାଇଁ ଏଜେଣ୍ଟମାନେ ସରକାରଙ୍କ ମାର୍ଗଦର୍ଶିକାକୁ ହିତାଧିକାରୀଙ୍କୁ ଭୁଲ ବାଟରେ ଭୁଆଁ ବୁଲାଇ ଅର୍ଥ ଆଦାୟ କରୁଛନ୍ତି। ଅନ୍‌ଲାଇନ ଯୋଗେ ଆବେଦନ କରିବାର ସରକାରୀ ନିର୍ଦ୍ଦେଶ ଥିରେ ମଧ୍ୟ ଆବେଦନକାରୀଙ୍କୁ ବିଭିନ୍ନ ଆଳ ଦେଖାଉଛନ୍ତି। ଯାହା କି ତଦନ୍ତ ସାପେକ୍ଷ। ଶ୍ରମିକ ପରିବାରଙ୍କୁ ବିବାହ ସହାରତା, ଶିକ୍ଷା ସହାୟତା, ମୃତ୍ୟୁକାଳୀନ ଓ ଦୁର୍ଘଟଣା ସହାୟତା, ଅନ୍ତ୍ୟେଷ୍ଟିକ୍ରିୟା ସହାୟତା, ଦୁରାରୋଗ୍ୟ ନିକିତ୍ସା ସହାୟତା, ପ୍ରସୂତିକାଳୀନ ସହାୟତା, ସାଇକଲ, କୌଶଳ ଅଭିବୃଦ୍ଧି ତାଲିମ, ପକ୍କା ଘର ନିର୍ମାଣ ସହାୟତା ବିଶ୍ରାମକାଳୀନ ସହାୟତା ପାଇଁ ଆର୍ଥିକ ବ୍ୟବସ୍ଥା କରିଥିଲେ ମଧ୍ୟ କେତେକ ଦଲାଲଙ୍କ ଅର୍ଥଖୋର ମନୋଭାବ ଯୋଗୁ ନିର୍ମାଣ ଶ୍ରମିକମାନେ ଶୋଷଣର ଶିକାର ହେଉଥିବା ଜଣାଯାଇଛି। ଏନେଇ ଆନନ୍ଦପୁର ଶ୍ରମ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏପରି ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।

## ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ମିଳିଲା ଅନୁକମ୍ପା ରାଶି



ତେଲକୋଇ, ୧୨।୯ (ସମିସ): କେନ୍ଦୁଝର ବନଖଣ୍ଡରେ ହାତୀଙ୍କ ଉପଦ୍ରବ ବଢୁଛି। ଆଉ ହାତୀ ଆକ୍ରମଣରେ ତେଲକୋଇ ବନାଞ୍ଚଳରେ ଲୋକଙ୍କ ମୃତ୍ୟୁ ଅଧିକ ହେଉଛି। ହାତୀ ମଣିଷଙ୍କ ଭିତରେ ତିକ୍ତତା ବଢୁଛି। ଏସବୁକୁ ଆଖିଆଗରେ ରଖି ବନବିଭାଗ ପକ୍ଷରୁ ମଧ୍ୟ ଗୁଡ଼ାଏ ଯୋଜନା ହାତକୁ ନିଆଯାଉଛି।

### ବନୀକରଣ ସଚେତନତା ରଥର ଶୁଭାରମ୍ଭ

କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ପକ୍ଷରୁ ଶୁକ୍ରବାର ଏକ ପେଡ୍ ମା କେ ନାମ ସଚେତନତା ରଥର ଶୁଭାରମ୍ଭ ଅବସରରେ କ୍ଷତଗ୍ରସ୍ତଙ୍କୁ ସହାୟତା ପ୍ରଦାନ କରାଯାଇଛି। ତେଲକୋଇ ବନାଞ୍ଚଳ ପକ୍ଷରୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଡ଼ାକ୍ତର ଫକୀର ମୋହନ ନାଏକ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଲେଖାଏଁ ସରକାରଙ୍କ ଅନୁକମ୍ପା ରାଶିର ଚେକ ପ୍ରଦାନ କରିଥିଲେ। ଉଦୟଗିରି ଗ୍ରାମର ଯୁବକ ଅଶୋକ କୁମାର ମହାନ୍ତଙ୍କର ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିଲା। ଏହାସହ ନୂଆଗଡ଼ର ମହିଳା ରାଧା ରଞ୍ଜିତଙ୍କ ପରିବାରଙ୍କୁ ୧୦ଲକ୍ଷ ଲେଖାଏଁ ଚେକ ପ୍ରଦାନ କରାଯାଇଥିଲା। ହାତୀଙ୍କ କବଳରୁ ଶସ୍ୟକୁ ସୁରକ୍ଷା ଦେବା ପାଇଁ ୬ଜଣଙ୍କୁ ବାକ୍ସ ଓ ହାତୀଙ୍କୁ ନିରୀକ୍ଷଣ କରିବାକୁ ମଧୁପୁର ଓ ଶିଂକୁଳାବାହାଳ ବନ ସୁରକ୍ଷା ସମିତିକୁ ଟର୍ଚ୍ଚ ଲାଇଟ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ଶିବାଜୀ ମୋହନ ରାଓ ଅଧ୍ୟକ୍ଷତା କରିଥିବା ବେଳେ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ରକ୍ତ ଯୋଗାଇଲା ଭରସା ପରିବାର ଟ୍ରଷ୍ଟ



କେନ୍ଦୁଝର, ୧୨।୯ (ସମିସ): କେନ୍ଦୁଝର ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟର ବେଡ୍ ନଂ-୪୮ରେ ଚିକିତ୍ସାଧୀନ ଘଟଗାଁ ଥାନା ଡାଙ୍ଗୁଆପଶି ଗ୍ରାମର ଭୋଳାନାଥ ନାୟକଙ୍କ ଚିକିତ୍ସା ପାଇଁ ଭରସା ପରିବାର ସହଯୋଗରେ ରକ୍ତ ଯୋଗାଇ ଦିଆଯାଇଛି। ସକ୍ରିୟ ସଦସ୍ୟ ବିଦ୍ୟାଧର ମହାନ୍ତଙ୍କୁ ରୋଗୀଙ୍କ ସଂପର୍କୀୟ ଚତୁର୍ଭୁଜ ନାୟକ ଏନେଇ ଅନୁରୋଧ କରିଥିଲେ। ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସଭାପତି ଲମ୍ବୋଦର ମହାନ୍ତଙ୍କ ପରାମର୍ଶକ୍ରମେ ରକ୍ତଦାତା ସଂଯୋଜକ ସେକ୍ ତହିଦ୍ ସଙ୍ଗେ ସଙ୍ଗେ ରକ୍ତ ଯୋଗାଡ଼ ପାଇଁ ଲାଗିପଡ଼ିଥିଲେ। ସୁଦୂର ବିହାର ରାଜ୍ୟର ଆଝାର୍ ହୁସେନ୍ ନାମକ ଜଣେ ଯୁବକ କେନ୍ଦୁଝର ରକ୍ତଭଣ୍ଡାରରେ ପହଞ୍ଚି ସ୍ୱେଚ୍ଛାକୃତ ରକ୍ତ ଦାନ କରିଥିଲେ। ଭରସା ପରିବାରର ସଭାପତି ଶ୍ରୀ ମହାନ୍ତି, ରକ୍ତଦାତା ସଂଯୋଜକ ଜନାବ୍ ତହିଦ୍, ସକ୍ରିୟ ସଦସ୍ୟ ଶ୍ରୀ ମହାନ୍ତ, ମହମ୍ମଦ୍ ୱାସିମ୍ ଉପସ୍ଥିତ ଥିଲେ। ଟ୍ରଷ୍ଟ ପକ୍ଷରୁ ପ୍ରତ୍ୟେକ ଦିନ ୪-୫ ୟୁନିଟ ଜରୁରିକାଳୀନ ରକ୍ତର ଆବଶ୍ୟକତା ପୂରଣ କରାଯାଉଥିବା କୁହାଯାଇଛି।

## କେଏସ୍ଇ ପକ୍ଷରୁ ଇଣ୍ଡକ୍ସନ୍ କାର୍ଯ୍ୟକ୍ରମ

କେନ୍ଦୁଝର, ୧୨।୯ (ସମିସ): ଇଂ ବସନ୍ତ ଦାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ଡିମ୍ବୋସ୍ଥିତ କେନ୍ଦୁଝର ସ୍କୁଲ ଅଫ୍ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନରେ ଡିପ୍ଲୋମା ଛାତ୍ରଙ୍କ ନୂତନ ବ୍ୟାଚ ସ୍ୱାଗତ ପାଇଁ ଇଣ୍ଡକସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦାନୀ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନର ସିଇଓ ଇଂ ଜିତେନ କ୍ରିଷ୍ଣାରାମ ଦାନୀ ଏବଂ ନିର୍ଦ୍ଦେଶକ ଇଂ ସି. ଦେବ ଦାନୀ, ଫାର୍ମାସୀ କଲେଜ କେନ୍ଦୁଝରର ଅଧ୍ୟକ୍ଷ ଡ ପ୍ରଫୁଲ୍ଲ ସାହୁ, କେନ୍ଦୁଝର ନର୍ସିଂ କଲେଜର ଅଧ୍ୟକ୍ଷା ଋତୁପର୍ଣ୍ଣା ପ୍ରିୟଦର୍ଶିନୀ ଯୋଗ ଦେଇଥିଲେ ବେଳେ ଅନୁଷ୍ଠାନର ଅଧ୍ୟକ୍ଷ ଇଂ ଅରୁଣ ପ୍ରକାଶ କାନୁନ୍‌ଗୋ ସଭାପତିତ୍ୱ କରିଥିଲେ। ବିଭିନ୍ନ ବିଭାଗ ମୁଖ୍ୟଙ୍କ ସମେତ ବିଶିଷ୍ଟ ଅଧ୍ୟାପକ ଏବଂ ଅଧ୍ୟାପିକ ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରିଥିଲେ।

### ● ମା' ତାରିଣୀ କ୍ଲବ୍ ଫୁଟ୍‌ବଲ ଉଦ୍‌ଯାପିତ

## ପ୍ରତି ବ୍ଲକ୍ ଓ ପଞ୍ଚାୟତରେ ହେବ ଷ୍ଟାଡିୟମ: ଉପ ମୁଖ୍ୟମନ୍ତ୍ରୀ





କେନ୍ଦୁଝର/ଝୁମ୍ପୁରା,୧୨।୯ (ସମିସ): କେନ୍ଦୁଝରସଦରବ୍ଲକକରଞ୍ଜିଆପଡ଼ାଠାରେ ମା' ତାରିଣୀ କ୍ଲବ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟଅତିଥି ଭାବେ ଖେଳାଳିଙ୍କୁ ଉତ୍ସାହ କରିବା ସହ ଚାମ୍ପିଅନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। କ୍ଲବ ପକ୍ଷରୁ ୧୯ ବର୍ଷ ଧରି ଏହି ପ୍ରତିଯୋଗିତା ମାଧ୍ୟମରେ ପ୍ରତିଭାବାନ ଖେଳାଳିଙ୍କୁ ସୁଯୋଗ ଦିଆଯାଉଛି। ଉଦଯାପନୀ ଖେଳରେ ଉପ ମୁଖ୍ୟମନ୍ତ୍ରୀଙ୍କ ସହ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ସାଂସଦ ପ୍ରତିନିଧି ନୀଳମଣି ମହାନ୍ତ, ବିଜେପି ଜିଲ୍ଲା ଉପସଭାପତି ଗଣେଶ୍ୱର ମହାନ୍ତ, ସଦର ସଂଯୋଜକ ବିବେକାନନ୍ଦ ମହାନ୍ତ ଏବଂ ମା' ତାରିଣୀ କ୍ଲବର ସଭାପତି ବଳଭଦ୍ର ମହାନ୍ତ ମଞ୍ଚାସୀନ ଥିଲେ। ବିଜୟୀ ଦଳ ତ୍ରିଶୂଳ ଏକ୍ସଆଇ ଠାକୁରାଣୀକୁ ୧ ଲକ୍ଷ ୫୦ ହଜାର ଟଙ୍କାର ଚେକ ଏବଂ ରନର୍ସଅପ ଦଳ ବିଜୟ ଇଲେଭେନ ଝାରଖଣ୍ଡକୁ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ୪୮ଟି ଦଳ ଏହି ଖେଳରେ ଭାଗ ନେଇଥିଲେ। ମା' ତାରିଣୀ କ୍ଲବର ସମ୍ପାଦକ କେଶବଚନ୍ଦ୍ର ମହାନ୍ତ, କୋଷାଧ୍ୟକ୍ଷ ରମେଶଚନ୍ଦ୍ର ମହାନ୍ତ, ସଦସ୍ୟ ରବିନାରାୟଣ ମହାନ୍ତ, ସୁରେନ୍ଦ୍ର ମହାନ୍ତ, ନରହାରୀ ମହାନ୍ତ, ନିରାକାର ମହାନ୍ତ, ହେମନ୍ତ ମହାନ୍ତ, ସୁନୀଲ ରାଉତ ତଥା କ୍ଲବର ସମସ୍ତ ସଦସ୍ୟ ପଞ୍ଚଦିନ ଧରି ପରିଚାଳନା କରିଥିଲେ। ଏହି ଅବସରରେ ପ୍ରତି ବ୍ଲକ୍ ସଦର ମହକୁମାରେ ଉନ୍ନତ ମାନର ବହୁମୁଖୀ ଷ୍ଟାଡିୟମ ସହ ପ୍ରତି ପଞ୍ଚାୟତରେ ମିନି ଷ୍ଟାଡିୟମ ତିଆରି କରି ଅଲିମ୍ପିକ୍ ସ୍ତରର ଖେଳାଳି ସୃଷ୍ଟି ପାଇଁ ଉଦ୍ୟମ ଜାରି ରହିଥିବା ନେଇ ଉପ ମୁଖମନ୍ତ୍ରୀ ଶ୍ରୀମତୀ ପରିଡ଼ା ସରକାରଙ୍କ ଆଭିମୁଖ୍ୟ ପ୍ରକାଶ କରିଥିଲେ।

## ବ୍ଲକ୍‌ସ୍ତରୀୟ ଖୋ ଖୋ ଓ କବାଡ଼ି ପ୍ରତିଯୋଗିତା





ରାମଚନ୍ଦ୍ରପୁର,୧୨।୯ (ସମିସ): ଘସିପୁରା ବ୍ଲକ କେଶଦୁରାପାଳ ଜନମଙ୍ଗଳ ହାଇସ୍କୁଲରେ ବ୍ଲକସ୍ତରୀୟ କବାଡ଼ି ଏବଂ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରକାଶ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ। ମୁଖ୍ୟଅତିଥି ଭାବେ ବିଇଓ ସଦ୍ୟସ୍ନାତ ପଣ୍ଡା, ସମ୍ମାନିତ ଅତିଥି ଭାବେ ବ୍ଲକ କ୍ରୀଡା ସମ୍ପାଦକ ବିଜୟ କୁମାର ସାହୁ, ପୂର୍ବତନ କ୍ରୀଡ଼ା ଶିକ୍ଷକ କାର୍ତ୍ତିକ ପ୍ରସାଦ ଶତପଥୀ, ଦୁର୍ଯୋଧନ ଜେନା ଯୋଗ ଦେଇଥିଲେ। ଘସିପୁରା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ବଛାବଛା ଖେଳାଳିଙ୍କୁ ନେଇ ଏହି ପ୍ରତିଯୋଗିତା ହୋଇଥିଲା। ୪୫୦ ଖେଳାଳି ଭାଗ ନେଇଥିବା ବେଳେ ୮୮ ଜଣ ଜିଲ୍ଲାସ୍ତରୀୟ ଖେଳ ପାଇଁ ଚୟନ ହୋଇଛନ୍ତି। ଶିକ୍ଷକ ସୁରେଶ ଭୂୟାଁ, ଦେବାଶିଷ ରାଉତ, ବିଭୂଷଣ ଜେନା, ମୃର୍ମୟୀ ପାତ୍ର, ନିରଞ୍ଜନ ଚକ୍ର, ବରୋଦା ପ୍ରସନ୍ନ ଖୁଣ୍ଟିଆ, ପ୍ରଭାଶ୍ରୀ ଷଡ଼ଙ୍ଗୀ, ରାଜେଶ୍ ଘଡ଼େଇ, ସୁଚିସ୍ମିତା ରାଉତ, ଲକ୍ଷ୍ମୀପ୍ରିୟା ରାଉତ, ବିଭୂପ୍ରସାଦ ମହାନ୍ତି ସହଯୋଗ କରିଥିଲେ।

### ୧୦ ଜଣଙ୍କୁ ଭାରୀ ମୋଟରଯାନ ଲାଇସେନ୍ସ ପ୍ରଦାନ

# ଆଦିବାସୀ ଯୁବତୀ ପାଲଟିଛନ୍ତି ପ୍ରେରଣାର ଉତ୍ସ

ଯୋଡ଼ା, ୧୨।୯ (ସମିସ)





ଅନେକ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବା ସହ ସାମାଜିକ ପ୍ରତିବନ୍ଧକ ଦୂର କରିପାରିଛନ୍ତି ଯୋଡା ଅଞ୍ଚଳର ୧୦ ଜଣ ଆଦିବାସୀ ଯୁବତୀ। ପରିବାରର ସ୍ଥିତି ସୁଧାରିବାର ଦୃଢ଼ ସଂକଳ୍ପ ଓ ଅଭିଳାଷ ଯୋଗୁଁ ସେମାନେ ଆଜି ସମାଜର ଚିରାଚରିତ ଧାରାକୁ ଭାଙ୍ଗି ସଫଳତାର ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛନ୍ତି। ଟାଟା ଷ୍ଟିଲ ଫାଉଣ୍ଡେସନ ସହଯୋଗରେ ଭାରୀ ମୋଟର ଯାନ ଡ୍ରାଇଭିଂ ସାର୍ଟିଫିକେଟ ହାସଲ କରି ପରିବାରକୁ ଆର୍ଥିକ ସହାୟତା କରିବା ପାଇଁ ଆଗକୁ ଆସି ସ୍ଥାନୀୟ ଅଞ୍ଚଳର ଝିଅମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

କେନ୍ଦୁଝର ଜିଲ୍ଲାର ଗୁଆଳି ପଞ୍ଚାୟତର ଦୀପା ଲୋହାର। ଏକ ସାଧାରଣ ଆଦିବାସୀ ପରିବାରରେ ଜନ୍ମିତ ଦୀପା ମାତ୍ର ୨୩ ବର୍ଷ ବୟସରେ ଭାରୀ ମୋଟର ଯାନ ଡ୍ରାଇଭିଙ୍ଗ ଲାଇସେନ୍ସ ହାସଲ କରିଛନ୍ତି। ଏ ସମ୍ପର୍କରେ ଗୁଡାସାହିର ଦୀପା କହନ୍ତି, 'ଛଅ ଜଣିଆ ପରିବାରରେ କେବଳ ମୋ ଭଉଣୀ ରୋଜଗାର କରୁଥିଲେ। ସେଥିପାଇଁ ମୋର ପାଠପଢ଼ା ଅଧାରେ ଅଟକି ଯାଇଥିଲା। ଏହି ତାଲିମ ଯୋଗୁଁ ପରିବାରର ଆର୍ଥିକ ସ୍ଥିତି ସୁଧାରିବାରେ ମୋ ଭଉଣୀକୁ ମଧ୍ୟ ମୁଁ ସହଯୋଗ କରିବାପାଇଁ ଆଗକୁ ଆସି ପାରିଛି। ଏହି ତାଲିମ ମତେ ସଶକ୍ତ କରିଥିବାରୁ ଟିଏସ୍ଏଫ୍‌କୁ କୃତଜ୍ଞତା ଜଣାଉଛି'।

ସୁନ୍ଦରଗଡ ଜିଲ୍ଲାର ମାଳଦା ପଞ୍ଚାୟତ ଗେଡ୍ରାଗୋଡା ଗ୍ରାମର ସସ୍ମିତା ପାତ୍ର ଦ୍ୱାଦଶ ଶ୍ରେଣୀ ଯାଏଁ ପଢିଥିବା ବେଳେ ପିତାଙ୍କ ମୃତ୍ୟୁ ପରେ ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଗତି କରୁଥିଲା; କିନ୍ତୁ ଯେତେବେଳେ ତାଙ୍କୁ ଡ୍ରାଇଭିଂ ଶିଖିବାର ସୁଯୋଗ ମିଳିଥିଲା, ସେ ଏହାକୁ ହାତଛଡ଼ା କରି ନଥିଲେ। ସସ୍ମିତା କହନ୍ତି, 'ଲୋକମାନେ ପ୍ରାୟତଃ କହୁଥିଲେ ଏହା ଏକ ସମ୍ମାନଜନକ ବୃତ୍ତି ନୁହେଁ। ଆଜି ମୁଁ ଆତ୍ମବିଶ୍ୱାସୀ ଏବଂ ସ୍ୱାଧୀନ। ପରିବାର ଚଳାଇବା ପାଇଁ ମୁଁ ମୋ ମାଆଙ୍କୁ ସହଯୋଗ କରିପାରିବି'।

ବଣାଇଁସ୍ଥିତ ଅଶୋକ ଲିଲ୍ୟାଣ୍ଡ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଡ୍ରାଇଭର ଟ୍ରେନିଂ ଆଣ୍ଡ ରିସର୍ଚ୍ଚ ସୋସାଇଟିରେ ଏକ ଇଣ୍ଟେନ୍ସିଭ ଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦ୍ୱାରା ଏହି ଯୁବତୀମାନଙ୍କ ଯାତ୍ରା ଆଗକୁ ବଢ଼ିଛି। ଏକାଧିକ ସପ୍ତାହ ଧରି ୧୦ ଜଣ ମନୋନୀତ ପ୍ରାର୍ଥୀ ଏକ ପାଠ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଯୁବତୀମାନେ କେବଳ ଏକ ଜୀବିକା ଦକ୍ଷତା ଅର୍ଜନ କରୁନାହାନ୍ତି; ସେମାନେ ଚିରାଚରିତ ଧାରା ପ୍ରତି ଆହ୍ୱାନ ସୃଷ୍ଟି କରିଛନ୍ତି ଏବଂ ଅନେକଙ୍କୁ ଅନୁସରଣ କରିବାକୁ ପ୍ରେରଣା ଦେଉଛନ୍ତି। ଟାଟା ଷ୍ଟିଲ ଫାଉଣ୍ଡେସନର ଏହି ପଦକ୍ଷେପ ଆଦିବାସୀ ମହିଳାମାନଙ୍କ ପାଇଁ ଧୀରେ ଧୀରେ ଦ୍ୱାର ଖୋଲୁଛି। ୨୭ ଜଣ ଯୁବତୀଙ୍କ ଏକ ଦଳ ପ୍ରଥମେ ଲଘୁ ମୋଟର ଯାନ ଚାଳନା ପ୍ରଶିକ୍ଷଣ ନେଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ଦୀପା ଏବଂ ସସ୍ମିତାଙ୍କ ସମେତ ୧୦ ଜଣ ବର୍ତ୍ତମାନ ଏଚଏମ୍‌ଭି ଚାଳକ ଭାବରେ ଯୋଗ୍ୟତା ଅର୍ଜନ କରିଛନ୍ତି।

## ରାଜସ୍ୱ କାର୍ଯ୍ୟାଳୟରେ ଅଚଳାବସ୍ଥା; ଫେରିଗଲେ ଲୋକେ



ହାଟଡ଼ିହୀ,୧୨।୯ (ସମିସ): ହାଟଡ଼ିହୀ ତହସିଲ ଅନ୍ତର୍ଗତ ବଡ଼ରମ୍ପାସ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅନେକ ସମୟରେ ତାଲା ପଡ଼ି ବନ୍ଦ ରହୁଥିବା ନେଇ ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। କିଛି ହିତାଧିକରୀ ଶୁକ୍ରବାର ଜରୁରୀ କାମରେ ଆସି ଦୀର୍ଘ ସମୟ ଅପେକ୍ଷା ପରେ ଫେରି ଯାଇଛନ୍ତି। ଏନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସୂଚନା ଅନୁସାରେ, ଜାଗା ସୀମା ଏବଂ ଅନ୍ୟାନ୍ୟ କିଛି ପ୍ରସଂଗକୁ ନେଇ ବଡ଼ରମ୍ପାସ ସରପଞ୍ଚ ରବିନ୍ଦ୍ର ଜେନା ଓ ସେଠାରେ କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକଙ୍କ ମଧ୍ୟରେ ବଚସା ହୋଇଥିଲା। ଏନେଇ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ କହିଛନ୍ତି, କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ରହିଥିବାରୁ ବିଭିନ୍ନ କାର୍ଯ୍ୟ ପାଇଁ ଅଚଳାବସ୍ଥା ଦେଖାଦେଇଛି। ଚାଷୀ ପଞ୍ଜୀକରଣ କାର୍ଯ୍ୟ ପାଇଁ ସେ ବ୍ୟସ୍ତ ରହିଥିଲେ। ଏନେଇ ତହସିଲଦାରଙ୍କ କହିବାନୁସାରେ, ୧୦ଟି ରାଜସ୍ୱ କାର୍ଯ୍ୟାଳୟ ପାଇଁ ୧୦ଜଣ ରାଜସ୍ୱ ନିରୀକ୍ଷକ ଏବଂ ୧୦ଜଣ ସହକାରୀ ରାଜସ୍ୱ ନିରୀକ୍ଷକଙ୍କ ଜାଗାରେ ୯ଜଣ ରାଜସ୍ୱ ନିରୀକ୍ଷକ ଏବଂ ମାତ୍ର ଜଣେ ସହକାରୀ ନିରୀକ୍ଷକ ଅଛନ୍ତି। ଉପଖଣ୍ଡ ଏବଂ ଜିଲ୍ଲା ପ୍ରଶାସନକୁ ଏ ସମ୍ପର୍କରେ ଅବଗତ କରାଯାଇଛି। ଖୁବ ଶୀଘ୍ର ଏହାର ସମାଧାନ ହେବ।

## ପୂର୍ବତନ ସୈନିକଙ୍କୁ ଶ୍ରଦ୍ଧାଞ୍ଜଳି



ଆନନ୍ଦପୁର, ୧୨।୯ (ସମିସ): ଆନନ୍ଦପୁର ତଳସାହି ନିବାସୀ ତଥା ପୂର୍ବତନ ସୈନିକ ସୁବାସଚନ୍ଦ୍ର ବେହେରାଙ୍କ ଏକାଦଶାହ କ୍ରିୟାରେ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବଡଭାଇ ପୂର୍ଣଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଆନନ୍ଦପୁର ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ମୃତିଚାରଣ କରିଥିଲେ। ଆନନ୍ଦପୁର ପୂର୍ବତନ ସୈନିକ ସଂଘର ସଭାପତି ତ୍ରିଲୋଚନ ଦାଶ ଗଗନ ସିଂହ ରବୀନ୍ଦ୍ର ସାହୁ ଅଭିମନ୍ୟୁ ମହାରଣା ପ୍ରଭାକର ସାହୁ ଜଗବନ୍ଧୁ ଜେନା ବିଶ୍ୱନାଥ ମହାରଣା ତପନ ସିଂହ ହାଡିବନ୍ଧୁ ରାମ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଗୋଟିଏ ପରେ ଗୋଟିଏ କାର୍ଯ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତର

# ଗୁରୁତ୍ୱ ହରାଉଛି ତାଳଚେର; ନେତା ଚୁପ୍

ତାଳଚେର,୧୨।୯ (ସମିସ)

ଶସ୍ୟଶ୍ୟାମଳା ତାଳଚେର ଆଜି ଖଣିଖାଦାନ ପାଇଁ ଓଡ଼ିଶା ତଥା ଭାରତ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ପାଇଆସୁଛି। ଏଠାରୁ ରାଜ୍ୟ ଓ କେନ୍ଦ୍ର ସରକାର ରାଜସ୍ୱ ଆକାରରେ ଦୈନିକ ହଜାର ହଜାର କୋଟି ଟଙ୍କା ବିଭିନ୍ନ ସୂତ୍ରରୁ ଆଦାୟ କରିଥାନ୍ତି। ଏହି ଅର୍ଥରେ ଭାରତ ତଥା ଓଡ଼ିଶାର ସ୍ଥିତି ମଧ୍ୟ ବଦଳିବାରେ ଲାଗିଛି। କିନ୍ତୁ ତାଳଚେରବାସୀ ତାଙ୍କ ସମସ୍ତ ପୂର୍ବପୁରୁଷର ସମ୍ପତ୍ତି ହରାଇ ଆଜି ରାଜରାସ୍ତାରେ ସଂଘର୍ଷ କରୁଥିଲେ ମଧ୍ୟ ତାଙ୍କ କଥା ଶୁଣିବାକୁ କେହି ନାହାଁନ୍ତି। ଏଠାରେ ଖଣିଖାଦାନ, ଶିଳ୍ପ ଓ କଳକାରଖାନା ରହିଥିଲେ ମଧ୍ୟ ଏଠିକାର ଯୁବପିଢ଼ି ବେସାହାର ହୋଇ ମାନସିକ ଭାରସାମ୍ୟ ହରାଇ ନିଶାରେ ଲିପ୍ତ ରହୁଛନ୍ତି ବୋଲି କିଛି ଅଭିଭାବକ ମତବ୍ୟକ୍ତ କରି ଆସୁଥିବା ବେଳେ ଧୂଳିଧୂଆଁ ଯୋଗୁଁ ବିଭିନ୍ନ ମାରାତ୍ମକ ରୋଗରେ ଛୁଆଠାରୁ ଆରମ୍ଭକରି ବୃଦ୍ଧ ପର୍ଯ୍ୟନ୍ତ ଜର୍ଜରିତ ହେଉଥିଲେ ମଧ୍ୟ ଏଠାରେ ଉତ୍ତମ ଚିକିତ୍ସା ନ ପାଇ ବାଧହୋଇ ଦୂରଦୂରାନ୍ତରେ ରହିଥିବା ଘରୋଇ ଚିକିତ୍ସାଳୟରେ ଜମିବାଡ଼ି ବିକ୍ରିକରି ଚିକିତ୍ସିତ ହେଉଛନ୍ତି। ବର୍ତ୍ତମାନ ତାଳଚେର ପରିସ୍ଥିତି ଯାହା ଯଦି ବିଚରାକୁ ନିଆଯାଏ ତେବେ ୯୫ ପ୍ରତିଶତ ଲୋକ ନିହାତି ଭାବେ ରୋଗଗ୍ରସ୍ତ ବୋଲି କୁହାଯାଉଛି। ଆଜକୁ ୪ ଦଶନ୍ଧି ପୂର୍ବରୁ ତାଳଚେରର ଜଳବାୟୁ ଅତି ସୁନ୍ଦର ଓ ସୁସ୍ଥ ପରିବେଶ ରହିଥିଲା। ସ୍ୱାଧୀନତାର ଦୀର୍ଘ ୭୯ ବର୍ଷ ପରେ ତାଳଚେରବାସୀଙ୍କ ପାଇଁ ଉତ୍ତମ ଶିକ୍ଷା, ଗମନାଗମନ, ସୁସ୍ଥ ପରିବେଶ, ପାନୀୟଜଳ, ଆଲୋକୀକରଣ, ରାସ୍ତାଘାଟ ଇତ୍ୟାଦି ବିପର୍ଯ୍ୟନ୍ତ ଅବସ୍ଥାରେ ରହିଥିବା ଅଭିଯୋଗ ହେଉଥିଲେ ମଧ୍ୟ ଏଥିପ୍ରତି କେହି ହେଲେ ସାମାନ୍ୟତମ ଦୃଷ୍ଟି ଦେଉ ନ ଥିବା ଉଦବେଗଜନକ ବିଷୟ। ଏତିକି ନୁହେଁ ବର୍ତ୍ତମାନ ତାଳଚେର ଅଞ୍ଚଳରେ ରହିଥିବା ସରକାରୀ କାର୍ଯ୍ୟାଳୟଗୁଡ଼ିକ ମଧ୍ୟରୁ ୧୭ଟି କାର୍ଯ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତର ହୋଇଯାଇଛି। ତାଳଚେର ଅଞ୍ଚଳରୁ ଇନ୍ଦିରା ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଜେଏନଭି ତାଳଚେର ଏଫସିଆଇଠାରୁ ଅନୁଗୋଳର ଚମ୍ପତିମୁଣ୍ଡାକୁ ସ୍ଥାନାନ୍ତର ହୋଇଛି। ସେହିପରି ଭୂଅର୍ଜନ ଅଧିକାରୀ କାର୍ଯ୍ୟାଳୟ ତାଳଚେରରୁ ଅନୁଗୋଳ, ସେଲ ଟାକ୍ସ ଅଫିସ୍ ଅନୁଗୋଳ, ଲେପର୍ସି ହସ୍ପିଟାଲ ଅନୁଗୋଳ, ନର୍ସି ସ୍କୁଲ ଏନସିଏଚ ଭିତରୁ ତାଳଚେରରୁ ଅନୁଗୋଳ, ତାଳଚେର ଚାଇଁପାଳ ଗ୍ରୀଡ୍ ତାଳଚେରରୁ ଅନୁଗୋଳ ଯିବା ପରେ ଏମିତି ଅଧିକାଂଶ କାର୍ଯ୍ୟାଳୟ ଗୋଟିଏ ପରେ ଗୋଟିଏ ସ୍ଥାନାନ୍ତରିତ ହେଉଛି। ବର୍ତ୍ତମାନ ତାଳଚେରରେ ଥିବା ଡିଆଇଜି କାର୍ଯ୍ୟାଳୟ ମଧ୍ୟ ଅନୁଗୋଳ ଚାଲିଛି। ତାଳଚେର ତାଳବେଡ଼ାଠାରେ ଥିବା ଅତିରିକ୍ତ ଏସପି କାର୍ଯ୍ୟାଳୟ ବନ୍ଦହୋଇ ପଡ଼ି ରହିବା ଦୁର୍ଭାଗ୍ୟଜନକ ବିଷୟ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ତାଳଚେରକୁ ଗୁରୁତ୍ୱହୀନ କରି ଦିଆଯାଉଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଯେ ଏ ସମ୍ପର୍କରେ କେବେ ହେଲେ ଶାସକ କିମ୍ବା ବିରୋଧୀ ପକ୍ଷରୁ କୌଣସି ନେତା ସ୍ୱର ଉତ୍ତୋଳନ କରୁନାହାନ୍ତି।

## ଦୁଇଜଣଙ୍କୁ ହତ୍ୟା; ଦୋଷୀକୁ ଆଜୀବନ ଜେଲ

ଆଠମଲ୍ଲିକ,୧୨।୯ (ସମିସ): ଆଠମଲ୍ଲିକ ଉପଖଣ୍ଡ ଠାକୁରଗଡ଼ ଥାନା ରଇଡ଼ା ଗ୍ରାମରେ ୨୦୧୮ରେ ସଂଘଟିତ ଡବଲ ମର୍ଡର ମାମଲାର ବିଚାର କରି ଶୁକ୍ରବାର ଆଠମଲ୍ଲିକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ରଞ୍ଜନ କୁମାର ସୁତାର ଦୋଷୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ହେଲେ ରଇଡ଼ା ଝୁମୁକାନାଳୀ ସାହିର ରବୀନ୍ଦ୍ର ଭୋଇ (୫୦)।

ମାମଲାର ବିବରଣୀ ଅନୁଯାୟୀ, ୨୦୧୮ ଫେବୃଆରୀ ୨୮ ସନ୍ଧ୍ୟାରେ ଗ୍ରାମର ଅନାମ ପ୍ରଧାନ ଓ ତାଙ୍କ ସ୍ତ୍ରୀ ରତନୀ ପ୍ରଧାନ ରାସ୍ତାରେ ଠିଆ ହୋଇଥିବା ବେଳେ ରବୀନ୍ଦ୍ର ସେମାନଙ୍କ ଉପରକୁ ୩ ରାଉଣ୍ଡ ଗୁଳି ଚଳାଇଥିଲେ। ଫଳରେ ଘଟଣାସ୍ଥଳରେ ରତନୀଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଅବସ୍ଥାରେ ଅନାମଙ୍କୁ ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମଧ୍ୟ ମୃତ ଘୋଷଣା କରିଥିଲେ। ଏ ନେଇ ଅନାମଙ୍କ ସାନଭାଇ ଗଗନ ପ୍ରଧାନ ୨୦୧୮ ମାର୍ଚ୍ଚ ୧ ତାରିଖ ଥାନାରେ ଅଭିଯୋଗ ଥିଲେ। ପୁଲିସ ରବୀନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜଙ୍ଗଲରୁ ଶିକାର କରି ଆଣିଥିବା ଏକ ହରିଣର ମାଂସ ଭାଗବଣ୍ଟାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ କହିଥିଲା। ସମସ୍ତ ସାକ୍ଷ ପ୍ରମାଣ ଆଧାରରେ ଆଠମଲ୍ଲିକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ରବୀନ୍ଦ୍ରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ହତ୍ୟାକାଣ୍ଡ ପରଠାରୁ ରବୀନ୍ଦ୍ର ଜେଲରେ ଥିବାବେଳେ ତାଙ୍କ ପକ୍ଷରୁ ଆଇନଜୀବୀ ଘନଶ୍ୟାମ ବେହେରା ମାମଲା ପରିଚାଳନା କରୁଥିଲେ। ସେହିପରି ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅସିତ ରଞ୍ଜନ ଦେଓ ଓ ଗାୟତ୍ରୀ ଦାସ ମାମଲା ପରିଚାଳନା କରିଥିଲେ।

## ସ୍କୁଲସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଘାଟିତ



କଣିହାଁ,୧୨।୯ (ସମିସ): ସ୍ଥାନୀୟ ପିଏମଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ସ୍କୁଲସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ପ୍ରାକ୍ତନ ପ୍ରଧାନଶିକ୍ଷକ ଦାଶରଥି ଜେନା, ପ୍ରାକ୍ତନ ଶିକ୍ଷକ କୁଳମଣି ସାମଲ, ଦିଲୀପ କୁମାର ପ୍ରଧାନ, ସ୍କୁଲ ପରିଚାଳନା କମିଟି ସଭାପତି ଅଭିନ୍ନ ଚନ୍ଦ୍ର ପ୍ରଧାନ ଓ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ସିଦ୍ଧିପ୍ରସାଦ ସାହୁ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ମେଳାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ୧୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ବିଭାଗରେ ଶ୍ରୀନିବାସ ସାହୁଙ୍କ ବାଇଓ ପ୍ଲାଷ୍ଟିକ ପ୍ରସ୍ତୁତୀକରଣ, ସ୍ମିତାସ୍ମିନ ପାତ୍ର ଓ କିରଣ ସାହାଣିଙ୍କ ଦ୍ୱିଘାତ ସମୀକରଣକୁ ବର୍ଗଚିତ୍ର ମାଧ୍ୟମରେ ସମାଧାନ ଓ ବାଦଲ ମିଶ୍ରଙ୍କ ଘାସ କାଟିବା ଯନ୍ତ୍ର ପ୍ରକଳ୍ପ ଉଚ୍ଚ ପ୍ରଶଂସିତ ହୋଇଥିଲା। ସେହିପରି କନିଷ୍ଠ ବିଭାଗରେ ମୋହିତ ବାରିକ ଓ ଶ୍ରୀ ପାଣିଙ୍କ ବିନା ମାଟିରେ ଫସଲ, ଭାଗ୍ୟଶ୍ରୀ ନାଏକଙ୍କ ଶସ୍ୟ ସୁରକ୍ଷା, ଶୁଭମ, ଲକ୍ଷ୍ମଣ, ବିଦୁର ଓ ଆର୍ଯ୍ୟନଙ୍କ ଭୂମିକମ୍ପ ବେଳେ ସତର୍କ ଘଣ୍ଟି ପ୍ରକଳ୍ପ ଉଚ୍ଚ ପ୍ରଶଂସିତ ହୋଇଥିଲା। ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗରୁ ଗୋଟିଏ ଲେଖାଏଁ ପ୍ରକଳ୍ପ ବ୍ଲକସ୍ତରୀୟ ବିଜ୍ଞାନ ମେଳା ପାଇଁ ଚୟନ କରାଯାଇଛି। ଏହି ବିଜ୍ଞାନ ମେଳାରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଭୀମସେନ ସାମଲ, ଦେବାଶିଷ ହୋତା, ଜାଗାଶ୍ରୀତା ସାହୁ, ଆଦ୍ୟାଶା ଅନିନ୍ଦିତା ସାହୁ, ଜିଜ୍ଞାସୁ ଡେମନଷ୍ଟ୍ରେଟର ଶେଖରଚନ୍ଦ୍ର ନାଥ ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ଦିଗଦର୍ଶନ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଅମିତା ଦେହୁରୀ, ଯସ୍ମିନ ପ୍ରଧାନ, ପ୍ରଶାନ୍ତ କୁମାର ବେହେରା, ଗୋଦାବରୀ ଗଡ଼ନାୟକ, ବୀଣାପାଣି ସାହୁ, ସନ୍ତୋଷିନୀ ସାହୁ, ବବିସ୍ମାତା ନାୟକ ଓ ସସ୍ମିତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗଞ୍ଜେଇ ଜବତ; ମହିଳା ଗିରଫ

ପାଲଲହଡ଼ା,୧୨।୯ (ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଅବକାରୀ ଥାନା ଅନ୍ତର୍ଗତ ଖମାର ଅଞ୍ଚଳରୁ ଗଞ୍ଜେଇ କାରବାରରେ ସମ୍ପୃକ୍ତ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୨.୨ କିଲୋ ଗଞ୍ଜେଇ ଜବତ କରାଯାଇଛି। ଗିରଫ ମହିଳା ହେଲେ କୁମୁଦିନୀ ଜିତ (୬୫)। ଏ ନେଇ ଅବକାରୀ ଥାନାରେ ଏକ ମାମଲା ରୁଜୁ କରି କୁମୁଦିନୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଥାନା ଅଧିକାରୀ ନିରାକାର ଦେହୁରୀ ସୂଚନା ଦେଇଛନ୍ତି।

## ଚିତ୍ତରଞ୍ଜନଙ୍କୁ ଡ. ନିମାଇଁ ଚରଣ ପ୍ରଧାନ ସ୍ମୃତି ଶିକ୍ଷା ସମ୍ମାନ

● ଆମ ପ୍ରତିଭା ଆମ ପରିଚୟ ପକ୍ଷରୁ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ




ଅନୁଗୋଳ,୧୨।୯ (ସମିସ): ରାଜ୍ୟର ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ "ଆମ ପ୍ରତିଭା ଆମ ପରିଚୟ' ପକ୍ଷରୁ ଶିକ୍ଷାବିତ ତଥା ଆଇ ଲର୍ଣ୍ଣ ଶିକ୍ଷାନୁଷ୍ଠାନର ସତ୍ତ୍ୱାଧିକାରୀ ଚିତ୍ତରଞ୍ଜନ ପାଣିଙ୍କୁ ତାଳଚେର ଦେଉଳବେଡ଼ାସ୍ଥିତ ଡିସିଆଇ ହଲରେ ଆୟୋଜିତ ଗୁରୁପୂଜନ ଉତ୍ସବରେ ଡ. ନିମାଇଁ ଚରଣ ପ୍ରଧାନ ସ୍ମୃତି ଶିକ୍ଷା ସମ୍ମାନ ପ୍ରଦାନ କରାଯାଇଛି। ଏହି ସ୍ୱତନ୍ତ୍ର ଉତ୍ସବରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ, ତାଳଚେର ଉପଜିଲ୍ଲାପାଳ ସମିର କୁମାର ଜେନା, ଏସ୍‌ଡିପିଓ ଭରତ ସାହୁଙ୍କ ସମେତ ଅନୁଷ୍ଠାନର ସଭାପତି, କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପାଣିଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ, ଚିତ୍ତରଞ୍ଜନ ଜଣେ ଶିକ୍ଷାବିତ ତଥା ଆଇ ଲର୍ଣ୍ଣ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ତାଳଚେର ଅଞ୍ଚଳରେ ଶିକ୍ଷାର ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଉତ୍ତମ ଛାତ୍ରଛାତ୍ରୀ ତିଆରି କରି ଅଞ୍ଚଳରେ ଖୁବ୍ କମ୍ ଦିନରେ ପ୍ରସିଦ୍ଧି ଲାଭ କରିଛନ୍ତି। ତାଙ୍କୁ ଏହି ସମ୍ମାନ ମିଳିଥିବାରୁ ଅନୁଷ୍ଠାନର ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଆଇନଜୀବୀ ପେସା ସହ ଅନ୍ୟ ପେସା ଥିଲେ କାର୍ଯ୍ୟାନୁଷ୍ଠାନ

ଅନୁଗୋଳ,୧୨।୯ (ସମିସ): ବାର କାଉନସିଲର ପଞ୍ଜିକୃତ ସଦସ୍ୟମାନେ ଆଇନସେବା ବ୍ୟତୀତ ଯଦି ଅନ୍ୟ କୌଣସି ଲାଭଜନକ ବୃତ୍ତି, ଚାକିରି ବା ପେସାରେ ଥାଆନ୍ତି ତେବେ ଆଡଭୋକେଟ୍ ଆକ୍ଟ ଅନୁସାରେ ସେମାନଙ୍କୁ ତାହା ଛାଡ଼ିବାକୁ ପଡ଼ିବ। ଦୁଇଟିଯାକ ପେସା ଏଣିକି ଆଇନଜୀବୀମାନେ ରଖିପାରିବେ ନାହିଁ। ଅନ୍ୟ ପେସାକୁ ଅଧିକ ଉପଯୋଗୀ ମନେକଲେ ବାର ଲାଇସେନ୍ସକୁ ଫେରସ୍ତ କରିବାକୁ ପଡ଼ିବ। ଫେରସ୍ତ କରିବାର ଶେଷ ତାରିଖ ଅକ୍ଟୋବର ୧ ତାରିଖ ରହିଛି। ଏଥିପାଇଁ ଅନୁଗୋଳର ସମସ୍ତ ଆଇନଜୀବୀ ବାରରୁ ନିର୍ଦ୍ଧାରିତ ଫର୍ମ ଆଣି ପୂରଣ କରି ଅନ୍ୟ ପେସାରେ ଆଉ ନାହାନ୍ତି ବୋଲି ଏକ ଘୋଷଣାନାମା ଦେବାକୁ ପଡ଼ିବ। ଫର୍ମ ଦାଖଲର ଶେଷ ତାରିଖ ଅକ୍ଟୋବର ୩୦ ଧାର୍ଯ୍ୟ କରାଯାଇଛି। ଏହି ନୋଟିସକୁ ଅବମାନନା କଲେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଓଡ଼ିଶା ଷ୍ଟେଟ ବାର୍ କାଉନସିଲର ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଅନୁଗୋଳ ବାରର କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏ ନେଇ ଅନୁଗୋଳ ବାର ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

## ଉନ୍ନୟନ କାର୍ଯ୍ୟର ତାଲିକା ପ୍ରଦାନ କଲା ବିଜେପି



ତାଳଚେର,୧୨।୯ (ସମିସ): ଜିଲ୍ଲା ଖଣିଜ ପାଣ୍ଠିରୁ ତାଳଚେର ପୌରାଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ଏକ ତାଲିକା ପ୍ରସ୍ତୁତ କରି ନଗରପାଳ ଓ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଛି ବିଜେପି। ଜିଲ୍ଲାରେ ପ୍ରତିଷ୍ଠିତ ଶିଳ୍ପସଂସ୍ଥାଗୁଡ଼ିକ ଜିଲ୍ଲା ଖଣିଜ ପାଣ୍ଠିକୁ ବାର୍ଷିକ ୩ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିଥାନ୍ତି। ଉକ୍ତ ପାଣ୍ଠିରୁ ତାଳଚେର ପୌରାଞ୍ଚଳର ବିକାଶ କାର୍ଯ୍ୟ ପାଇଁ ବିଜେପି ପକ୍ଷରୁ ଏକ ସୂଚୀ ପ୍ରସ୍ତୁତ କରାଯାଇ ମିଡିଆ ସେଲ ସଂଯୋଜକ ପର୍ଶୁରାମ ବାରିକ ଓ ସାଂସଦଙ୍କ ପ୍ରତିନିଧି, ମଣ୍ଡଳ ସଭାପତି ରଜେଶ ଦଳେଇ ନଗରପାଳ ପବିତ୍ର ଭୂତିଆ ଓ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ତାଳଚେର ପୌରାଞ୍ଚଳରେ ଜଗନ୍ନାଥ ପାର୍କ, ପଶ୍ଚିମେଶ୍ୱର ମନ୍ଦିର, ଆଖଣ୍ଡଳମଣି ମନ୍ଦିର, ଟାଉନହତା, ବ୍ରାହ୍ମଣୀ ନଦୀରେ ବୋଟ ଚଳାଇବା, ଟାଉନ ମଧ୍ୟରେ ଥିବା ହତାଗୁଡ଼ିକର ପୁନଃ ବିକାଶ, ସ୍ୱେରେଜ ବ୍ୟବସ୍ଥା, ଲୋକଙ୍କୁ ସ୍ୱଚ୍ଛ ଜଳ ପ୍ରଦାନ, ବିଭିନ୍ନ ୱାର୍ଡରେ କଲ୍ୟାଣମଣ୍ଡପ ନିର୍ମାଣ, ଶ୍ମଶାନ ଘାଟ ଯିବାକୁ ରହିଥିବା ରାସ୍ତାରେ କଲଭର୍ଟ ନିର୍ମାଣ ଆଦି କାର୍ଯ୍ୟର ତାଲିକା ଦିଆଯାଇଥିବା ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଅବଗତ କରାଯାଇଛି।

## କୋଇଲା ଖଣିରୁ ଯନ୍ତ୍ରାଂଶ ଚୋରି; ୪ ଗିରଫ

ତାଳଚେର,୧୨।୯ (ସମିସ): ତାଳଚେର ଥାନା ଅନ୍ତର୍ଗତ ଲିଙ୍ଗରାଜ କୋଇଲା ଖଣି ପରୀକ୍ଷାଗାରରୁ ମୂଲ୍ୟବାନ୍ ଯନ୍ତ୍ରାଂଶ ଚୋରି ଅଭିଯୋଗରେ ପୁଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ୱାର୍ଡ ନଂ ୧୨ ରେମୁଆଁର ପପୁ ଓରଫ ଟେଙ୍ଗୁ ଓରଫ ରାଜେଶ ସାହୁ (୩୪), ସୁମନ୍ତ ସାମଲ (୩୪), ତୋଫାନ ଓରଫ ସୁନୀଲ ବରାହ (୨୮) ଓ ବାଘୁଆବୋଲର ଏମଡି ଅଫସର (୪୭)। ଲିଙ୍ଗରାଜ ଖଣି ପରୀକ୍ଷାଗାରରୁ ୧୦ଟି କ୍ରସର ମୋଟର, ଗୋଟିଏ ପଲଭରାଇଜର୍, ଗୋଟିଏ ମୋଟର, କ୍ରସର ମୋଟର ସେଟ୍, କ୍ରସର ମାଉଥ କଭର, ଗୋଟିଏ ୟୁପିଏସ୍, ଦୁଇଟି ପିଓଇ ଚୋରି ହୋଇଥିବା ନେଇ ପରୀକ୍ଷାଗାର ଦାୟିତ୍ୱରେ ଥିବା ମାଙ୍ଗିରାମ ଚୌଧୁରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଚୋରି ସାମଗ୍ରୀ ଜବତ କରାଯାଇଛି।



## ଲକ୍ଷ୍ମୀ ପୂଜାପାଇଁ ମାଟି ଅନୁକୂଳ

କିଶୋରନଗର,୧୨।୯ (ସମିସ): କିଶୋରନଗର ବ୍ଲକ କଦଳୀମୁଣ୍ଡା ଗ୍ରାମରେ ମା' ଙ୍କ ଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କମିଟି କର୍ମକର୍ତ୍ତାମାନେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ଧନଖୋଲା ଆମ୍ବତୋଟାରୁ ପୂଜାର୍ଚ୍ଚନା କରି ମାଟି ସଂଗ୍ରହ କରି ପୂଜାମଣ୍ଡପକୁ ଆଣିଥିଲେ। ଏଥିରେ କମିଟି ସମ୍ପାଦକ ନଗେନ ପ୍ରଧାନ, ଉମେଶ, ନିରଞ୍ଜନ, ଶାନ୍ତନୁ, ଚନ୍ଦନ ସ୍ୱାଇଁ ଉପସ୍ଥିତ ଥିଲେ।



## କୁଷ୍ଠ ନିରାକରଣ ଯୋଜନାରେ ଅସ୍ତ୍ରୋପଚାର




ଅନୁଗୋଳ,୧୨।୯ (ସମିସ): ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସିଡିଏମଓ ଡା. ମଦନ ମୋହନ ପ୍ରଧାନଙ୍କ ନିର୍ଦ୍ଦେଶରେ କୁଷ୍ଠ ନିରାକରଣ ଯୋଜନାରେ ୬ ଜଣ ବ୍ୟକ୍ତିଙ୍କ ଅସ୍ତ୍ରୋପଚାର କରାଯାଇଛି। ପାଞ୍ଚ ଜଣଙ୍କ ହାତ ଏବଂ ଜଣଙ୍କ ଗୋଡ଼ରେ ଅସ୍ତ୍ରୋପଚାର କରାଯାଇଛି। ଡା. ଲକ୍ଷ୍ମଣ କୁମାର କର୍ମୀ ଅସ୍ତ୍ରୋପଚାର କରିଥିଲେ। ସୁନୀଲ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଅସ୍ତ୍ରୋପଚାରରେ ସହଯୋଗ କରିଥିଲେ।

## ପୱାରଟିଲର ପୋଡ଼ି ଅଭିଯୋଗରେ ୨ ଗିରଫ

କଣିହାଁ,୧୨।୯ (ସମିସ): କଣିହାଁ ବ୍ଲକ ତଥା ରେଙ୍ଗାଳି ଥାନା ସୁସୁବା ପଞ୍ଚାୟତ ଗେଙ୍ଗୁଟିଆ ଗ୍ରାମରେ ପାୱାରଟିଲର ପୋଡ଼ି ଅଭିଯୋଗରେ ପୁଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସେହି ଗ୍ରାମର ପ୍ରଶାନ୍ତ ନାୟକ (୨୫) ଓ ଭ୍ରମର ସାହୁ (୪୦)। ପୁଲିସ ସୂଚନା ଅନୁଯାୟୀ, ଗେଙ୍ଗୁଟିଆ ଗ୍ରାମର ପ୍ରଭାତ ପ୍ରଧାନ ତାଙ୍କ ପାୱାରଟିଲରକୁ ସବୁଦିନ ପରି ଗ୍ରାମର ଯୋଗେଶ୍ୱର ପ୍ରଧାନଙ୍କ ଘର ଆଗରେ ରଖିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପ୍ରଶାନ୍ତ ଓ ଭ୍ରମର ସେଥିରେ ନିଆଁ ଲଗାଇ ଦେଇଥିଲେ। ଏ ନେଇ ପ୍ରଭାତ ଜୁଲାଇ ୨୩ ତାରିଖ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲାର ତଦନ୍ତ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଶୁକ୍ରବାର କୋର୍ଟ ଚାଲାଣ କରିଛି।

● ଶ୍ୟାମସୁନ୍ଦରପୁର ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣା

## ପୀଡ଼ିତାଙ୍କ ପରିବାରକୁ ପୂର୍ବ ଉପବାଚସ୍ପତିଙ୍କ ସମବେଦନା



ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି

ଅନୁଗୋଳ,୧୨।୯ (ସମିସ): ସେପ୍ଟେମ୍ବର ୭ ତାରିଖ ଅନୁଗୋଳ ବ୍ଲକ ବଲୁଅକଟା ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମରେ ସଂଘଟିତ ନାବାଳିକା ଦୁଷ୍କର୍ମ ଓ ହତ୍ୟାକାଣ୍ଡ ଘଟଣାରେ ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହ ଉଦବେଗ ପ୍ରକାଶ କରିଛନ୍ତି। ଶୁକ୍ରବାର ସିଂହ ୧୧ ବର୍ଷୀୟ ଏହି ପୀଡ଼ିତାଙ୍କ ଘରେ ପହଞ୍ଚି ତାଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ଏଭଳି ଅମାନୁଷିକ ତଥା ବର୍ବର ଘଟଣାକୁ ସେ ତୀବ୍ର ନିନ୍ଦା କରିଛନ୍ତି। ଏଥିସହ ସେ ଅନୁଗୋଳ ସଦର ଥାନା ଅଧିକାରୀଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରି ତଦନ୍ତର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଛନ୍ତି। ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିଂହ ଦାବି କରିଛନ୍ତି। ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବିଜେଡି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା

## ଅଭିଯୁକ୍ତ ଗିରଫ

କଣିହାଁ,୧୨।୯ (ସମିସ): କଣିହାଁ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଓ ପରେ ପ୍ରତାରଣା କରିବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୋପାଳପ୍ରସାଦ ଥାନା କୁମୁଣ୍ଡା ଗ୍ରାମର ମହେଶ ନାଏକ (୩୬)। ଏ ନେଇ ଥାନାରେ ଏକ ମାମଲା ରୁଜୁକରି ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର

# ଅନୁଗୋଳ ପୌରପାଳିକା ଦେଶରେ ତୃତୀୟ

ଅନୁଗୋଳ,୧୨।୯ (ସମିସ)




ପ୍ରଦୂଷଣ ହ୍ରାସ ପାଇଁ ଉଲ୍ଲେଖନୀୟ ପଦକ୍ଷେପ ନେଇଥିବାରୁ ସେପ୍ଟେମ୍ବର ୯ ତାରିଖ ଦିଲ୍ଲୀରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଗୋଳକୁ ଦେଶର ତୃତୀୟ ଶ୍ରେଷ୍ଠ ପୌରପାଳିକା ଭାବେ ପୁରସ୍କୃତ କରାଯାଇଛି। ଏହା ଅନୁଗୋଳବାସୀଙ୍କ ପାଇଁ ଏକ ଗୌରବମୟ ଅଧ୍ୟାୟ। ଏହି ପୁରସ୍କାର ଆମକୁ ଅଧିକ ସକ୍ରିୟ ଭାବେ କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରିବ ବୋଲି ଶୁକ୍ରବାର ପୌର କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ନଗରପାଳ ଅକ୍ଷୟ କୁମାର ସାମନ୍ତ। ଜାତୀୟ ରାଜପଥରୁ ଭାରୀଯାନ ହଟାଇ ବାଇପାସ୍‌ରେ ଚଳାଇବା, ଖରାଦିନେ ରାସ୍ତାରେ ଜଳ ସିଞ୍ଚନ, ମେକାନିକାଲ ସୁଇପିଂ ବ୍ୟବସ୍ଥା ପ୍ରଚଳନ, ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାର ଉପରେ କଟକଣା, ଚାରାରୋପଣ ଭଳି ଉତ୍ତମ ପରିବେଶ ଉପଯୋଗୀ ପଦକ୍ଷେପ ନିଆଯାଇଥିବାରୁ ଅନୁଗୋଳକୁ ଏହି ପୁରସ୍କାର ମିଳିଥିବା ନଗରପାଳ ସାମନ୍ତ ପ୍ରକାଶ କରିଛନ୍ତି।

ସାମ୍ବାଦିକ ସମ୍ମିଳନୀରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ଅନୁଗୋଳକୁ ଏକ ସୁନ୍ଦର ଓ ସମୃଦ୍ଧ ସହର ରୂପେ ଗଢ଼ିତୋଳିବା ପାଇଁ ପୌରପାଳିକା ପକ୍ଷରୁ ନିଆଯାଇଥିବା ବହୁବିଧ ପଦକ୍ଷେପ ଉପରେ ଅବତାରଣା କରିଥିଲେ। ଉନ୍ନତ ପରିବେଶ ଓ ପରିମଳ ବ୍ୟବସ୍ଥା ବଜାୟ ରଖିବା ପାଇଁ ଆଧୁନିକ ମେକାନିକାଲ ଉପକରଣର ପ୍ରୟୋଗ, ଉନ୍ନତ ଡ୍ରେନେଜ୍ ବ୍ୟବସ୍ଥା, ପୋଖରୀଗୁଡ଼ିକର ପୁନରୁଦ୍ଧାର ଆଦି କରାଯିବ ବୋଲି ବିଧାୟକ ପ୍ରଧାନ ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ଉପାଧକ୍ଷା ଅନୁପମା ସାହୁ, ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଦେଶରେ ତୃତୀୟ ଶ୍ରେଷ୍ଠ ଅର୍ବାନ ଲୋକାଲ ବଡି ଭାବେ ଅନୁଗୋଳକୁ ୧୨ ଲକ୍ଷ ୫୦ ହଜାର ଟଙ୍କା ସହ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

# ସମ୍ମାନ ଅପେକ୍ଷାରେ ଫକୀରମୋହନଙ୍କ ସମାଧି ପୀଠ 'ଶାନ୍ତିଘାଟ'

ବାଲେଶ୍ୱର,୧୨।୯ (ସମିସ)









ଓଡ଼ିଆ ଭାଷା ସାହିତ୍ୟର ବ୍ୟାସକବି ତଥା ଭାଷା ସୁରକ୍ଷା ଆନ୍ଦୋଳନର ମୁଖ୍ୟ ପୁରୋଧା ଫକୀରମୋହନ ସେନାପତିଙ୍କ ସମାଧି ପୀଠ 'ଶାନ୍ତିଘାଟ'ରୁ ଶାନ୍ତିର ବାର୍ତ୍ତା ମିଳୁନି। ଦିଶୁନି ସୌନ୍ଦର୍ଯ୍ୟ ଏବଂ ପାଚେରୀ ଭାଙ୍ଗିଗଲାଣି। ଏପରିକି କଡ଼ରେ ଅଳିଆ ଜମିବା ସହିତ ଭିତରେ ଥିବା ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ଅଳିଆ ପଡ଼ିଛି ଏବଂ ଗେଟ୍ ମୁହଁରେ ଅନାବନା ଗଛ ଉଠିଲାଣି। ହେଲେ ଏହାର ରକ୍ଷଣାବେକ୍ଷଣ ତଥା ପରିସର ସଫାସୁତୁରା ରଖିବା ପାଇଁ କେହିନାହାନ୍ତି। ଫଳରେ ଅବହେଳିତ ଅବସ୍ଥାରେ ପଡ଼ିଛି ଫକୀରମୋହନ ସେନାପତିଙ୍କ ସମାଧି ପୀଠ 'ଶାନ୍ତିଘାଟ' ବୋଲି ଅଭିଯୋଗ ହେଉଛି। ପାଚେରୀ ଫାଟିଯାଇଥିବା ବେଳେ କଡରେ ଅଳିଆ ପକାଯାଇ ପରିବେଶକୁ ଖରାପ କରିଦିଆଯାଇଛି। ଯାହାଫଳରେ ଫକୀରମୋହନଙ୍କ ପ୍ରତି ସମ୍ମାନ ନେଇ ପ୍ରଶ୍ନ ଉଠୁଛି। ସୂଚନାଯୋଗ୍ୟ, ତାରିଣୀ ଛକ ନିକଟ ଛତୁଆ ପୋଖରୀ ନିକଟରେ ରହିଛି ବ୍ୟାସକବି ଫକୀରମୋହନ ସେନାପତିଙ୍କ ସମାଧି ପୀଠ 'ଶାନ୍ତିଘାଟ'। ଏବେ ଏହା ଅବହେଳିତ ଅବସ୍ଥାରେ ପଡ଼ିଛି। ସମାଧି ପୀଠର ପାଚେରୀ ରାସ୍ତାଠୁ ତଳକୁ ହୋଇଯାଇଛି। ଫଳରେ ଅନେକ ଲୋକ ପାଚେରୀ ଡେଇଁ ଯାଉଛନ୍ତି। ଗୋଟେ କଡ଼ରେ ପାଚେରୀ ଫାଟିଗଲାଣି। ଦିନେ ଏହି ପାଚେରୀ ଗଡିଯିବାର ସମ୍ଭାବନା ମଧ୍ୟ ରହିଛି। ପ୍ରତିବର୍ଷର ସଂକ୍ରାନ୍ତିରେ ଏଠାରେ ତିଳ ତର୍ପଣ କରାଯାଇଥାଏ। ଚଳିତ ବର୍ଷ ଜୁନ୍ ୧୪ ତାରିଖ ଫକୀରମୋହନଙ୍କ ଶ୍ରାଦ୍ଧ ଦିବସରେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ସମାଧି ପୀଠର ବିକାଶ ତଥା ମରାମତି ଓ ସୌନ୍ଦର୍ଯ୍ୟକରଣ କରିଦିଆଯାଉ ବୋଲି ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଫଳରେ ସମାଧି ପୀଠ ସୁରକ୍ଷିତ ଓ ସୁନ୍ଦର ରହିବ। ଯାହାଦ୍ୱାରା ଫକୀରମୋହନଙ୍କ ସମାଧି ପୀଠ ପ୍ରତି ରାସ୍ତାରେ ଯାଉଥିବା ଲୋକମାନଙ୍କ ଭିତରେ ସମ୍ମାନ ଓ ଭକ୍ତି ଆସିବ। କୌଣସି ମହାପୁରୁଷଙ୍କ ଜନ୍ମପୀଠ ଯେତିକି ଗୁରୁତ୍ୱପୂର୍ଣ୍ଣ ତାଙ୍କ ସମାଧି ସ୍ଥଳ ସେତିକି ଗୁରୁତ୍ୱପୂର୍ଣ୍ଣ। ଯେମିତି ମହାତ୍ମା ଗାନ୍ଧୀଙ୍କ ଜନ୍ମସ୍ଥଳ ପୋରବନ୍ଦର ଯେତିକି ଗୁରୁତ୍ୱପୂର୍ଣ୍ଣ ରାଜଘାଟ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଏହାକୁ ଆଖି ଆଗରେ ରଖି ବିଗତ ଦିନରେ ତତ୍କାଳୀନ ସାଂସଦ ମନ୍ମଥ ନାଥ ଦାସ ଆଞ୍ଚଳିକ ଉନ୍ନୟନ ପାଣ୍ଠିରେ ଏହି ଛତୁଆ ପୋଖରୀ ନିକଟ ଫକୀରମୋହନ ସମାଧି ପୀଠକୁ ବିକଶିତ କରାଯାଇଥିଲା। ସେତେବେଳେ କୋଷାଧ୍ୟକ୍ଷ ପିକେ ଦତ୍ତ ଏହି କାମର ଭୂମିକା ନେଇଥିଲେ। ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ଏନେଇ କୌଣସି ବ୍ୟବସ୍ଥା ନଥିବାରୁ ପ୍ରତିବର୍ଷ ଫକୀରମୋହନଙ୍କ ଜନ୍ମଦିନ ଓ ମହାପ୍ରୟାଣ ଦିବସରେ ଶାନ୍ତିଘାଟକୁ ସଫାସୁତୁରା କରାଯାଏ। ଆମର ଏକ ଦାବି

**ଶାନ୍ତି ବାର୍ତ୍ତାଦେଉନି ଶାନ୍ତିଘାଟ, ଅବହେଳିତ ଅବସ୍ଥାରେ ପଡ଼ିଛି**
**ପାଚେରି ଭାଙ୍ଗିଲାଣି, ରକ୍ଷଣାବେକ୍ଷଣ ନାହିଁ**
**ପରିସର ପାଲଟିଲାଣି ଜଙ୍ଗଲ**
**ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ରେମୁଣା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ**

ରହିଛି ଯେ, ଯେହେତୁ ଏହା ସହର ସହିତ ଲାଗିକି ରହିଛି ଏବଂ ପୌରପାଳିକା ଅଞ୍ଚଳର ପାଖ ସ୍ଥାନ। ସେହିଦୃଷ୍ଟିରୁ ପୌରପାଳିକା ପକ୍ଷରୁ ଶାନ୍ତିଘାଟ ପାଇଁ ଜଣେ କର୍ମଚାରୀ ରହୁ, ଯିଏ ମାଳି ଏବଂ ସୁରକ୍ଷାକର୍ମୀର ଦାୟିତ୍ୱ ତୁଲାଇବ। ଯଦି ରେମୁଣା ବିଧାୟକଙ୍କ କହିବା ଅନୁସାରେ ଏଠାରେ ପ୍ରସ୍ତାବିତ ରାସ୍ତା ସମ୍ପ୍ରସାରଣ ହୁଏ, ସେହି କ୍ଷେତ୍ରରେ ପୀଠକୁ ସୁରକ୍ଷିତ କରିବା ବ୍ୟବସ୍ଥା କରାଯାଉ। ଯେଉଁଠି ପୀଠ ଅଛି ତାହାର ପାଚେରୀ ଉଚ୍ଚତା ବଢାଯାଇ ନବୀକରଣ ସହ ମୂଳ ପୀଠର ମରାମତି ଓ ସୌନ୍ଦର୍ଯ୍ୟକରଣ କରାଯାଉ। ଯାହାଫଳରେ ଲୋକେ ଏଇପଟ ଦେଇ ଯିବାବେଳେ ଫକୀରମୋହନଙ୍କ ସମାଧି ପୀଠକୁ ଦେଖି ସେମାନଙ୍କ ମନରେ ସ୍ୱତଃଭକ୍ତି ଓ ସମ୍ମାନ ଭାବ ଆସିବ। ଏହାକୁ ପୌରପାଳିକା ଶାନ୍ତିକାନନର ସମ୍ପ୍ରସାରିତ ଅଂଶ ବା ଶାନ୍ତିକାନନର ଏକ ଅଙ୍ଗ ହିସାବରେ ବିଚାର କଲେ ବିକାଶମୂଳକ କାମ କରିଲେ ସମାଧି ପୀଠ ସଫାସୁତୁରା ଓ ସୁନ୍ଦର ଦେଖାଯିବ' ବୋଲି ଫକୀରମୋହନ ସାହିତ୍ୟ ପରିଷଦ ସଭାପତି ଡକ୍ଟର ସୁବାସ ଚନ୍ଦ୍ର ପାତ୍ର ମତବ୍ୟକ୍ତ କରିଛନ୍ତି। ସେହିପରି ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ କହିଛନ୍ତି, ଏହାର ମରାମତି ପାଇଁ ଆମେ ରେମୁଣା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛୁ। ମାତ୍ର ବିଧାୟକ କହୁଥିଲେ ଯେ ଏପଟେ ରାସ୍ତା ସମ୍ପ୍ରସାରଣ ହେବ। ହୁଏତ ଫକୀରମୋହନଙ୍କ ସମାଧି ପୀଠ ଭଙ୍ଗାଯାଇପାରେ ଏବଂ ସ୍ଥାନାନ୍ତର କରାଯିବ। ଏଠାରେ ରାସ୍ତା ହେଉ ଆମର ଆପତ୍ତି ନାହିଁ। ହେଲେ ଏଥିସହିତ ବରପୁତ୍ରଙ୍କୁ ସମ୍ମାନ ବି ଦିଆଯାଉ। ତେଣୁ ବିଧାୟକ ଏନେଇ ଫକୀରମୋହନ ସାହିତ୍ୟ ପରିଷଦ ସମେତ ଅନ୍ୟ କିଛି ବ୍ୟକ୍ତି ବିଶେଷଙ୍କ ସହ ଆଲୋଚନା କରିବା ଦରକାର। ଫକୀରମୋହନଙ୍କ ସମାଧି ପୀଠ ଯେମିତି ହେବା କଥା ସେମିତି ହେଉ। ଫକୀରମୋହନଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଗଲାଣି। ତେଣୁ ପାଚେରୀ ସହିତ ପ୍ରତିମୂର୍ତ୍ତି ନିର୍ମାଣ ହେଉ। ପଛ ପଟକୁ କିଛି ସୀମା ବଢାଇ ସମାଧି ପୀଠ ସୁଦୃଶ୍ୟ କରାଯାଉ। ଏତିକି ଆମେ ଦାବି କରିଛୁ।

## 'ଭଲ କବିତାର ଖୋଜ୍' ପକ୍ଷରୁ ଭାନୁଜୀ ରାଓ ସନ୍ଧ୍ୟା

ବାଲେଶ୍ୱର,୧୨।୯ (ସମିସ): ଓଡ଼ିଆ କବିତାରେ ଥିବା ଶାସ୍ତ୍ରୀୟ ପଣକୁ ଗୁଣ୍ଡକରି ଓଡ଼ିଆ କବିତାକୁ ନୂତନ ନିର୍ମାଣରେ ଅଭିଷେକ କରିଥିବା କବି ହେଲେ କବି ଭାନୁଜୀ ରାଓ। ଗୁରୁପ୍ରସାଦ ମହାନ୍ତିଙ୍କ ସହଯାତ୍ରୀ ଭାବରେ ଭାନୁଜୀ ରାଓ କାବ୍ୟ ଯାତ୍ରା ଆରମ୍ଭ କରିଥିଲେ, ହେଁ ସେ ସେତିକି ଆଲୋଚିତ ହୋଇନଥିଲେ ଯେତିକି ହୋଇଥିଲେ ଗୁରୁପ୍ରସାଦ। ଭାନୁଜୀଙ୍କ କବିତା ସାରା ଜହ୍ନ ଅଥଚ ଗୋଟିଏ ଅନ୍ଧକାରମୟ ଅମାବାସ୍ୟାରେ ସେ ଇହଧାମ ଛାଡିଥିଲେ ବୋଲି ଗତକାଲି ସନ୍ଧ୍ୟାରେ ଏ ସି ପି ଏ ଲ୍ ସଭାଗୃହରେ କବି ଭାନୁଜୀ ରାଓଙ୍କ ଶତବାର୍ଷିକୀ ଅବସରରେ ଅନୁଷ୍ଠିତ 'ଭାନୁଜୀ ରାଓ ସନ୍ଧ୍ୟା' କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ବିଶିଷ୍ଟ ଆଲୋଚକ ତଥା କବି ଡ. ଦିଲୀପ କୁମାର ସ୍ୱାଇଁ ମତବ୍ୟକ୍ତ କରିଛନ୍ତି। 'ଭଲ କବିତାର ଖୋଜ୍'ର ଆବାହକ କବି କୃଷ୍ଣ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଡକ୍ଟର ସ୍ୱାଇଁ ଆହୁରି କହିଲେ ଯେ, ଭାନୁଜୀ ରାଓଙ୍କ 'ବିଷାଦ ଏକ ରତୁ'ରେ ରହିଛି ଏକ ନାରୀଜ ବିଷାଦ। ପ୍ରଚଣ୍ଡ ନିଃସଙ୍ଗତାର ସିଂହାସନରେ ବସିଥିବା ଭାନୁଜୀ ରାଓ ଥିଲେ ବିଷାଦବୋଧର ଜଣେ ରୋମାଣ୍ଟିକ କବି। ତାଙ୍କର ଶତବାର୍ଷିକୀ ସମ୍ପର୍କରେ ସମଗ୍ର ଓଡ଼ିଶା ନିରବ ଥିବା ବେଳେ ଏ ବିଷାଦଯୋଗକୁ ଭାଙ୍ଗି 'ଭଲ କବିତାର ଖୋଜ୍' ବାଲେଶ୍ୱରରେ ଯେଉଁ ନୂତନ ପ୍ରସ୍ଥ ଯୋଡିଲେ ତାହା ଏବେ ନଈ ପରି ଓଡିଶାକୁ ପ୍ରବାହିତ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ପ୍ରାରମ୍ଭରେ 'ଭଲ କବିତା ଖୋଜ୍'ର ସଚିବ କବି ଉତ୍ପଳ ମହାନ୍ତି ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ଆବାହକ ବରିଷ୍ଠ କବି ଶ୍ରୀଦେବ 'ଭଲ କବିତାର ଖୋଜ୍'ର ଆଭିମୁଖ୍ୟ କହିବା ସହିତ ଭାନୁଜୀ ରାଓଙ୍କ ଏକ କବିତା ପାଠ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସାରସ୍ୱତ କାବ୍ୟ ସନ୍ଧ୍ୟାରେ ଅନ୍ୟମାନଙ୍କ ମଧ୍ୟରେ କବି ଓ ଆଲୋଚକ ଡ. ହରିଶ୍ଚନ୍ଦ୍ର ବେହେରା, ସୁଲେଖକ ଡ. ସୁବାସ ଚନ୍ଦ୍ର ପାତ୍ର, ବ୍ୟଙ୍ଗସ୍ରଷ୍ଟା ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସମାଲୋଚକ ଓ କବି ଡ. ସନ୍ତୋଷ କୁମାର ନାୟକ ପ୍ରମୁଖ ବିଭିନ୍ନ ଦୃଷ୍ଟିକୋଣରୁ ଭାନୁଜୀ



**ଓଡ଼ିଆ କବିତାର ଶାସ୍ତ୍ରୀୟତାକୁ ଭାଙ୍ଗି ନୂତନ କବିତା ନିର୍ମାଣ କରିଥିଲେ କବି ଭାନୁଜୀ ରାଓ**

ରାଓଙ୍କ କବିତା ସମ୍ପର୍କରେ ଆଲୋଚନା କରିବା ସହିତ ଭାନୁଜୀ ରାଓ କିପରି ତାଙ୍କ କବିତାରେ ଗୋଟିଏ ସହଜ ଶବ୍ଦକୁ ଅସାଧାରଣ କରି ପାରିଥିଲେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ଭାନୁଜୀ ରାଓଙ୍କ ଭିନ୍ନ ଭିନ୍ନ କବିତାକୁ ନିଜ ନିଜ ପସନ୍ଦରେ ଆବୃତ୍ତି କରିଥିଲେ କବି ଓ ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ, କବି ସିତାଂଶୁ ଲେଙ୍କା, କବି ରଞ୍ଜନ ବାଗ, କବି ଶୁଭେନ୍ଦୁ ଦାସ, କବି ସୁନୀଲ ମିଶ୍ର, କବି ଶୁଭଶ୍ରୀ ଦାଶ, ସଞ୍ଜୟ ପଣ୍ଡା, ମଧୁସୂଦନ ମିଶ୍ର, ରାଜେଶ ଗିରି ଓ ଅଧ୍ୟାପକ ଡକ୍ଟର ପ୍ରଭାତ ସାହୁ। ଅବସରରେ 'ଭଲ କବିତାର ଖୋଜ୍' ପକ୍ଷରୁ ଅତିଥି ଡକ୍ଟର ସ୍ୱାଇଁଙ୍କୁ ସମ୍ମାନିତ କରିଥିଲେ କବି ଶ୍ରୀଦେବ। ଶେଷରେ କବି ଉତ୍ପଳ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ଥାପନ ହେଲା ଉଚ୍ଚ କ୍ଷମତାସମ୍ପନ୍ନ ଟ୍ରାନ୍ସଫର୍ମର



ବାଲେଶ୍ୱର,୧୨।୯ (ସମିସ): ଏଣିକି ବିଦ୍ୟୁତ୍ ସମସ୍ୟାରୁ ଉପଭୋକ୍ତାଙ୍କୁ ମିଳିବ ମୁକ୍ତି। ଗୁଣାତ୍ମକ ଓ ନିର୍ଭରଯୋଗ୍ୟ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ପାଇଁ ଟାଟା ପାୱାର ଏବଂ ଓଡିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପିନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏନଓଡିଏଲ) ପକ୍ଷରୁ ଉଚ୍ଚକ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି। ଟିପିଏନଓଡିଏଲ ପକ୍ଷରୁ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଲୋକଙ୍କ ଆବଶ୍ୟକତାକୁ ଭିତ୍ତି କରି ଉଚ୍ଚ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି। କେନ୍ଦୁଝର ଜିଲ୍ଲା ହାଟଡିହି ଶାଳଣିଆ ବଜାରରେ ଥିବା ୬୩ କେଭିଏ ବିଦ୍ୟୁତ ଟ୍ରାନ୍ସଫର୍ମରକୁ ୧୦୦ କେଭିରେ ପରିବର୍ତ୍ତନ କରାଯାଇଥିବାବେଳେ ଯୋଡ଼ା ବ୍ଲକର ପଦମପୁର ମେଡିକାଲକୁ ସଂଯୋଗ ହୋଇଥିବା ବିଦ୍ୟୁତ ଟ୍ରାନ୍ସଫର୍ମରକୁ ୧୦୦ କେଭିରେ ପରିବର୍ତ୍ତନ କରାଯାଇଛି। ଅନୁରୂପ ଭାବେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଡିଭିଜନ ଅନ୍ତର୍ଗତ ଦେହୁର୍ଦା ସେକ୍ସନର ଚକସଡାରେ ବିଦ୍ୟୁତ ଟ୍ରାନ୍ସଫର୍ମର କ୍ଷମତାକୁ ୨୫୦ କେଭିକୁ ବୃଦ୍ଧି କରାଯାଇଥିବାବେଳେ ଚନ୍ଦନେଶ୍ୱରରେ ୬୩ କେଭି ବିଦ୍ୟୁତ ଟ୍ରାନ୍ସଫର୍ମର କ୍ଷମତାକୁ ୧୦୦ କେଭିକୁ ବୃଦ୍ଧି କରାଯାଇଛି। ସେହିପରି ବାଲେଶ୍ୱର ଜିଲ୍ଲା ସୁତେଇ ବଡଗାଁରେ ବିଦ୍ୟୁତ ଟ୍ରାନ୍ସଫର୍ମର କ୍ଷମତାକୁ ୨୫୦ କେଭିକୁ ବୃଦ୍ଧି, ଭଦ୍ରକ ଜିଲ୍ଲା ତହସିଲ ସେକ୍ସନରେ ଦୁଇଟି ୧୦୦କେଭିଏ ବିଦ୍ୟୁତ ଟ୍ରାନ୍ସଫର୍ମରକୁ ୨୫୦ କେଭିରେ ପରିବର୍ତ୍ତନ ଓ ଯାଜପୁର ଜିଲ୍ଲା ପାଣିକୋଇଲି ସେକ୍ସନ ବାଗରିଆ ଗାଁରେ ଥିବା ୧୦୦ କେଭିଏ ବିଦ୍ୟୁତ ଟ୍ରାନ୍ସଫର୍ମରକୁ ୨୫୦ କେଭିରେ ପରିବର୍ତ୍ତନ କରାଯାଇଛି। ଏଣିକି ଏହି ଟ୍ରାନ୍ସଫର୍ମରଗୁଡ଼ିକ ଅଧିକ କ୍ଷମତାସମ୍ପନ୍ନ ହେବା ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ଲୋ-ଭୋଲ୍ଟେଜ ସମସ୍ୟା ଦୂର କରିବାରେ ସକ୍ଷମ ହେବ। ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ସମସ୍ୟା ମଧ୍ୟ ଦୂର ହେବ। ଖାଲି ସେତିକି ନୁହଁ, ସୁରକ୍ଷାକୁ ଦୃଷ୍ଟିରେ ରଖି ଟିପିଏନଓଡିଏଲ ପକ୍ଷରୁ ପୂର୍ବରୁ ଥିବା ପୁରୁଣା ବାଡ଼କୁ ପରିବର୍ତ୍ତନ କରାଯାଇ ନୂତନ ପାଚେରୀ ନିର୍ମାଣ କରାଯାଇଛି। ଅନେକ ଅଞ୍ଚଳରେ ଟ୍ରାନ୍ସଫର୍ମରଗୁଡ଼ିକୁ ଯାଞ୍ଚ କରାଯିବା ସହ ଆବଶ୍ୟକୀୟ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଦ୍ୟୁତ ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ସେବା ଯୋଗାଇବା ପାଇଁ ଟିପିଏନଓଡିଏଲ ସର୍ବଦା ପ୍ରୟାସରତ ଥିବାବେଳେ ବିଗତ କିଛି ଦିନ ମଧ୍ୟରେ ଭିତ୍ତିଭୂମିଗୁଡିକରେ ଅନେକ ପରିବର୍ତ୍ତନ କରାଯାଇଛି। ଟିପିଏନଓଡିଏଲ ପକ୍ଷରୁ ବିଦ୍ୟୁତ ସେବା ବିତରଣ ଜିଲ୍ଲାଗୁଡିକରେ ଉପଭୋକ୍ତାଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରୁଛି।

# ଦୁର୍ନୀତି ଧରାପଡ଼ିବା ପରେ ଉଠାହେଲା ପେଭରବ୍ଲକ୍



**କଂକ୍ରିଟ ପରେ ପୁଣି ବିଛାଯିବ**

ବାଲେଶ୍ୱର,୧୨।୯ (ସମିସ): ବାଲେଶ୍ୱର ପୌରପାଳିକା ଅଧୀନ ୫ ନମ୍ବର ୱାର୍ଡର ମାନସିଂ ବଜାର ମଛୁଆସାହି ମସଜିଦ ନିକଟସ୍ଥ ଦେବଗୋସ୍ୱାମୀ ଗଳିରେ ରାସ୍ତା କାମରେ ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାଶ ପରେ ଏବେ ଆକଳନ ଅନୁଯାୟୀ କାମ ଆରମ୍ଭ କରାଯାଇଛି। ରାସ୍ତାକୁ କଂକ୍ରିଟ କରାଯାଇ ପେଭରବ୍ଲକ୍ ବିଛାଇବାର ଆକଳନ ରହିଥିବା ବେଳେ ଠିକାଦାର ଜଣକ ତଞ୍ଚକତା କରି କଂକ୍ରିଟ ନକରି ଖାଲି ପେଭରବ୍ଲକ ବିଛାଇ ନିଜର କାମସାରିଦେଇଥିଲେ। ଅଭିଯୋଗ ପାଇ କାଉନସିଲର ମିତା ପଟ୍ଟନାୟକ ତନାଘନା କରିବା ପରେ ସତ ସାମନାକୁ ଆସିଥିଲା। ଗତକାଲି ଏନେଇ କାଉନସିଲର ଶ୍ରୀମତୀ ପଟ୍ଟନାୟକ ପୌରପାଳିକାର ଏମ୍ଇ ଏବଂ ଜେଇଙ୍କୁ ଡାକି ଉକ୍ତ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ପେଭରବ୍ଲକ୍ ଉଠାଇ କଂକ୍ରିଟ କରାଯିବା ପରେ ପୁଣି ପେଭରବ୍ଲକ ବିଛାଯିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ଆଜି କାଉନସିଲର ଶ୍ରୀମତୀ ପଟ୍ଟନାୟକଙ୍କ ଉପସ୍ଥିତରେ ପେଭର ରାସ୍ତା ଖୋଳା ଯାଇଥିଲା।

# ଦିଲ୍ଲୀରେ ପରେଡ୍ ପାଇଁ ଛାତ୍ରଛାତ୍ରୀଙ୍କ ଚୟନ ଶିବିର




ବାଲେଶ୍ୱର,୧୨।୯ (ସମିସ): ଭାରତର ଗୌରବମୟ ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀର ରାଜପଥରେ ପରେଡ କରିବା ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟ ଏନଏସଏସ ବିଭାଗ ଦ୍ୱାରା ଏକ ବିଶେଷ ଚୟନ ଶିବିର ଆୟୋଜନ କରାଯାଇଛି। ଏଥିରେ ଯୋଗ୍ୟ ଓ ପ୍ରତିଭାଶାଳୀ ଛାତ୍ରଛାତ୍ରୀଙ୍କୁ ବାଛିନେବା ପ୍ରକ୍ରିୟା ଆରମ୍ଭ ହୋଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଚୟନ ପ୍ରକ୍ରିୟାରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପିଇଓ ସଂଗ୍ରାମ ବିଶୋଇ ଓ ସେନା ବିଭାଗର ଅବସରପ୍ରାପ୍ତ କର୍ମଚାରୀ ହରିହର ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଶାରୀରିକ କ୍ଷମତା ପରୀକ୍ଷା କରାଯାଇ ଓ ତାଲିମ ଦିଆଯାଇଥିଲା। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେବା ପାଇଁ ବିଶେଷ ପ୍ରତିଯୋଗିତା ମାଧ୍ୟମରେ ପ୍ରତିଭା ପରୀକ୍ଷା କରାଯାଇଥିଲା। ସୂଚନାଯୋଗ୍ୟ, ବିଶ୍ୱବିଦ୍ୟାଳୟସ୍ତରରୁ ଆରମ୍ଭ ହୋଇ, ଜୋନାଲ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତା କରାଯିବ। ଶ୍ରେଷ୍ଠ ଛାତ୍ରଛାତ୍ରୀ ଶେଷରେ ଜାତୀୟସ୍ତରରେ ପହଞ୍ଚି ଜାନୁଆରୀ ୨୬ ତାରିଖ ପରେଡରେ ଯୋଗଦେବାର ଅବସର ପାଇବେ। ଏହି ଅବସରରେ ଏନଏସଏସ ପ୍ରୋଗ୍ରାମ ଅଫିସର ଡ. ପ୍ରତିମା ପ୍ରଧାନ, ସଂଯୋଜକ ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟ ଓ ବାଲେଶ୍ୱର ଜିଲ୍ଲା ଏନଏସଏସ ଡିପିଓ ଗୌରାଙ୍ଗ ପଣ୍ଡା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଉତ୍ସାହଜନକ ଉଦ୍‌ବୋଧନ ଦେଇଥିଲେ। ଏହିପ୍ରକାର କାର୍ଯ୍ୟକ୍ରମ କେବଳ ଚୟନ ପ୍ରକ୍ରିୟା ନୁହେଁ, ଏହା ଛାତ୍ରଛାତ୍ରୀଙ୍କ ପାଇଁ ଏକ ସ୍ୱପ୍ନ, ଏକ ପ୍ରେରଣା, ଏକ ଗର୍ବର ଯାତ୍ରା ବୋଲି ମହାବିଦ୍ୟାଳୟର ଏନଏସଏସ ପ୍ରୋଗ୍ରାମ ଅଫିସରମାନେ ମତପ୍ରକାଶ କରିଥିଲେ।

# ସଚେତନତା କାର୍ଯ୍ୟକ୍ରମ ଓ କୁଇଜ୍ ପ୍ରତିଯୋଗିତା




ବାଲେଶ୍ୱର,୧୨।୯ (ସମିସ): କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟରେ କୁଇଜ୍ ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ରାଜ୍ୟ ଦିବ୍ୟାଙ୍ଗ ଆୟୁକ୍ତ ବ୍ରତତି ହରିଚନ୍ଦନ, ପୂର୍ବତନ ସହକାରୀ ନିର୍ଦ୍ଦେଶକ ରାମକୃଷ୍ଣ ଶର୍ମା, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ହେମନ୍ତ କୁମାର ଘଡେଇ, ଦିବ୍ୟାଙ୍ଗ ଆୟୁକ୍ତଙ୍କ ଅନୁଶାସନ ସଚିବ ପୂର୍ଣ୍ଣଚନ୍ଦ୍ର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା କୁନ୍ତଳା କୁମାରୀ ସାବତଙ୍କ ତୈଳଚିତ୍ର ନିକଟରେ ଧୂପଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଝାନସି ରାଣୀ ଜେନା ଅଧ୍ୟକ୍ଷତା କରିଥିବା ବେଳେ ଗୃହ ବିଜ୍ଞାନୀ ଅଧ୍ୟାପିକା ପାଣ୍ଡେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷା ନିର୍ଦ୍ଦେଶକ ହେମନ୍ତ କୁମାର ଘଡେଇ ଦିବ୍ୟାଙ୍ଗ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ଏଥିରେ ରାଜ୍ୟ ଦିବ୍ୟାଙ୍ଗ ଆୟୁକ୍ତ ବ୍ରତତି ହରିଚନ୍ଦନ ଦିବ୍ୟାଙ୍ଗମାନଙ୍କ ଅଧିକାର, ଶିକ୍ଷା, ସୁରକ୍ଷା, ସରକାରର ବିଭିନ୍ନ ଯୋଜନାରେ ସହାୟତା ମାଧ୍ୟମରେ ସେମାନଙ୍କୁ ସ୍ୱାବଲମ୍ବୀ କରିବା ସରକାରଙ୍କ ଏକ ଅଭିନବ ପ୍ରୟାସ ବୋଲି ପ୍ରକାଶ କରିଥିଲେ। ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଆଭିମୁଖ୍ୟ ଏବଂ ଦିବ୍ୟାଙ୍ଗଙ୍କ ଉଦ୍ଦେଶ୍ୟରେ ସରକାରଙ୍କ ବିଭିନ୍ନ ଆଇନ ଓ ସଚେତନତା ସମ୍ପର୍କରେ ପୂର୍ବତନ ସହକାରୀ ନିର୍ଦ୍ଦେଶକ ରାମକୃଷ୍ଣ ଶର୍ମା କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଦିବ୍ୟାଙ୍ଗମାନଙ୍କ ବିଭିନ୍ନ କ୍ଷେତ୍ରରେ ଭିନ୍ନକ୍ଷମ ଲକ୍ଷଣ ଆକାରପ୍ରକାର, ଦିବ୍ୟାଙ୍ଗଙ୍କୁ ସମ୍ମାନ ପ୍ରଦର୍ଶନ, ସରକାରଙ୍କ ଯୋଜନା, ସହାୟତା ଓ ସମ୍ବେଦନଶୀଳତା ସହିତ ଦିବ୍ୟାଙ୍ଗ ଆଇନ ୨୦୧୬ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରାଯାଇଥିଲା। ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ଦିବ୍ୟାଙ୍ଗ ଆଇନ-୨୦୧୬ ସମ୍ପର୍କରେ ଆଲୋଚନା**

# ମିଳିତ ନିଶା ନିବାରଣ ଅଭିଯାନର ବୈଠକ



ବାଲେଶ୍ୱର,୧୨।୯ (ସମିସ): ମିଳିତ ନିଶା ନିବାରଣ ଅଭିଯାନ (ମନା)ର ବୈଠକ ସଭାପତି ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦିକା ମମତା ମହାପାତ୍ର ଗତ ମାସିକ ବୈଠକର ବିବରଣୀ ପାଠ କରିଥିଲେ ଏବଂ ତାହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଛି। ଉକ୍ତ ବୈଠକରେ ଆଗାମୀ ଦିନରେ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉପଦେଷ୍ଟା ସୁବ୍ରତ କର, ଡ. କ୍ଷିତୀଶ୍ୱର ଦାଶ, ଗୀତାଞ୍ଜଳି ସିଂହ, ପ୍ରଫୁଲ୍ଲ କୁମାର ଦାସ, ଅକ୍ଷୟ କୁମାର ତ୍ରିପାଠୀ, ସୀତାରାମ ପ୍ରଧାନ, ଯୋଗେଶ ପ୍ରଧାନ, ପ୍ରଭାକର ସାହୁ (ଖ), ଶଚୀନ୍ଦ୍ର ଦାସ, ରବିନାରାୟଣ ଭୋଳ, ରମେଶ ଜେନା, ସନାତନ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ତ୍ରିଦିବ ନାୟକ ଧନ୍ୟବାଦ ଦେଇଥିଲେ।

# ଜିଲ୍ଲା ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ବାଲେଶ୍ୱର,୧୨।୯ (ସମିସ)




ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ଓ ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନର ମିଳିତ ଆୟୋଜନରେ ସ୍ଥାନୀୟ ଖ୍ରୀଷ୍ଟିଆନ ହାଇସ୍କୁଲ୍ ଖେଳ ପଡ଼ିଆରେ ଜିଲ୍ଲା ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଡ. ବସନ୍ତ କୁମାର ନାୟକ ସ୍ୱାଗତ ଭାଷଣ ଏବଂ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଚନ୍ଦ୍ରକାନ୍ତ ଘଡ଼ାଇ କ୍ରୀଡ଼ା ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣିମା ଦାଶ ଓ ଖ୍ରୀଷ୍ଟିଆନ ହାଇସ୍କୁଲର ପ୍ରଧାନଶିକ୍ଷକ ନାରାୟଣ ପୃଷ୍ଟି ଯୋଗଦେଇଥିଲେ। ମଣିନାଗେଶ୍ୱର ହାଇସ୍କୁଲର ପ୍ରଧାନଶିକ୍ଷକ ଗୋପାଳଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ରତିକାନ୍ତ ବେହେରା ସଂଯୋଜନା କରିଥିଲେ। ଖ୍ରୀଷ୍ଟିଆନ ହାଇସ୍କୁଲର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ୧୭ ଓ ୧୪ ବର୍ଷରୁ କମ୍ ବାଳକ ତଥା ବାଳିକା ବିଭାଗରେ ଫୁଟବଲ୍, କବାଡ଼ି, ଖୋଖୋ, ରଗବୀ ଫୁଟବଲ୍, ବେଡମିଣ୍ଟନ୍, ଚେସ, ହକି ଓ ଯୋଗ ପ୍ରତିଯୋଗିତା ପାଇଁ ୧୨ଟି ବ୍ଲକରୁ ୧୪୫୨ଜଣ ପ୍ରତିଯୋଗୀ, କ୍ରୀଡ଼ା ପରିଚାଳକ ଓ କ୍ରୀଡ଼ା ଶିକ୍ଷକ ଏହି ପ୍ରତିଯୋଗିତାରେ ଯୋଗଦେଇଛନ୍ତି। ଜିଲ୍ଲାସ୍ତରରେ ଉନ୍ନତ କ୍ରୀଡ଼ା ପ୍ରଦର୍ଶନକୁ ନେଇ ପ୍ରାୟ ୩୫୦ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହେବେ। ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି।

**୧୪୫୨ଜଣ ପ୍ରତିଯୋଗୀ, କ୍ରୀଡ଼ା ପରିଚାଳକ ଓ କ୍ରୀଡ଼ାଶିକ୍ଷକଙ୍କ ଯୋଗଦାନ**

ବିଛାଖଣ୍ଡି ପାହାଡ଼ରେ ଦିନରାତି ବେଆଇନ ବ୍ଲାଷ୍ଟିଂ

# ବିନା ଟ୍ରାଞ୍ଜିଷ୍ଟ ପାସ୍‌ରେ କଳାପଥର ଚୋରାଚାଲାଣ

କଳାଟବନ୍ଧ, ୧୨।୯ (ସମିସ)

ରାଜ୍ୟରେ ହଇଚଇ ସୃଷ୍ଟି କରିଥିବା ବହୁ ଚର୍ଚ୍ଚିତ ବିଛାଖଣ୍ଡି ପାହାଡ଼ରୁ କଳାପଥର ଲୁଟ୍ ପ୍ରକ୍ରିୟା ଏବେ ଯଥା ପୂର୍ବ ତଥା ପର ନିୟମରେ ଚାଲିଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ରେଖିଦେଇପୁର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟଅଧୀନରେ ରହିଥିବା ଏହି ବିଛାଖଣ୍ଡି କଳାପଥର ଖାଦାନରୁ କୋଟି କୋଟି ଟଙ୍କାର କଳାପଥର ଲୁଟ ଅପେକ୍ଷାକୃତ ବୃଦ୍ଧି ପାଉଛି। ଏହି ଲୁଟର ମାଷ୍ଟର ମାଇଣ୍ଡ ସାଜିଛନ୍ତି ଖୋଦ ଲିଜ୍‌ଧାରୀ। କଳାପଥର ଲୁଟ ପାଇଁ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛି ସରକାରୀ ଲିଜ୍। ନାମକୁ ମାତ୍ର ଲିଜ୍ ଦେଇ ସରକାର ହାତ ଟେକି ଦେଇ କୋଟି କୋଟି ଟଙ୍କାର ରାଜସ୍ୱ ହାନି କରୁଥିବା ବେଳେ ବେଆଇନ ଭାବେ କୋଟି କୋଟି ଟଙ୍କାର ଫାଇଦା ନେଉଛନ୍ତି ଲିଜଧାରୀ। କଳାପଥର ଉତ୍ତୋଳନ ପାଇଁ ଲିଜଧାରୀ ସମସ୍ତ ସରକାରୀ ନିୟମ କାନୁନ ଏବଂ କାଗଜପତ୍ର ଅନୁଯାୟୀ ଅନୁମତି ପାଇଥିବା ପରିମାଣର ପଥର ଉତ୍ତୋଳନ କରିବା ପାଇଁ ଚୁକ୍ତିନାମା ହୋଇଥିବା ବେଳେ କୌଣସି ନିଜ କାଗଜପତ୍ର ତଥା କୌଣସି ଟ୍ରାଞ୍ଜିଷ୍ଟ ପାସ୍ ବ୍ୟବହାର ନ କରି ଦୈନିକ ଶହ ଶହ ଟ୍ରିପ୍ ମୂଲ୍ୟବାନ



କଳାପଥର ଚୋରି କରୁଛନ୍ତି। ଦିନରାତି ବେଧଡ଼କ ଲୁଟ ହେଉଥିଲେ ମଧ ପ୍ରଶାସନ ପକ୍ଷରୁ ଏହାକୁ ରୋକିବା ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ଚୋରାପଥର ମାଫିଆମାନେ ସେମାନଙ୍କ କାୟାବିସ୍ତାର କରି ଚାଲିଛନ୍ତି। ଅନ୍ୟ ପକ୍ଷରେ ବେଆଇନ ପଥର ବ୍ଲାଷ୍ଟିଂ ଯୋଗୁଁ ପରିବେଶ ପ୍ରଦୂଷଣ ହୋଇ ପାହାଡ଼ ସଂଲଗ୍ନ ଅଞ୍ଚଳବାସୀ ରୋଗ ଯନ୍ତ୍ରଣାରେ ଛଟପଟ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ପଥର ବ୍ଲାଷ୍ଟିଂରେ ବ୍ୟବହାର ହେଉଥିବା ଆମୋନିୟମ ନାଇଟ୍ରେଟ୍, ଡିନାମାଇଟ୍, ବ୍ଲାକ ପାଉଡର, ଡେଟୋନେଟର ଆଦି ମାରାତ୍ମକ ଉଚ୍ଚକ୍ଷମତା ସମ୍ପନ୍ନ କେମିକାଲ ମାନବ ସ୍ୱାସ୍ଥ୍ୟ ପାଇଁ ଦୀର୍ଘକାଳୀନ ବିପଦ ସୃଷ୍ଟି କରୁଛି। ଜଳଉତ୍ସଗୁଡ଼ିକ ଏତେ ମାତ୍ରାରେ ପ୍ରଦୂଷଣ ହୋଇଛି ଯେ ଏବେ ଉକ୍ତ ଅଞ୍ଚଳରେ ବହୁ ସଂଖ୍ୟକ କିଡ୍‌ନୀ ରୋଗୀ ଦେଖାଦେଲେଣି।

ଦୈନିକ କୋଟି କୋଟି ଟଙ୍କାର କଳାପଥର ଲୁଟ୍ ହେବା ଯୋଗୁଁ ସରକାର ବ୍ୟାପକ ପରିମାଣର ରାଜସ୍ୱ ହରାଉଛନ୍ତି। ଅନ୍ୟ ପକ୍ଷରେ ଏହି ଲୁଟ ଟଙ୍କା ସିଧାସଳଖ ଲିଜ ନାମରେ ଲୁଟ କରୁଥିବା ମାଫିଆଙ୍କ ପକେଟକୁ ଯାଉଛି। ଏହି କଳାପଥର ଲୁଟ ପଛରେ ପ୍ରଶାସନିକ ସ୍ତରରେ ଅଘୋଷିତ ମେଣ୍ଟ ହୋଇଥିବା ମଧ ବିଶେଷ ସୂତ୍ରରୁ ଖବର ମିଳିଛି।

ଧର୍ମଶାଳା ତହସିଲ ଅଧୀନରେ ଥିବା କଳାପଥର ଖାଦାନ ଗୁଡ଼ିକ ମଧ୍ୟରୁ ବିଛାଖଣ୍ଡି ଅଞ୍ଚଳରେ କଳାପଥର ଚୋରି ସବୁଠୁ ଆଗରେ ରହିଛି। ପଥର ମାଫିଆମାନେ ଲିଜ ଆଳରେ ଏହାକୁ ଲୁଟ କରି କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ମାତ୍ର ପ୍ରଶାସନ ନିଦା ବିଷ୍ଣୁ ସାଜିଛି। ଲଘୁ ଖଣିଜ ସମ୍ପଦ ଲୁଟ୍ କୁ ରୋକିବା ପାଇଁ ଉପ ଜିଲ୍ଲାପାଳ, ଖଣି ଉପ ନିର୍ଦ୍ଦେଶକ, ଖଣି ଅଧିକାରୀ, ତହସିଲଦାର, ଥାନା ଅଧିକାରୀ, ବନ ବିଭାଗ ଅଧିକାରୀ, ସମେତ ଅନ୍ୟାନ୍ୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ନେଇ ଗଠନ ହୋଇଥିବା ଟାସ୍କଫୋର୍ସ ଏବେ ଶ୍ରାଦ୍ଧ ପାଇସାରିଛି। ନାମକୁ ମାତ୍ର ଏହି ସବ୍‌ଡିଭିଜନାଲ କମିଟି। ଲଘୁ ଖଣିଜ ସମ୍ପଦ ଚୋରିକୁ ରୋକିବା ପରିବର୍ତ୍ତେ ଚୋରି ପାଇଁ ଏହି କମିଟି ଏକ ପ୍ରକାର ପ୍ରୋତ୍ସାହିତ କରୁଥିବା ଅନୁଭବ ହେଉଛି।

## ସ୍ୱାମୀ ବିବେକାନନ୍ଦ ବକ୍ତୃତାମାଳା




ଧର୍ମଶାଳା, ୧୨।୯ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଉତ୍ତର ପ୍ରତାପ ପଞ୍ଚାୟତ ନରସିଂହପୁରସ୍ଥିତ ଶ୍ରୀବର୍ଦ୍ଧମାନଜୀଉ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଆଜି ରାଷ୍ଟ୍ରୀୟ ସେବା ଯୋଜନା ଓ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଆନୁକୂଲ୍ୟରେ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ସୁଜାତା ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ବକ୍ତୃତାମାଳା କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ପାତ୍ର ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଡ. ସନ୍ତୋଷ କୁମାର ମହାପାତ୍ର ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଚିକାଗୋ ଅଭିଭାଷଣ ଓ ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ଯୋଗଦେଇ ବିବେକାନନ୍ଦ ଲୋକ ସଂସଦର କାର୍ଯ୍ୟାବଳୀ ଓ ସ୍ୱାମୀଜୀଙ୍କ ଜୀବନଶୈଳୀ ଚିନ୍ତନ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଗିରିଧାରୀ ପଣ୍ଡା, ସୁରେଶ ଚନ୍ଦ୍ର ଲେଙ୍କା, ଗୌରାଙ୍ଗ ମିଶ୍ର, ଅଧ୍ୟାପିକା ପ୍ରମିଳା ଦାସ, ମନ୍ଦାକିନୀ ରାଉତ, ଅଣଶିକ୍ଷକ କର୍ମଚାରୀ ପ୍ରଶାନ୍ତ କୁମାର ପଣ୍ଡା, ହେମନ୍ତ କୁମାର ଦାସ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ। ଅଧ୍ୟାପିକା ମନ୍ଦାକିନୀ ରାଉତ ଧନ୍ୟବାଦ ଦେଇଥିଲେ।

## ଚୋରା ବାଣର ପେଣ୍ଠସ୍ଥଳ ମଣିତାପୁର

ବିଞ୍ଝାରପୁର, ୧୨।୯ (ସମିସ): ପାଖେଇ ଆସିଛି ପାର୍ବଣ ଋତୁ। ପାର୍ବଣ ଋତୁରେ ଦୀପାବଳି ଏକ ମୁଖ୍ୟ ପର୍ବ ଭାବରେ ପାଳନ କରାଯାଇଥାଏ। ଦୀପାବଳି ବାଣ ଫୁଟା ଏକ ପରମ୍ପରା ରହିଛି। ଏହି ଦୃଷ୍ଟି କୋଣରୁ ହାନୀକାରକ ବାଣକୁ ନ ଫୁଟାଇବା ପାଇଁ ସରକାର ବାରଣ କରିବା ସହ ମଧ ମାର୍ଗଦର୍ଶିତା ଜାରି କରିଥାନ୍ତି। କିନ୍ତୁ ବଡ଼ କଥା ହେଲା କିଛି ଅସାଧୁ ବ୍ୟବସାୟୀ ବେଆଇନ୍ ଭାବରେ ବାଣ ପ୍ରସ୍ତୁତ କରନ୍ତି ଏବଂ ଚଢ଼ା ଦରରେ ମଧ ବିକ୍ରି କରିଥାନ୍ତି। ଯାହାର ନିଚ୍ଛକ ଚିତ୍ରପଟ ଅଳକୁଣ୍ଡ ଥାନା ଅନ୍ତର୍ଗତ ମଣିତାପୁର ଗ୍ରାମରେ ଦେଖିବାକୁ ପ୍ରତି ବର୍ଷ ମିଳିଥାଏ। ଗତ ବର୍ଷ ସତେ ଯେମିତି ବାଣ ବ୍ୟବସାୟୀ ବାଣ ବିକ୍ରିର ଏକ ଲମ୍ବା ହାଟ ବସାଇଥିଲେ। ଚଳିତ ବର୍ଷ ମଧ ବାଣ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଛନ୍ତି। ବେଆଇନ୍ ଭାବରେ ବାଣ ତିଆରି କରିବା ସହ ଜନ ସାଧାରଣକୁ ଭଲ ବାଣ ଗ୍ୟାରେଣ୍ଟି ବାଣ କହି ବିକ୍ରି କରନ୍ତି। ବିନା ଲାଇସେନ୍ସରେ ଚୋରା ବ୍ୟବସାୟୀମାନେ ଲକ୍ଷାଧିକ ଟଙ୍କାର ବାଣ ବ୍ୟବସାୟ କରିବା ସହ ନିରିହ ଜନ ସାଧାରଣଙ୍କୁ ମଧ ଠକିଥାନ୍ତି। ୨୦ରୁ ଊର୍ଦ୍ଧ୍ୱ ଘର ବାଣ ବ୍ୟବସାୟୀରେ ଲିପ୍ତ ରୁହନ୍ତି। ଏହା ସହ ତାଙ୍କର ପରିବାରର କୁନି କୁନି ପିଲାମାନଙ୍କୁ ମଧ ଉକ୍ତ କାର୍ଯ୍ୟରେ ନିୟୋଜିତ କରିଥାନ୍ତି। ଅଳକୁଣ୍ଡ ପୁଲିସ ପ୍ରଶାସନ ଏହି ବେଆଇନ୍ ବାଣ ତିଆରି କରୁଥିବା ଲୋକ ମାନଙ୍କ ଉପରେ ଉପଯୁକ୍ତ ପଦକ୍ଷପ ଗ୍ରହଣ କରିବାକୁ ଦାବି ହେଉଛି।

## ଭାଗବତ ଜନ୍ମୋତ୍ସବ ଉଦ୍‌ଯାପିତ

ଧର୍ମଶାଳା, ୧୨।୯ (ସମିସ): ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ବାଲିଗରି ଗ୍ରାମର ରାଧା ଗୋପିନାଥଜୀଉଙ୍କ ପୀଠରେ ଭାଗବତ ଜନ୍ମୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ୭ଦିନ ବ୍ୟାପୀ ଚାଲିଥିବା ଉତ୍ସବରେ ଭାଗବତ ପାରାୟଣ, ପୂଜାର୍ଚ୍ଚନା, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ



କରାଯାଇଥିଲା। ପ୍ରତ୍ୟେହ ପୂଜକ ଦେବେନ୍ଦ୍ର କୁମାର କର ଓ ତାଙ୍କ ସାଥିମାନେ ଯଥୋବିଧି ପୂଜାର୍ଚ୍ଚନା କରିବା ସହ ସନ୍ଥ ବଳରାମ ଦାସଙ୍କ ପବିତ୍ର ଭାଗବତ ଗ୍ରନ୍ଥକୁ ଜନ୍ମ ଉତ୍ସବରେ ପାଠ କରାଯାଇଥିଲା। ସନ୍ଧ୍ୟାରେ ଭଜନ ସଂଧ୍ୟା ଓ ଶେଷ ୩ ରାତି ଗାୟିକା ଶ୍ରଦ୍ଧାଞ୍ଜଳି ବଳବନ୍ତରାୟ ଓ ସାଥୀମାନଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗ୍ରାମର କୁଳମଣି ପରିଡ଼ା, ପ୍ରମୋଦ କୁମାର ରାଉତ, ସୁଦେବ ପରିଡ଼ା, ଭାଗବତ ପରିଡ଼ା, ବିଚିତ୍ରାନନ୍ଦ ଦାସ, ଚନ୍ଦ୍ରମଣି ପରିଡ଼ା, ଘନଶ୍ୟାମ ପରିଡ଼ା, ଚିତ୍ତରଞ୍ଜନ ପ୍ରଧାନ, ଅର୍ଜୁନ ପରିଡ଼ା, ପ୍ରଭାତ କୁମାର ରାଉତ, ବଳରାମ ଦାସ, ଭରିଚରଣ ରଥ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନାରେ ସହାୟତା କରିଥିଲେ।

## ବରିଷ୍ଠ ନାଗରିକ ସଂଘର ବନ୍ଧୁମିଳନ

ସୁକିନ୍ଦା, ୧୨।୯ (ସମିସ): ବରିଷ୍ଠ ନାଗରିକ ସଂଘ, ସୁକିନ୍ଦା, ଦାନଗଦି, କଳିଙ୍ଗନଗରର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଡୁବୁରୀ ସ୍ଥିତ ସରାଂଶ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କଳାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଗଠନ ସମ୍ପାଦକ ପ୍ରହଲ୍ଲାଦ ରାଉତ ସ୍ୱାଗତ ଭାଷଣ ରଖିଥିଲେ। ବୈଠକରେ ଉପସ୍ଥିତ ଥିବା ୬୦ରୁ ଊର୍ଦ୍ଧ୍ୱ ସଭ୍ୟ ବିଭିନ୍ନ



ପ୍ରସଙ୍ଗରେ ମତ ରଖିଥିଲେ। କପିଳେଶ୍ୱର ବରିଷ୍ଠ ନାଗରିକ ମଞ୍ଚର ସଭାପତି ସୁରେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ରିଲୋଚନ ଧଳ, ଜୟଦେବ ବେଜ, ବ୍ରହ୍ମାନନ୍ଦ ସାହୁ, ସାଧାରଣ ସମ୍ପାଦକ ଶିଶିର କୁମାର ଚୌଧୁରୀ, କାର୍ଯ୍ୟକାରି ସଭାପତି ପଞ୍ଚାନନ ବଳ, ଅକ୍ଷୟ କୁମାର ବେହେରା, ଡା. ଯୁଗଳ କିଶୋର ହୋତା, କୁଳମଣି ଦତ୍ତ, ରଙ୍ଗାଧର ଆଚାର୍ଯ୍ୟ, ନୀଳମାଧବ ନାୟକ, ଦୁର୍ଯ୍ୟୋଧନ ନାୟକଙ୍କ ସହିତ ଅନେକ ସଭ୍ୟ ଉପସ୍ଥିତ ଥିଲେ। ବ୍ରହ୍ମାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବରୀ ପଞ୍ଚାୟତ ସମିତିର ସାଧାରଣ ବୈଠକ

ବରୀ, ୧୨।୯ (ସମିସ): ଆଜି ବରୀ ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତିର ଚତୁର୍ଥ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ଅଶୋକ କୁମାର ଗେଡ଼ିଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ବିଡିଓ ଅସିତ୍ କୁମାର ମହାନ୍ତି, ଏବିଡିଓ ମହେଶ୍ୱର ସେଠୀ, ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ କୁମାର ସାମଲ, ଦିଲ୍ଲିପ କୁମାର ମହାନ୍ତି ଏବଂ ସମିତିସଭ୍ୟମାନେ ଉପସ୍ଥିତ




ଥିଲେ। ବ୍ଲକ ପ୍ରଶାସନ ଉନ୍ନୟନ କାର୍ଯ୍ୟରେ ସମସ୍ତ ଜନପ୍ରତିନିଧି ଏବଂ ସାଧାରଣ ଲୋକଙ୍କ ସହିତ ସୁସମ୍ପର୍କ ରଖି କାର୍ଯ୍ୟ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ସେହିପରି ସଧାରଣ ନିର୍ବାଚନର ୧୮ ମାସ ଭିତରେ ବରୀ ବ୍ଲକରେ ପାଳିତ ହେଉଥିବା ସମସ୍ତ ସରକାରୀ କାର୍ଯ୍ୟରେ ନିମନ୍ତ୍ରିତ ହେଉଥିବା ଯାଜପୁର ସାଂସଦ ରବିନାରାୟଣ ବେହେରା ଅନୁପସ୍ଥିତ ରହୁଥିବା ବେଳେ ଆଜି ମଧ ପଞ୍ଚାୟତ ସମିତିର ଚତୁର୍ଥ ସଧାରଣ ବୈଠକରେ ଅନୁପସ୍ଥିତ ରହିଥିଲେ। ତେବେ ଏ ନେଇ ଯାଜପୁର ସାଂସଦଙ୍କ କୌଣସି ପ୍ରତିକ୍ରିୟା ମିଳି ପାରି ନାହିଁ।

## ବିଦ୍ୟାଳୟ ସାମ୍ନାରେ ଧାରଣା ଦେଲେ ଅଭିଭାବକ

ମଙ୍ଗଳପୁର, ୧୨।୯ (ସମିସ): ଦଶରଥପୁର ବ୍ଲକ ମଙ୍ଗଳପୁର ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନାଁରେ ମାଳମାଳ ଅଭିଯୋଗ। ସେହି ବିଦ୍ୟାଳୟର ଜଣେ ଶିକ୍ଷୟତ୍ରୀଙ୍କୁ ବିଭିନ୍ନ ହଇରାଣ



ହରକତ କରିବା ସହିତ ବିଭିନ୍ନ ସମୟରେ ଅଶ୍ଳୀଳ ଇଙ୍ଗିତ କରିବା ଭଳି ସଂଗୀନ ଅଭିଯୋଗ ସହିତ ପ୍ରଧାନ ଶିକ୍ଷକଙ୍କ ନାମରେ ଗଛକଟା, ମଧ୍ୟାହ୍ନ ଭୋଜନ ଅର୍ଥ ହେରଫେର, ବିଦ୍ୟାଳୟ ମୁଖ୍ୟ ଫାଟକ ୧୦ ଘଟିକାରୁ ଅପରାହ୍ନ ୨ଘଟିକା ଯାଏ ଅଭିଭାବକମାନଙ୍କ ପାଇଁ ବନ୍ଦ ରଖିବା ଭଳି ବିଭିନ୍ନ ଅଭିଯୋଗ ଆସିଥିଲା ବେଳେ ଅଭିଭାବକ ଓ ପରିଚାଳନା କମିଟି ପକ୍ଷରୁ ପ୍ରଧାନ ଶିକ୍ଷକଙ୍କ ବଦଳି ପାଇଁ ଦାବି ଜୋର ଧରିଥିଲା। ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକମାନେ ଯାଜପୁର ଜିଲ୍ଲା ଶିକ୍ଷା ଅଧିକାରୀ ଓ ଯାଜପୁର ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ। ଏଥିରେ କୌଣସି ସୁଫଳ ନପାଇବାରୁ ବାଧ ହୋଇ ଆଜି ବିଦ୍ୟାଳୟ ପରିଚାଳନା କମିଟି, ପଞ୍ଚସଖା ଶିକ୍ଷା ସେତୁ, ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ ପ୍ରଧାନ ଶିକ୍ଷକଙ୍କ ବଦଳି ଓ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରି ଅନଶନରେ ବସିଥିଲେ। ଆଇନ ଅନୁସାରେ ଅନଶନ କରିନଥିବା କାରଣରୁ ମଙ୍ଗଳପୁର ପୁଲିସ ଅନଶନକାରୀଙ୍କୁ ଗେଟ୍ ସମ୍ମୁଖରୁ ଉଠେଇ ଦେଇଥିଲେ। ତେବେ ଯଦି ସାତ ଦିନ ମଧ୍ୟରେ ପ୍ରଧାନ ଶିକ୍ଷକଙ୍କ ଅନ୍ୟତ୍ର ବଦଳି ନହୁଏ ତେବେ ଆନ୍ଦୋଳନ ତୀବ୍ରତାର ହେବ ବୋଲି କହିଛନ୍ତି ଅନଶନକାରୀ।

## ସମାଜସେବୀ ନିରଞ୍ଜନ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି

ଧର୍ମଶାଳା, ୧୨।୯ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ କୋଠପୁର ଗ୍ରାମର ବିଶିଷ୍ଟ ସମାଜସେବୀ ନିରଞ୍ଜନ ସାହୁଙ୍କ ଏକାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଯାଜପୁର ଜିଲ୍ଲା ପୂଜ୍ୟପୂଜା ପରିଷଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ତଥା ପୂଜ୍ୟପୂଜା ପରିଷଦର ଆବାହକ ଅଭିମନ୍ୟୁ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ଅର୍ଥସେବା ଆୟୋଗ ବିଭାଗର ଅବସରପ୍ରାପ୍ତ ଉପଆୟୁକ୍ତ ସହଦେବ ସାହୁ, ମୁଖ୍ୟବକ୍ତା ଭାବେ ଡ. ରାଜକିଶୋର ପାଢ଼ୀ ଓ ସମ୍ମାନିତ ଅତିଥି ଭାବେ ବାଣିଜ୍ୟକର ଉପଆୟୁକ୍ତ



ସ୍ୱର୍ଣ୍ଣପ୍ରଭା ସାହୁ, ସମାଜସେବୀ ସନ୍ତୋଷ କୁମାର ଜେନା, ରାଜ୍ୟ ବିଜେପି ପ୍ରବକ୍ତା ପବିତ୍ର ମୋହନ ଦାଶ, ଡାକ୍ତର ପୂର୍ଣ୍ଣଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଅଧ୍ୟକ୍ଷ କିଶୋର ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ସେହିପରି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିର୍ମଳ ଚନ୍ଦ୍ର ରାୟ, ପଣ୍ଡିତ ଘନଶ୍ୟାମ ଦାଶ, ଆଇନଜୀବୀ ଶ୍ୟାମପ୍ରସାଦ ଦାଶ, ଡାକ୍ତର ଜ୍ୟୋତି ପ୍ରକାଶ ସାହୁ, ସାମ୍ବାଦିକ ଏକାଦଶୀ ସେଠୀ, ମାନସ ଚମ୍ପତିରାୟ, ମମତା ସାହୁ, ସୋମନାଥ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତି ଚାରଣ କରିଥିଲେ। ତାଙ୍କ ପୁଅ ରଣଜିତ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

## ଗ୍ରାମ ପ୍ରଧାନଙ୍କ ସନ୍ଦେହ ଜନକ ମୃତ୍ୟୁ

ସୁକିନ୍ଦା, ୧୨।୯ (ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ କାଳିଆପାଣି ଗ୍ରାମ ମୂରବୀ (ପ୍ରଧାନ) ରାଜ କିଶୋର ପ୍ରଧାନ(୫୫)ଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ମୁତାବକ କାଳିଆପାଣି ଦେହୁରୀ ସାହି ରାଜକିଶୋର ପ୍ରଧାନ ସୁକିନ୍ଦା ରାଜାଙ୍କ ୧୨ ପ୍ରଧାନଙ୍କ ମଧ୍ୟରୁ ଜଣେ ଥିଲେ। ଏବେକାର ଗାଁ ମୁଖିଆ ମଧ ଥିଲେ। ଶୁକ୍ରବାର ସକାଳ ସମୟରେ ରାଜକିଶୋରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇଯିବାରୁ ପରିବାର ଲୋକେ ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ କାଳିଆପାଣି ପୁଲିସକୁ ସୂଚନା ଦେଇଥିଲେ। ଏସ୍‌ଆଇ ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ନଦୀକୁ ଗାଧୋଇବାକୁ ଯାଇ ବୃଦ୍ଧା ନିଖୋଜ

ବରୀ, ୧୨।୯ (ସମିସ): ବରୀ ବ୍ଲକ ମହାକାଳପଡ଼ା ପଞ୍ଚାୟତ ନିଳାପଦା ଗ୍ରାମର ତିଲୋତ୍ତମା ସିଂ (୭୬) ବିରୂପା ନଦୀକୁ ଦିନ ୧୧ଟା ବେଳେ ଗାଧୋଇବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ବରୀ ଅଗ୍ନିଶମ ବାହିନୀର ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ ମଧ ତାଙ୍କ ପତ୍ତା ମିଳିପାରି ନାହିଁ। ବିଗତ ଦିନରେ ଏହି ନଦୀରେ ଜଣେ ମହିଳାଙ୍କୁ କୁମ୍ଭୀର ଟାଣି ନେଇ ସର୍ବସମ୍ମୁଖରେ ବୁଡାଇ ମାରିଦେବା ଘଟଣା ଚର୍ଚ୍ଚା ଘେରକୁ ଆସିବା ସହ ବରୀ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଫଳରେ ସେହି ଲୋକମାନେ ଭୟଭୀତ ହୋଇ ନଦୀକୁ ଯାଉ ନଥିଲେ। କିନ୍ତୁ ଆଜି ବୃଦ୍ଧାଜଣଙ୍କ ଏକୁଟିଆ ଯାଇ ନିଖୋଜ ହେବା ଘଟଣା ଲୋକଙ୍କ ମନରେ ଆଶଙ୍କା ସୃଷ୍ଟି କରୁଛି। ଖବର ପାଇ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି, ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ, ଜିଲା ପରିଷଦ ସଭ୍ୟ ସନ୍ତୋଷ ସାମଲ, ଅଶୋକ କୁମାର ସାମଲ, ସ୍ଥାନୀୟ ସରପଞ୍ଚ ପ୍ରଜ୍ଞା ପରାମିତା ପରିଡ଼ା ଓ ସମିତି ସଭ୍ୟ ବିଭୁ ପ୍ରସାଦ ରାଉତ ପ୍ରମୁଖ ପହଞ୍ଚିଛନ୍ତି। ସ୍ଥାନୀୟ ଲୋକମାନଙ୍କ ଆଲୋଚନା ଅନୁଯାୟୀ ପାରିବାରିକ କଳହ କାରଣରୁ ବୃଦ୍ଧା ଜଣକ ନଦିକୁ ଡେଇଁ ଆତ୍ମହତ୍ୟା କରିଥାଇପାରନ୍ତି। ସନ୍ଧ୍ୟା ସୁଦ୍ଧା ମୃତଦେହ ଉଦ୍ଧାର ହୋଇପାରି ନାହିଁ।

## ଯାଜପୁରରେ ସଂଗଠନ ସୃଜନ ଅଭିଯାନ

ଯାଜପୁର, ୧୨।୯ (ସମିସ): ଯାଜପୁର ଜିଲ୍ଲା କଂଗ୍ରେସର ସଭାପତି ଚୟନ ପାଇଁ ସଂଗଠନ ସୃଜନ ଅଭିଯାନ ଯାଜପୁର ବ୍ଲକ ଓ ଯାଜପୁର ପୌରପାଳିକାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଂଯୋଜକ ମନୋଜ ରାଉତଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯାଜପୁର ପୌରପାଳିକା କଂଗ୍ରେସର ସଭାପତି ନାରାୟଣ ଚନ୍ଦ୍ର ସାମନ୍ତ ପର୍ଯ୍ୟବେକ୍ଷକଙ୍କୁ ସ୍ୱାଗତ କରିଥିଲେ। ଏହି ସୃଜନ ଅଭିଯାନ କାର୍ଯ୍ୟକ୍ରମରେ ଏଆଇସିସିର ପର୍ଯ୍ୟବେକ୍ଷକ ଚାରୁଲତା ଟୋକାସ୍, ଓଡ଼ିଶାର ସୃଜନ ଅଭିଯାନର ଉପାଧ୍ୟକ୍ଷ ସୁଧାଂଶୁଶେଖର ଦେଓ ଏବଂ ପିସିସିର ପର୍ଯ୍ୟବେକ୍ଷକ ଯଶୋବନ୍ତ ସିଂ ଲାଗୁରୀ, ନେତ୍ରୀ ବନ୍ଦିତା ପରିଡ଼ା, ପୂର୍ବତନ ସାଂସଦ ଅଞ୍ଚଳ ଦାସ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଷ୍ଣୁ ରାଉତ, ବିଜୟ ଦ୍ୱିବେଦୀ, ଆରତି ଦେଓ, ଦିଗମ୍ବର କର, ଭାଗୀରଥି ପତି, ଦୁର୍ଯ୍ୟୋଧନ ବେହେରା, ଦିଲ୍ଲୀପ ଦାସ, ରାଜୀବ ମହାପାତ୍ର, ବିଳାସ ରାଉତ ପ୍ରମୁଖ ଯୋଗଦେଇଥିଲେ। ଯାଜପୁର ବ୍ଲକ ସଭାପତି ଗଦାଧର ଦାସ ସମସ୍ତ ପର୍ଯ୍ୟବେକ୍ଷକ ଏବଂ ଉପସ୍ଥିତ କର୍ମୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

## ରାଜ୍ୟ ଜୁନିଅର ରଗ୍‌ବୀ ପାଇଁ ଖେଳାଳି ଚୟନ

ଦଶରଥପୁର, ୧୨।୯ (ସମିସ): ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏସନ୍ ଦ୍ୱାରା କଳିଙ୍ଗ ଷ୍ଟାଡିୟମ୍ ଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟ ଜୁନିଅର୍ ୧୫ ବର୍ଷରୁ କମ୍ ରଗ୍‌ବୀ ଫୁଟବଲ୍ ଚାମ୍ପିଅନସିପରେ ଭାଗ ନେବା ପାଇଁ ଯାଜପୁର ଜିଲ୍ଲାରୁ ଖେଳାଳି ମନୋନୟନ କରାଯାଇଛି। ସ୍ଥାନୀୟ ଦଶରଥପୁର ମଠ ନିକଟସ୍ଥ ଦିଲ୍ଲୀପ ତିର୍କୀ ସ୍ପୋର୍ଟସ କମ୍ପ୍ଲେକ୍ସରେ ଅନୁଷ୍ଠିତ ମନୋନୟନ ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୩୫ ଜଣ ଖେଳାଳି ଯୋଗ ଦେଇଥିଲେ। ଶିବିରରେ ଯୋଗ ଦେଇଥିବା ଖେଳାଳିଙ୍କ ମଧ୍ୟରୁ ୧୨ ଜଣ ଖେଳାଳି ଚୟନ ହୋଇଛନ୍ତି। ଚୟନ ହୋଇଥିବା ଖେଳାଳିମାନେ ହେଲେ ପ୍ରିୟାଂଶୁ ପ୍ରିୟଦର୍ଶିନୀ ଜେନା, ସତ୍ୟଜିତ ବେହେରା, ଦିବ୍ୟପ୍ରତାପ ଜେନା, ଶୁଭମ୍ ସାହୁ, ମେଘଦତ୍ତ ରାଉତ,



ଅଙ୍କିତ କୁମାର ଦାସ୍, ଓମ୍ ପ୍ରକାଶ ସାହୁ, ବିଶାଲ ଜେନା, ଅଭିଜିତ ଜେନା, ଅନନ୍ତ ଜେନା, ଅତୁନ କୁମାର୍ ମଲ୍ଲିକ, ବିବେକ ଚୌଧୁରୀ। ଉକ୍ତ ଚୟନ କାର୍ଯ୍ୟକ୍ରମରେ କୋଚ୍ ଅଜୟ କୁମାର୍ ପ୍ରଧାନ, ମ୍ୟାନେଜର କମ୍ପନାଥ ବେହେରା ଜିଲ୍ଲା ଆସୋସିଏସନ୍‌ର ସଭାପତି ନାରାୟଣ ଚନ୍ଦ୍ର ସାହୁ ଓ ସମ୍ପାଦକ ଭରତ ସାହୁ ଉପସ୍ଥିତ ଥିବାବେଳେ ସେମାନେ ଚୟନ ହୋଇଥିବା ସମସ୍ତ ଖେଳାଳୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ‘ବେଟି ବଚାଓ ବେଟି ପଢ଼ାଓ’ ବୈଠକ

ଯାଜପୁର, ୧୨।୯ (ସମିସ)

ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ‘ବେଟି ବଚାଓ ବେଟି ପଢ଼ାଓ’ ସମ୍ପର୍କୀୟ ଜିଲ୍ଲାସ୍ତରୀୟ ଏକାଭିମୁଖୀ ବୈଠକ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କନ୍ୟାଶିଶୁଙ୍କୁ ସୁରକ୍ଷା ଦେବା, ସେମାନଙ୍କୁ ଶିକ୍ଷାରେ ଆଗକୁ ନେବା ଏବଂ ସେମାନଙ୍କୁ ସ୍ୱାଧୀନ କରିବା ପାଇଁ ସମାଜରେ ସମସ୍ତଙ୍କ ଦାୟିତ୍ୱ। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଯୋଗଦେଇ କନ୍ୟା ସନ୍ତାନଙ୍କ ସୁରକ୍ଷା, କନ୍ୟାଭ୍ରୂଣ ହତ୍ୟା ରୋକିବା ନିମନ୍ତେ ପିସି ପିଏନଡିଟି ଆକ୍ଟ ଉପରେ ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ଜିଲ୍ଲା ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ




ବିଭାଗ) ଡ.ଗୋପାଳ ଚନ୍ଦ୍ର ମଲ୍ଲିକ ୨୦୧୧ ଜନଗଣନା ଓଡ଼ିଶାର ତଥ୍ୟ ଅନୁଯାୟୀ ସମ୍ପୂର୍ଣ୍ଣ ବିବରଣୀ ଆଲୋଚନା କରିଥିଲେ। ଯାଜପୁର ଜିଲ୍ଲାରେ କନ୍ୟା ସନ୍ତାନମାନଙ୍କ ସଂଖ୍ୟା ପ୍ରତି ୧୦୦୦ରେ ୯୧୧ ଥିବାବେଳେ କନ୍ଧମାଳ ଜିଲ୍ଲାରେ ସର୍ବାଧିକ ହିସାବରେ ଏହି ଅନୁପାତ ପ୍ରତି ୧୦୦୦ରେ ୯୮୫ ରହିଛି। ସେହିପରି ଓଡ଼ିଶାରେ ପ୍ରତି ୧୦୦୦ରେ ମହିଳାଙ୍କ ସଂଖ୍ୟା ୯୪୦ ରହିଛି; ଯାହାକି ଭାରତର ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶା ଭଲ ପ୍ରଦର୍ଶନ କରୁଛି ବୋଲି କହିଥିଲେ। ଉକ୍ତ ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରଭାତୀ ସାହୁ ପ୍ରାରମ୍ଭରେ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ। ଉକ୍ତ ବୈଠକରେ ବିଶେଷତଃ କନ୍ୟାଶିଶୁଙ୍କ ଶିକ୍ଷା, ସୁରକ୍ଷା, ସଶକ୍ତୀକରଣ ସହିତ ସମାଜରେ ଲିଙ୍ଗ ସମାନତା ସୁନିଶ୍ଚିତ କରିବା, କନ୍ୟା ଜନ୍ମ ପ୍ରତି ସକାରାତ୍ମକ ଦୃଷ୍ଟିଭଙ୍ଗୀ ଗଢି ତୋଳିବା ଓ ବିଭିନ୍ନ ସରକାରୀ ଯୋଜନା ସମ୍ପ୍ରସାରଣରେ ଗୁରୁତ୍ୱ ଦିଆଯାଇଥିଲା। ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗର ଦେବାଶିଷ ପ୍ରଧାନ, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀ ରିସୋର୍ସ ପର୍ସନ ଭାବେ ଯୋଗଦେଇଥିଲେ। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ମହିଳା ଓ ଶିଶୁକଲ୍ୟାଣ ବିଭାଗର ସିଡିପିଓ, ସୁପରଭାଇଜର ଚିକିତ୍ସା ଅଧିକାରୀ, ସମାଜସେବୀ ସଂଗଠନ ପ୍ରତିନିଧି, ଶିକ୍ଷାବିଭାଗର ର କର୍ମକର୍ତ୍ତା ମାନେ ଯୋଗଦେଇଥିଲେ।



# ସିଟି କଟକ

## ସିଏମ୍‌ସିର ୩୫ତମ କାଉନ୍‌ସିଲ ବୈଠକ

# ବିଜୁ ଭବନରେ ଖଣ୍ଡଯୁଦ୍ଧ: ଅଧାରୁ ବୈଠକ ବନ୍ଦ





**କଟକ, ୧୨।୯ (ସମିସ)**

ବିଜୁ ଭବନରେ ଥିବା ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷରେ ସିଏମସିର ୩୫ତମ କାଉନସିଲ୍ ବୈଠକ ଅଧାରୁ ବନ୍ଦ ହୋଇଯାଇଥିଲା। ପାର୍ବଣ ଅବସରରେ ଆଶା କରାଯାଉଥିଲା, ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ। ମୁଖ୍ୟତଃ ସହର ପରିମଳ ଠାରୁ ରାସ୍ତାଘାଟ ପର୍ଯ୍ୟନ୍ତ ଅନେକ ସମସ୍ୟାର ସମାଧାନ କରାଯାଇ, ଦୁର୍ଗାପୂଜାରେ ସିଏମ୍‌ସି ଉପରେ ରହିଥିବା ସମସ୍ତ ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରାଯିବ। କିନ୍ତୁ ଅତ୍ୟାଧୁନିକ 'ଟେରେକ୍ସ ମେସିନ୍' ଆଣି ବର୍ଜ୍ୟକୁ ନଷ୍ଟ କରାଯାଉଥିବା ପ୍ରସଙ୍ଗ ପ୍ରଥମେ ଆଲୋଚନା କରାଯାଇଥିଲା। ଟେରେକ୍ସ ମେସିନ୍ ବ୍ୟବହାର ଲାଗି ଗୋଟିଏ ପରିବର୍ତ୍ତେ ୩ଟି ସଂସ୍ଥାକୁ ବେଆଇନ୍ ଭାବେ ଦାୟିତ୍ୱ ଦିଆଯାଇଛି। ଯେଉଁଠି ମାସକୁ ୪୫ ଲକ୍ଷ ଖର୍ଚ୍ଚ ହେବା କଥା ସେଠାରେ ଦେଢ଼ କୋଟି ଖର୍ଚ୍ଚ କରାଯାଉଛି। ଗତ ୩ମାସ ମଧ୍ୟରେ ୪କୋଟି ୫୦ ଲକ୍ଷ ଟଙ୍କା ଟେରେକ୍ସ ମେସିନ୍ ଆଳରେ ହେରଫେର ହୋଇଥିବା କର୍ପୋରେଟର ଦୀପକ ଦାସ ଅଭିଯୋଗ ଉଠାଇଥିଲେ। ଏହାର ସତ୍ୟାସତ୍ୟ ଯାଞ୍ଚ ରିପୋର୍ଟ ମାଗିଥିଲେ। ଅର୍ଥ ହେରଫେରକୁ ବିରୋଧ କରି ସେ ପ୍ରଥମେ କାଚ ଗ୍ଲାସ ଫିଙ୍ଗି ଦେଇଥିଲେ। ଏଥିସହ ଅନ୍ୟ ଜଣେ କର୍ପୋରେଟର ମଧ୍ୟ ଗ୍ଲାସ ଫୋପାଡି ଭାଙ୍ଗିଥିଲେ। ଏହାକୁ ନେଇ ଗୃହରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ମେୟର, କମିସନର, ମେୟର ଡେପୁଟି ମେୟର ଓ ଯନ୍ତ୍ରୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ବୈଠକ ଛାଡ଼ି ଚାଲିଯାଇଥିଲେ। ଫଳରେ କାଉନ୍‌ସିଲ ବୈଠକ ଅଧାରୁ ବନ୍ଦ ହୋଇଯାଇଥିଲା।

ଅନ୍ୟପଟେ ପାର୍ବଣ ଦୃଷ୍ଟିରୁ ବହୁ ଗୁରୁତ୍ୱ ବହନ କରୁଥିବା ଏହି ବୈଠକ ସହରବାସୀଙ୍କ ପାଇଁ ନିରାଶାର କାରଣ ପାଲଟିଥିବା ଅଲୋଚନା ହୋଇଛି। ବିଜୁଭବନ ସମ୍ମିଳନୀ କକ୍ଷରେ ୩୫ତମ କାଉନ୍‌ସିଲ ବୈଠକ ଶୁକ୍ରବାର ମେୟର ସୁବାସ ଚନ୍ଦ୍ର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ରାସ୍ତାଘାଟ ନବୀକରଣ ଓ ମରାମତିକୁ ନେଇ ଗୃହରେ ଅସନ୍ତୋଷ ଦେଖାଦେଇଥିଲା। ବାଲିସାହିରେ ରାସ୍ତାଘାଟ ଅବ୍ୟବସ୍ଥାକୁ ନେଇ ଶୁଭାଶିଷ କୁମାର ପଟ୍ଟନାୟକ ଫ୍ଲେକ୍ସ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଭିଯୋଗ ଉପରେ ମେୟର ଗୁରୁତ୍ୱ ଦେବା ସହ ତୁରନ୍ତ ଅଞ୍ଚଳର ରାସ୍ତାଘାଟ ଓ ପରିମଳ ବ୍ୟବସ୍ଥାର ସୁଧାର ଆଣିବା ନିମନ୍ତେ ପଦକ୍ଷେପ ନେବାକୁ ୱାର୍ଡ଼ର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଅର୍ବାନ ହାଟକୁ ନେଇ ମଧ୍ୟ ବିବାଦ ଦେଖାଦେଇଥିଲା। ଟେଣ୍ଡର ଦ୍ୱାରା ହିଁ ବିବାଦର ସମାଧାନ ହୋଇପାରିବ। ଟେଣ୍ଡର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଥିବା କମିସନର ବୈଠକରେ ଜଣାଇଥିଲେ। ସେହିପରି କଲେଜ ଛକ ଅଞ୍ଚଳରେ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ନିର୍ମାଣ କରାଯିବା ଏବଂ ସିଏମ୍‌ସିର ଅଧିକାରୀମାନେ ୱାର୍ଡ଼କୁ ଗଲେ କର୍ପୋରେଟରଙ୍କ ଠାରୁ ପ୍ରକୃତ ସମସ୍ୟା ସଂକ୍ରାନ୍ତରେ ଅବଗତ ନହେବା ନେଇ ବହୁ କର୍ପୋରେଟରମାନେ ଅଭିଯୋଗ ଉଠାଇଥିଲେ। ସେହିପରି ବିଭିନ୍ନ ୱାର୍ଡ଼ରେ ସଫେଇ ଠିକ୍ ଭାବେ ଉଠୁନାହିଁ। ଫଳରେ ପାର୍ବଣ ପୂର୍ବରୁ ବିପର୍ଯ୍ୟସ୍ତ ପରିସ୍ଥିତି ସୃଷ୍ଟି ହୋଇଥିବା କର୍ପୋରେଟର ଲିଜାରାଣୀ ରାଉତ ଅଭିଯୋଗ ଉଠାଇଥିଲେ। ସଫେଇ ଏଜେନ୍ସି ସଂସ୍ଥାର କାର୍ଯ୍ୟ ଦକ୍ଷତା ଯାଞ୍ଚ କରିବା ସହ ସଫେଇ ଏଜେନ୍ସି ଲାଗି ନୂତନ ଟେଣ୍ଡର କରିବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ରାଜାବଗିଚାରେ ଥିବା ଗୋଷ୍ଠୀ ଶୌଚାଳୟ ଜନସାଧାରଣଙ୍କ ନିମନ୍ତେ କାର୍ଯ୍ୟକ୍ଷମ କରିବା ଲାଗି ଦାବି ଜଣାଇଥିଲେ। ଆଇନ୍ ଅଧିକାରୀଙ୍କୁ ପରିବର୍ତ୍ତନ ଦାବି ଜୋର ଧରିଥିଲା।

ଚକ୍ରଧରପୁରରେ ସିଏମ୍‌ସି ପକ୍ଷରୁ ଖୋଲାଯାଇଥିବା ଡମ୍ପିୟାର୍ଡକୁ ନେଇ ବାଦବ ତେଜିଥିଲା। କାରଣ ୫ ଦିନ ହେବ ସେଠାକୁ ବର୍ଜ୍ୟ ଠିକ୍ ପାରେ ଯାଇପାରୁ ନାହିଁ। ଫଳରେ ସହରରେ ବର୍ଜ୍ୟବସ୍ତୁ ପଡ଼ିରହି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି। ଏପରି ସ୍ଥିତି ରହିଥିଲେ ପାର୍ବଣ ସମୟରେ ବହୁ ଅସୁବିଧା ଭୋଗିବାକୁ ପଡ଼ିବ ବୋଲି ବହୁ କର୍ପୋରେଟର ଦାବି ଜଣାଇଥିଲେ। ଅନ୍ୟପକ୍ଷେ ଚକ୍ରଧରପୁରରେ ସେଠାକାର ଲୋକଙ୍କ ଲାଗି ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରାଯାଉଛି। ଯଥାଶୀଘ୍ର ପାଚେରି ନିର୍ମାଣ ସହ ସେମାନଙ୍କ ଆବଶ୍ୟକତା ପୂରଣ ପରେ ବର୍ଜ୍ୟ ପରିଚାଳନାରେ ସୁଧାର ଆସିପାରିବ ବୋଲି ମେୟର କହିଥିଲେ। ସେହିପରି ୪ବର୍ଷ ହେବ ବର୍ଜ୍ୟ ପରିଚାଳନା ନେଇ ଟେଣ୍ଡର ହୋଇପାରୁ ନାହିଁ। ବାୟୋ ମାଇନିଂ ପ୍ରକଳ୍ପ କାର୍ଯ୍ୟକାରୀ ଲାଗି ଅଧିକ ସର୍ଭେର ଆବଶ୍ୟକତା ରହିଛି। ପୁନଶ୍ଚ ସର୍ଭେ କରାଯାଇ ଟେଣ୍ଡର ପ୍ରକ୍ରିୟା କରାଯିବା ବୋଲି କମିସନର ପ୍ରତିଶ୍ରୁତି ଦେଇଥିଲେ।

**ବୈଠକରେ ଉଡ଼ିଲା କାଚ ଗ୍ଲାସ୍: ଚେୟାର୍ ଛାଡ଼ି ଚାଲିଗଲେ କମିଶନର**

**ସହର ପରିମଳ, ଅର୍ବାନ୍ ହାଟ ଏବଂ ଟେଣ୍ଡର୍‌କୁ ନେଇ ହୋହଲ୍ଲା**

**୩ ମାସରେ ୪ କୋଟି ୫୦ ଲକ୍ଷ ଟଙ୍କା ଟେରେକ୍ସ ମେସିନ୍ ଆଳରେ ହେର୍‌ଫେରକୁ ନେଇ ବିବାଦ**

### ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ମାମଲା

# ଅଭିଯୁକ୍ତକୁ ୫ ବର୍ଷ ଜେଲ୍

**କଟକ, ୧୨।୯ (ସମିସ):** ଟିଉସନ୍ ଯିବା ବାଟରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଦିନ ଦ୍ୱିପ୍ରହର ସମୟରେ ଅସଦାଚରଣ ଅଭିଯୋଗ ମାମଲାକୁ କଟକ ଆଡ୍‌ହକ୍ ଅତିରିକ୍ତ ଦୌରାଜଜ୍ (ଏଫଟିଏସସି-୧) ଅଦାଲତ ବିଚାରପତି ପିକେ ଦାସ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ସାକ୍ଷ୍ୟ ପ୍ରମାଣକୁ ବିଚାରକୁ ନେଇ ଅଦାଲତ ଏହି ମାମଲାରେ ମଙ୍ଗଳାବାଗ ଥାନା କେଶରପୁରର ମହମ୍ମଦ ଆଖାରୁଦ୍ଦିନ (୨୫)କୁ ୫ ବର୍ଷ ସଶ୍ରମ ଜେଲ ଓ ୧୩ ହଜାର ୫ ଶହ ଟଙ୍କା ଜରିମାନା ଦଣ୍ଡ ପ୍ରଦାନ କରିଛନ୍ତି। ଅଦାଲତ ପୋକସୋ ଆଇନର ଧାରା ୮, ଆଇପିସିର ଦଫା ୩୫୪, ୩୨୩ରେ ଆଖାରୁଦ୍ଦିନକୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡ ପ୍ରଦାନ କରିଛନ୍ତି। ଜରିମାନା ରାଶି ଅନାଦେୟ କ୍ଷେତ୍ରରେ ଆସାମୀକୁ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ପୀଡ଼ିତାଙ୍କୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। କଟକ ଜିଲ୍ଲା ଆଇନସେବା ପ୍ରାଧିକରଣ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ପଦକ୍ଷେପ ଗ୍ରହଣ କରିବେ। ୨୦୨୨, ମେ ୨୪ ଦିନ ୩ଟା ୫୦ ମିନିଟ ସମୟରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଜଣକ ଟିଉସନ୍ ଯାଉଥିବା ବେଳେ ଅସଦାଚରଣର ସମ୍ମୁଖୀନ ହୋଇଥିଲେ। ଏ ନେଇ ମେ ୨୫ରେ ସହାୟତା ଆପରେ ଏକ ଅଭିଯୋଗ ଦାୟର କରାଯାଇଥିଲା। ଏହା ପରେ ପୁଣି ୨୦୨୨, ମେ ୨୮ ସଂଧ୍ୟାରେ ପୀଡ଼ିତା ଟିଉସନରୁ ଫେରୁଥିବା ବେଳେ ସମ୍ପୃକ୍ତ ଯୁବକ ପୀଡ଼ିତାଙ୍କ ପିଛା କରିଥିଲେ। ପରେ ବିଡ଼ାନାସୀ ଥାନାରେ ୨୦୨୨, ମେ ୨୮ ରେ ପୀଡ଼ିତାଙ୍କ ପରିବାର ତରଫରୁ ଏତଲା ଦିଆଯାଇଥିଲା। ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ୨୦୨୨, ସେପ୍ଟେମ୍ବର ୯ରେ ପୁଲିସ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ମାମଲା ପରିଚାଳନା କରୁଥିଲେ।

**ପୀଡ଼ିତାଙ୍କୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ**

# ଦୁର୍ଗାପୂଜା ନିମନ୍ତେ ଆଜି ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା

**କଟକ, ୧୨।୯ (ସମିସ):** ଆସନ୍ତା ଦୁର୍ଗାପୂଜା ନିମନ୍ତେ ଦୁର୍ଗାପୂଜା କମିଟିଗୁଡିକ ବିଭିନ୍ନ ଅନୁମତି ହାସଲ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିବା ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ଆସନ୍ତା ୧୩ ତାରିଖ ଶନିବାର ବାରବାଟୀ ପ୍ୟାଲେସରେ ଆଉ ଗୋଟିଏ ଦିନ ପାଇଁ କାର୍ଯ୍ୟକ୍ଷମ ରହିବ। ଏହା ସକାଳ ୯ ଘଟିକାରୁ ଆରମ୍ଭ ହୋଇ ଅପରାହ୍ନ ୫ ଘଟିକା ୩୦ ମିନିଟ ପର୍ଯ୍ୟନ୍ତ ଚାଲିବ। ପୂଜା କମିଟି ଗୁଡ଼ିକର ଅନୁରୋଧ ଅନୁଯାୟୀ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଆଉ ଗୋଟିଏ ଦିନ ସିଙ୍ଗଲ ୱିଣ୍ଡୋ କାର୍ଯ୍ୟକ୍ଷମ ରହିବାକୁ ସମ୍ମତି ପ୍ରଦାନ କରିଥିଲେ। ଗତ ୫ରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ସିଙ୍ଗଲ ୱିଣ୍ଡୋରେ ୧୧୭ଟି ପୂଜା କମିଟି ଏନଓସି ହାସଲ କରିଛନ୍ତି। ଅନୁମତି ହାସଲ କରି ନ ଥିବା ସମସ୍ତ ପୂଜା କମିଟି ଶନିବାର କାର୍ଯ୍ୟକ୍ଷମ ହେଉଥିବା ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରୁ ଅନୁମତିପତ୍ର ହାସଲ କରିନେବାକୁ କୁହାଯାଇଛି।

# କଲେଜ ଅଫ୍ ନର୍ସିଂ ପକ୍ଷରୁ ରକ୍ତଦାନ ଶିବିର



**ଚୌଦ୍ୱାର, ୧୨।୯ (ସମିସ):** ବୁଧବାର ଦିନ କଲେଜ ଅଫ ନର୍ସି, କଟକ, ଚୌଦ୍ୱାର ଠାରେ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚୌଦ୍ୱାର-କଟକର ବିଧାୟକ ସୌଭିକ ବିଶ୍ୱାଳ ଏହି ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। କଲେଜର ଚେୟାରମ୍ୟାନ ପ୍ରଫେସର ଡ. ଉପେନ୍ଦ୍ର ନାୟକ ଏବଂ ଆୟୋଜକ ଟ୍ରଷ୍ଟି ସ୍ୱର୍ଣ୍ଣଲତା ଜେନା, ସଞ୍ଜୀବ ନାୟକ, ପ୍ରିନ୍ସିପାଲ ମମତା ଆଚାର୍ଯ୍ୟ, ଭାଇସ ପ୍ରିନ୍ସିପାଲ ନନ୍ଦିତା ମହାନ୍ତି, କାଉନସିଲର ଅଜୟ ବେହେରା, ଏସସିବି ମେଡିକାଲର ପୂର୍ବତନ ପରାମର୍ଶଦାତା ଦିଲ୍ଲୀପ ସାହୁ ଓ ସମାଜସେବୀ ପ୍ରଶାନ୍ତ ମହାନ୍ତି ସେଠାରେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ରକ୍ତଦାନ ଶିବିରରୁ ୫୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ସେବା ଓ ସହଯୋଗ କାର୍ଯ୍ୟକ୍ରମ



**କଟକ, ୧୨।୯ (ସମିସ):** କେନ୍ଦ୍ରୀୟ ଦ୍ରବ୍ୟ ଏବଂ ସେବା କର ମଣ୍ଡଳ ଦ୍ୱାରା ସେବା ଓ ସହଯୋଗ କାର୍ଯ୍ୟକ୍ରମ ସିଡ଼ିଏ-୬ରେ ଥିବା ସହାୟକ ଆୟୁକ୍ତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୫୬ ତମ ଜିଏସଟି ପରିଷଦ ବୈଠକରେ ନିଷ୍ପତ୍ତି ହୋଇଥିବା ଦର ପରିବର୍ତ୍ତନ ସମ୍ପର୍କରେ ଅବଗତ କରାଯାଇଥିଲା। ଏହି ପରିବର୍ତ୍ତନ ଗୁଡ଼ିକ ଆସନ୍ତା ୨୨ ତାରିଖଠାରୁ ଲାଗୁ କରାଯିବ। ଏହି କାର୍ଯ୍ୟକ୍ରମ ଦ୍ୱାର ବିଭାଗର ପାରଦର୍ଶିତା, କରଦାତା ଶିକ୍ଷା ଓ ସହଯୋଗମୂଳକ ପ୍ରତି ଅଙ୍ଗୀକାରକୁ ପୁନରୁଦ୍ଧାରଣ କରାଯାଇଛି। ଜିଏସ୍‌ଟି ଏବଂ କେନ୍ଦ୍ରୀୟ ଉତ୍ପାଦ, ପ୍ରଶାସନ କଟକ -୨ ବିଭାଗ ନିରନ୍ତର ଭାବେ ଅଂଶଗ୍ରହଣକାରୀଙ୍କ ସହିତ ସକ୍ରିୟ ସଂଲଗ୍ନତା ରଖି ଜିଏସ୍‌ଟି ସୁଧାରକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟାନ୍ୱିତ କରିବାକୁ ପ୍ରତିବଦ୍ଧ ବୋଲି ଆଲୋଚନା କରାଯାଇଥିଲା। ଏଥିରେ ସହାୟକ ଆୟୁକ୍ତ ଉମାଶଙ୍କର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅଧୀକ୍ଷକ ଲଳିତ କୁମାର ସ୍ୱର୍ଣ୍ଣକାର, ବସନ୍ତ କୁମାର ସେଠୀ, ଦିପକ କୁମାର, ଶ୍ରୀ ବି ବି ପ୍ରଧାନ, ପଙ୍କଜ ମୀନା ଏବଂ ଜୟରାମ ମୀନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ହୃଦୟର ଅଯୁତ ଆବେଗ ବାପା' ଶୀର୍ଷକ ଆଲୋଚନାଚକ୍ର



**କଟକ, ୧୨।୯ (ସମିସ):** ବାପା ଶବ୍ଦର ଅର୍ଥ ବ୍ୟାପକ। ସେ ସମୁଦ୍ରଠାରୁ ଗଭୀର। ସେ ଆକାଶଠାରୁ ବିଶାଳ। ବାପା ଶବ୍ଦରେ ନା ଅଛି ଆବିଳତା ନା ଅଛି ଛଳନା। ସେ ବ୍ୟକ୍ତି ନୁହେଁ ସେ ଘରର ମଜବୁତ ଖୁଣ୍ଟ। ସେ ସୃଷ୍ଟି କର୍ତ୍ତା। ସେ ଜୀବନର ପ୍ରେରଣା। ବାପା ଶବ୍ଦର କୌଣସି ପରିଭାଷା ନାହିଁ। ସବୁ ଋଣ ସୁଝି ହେବ କିନ୍ତୁ ପିତୃ ଋଣ ଶୁଝି ହେବ ନାହିଁ। ବାପାଙ୍କ ଛତ୍ରଛାୟା ତଳେ ଯିଏ ରହିଛି ତା ପାଖରେ ସ୍ୱର୍ଗ ସୁଖ ଅଛି। ବାପା କେବେ ପୁତ୍ର ହନ୍ତା ହୁଏ ନାହିଁ। ପିତା ପୁତ୍ର ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଡମ୍ବରୁଧର ମହାନ୍ତି ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ହୃଦୟର ଅୟୁତ ଆବେଗ ବାପା ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଯେଉଁ ଦିନ ସମାଜରୁ ବୃଦ୍ଧ ଆଶ୍ରମ ଲୋପ ପାଇବ ସେହିଦିନ ଏହି ଟ୍ରଷ୍ଟର କାର୍ଯ୍ୟ ସଫଳ ହେଲା ବୋଲି ଆମେ ଗର୍ବ ଅନୁଭବ କରିବା ବୋଲି ସେ କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ପୂର୍ବତନ କୁଳପତି ଡ. ହରେକୃଷ୍ଣ ଶତପଥୀ ଯୋଗଦେଇ ବାପା ଦୁଇଟି ଅକ୍ଷର। ସେ ଜନ୍ମଦାତା, ପାଳନକର୍ତ୍ତା ଓ ଭାଗ୍ୟଦାତା ବୋଲି ମତ ରଖିଥିଲେ। ଏବେ ପିତୃପକ୍ଷ ଚାଲିଥିବାବେଳେ ପିତୃପୁରୁଷମାନେ ମିତ୍ରକୁ ଓହ୍ଲାଇ ଆସିଛନ୍ତି। ଏହି ଟ୍ରଷ୍ଟ ବାପାଙ୍କୁ ସ୍ମରଣ କରି ଆଗାମୀ ପିଢ଼ି ପାଇଁ ଏକ ସନ୍ଦେଶ ଦେଇଛନ୍ତି। ବିଶିଷ୍ଟ ଅତିଥିଭାବେ ଦେବୀ ସୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର, ଆଦିତ୍ୟ ବାହିନୀର ଅଧ୍ୟକ୍ଷ ପଣ୍ଡିତ ମାତୃପ୍ରସାଦ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବାପା ଶବ୍ଦ ଉପରେ ଦୀକ୍ଷାନ୍ତ ସାରଗର୍ଭକ ମତ ରଖିଥିଲେ। ପ୍ରତିଷ୍ଠାତା ଡ. ପ୍ରଭୁଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାପା ପତ୍ରିକା ସମ୍ପାଦକ ଚାରଣ ଶୁଭେନ୍ଦୁ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟ୍ରଷ୍ଟର ସମ୍ପାଦକ ଇଂ ସମ୍ୟକ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପତ୍ରିକା 'ବାପା'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଅତିଥିଙ୍କ ଦ୍ୱାରା ବାବାଜୀ ସତ୍ୟାନନ୍ଦ, ଅଜୟ ମିଶ୍ର, ଡ. ଆଦିତ୍ୟ ମହାନ୍ତି, ଦେବାଶିଷ ଜେଠୀ, ଅଟଳବିହାରୀ ଦାଶ, ବସନ୍ତ ତାରେଣିଆ, ଯାମିନୀକାନ୍ତ ଦାଶ, ଅରୁଣ ଦାଶ, ନନ୍ଦିନୀ ଉପାଧ୍ୟାୟ, ବାସୁଦେବ ବେହେରାଙ୍କୁ ସାରଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଛାତ୍ରଛାତ୍ରୀ ଓ ଶିକ୍ଷୟିତ୍ରୀଙ୍କ ଦ୍ୱାରା ବାପାଙ୍କ ଉପରେ ନାଚଗୀତ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଡ. ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ। ସ୍ନିଗ୍ଧା ମହାନ୍ତି ଅତିଥିଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ସାମର୍ଥ ମହାନ୍ତି ଓ ଆୟେଶା ଦାସ ଅତିଥିଙ୍କୁ ମଞ୍ଚକୁ ସ୍ୱାଗତ କରିଥିଲେ।

**ବାପା ଶବ୍ଦର ନାହିଁ ପରିଭାଷା: ରାଜସ୍ୱ ମନ୍ତ୍ରୀ**

# ୪୦୦ ଏପିସୋଡରେ ପହଞ୍ଚିଲା ମେଗା ଧାରାବାହିକ 'ତୁମ ବିନା'



**କଟକ, ୧୨।୯ (ସମିସ):** ଜୀ ସାର୍ଥକର ନିଜର ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଓ ଧାରାବାହିକ ସହିତ ଓଡିଆ ଦର୍ଶକଙ୍କ ଘରେ ଘରେ ପହଞ୍ଚି ପାରିଛି, ଯେଉଁଥି ପାଇଁ ଆଜି ଓଡ଼ିଶାର ୧ ନମ୍ବର ମନୋରଞ୍ଜନ ଚ୍ୟାନେଲ ହୋଇପାରିଛି। ଐତିହାସିକ ୪୦୦ତମ ଏପିସୋଡରେ ପହଞ୍ଚିଛି ଏକ ଭିନ୍ନ କାହାଣୀ ନେଇ ମେଗା ଧାରାବାହିକ 'ତୁମ ବିନା'। ସମ୍ପୂର୍ଣ୍ଣ ଓଡିଆ ଘରର କାହାଣୀ ଓ ପରମ୍ପରାକୁ ନେଇ ମିଛ, ପ୍ରେମ, ବିଶ୍ୱାସଘାତକତା ଓ ପାରିବାରିକ ଚାପ ମଧ୍ୟରେ ଗଢି ଉଠିଛି ଏହି ସୁନ୍ଦର କାହାଣୀ। ପ୍ରତ୍ୟେକ ସୋମବାରରୁ ଶନିବାର ରାତି ୮ଟାରେ ପ୍ରସାରିତ ହେଉଥିବା ଭିନ୍ନ ଧରଣର ଧାରାବାହିକର ମୁଖ୍ୟ ଚରିତ୍ରରେ ନଜର ଆସୁଥିବା ଅକ୍ଷୟ ଓ ଶୁଭଙ୍କ ବିବାହ ପରେ ଦୁହିଁଙ୍କ ଜୀବନରେ ଅନେକ ରୋଚକ ମୋଡ଼ ଆସୁଛି ହେଲେ ଅକ୍ଷୟଙ୍କ ପିତା ମାତାଙ୍କ ବ୍ୟବହାର ଶୁଭଙ୍କୁ ବ୍ୟସ୍ତ କରିଦେଇଛି। ବିଧାତା ଲେଖିଛି ଦୁଇ ଜଣଙ୍କ ପ୍ରେମ କାହାଣୀ ଓ କାହାଣୀରେ ଏଣ୍ଟ୍ରି ମାରିଛନ୍ତି ରିଚା, ଆନନ୍ଦ, ନିଲେଶ ଓ ପ୍ରଶାନ୍ତ। ତେବେ ସମୟର ଚକ୍ରବ୍ୟୁହରେ ଆସୁଥିବା ସମସ୍ତ ବିପଦକୁ କିପରି ପାରି କରି ଦୁହିଁଙ୍କ ଜୀବନ ଆଗକୁ ବଢ଼ିଛି ତାହା ଆଗକୁ ଦେଖିବେ ଦର୍ଶକ। କାହାଣୀରେ ଆସୁଥିବା ନାଟକୀୟ ମୋଡ଼ ଦର୍ଶକ ପାଇପାରିବେ କେବଳ ତାଙ୍କର ପ୍ରିୟ ଚ୍ୟାନେଲ ଜୀ ସାର୍ଥକର 'ତୁମ ବିନା' ଧାରାବାହିକର ଆଗାମୀ ଅଧ୍ୟାୟରେ। ଜୀ ସାର୍ଥକ ସବୁବେଳେ ଓଡିଆ ଦର୍ଶକଙ୍କ ଚିନ୍ତାଧାରା ଓ ଭଲପାଇବାକୁ ଧ୍ୟାନରେ ରଖି ମନଛୁଆଁ ମେଗା ଧାରାବାହିକ ପ୍ରସ୍ତୁତ କରିଥାଏ। ନୂଆ ଓ ଭିନ୍ନ କାହାଣୀ ସହିତ ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଛି ଜୀ ସାର୍ଥକ। 'ତୁମ ବିନା' ମଧ୍ୟ ଦର୍ଶକଙ୍କ ମନ ଜିତିବ ବୋଲି କହିଛନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ରାହୁଲ ରାଓ।



# ଚାନ୍ଦି ମେଢ଼ ତାଲିକାରେ ଯୋଡ଼ିହେବ

## ମା ଦୁର୍ଗା ମନ୍ଦିର ପରିଚାଳନା କମିଟି, ଯୋବ୍ରା

**ପାର୍ବଣ ତା'ର କଅଁଳ ପାଦ ସ୍ପର୍ଶ କରି ସ୍ଥିତି ଜାହିର୍ କରି ସାରିଲାଣି। ମହାନଦୀ ଓ କାଠଯୋଡିର ଉତ୍ତାଳ ଜଳରାଶିରେ ଖେଳି ଗଲାଣି ପାର୍ବଣର ଖିଆଲି ତରଙ୍ଗ। ମର୍କତନଗରରୁ ମହାନଦୀବିହାର ଭିତରେ ଫିକାଫିକା ଲାଗୁଥିବା ଐତିହାସିକ କଟକ ନଗରୀ କ୍ରମଶଃ ପାର୍ବଣର ରଙ୍ଗରେ ରଙ୍ଗେଇ ହେଲାଣି। ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାରେ ସହରରେ ପାଦ ଥାପି ଥିବା ପାର୍ବଣ କାର୍ତ୍ତିକେଶ୍ୱର ପୂଜା ପରେ ବିଦାୟ ନେବ। ଏହାରି ଭିତରେ ଦେଇଯିବ ଅନେକ ପାସୋରା ଆଉ ଅପାସୋରା ଘଟଣା। ଆଉ କିଛି ଦିନ ପରେ ଦଶହରା। ନିର୍ମଳ ଆଶ୍ୱୀନକୁ ସ୍ୱାଗତ କରିବାକୁ ନଦୀ ପଠାରେ ଖିଲିଖିଲି ହସିଲାଣି କାଶତଣ୍ଡୀ....**



କଟକ, ୧୨।୯ (ସମିସ)

ମା'ଙ୍କ ଆଗମନ ପାଇଁ ଉତ୍ସାହିତ ସହରବାସୀ। ଚାରିଆଡେ ମହକୁଛି ପାର୍ବଣର ପରିବେଶ। ତେବେ ରୌପ୍ୟନଗରୀ କଟକର ଚାନ୍ଦିମେଢ଼ ତାଲିକାରେ ଯୋଡ଼ି ହେବାକୁ ଯାଉଛି ଯୋବ୍ରା ମା ଦୁର୍ଗା ମନ୍ଦିର ପରିଚାଳନା କମିଟି। କମିଟିରେ ୬୦ ଜଣ ସଦସ୍ୟ ଥିବାବେଳେ ଏହାର ଯୁବକ ସଂଘରେ ଅଛନ୍ତି ୧୫୦ ଜଣ ସଦସ୍ୟ। ପୂଜା ପାଇଁ କମିଟି ପକ୍ଷରୁ ୪୦ ଲକ୍ଷ ଟଙ୍କା ବଜେଟ୍ ରଖାଯାଇଛି। ୧୯୨୧ ମସିହାରେ ହରପାର୍ବତୀ ପୂଜା ପାଉଥିଲେ, ୧୯୫୧ ମସିହାରୁ ଦେବୀ ଦୁର୍ଗାଙ୍କ ପୂଜାର୍ଚ୍ଚନା କରାଯାଉଛି। ମୃଣ୍ମୟୀ ପ୍ରତିମା ୮ଫୁଟର ନିର୍ମାଣ କରାଯାଉଛି। ପୂର୍ବରୁ ୨୭ଫୁଟ ଉଚ୍ଚର ଜରି ମେଢ଼ କରାଯାଉଥିଲା। ଚଳିତଥର ଅଢ଼େଇ କ୍ୱିଣ୍ଟାଲ ଓଜନର ଚାନ୍ଦିରେ ଆକର୍ଷଣୀୟ ମେଢ଼ ତିଆରି ହେଉଛି। ମହାଷଷ୍ଠୀରେ ଚାନ୍ଦି ମେଢ଼ ଉଦଘାଟନ କରାଯିବ। ୯୨ କେଜି ଓଜନ ଚାନ୍ଦିର ମା' ଦୁର୍ଗା ଓ ପାର୍ଶ୍ୱଦେବାଦେବୀଙ୍କ ଅଳଙ୍କାର ରହିଛି। ଚଳିତଥର ମା'ଙ୍କର ମୁଖାରେ ସୁନାର ଅଳଙ୍କାର ଶୋଭା ପାଇବ। କମିଟି ପକ୍ଷରୁ ୫ଟି ଏଲଇଡି ଲାଇଟ ମଧ୍ୟରେ ୨ଟି ୪୦ ଫୁଟ୍ ଉଚ୍ଚ ଓ ୧୮ ଫୁଟ୍ ଚଉଡାର ଗେଟ୍ କରାଯିବ। ନବମୀରେ ମା'ଙ୍କ ନିକଟରେ ଦହି ପଖାଳ ଭୋଗ ଲାଗି କରାଯାଇ ୩ହଜାର ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ। ଦଶମୀରେ ସନ୍ଧ୍ୟା ସମୟରେ ମହିଳା ମାନେ ଏକଜୁଟ୍ ହୋଇ ସିନ୍ଦୁର ଖେଳିବେ। ଏହାସହ ମହାଷଷ୍ଠୀ ଓ ମହାସପ୍ତମୀ ଦୁଇଦିନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରାଯିବ ଏବଂ ଅଷ୍ଟମୀ ରୁ ଦଶମୀ ଯାଏଁ ତିନିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଭସାଣୀ ଯାତ୍ରାରେ କୋଲକାତା ଢାକ୍ ବାଜା, ବ୍ରହ୍ମପୁରର ସୁରଶଙ୍କର ବ୍ୟାଣ୍ଡ ପାର୍ଟି, ଘଣ୍ଟ ବାଦ୍ୟ ସମେତ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ।

### ଆକର୍ଷିତ କରିବ ଲାଇଟ୍‌ଗେଟ୍



ପୂଜା କମିଟି ପକ୍ଷରୁ ଶାରଦୀୟ ଦୁର୍ଗାପୂଜାରେ ସାଜସଜ୍ଜାକୁ ଗୁରୁତ୍ୱ ଦିଆଯାଉଛି। କମିଟି ପକ୍ଷରୁ ୫ଟି ଲାଇଟ ଗେଟ୍ କରାଯିବ। ଏଥିମଧ୍ୟରୁ ଦୁଇଟି ଲାଇଟ ଗେଟ୍ ବଡ ଆକାରର ହେବ। ଯାହାକି ସହରବାସୀଙ୍କୁ ବେଶ ଆକର୍ଷିତ କରିବ।

-ପ୍ରମୋଦ କୁମାର ଜେନା, ସଭାପତି

### ଏଥର ନୂଆ ଚାନ୍ଦି ମେଢ଼



ଚଳିତବର୍ଷ ପ୍ରଥମକରି ଅଢ଼େଇ କ୍ୱିଣ୍ଟାଲ ଓଜନର ଚାନ୍ଦିର ମେଢ଼ କରାଯାଇଛି। ଶୁଭ ଦିଆଯାଇ ମେଢ଼ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଚଳିତବର୍ଷ ମଣ୍ଡପରେ ମେଢ଼ ରହିବ। ଆସନ୍ତା ବର୍ଷଠୁ ଭସାଣୀ ଯାତ୍ରାରେ ମେଢ଼କୁ ବାହାରକୁ ନିଆଯିବ।

-ଶ୍ରୀମନ୍ତ ଦାସ, ସମ୍ପାଦକ

## ପିପି କୋର୍ଟ ରାୟ ପରେ କାର୍ଯ୍ୟାନୁଷ୍ଠାନ

# ସିଲ୍ ହେଲା 'ଆଦର୍ଶ ପାଠାଗାର'





**ରାଉରକେଲା, ୧୨।୯ (ସମିସ)**

ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟିଛି। ଆର୍‌ଏସ୍‌ପି ପିପି କୋର୍ଟଙ୍କର ରାଉରକେଲା ଇସ୍ପାତ କାରଖାନା ସପକ୍ଷରେ ରାୟ ପ୍ରକାଶ ପାଇବା ପରେ ଆର୍‌ଏସ୍‌ପିର ୩ ଏକର ୧୯ ଡିସିମିଲ ଜମିକୁ ଜବରଦଖଲ କରି ରଖିଥିବା 'ଆଦର୍ଶ ପାଠାଗାର'କୁ ଆଜି ସିଲ୍ କରାଯାଇଛି। ସୁରକ୍ଷା ବଳୟ ମଧ୍ୟରେ ଆର୍‌ଏସ୍‌ପି ସହର ପ୍ରଶାସନ ପକ୍ଷରୁ ଆଦର୍ଶ ଏହାର ସିଲ୍ କରାଯିବା ଘଟଣା ସହରବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି। ଭଡ଼ା ବାବଦରେ ପ୍ରାୟ ଦେଢ଼ କୋଟି ଟଙ୍କା ବକେୟା ଅର୍ଥ ଆର୍‌ଏସ୍‌ପିକୁ ଆଦର୍ଶ ପାଠାଗାର କର୍ମକର୍ତ୍ତା ଦେଉ ନ ଥିଲେ କି ଜମି ଛାଡୁନଥିଲେ। ଆର୍‌ଏସ୍‌ପିର ଦେଢ଼ କୋଟି ଟଙ୍କା ବକେୟା ଭଡ଼ା ପୈଠ କରିବା ତ ଦୂରର କଥା ବରଂ ଏହାକୁ ବର୍ଷ ତମାମ ବିଭିନ୍ନ ବ୍ୟବସାୟିକ କାର୍ଯ୍ୟରେ ଭଡ଼ା ଦେଇ କୋଟି କୋଟି ଟଙ୍କା ଆୟ କରୁଥିଲେ ବି ଏ ବାବଦରେ କୌଣସି ଅର୍ଥ ଆର୍‌ଏସ୍‌ପିକୁ ଦେଉ ନ ଥିଲେ। ଆର୍‌ଏସ୍‌ପି ଏହା ବିରୋଧରେ ସୁନ୍ଦରଗଡ଼ ଜିଲ୍ଲା ଜଜ୍ କୋର୍ଟର ଆଶ୍ରୟ ନେଇଥିଲା। ତେବେ ଜିଲ୍ଲା ଜଜ୍ କୋର୍ଟ ଆର୍‌ଏସ୍‌ପି ପକ୍ଷରେ ରାୟ ଦେବାରୁ ଆଦର୍ଶ ପାଠାଗାର କର୍ତ୍ତୃପକ୍ଷ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ୩ ମାସ ପାଇଁ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ଯାହାର ଅବଧି ଶେଷ ହୋଇଗଲାଣି। ଏହାପରେ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ଏକ ପିପି କେଶ କରିଥିଲେ। ଯାହାର ରାୟ ଗତକାଲି ଆର୍‌ଏସ୍‌ପି ସପକ୍ଷରେ ଆସିବାରୁ ଏହାକୁ ଆଧାର କରି ଆଜି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଆଜି ଆଦର୍ଶ ପାଠାଗାର କବ୍‌ଜାରେ ଥିବା କାର୍ଯ୍ୟାଳୟ, ବେଆଇନ ଭାବେ ନିର୍ମିତ ଏକ ଶୀତତାପ ନିୟନ୍ତ୍ରିତ ସମ୍ମିଳନୀ କକ୍ଷ, ଭଞ୍ଜ ଭବନ ତଳ, ଉପର ଦୁଇ ମହାଲା ଏବଂ ଭଞ୍ଜ ପ୍ରେକ୍ଷାଳୟ ଆଦି ୩ ଏକର ୧୯ ଡିସିମିଲ ଉପରେ ଥିବା ସମ୍ପତ୍ତିକୁ ଆର୍‌ଏସ୍‌ପି ନିଜ ଅକ୍ତିଆରକୁ ନେବା ସହ ଆଦର୍ଶ ପାଠାଗାର କାର୍ଯ୍ୟାଳୟକୁ ସିଲ୍ କରିଛନ୍ତି। ଏହି ଅବସରରେ ଆର୍‌ଏସ୍‌ପି ସହର ପ୍ରଶାସନ ସିଜିଏମ୍ ଟି ଜେ କାନେକର, ସିଜିଏମ୍ (ଆଇନ) ଡକ୍ଟର ଚିନ୍ମୟ ସମଦ୍ଦାର, ଆର୍‌ଏସ୍‌ପି ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ସେକ୍ଟର-୭ ଥାନା ପୁଲିସ ଆଦି ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ ରାଉରକେଲା ଇସ୍ପାତ ସହରାଞ୍ଚଳର ମଧ୍ୟବର୍ତ୍ତୀ ଅଞ୍ଚଳରେ ଆର୍‌ଏସ୍‌ପିର ସେକ୍ଟର-୫ରେ ପ୍ରାଚୀର ଘେରି ରହିଥିବା ଭଞ୍ଜ ଭବନ ଏବଂ ପାରିପାର୍ଶ୍ୱିକ ଅଞ୍ଚଳର ୩ ଏକର ୧୯ ଡେସିମଲ ଜମିକୁ ଆଦର୍ଶ ପାଠାଗାର ଅନଧିକୃତ ଦଖଲରେ ରଖି ବ୍ୟବସାୟ କରି ଆସୁଥିଲେ। ୨୦୨୦ ମସିହାରେ ଆର୍‌ଏସ୍‌ପି ଏହି ଅଞ୍ଚଳରୁ ଉଚ୍ଛେଦ କରିବା ପାଇଁ ଆର୍‌ଏସ୍‌ପିର ଇଷ୍ଟେଟ୍ ଅଫିସରଙ୍କ ଠାରେ ପ୍ରୋସିଡିଂ ଆରମ୍ଭ କରିଥିଲା। ମାତ୍ର ଉକ୍ତ ଉଚ୍ଛେଦ ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ଆଦର୍ଶ ପାଠାଗାର ପକ୍ଷରୁ ହାଇକୋର୍ଟରେ ଏକ ରିଟ୍ ଆବେଦନ କରାଯାଇଥିଲା (ଡବ୍ଲୁ.ପି (ସି)



ନଂ ୯୦୭୬/୨୦୨୧)। ତେବେ ୨୦୨୩ ସେପ୍ଟେମ୍ବର ୨ ତାରିଖରେ ହାଇକୋର୍ଟ ଏହାର ଶୁଣାଣି କରି ଆଦେଶ ଦ୍ୱାରା ଏହି ରିଟ୍ ଆବେଦନକୁ ଖାରଜ କରିଦେଇଥିଲେ। ଆର୍‌ଏସ୍‌ପି ଇଷ୍ଟେଟ୍ ଅଧିକାରୀଙ୍କ ଆଗରେ ଚାଲିଥିବା ଉଚ୍ଛେଦକୁ ଆଇନଗତ ଏବଂ ଉପଯୁକ୍ତ ବୋଲି କହିଥିଲେ। ଆର୍‌ଏସ୍‌ପି ଇଷ୍ଟେଟ୍ ଅଫିସର, ପିପି କେସ୍ ନମ୍ବର ୩୦୦୦୦୧/୨୦୨୦ ଜରିଆରେ ପ୍ରୋସିଡିଂ ସମ୍ପୂର୍ଣ୍ଣ କରାଯିବା ପରେ, ୨୦୨୩ ସେପ୍ଟେମ୍ବର ୨୭ ତାରିଖରେ ଏହାର ଉଚ୍ଛେଦ ଆଦେଶରେ ଆଦର୍ଶ ପାଠାଗାରକୁ ନିର୍ଦ୍ଦେଶନାମା ଦିନଠାରୁ ୧୫ ଦିନ ମଧ୍ୟରେ ଭଞ୍ଜ ଭବନ ପରିସର ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଆଦେଶରେ ପ୍ରତିକ୍ରିୟାଶୀଳ ହୋଇ ଆଦର୍ଶ ପାଠାଗାର ଏଫ୍‌ଏଓ ନମ୍ବର ୩୦/୨୦୨୩ ମାଧ୍ୟମରେ ସୁନ୍ଦରଗଡ଼ ଜିଲ୍ଲା ଜଜ୍‌ଙ୍କ ନିକଟରେ ପୁନର୍ବାର ଅପିଲ କରି ଉଚ୍ଛେଦ ଆଦେଶକୁ ଚ୍ୟାଲେଞ୍ଜ କରିଥିଲେ। ସୁନ୍ଦରଗଡ଼ ଜିଲ୍ଲା ଜଜ୍ ଏହି ମାମଲାର ଶୁଣାଣି କରି ୨୦୨୪ ଅପ୍ରେଲ ୩୦ ତାରିଖର ରାୟ ଅନୁଯାୟୀ ଆଦର୍ଶ ପାଠାଗାରର ଆର୍‌ଏସ୍‌ପି ବିରୋଧରେ ଦାଖଲ ହୋଇଥିବା ଅପିଲକୁ ଖାରଜ କରିଦେଇଥିଲେ। ଏହାସହ ଭଞ୍ଜ ଭବନ ପରିସର ଦଖଲ ଅଞ୍ଚଳକୁ ଖାଲି କରି ଆଦେଶ ଦିନଠାରୁ ୨ମାସ ମଧ୍ୟରେ ଅର୍ଥାତ ଗତ ୨୦୨୪ ଜୁନ୍ ସୁଦ୍ଧା ଆର୍‌ଏସ୍‌ପିକୁ ହସ୍ତାନ୍ତର କରିବା ପାଇଁ ଆଦର୍ଶ ପାଠାଗାରକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଚାଲେଞ୍ଜ କରି ଆଦର୍ଶ ପାଠାଗାର କର୍ମକର୍ତ୍ତା ପୁନର୍ବାର ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ସେତେବେଳେ ୩ ମାସ ପାଇଁ ଅନ୍ତରୀଣ ରହିତାଦେଶ ଦେଇଥିଲେ। ଯାହାକି ଗତ ୨୦୨୪ ଜୁଲାଇ ମାସ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା। ତେବେ ଏହା ମଧ୍ୟରେ ୧ ବର୍ଷ ଅତିକ୍ରାନ୍ତ ହୋଇ ଯାଇଥିଲେ ମଧ୍ୟ ଆଦର୍ଶ ପାଠାଗାର କର୍ତ୍ତୃପକ୍ଷ ଜବରଦଖଲସ୍ଥଳକରୁ ହଟିନଥିଲେ। ଫଳରେ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ବାଧ୍ୟ ହୋଇ ଏକ ପିପି କେଶ କରି ପ୍ରକାଶିତ ରାୟକୁ ଆଧାର କରି ଆଜି ଉଚ୍ଛେଦ କରି ଏହି ଐତିହାସିକ ସଫଳତା ହାସଲ କରିଥିବା ସୂଚନା ମିଳିଛି। ଏବେ ଦେଖିବାକୁ ବାକି ରହିଲା ଆଦର୍ଶ ପାଠାଗାରର ପରବର୍ତ୍ତୀ ପଦକ୍ଷେପ କ'ଣ ହେଉଛି।

## ସିଲ୍‌ବେଳେ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କଲେ ସାଂସଦ ପ୍ରତିନିଧି

ରାଉରକେଲା ଇସ୍ପାତ କାରଖାନା ସହର ପ୍ରଶାସନ ପକ୍ଷରୁ ଆଜି ଆଦର୍ଶ ପାଠାଗାର ସମେତ ଭଞ୍ଜଭବନକୁ ସିଲ୍ କରାଯିବା ବେଳେ କାର୍ଯ୍ୟରତ ସାମ୍ବାଦିକଙ୍କୁ ସେଠାରେ ଉପସ୍ଥିତ ଥିବା ସାଂସଦ ପ୍ରତିନିଧି ଦିଲ୍ଲୀପ ପଟ୍ଟନାୟକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଦୁର୍ବ୍ୟବହାର କରୁଥିବା ଭିଡିଓ ଭାଇରାଲ୍ ହେବାରେ ଲାଗିଛି। ସାଂସଦ ପ୍ରତିନିଧିଙ୍କ ଏତାଦୃଶ ଆଚରଣରେ ଅତିଷ୍ଠ ହୋଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାମ୍ବାଦିକମାନେ ସେକ୍ଟର-୭ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଯାହାର ତଦନ୍ତ ଆରମ୍ଭ କରିଛି ସେକ୍ଟର-୭ ଥାନା ପୁଲିସ।

## ଅଖିଳ ଭାରତୀୟ ସାହିତ୍ୟ ପରିଷଦର ମାସିକ ସାରସ୍ୱତ ସମାବେଶ



**ରାଉରକେଲା, ୧୨।୯ (ସମିସ):** ରାଉରକେଲା ମହାବିଦ୍ୟାଳୟ, ରାଉରକେଲା ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ମାଧବ ନଗର ଶାଖା, ରାଉରକେଲାର ମିଳିତ ଆନୁକୂଲ୍ୟରେ ମାସିକ ସାରସ୍ୱତ ସମାବେଶ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ତଥା ପରିଷଦର ସଭାପତି ଡ. ରବୀନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛେଣ୍ଡ ହୃଷିକେଶ ରାୟ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିରଞ୍ଚିନାରାୟଣ ପାଣିଗ୍ରାହୀ ମୁଖ୍ୟଅତିଥି ଓ ବିଷୟ ବିଶେଷଜ୍ଞ ଭାବେ ବରିଷ୍ଠ ଶିକ୍ଷୟିତ୍ରୀ ମମତା ସାମଲ ଓ ଅଧ୍ୟାପିକା ପ୍ରିୟଙ୍କା ପଲେଇ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଡ. ପାଣିଗ୍ରାହୀ 'ଭାଗବତ' ଓଡ଼ିଶାର ସମ୍ବିଧାନ ବୋଲି ଅବହିତ କରିଥିଲେ। ସଭାପତିତ୍ୱ ଅଭିଭାଷଣରେ ଡ. ଜେନା ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଡ. ଜ୍ଞାନରଞ୍ଜନ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାବିତ ବ୍ରଜେନ୍ଦ୍ର ଦାଶ 'ସେହି ବୁଢ଼ୀଲୋକଟି' ଶୀର୍ଷକ ଗଳ୍ପ ପାଠ କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟ କବିତା ପାଠୋତ୍ସବରେ କାଶୀନାଥ ନନ୍ଦୀ ସଭାପତିତ୍ୱ କରିଥିଲେ। ଅଧ୍ୟାପିକା ଅଳକା ମହାନ୍ତି ସ୍ୱାଗତ ଭାଷଣ ସହ କବିତା ପାଠର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସାହିତ୍ୟିକ ଧରିତ୍ରୀ ପାଇକରାୟ ଓ ମୋନାଲିସା ବେହେରାଙ୍କ ସଂଯୋଜନାରେ ତାରିଣୀ ଚରଣ ସାହୁ, ଆଶୁତୋଷ ଜ୍ୟୋତିଷୀ, ଅଜୟ କୁମାର ପାଣି, ସତ୍ୟବ୍ରତ ଦାସ, ଶକୁନ୍ତଳା ବାରିକ, ଲଳିତା ବେହେରା, ବିଜୟିନୀ ଜେନା, ସୁସ୍ମିତା ମହାପାତ୍ର, ପ୍ରତାପରୁଦ୍ର ତ୍ରିପାଠୀ, ଗୌତମ ଦାସ, ଅଳକା ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ନିରୁପମା ପତି ଧନ୍ୟବାଦ ଅର୍ପଣ କରିଥିଲେ। ଭଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ବରିଷ୍ଠ ଶିକ୍ଷୟିତ୍ରୀ ନଳିନୀପ୍ରଭା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କରୁଣାକର ପାଢ଼ଶାଣୀ, କୁଞ୍ଜବିହାରୀ ରାଉତ, ପ୍ରବୀର କୁମାର ଦୁବେ, ସଞ୍ଜୟ କୁମାର ମହାପାତ୍ର, ମମତା ଜେନା, ସିମରନ ମହାପାତ୍ର, ସୁଶାନ୍ତ କୁମାର ମହାନ୍ତି, ଆଭାସ କୁମାର ହୋତା, ଅଜୟ କୁମାର ବେହେରା, ତ୍ରିଲୋଚନ ସ୍ୱାଇଁ, ଚିନ୍ମୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## କମ୍ରେଡ୍ ସୀତାରାମ ୟେଚୁରୀଙ୍କ ଶ୍ରଦ୍ଧାଞ୍ଜଳି ସଭା



**ରାଉରକେଲା, ୧୨।୯ (ସମିସ):** ସିପିଆଇଏମ୍‌ର ପୂର୍ବତନ ସାଧାରଣ ସମ୍ପାଦକ କମ୍ରେଡ୍ ସୀତାରାମ ୟେଚୁରୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ସ୍ଥାନୀୟ ଶକ୍ତିନଗରସ୍ଥିତ ସିପିଆଇଏମ୍ ଜିଲ୍ଲା କାର୍ଯ୍ୟାଳୟ ଏକେଜି ଭବନଠାରେ ପାର୍ଟିର ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ଆୟୋଜିତ ହୋଇଯାଇଛି। କମିଟିର ସମ୍ପାଦକ ରାଜ କିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପାର୍ଟିର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ବିମାନ ମାଇତି, ସୁରେନ୍ଦ୍ର ଦାଶ, ଜିଲ୍ଲା କମିଟି ସଦସ୍ୟ ବି ପି ମହାପାତ୍ର, ବସନ୍ତ ନାୟକ, ଆଞ୍ଚଳିକ କମିଟି ନେତା ବିଶ୍ୱଜିତ ମାଝୀ, ଲକ୍ଷ୍ମୀଧର ନାୟକ, ଏନ୍ କେ ରାଉତରାୟ, ଗୋପାଳ କୃଷ୍ଣ ନାୟକ ପ୍ରମୋଦ ପରିଡ଼ା, ଗୁରୁ ଚରଣ ଦାସ, ରାଜୀବ ବସନ୍ତ ରାୟ ପ୍ରମୁଖ କମ୍ରେଡ୍ ସୀତାରାମଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଅବସର ପୂର୍ବବର୍ତ୍ତୀ କର୍ମଚାରୀ ସଶକ୍ତୀକରଣ କର୍ମଶାଳା 'ରୋଶନି'



**ରାଉରକେଲା, ୧୨।୯ (ସମିସ):** ରାଉରକେଲା ଇସ୍ପାତ କାରଖାନାର ଅବସର ପୂର୍ବବର୍ତ୍ତୀ କର୍ମଚାରୀ ସଶକ୍ତୀକରଣ କର୍ମଶାଳା 'ରୋଶନି' ସିପିଟିଆଇଠାରେ ଆୟୋଜିତ ହୋଇଥିଲା। କର୍ମଶାଳାର ଉଦ୍‌ଘାଟନୀ ଅଧିବେଶନରେ ଇଣ୍ଟରନାଲ୍ ଅଡିଟ୍ ବିଭାଗର ସିଜିଏମ୍ ଡକ୍ଟର ଜିଏସ୍ ଦାସ ମୁଖ୍ୟ ଅତିଥି ଏବଂ ସିଇଡି ବିଭାଗର ଜିଏମ୍ ଏସ୍ ଆର୍ ପତି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ୨୦୨୫ ସେପ୍ଟେମ୍ବର ମାସରେ ଅବସର ଗ୍ରହଣ କରୁଥିବା ଓଡ଼ିଶା ଖଣି ସମୂହ ସମେତ ଆର୍‌ଏସ୍‌ପିର ୨୨ ଜଣ ଅଧିକାରୀ ଓ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅବସର ପରବର୍ତ୍ତୀ ଜୀବନକୁ ସୂଚାରୁ ପ୍ରବେଶ ବିଷୟରେ ବିଭିନ୍ନ ବିଷୟ ଆଲୋଚିତ ହୋଇଥିଲା। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ଆସିଷ୍ଟାଣ୍ଟ ସିଏମ୍‌ଓ ଡାକ୍ତର ସିଭଲକର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟାବଳୀ ଏବଂ ସୁସ୍ଥ ଅବସର ପରବର୍ତ୍ତୀ ଜୀବନ ପାଇଁ ରଣନୀତି ଉପରେ ଆଲୋଚନା କରିଥିଲେ। ସି ଆଣ୍ଡ ଆଇଟି ବିଭାଗର ଡିଜିଏମ ଏସ୍ କେ ଗୌତମ ଡିଜିଟାଲ ଯୁଗରେ ଇଣ୍ଟେରନେଟର ମହତ୍ୱ ଏବଂ ସାଇବର ବିପଦ ଓ ସୁରକ୍ଷା ଉପରେ ତଥ୍ୟ ପ୍ରଦାନ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଡେପୁଟି ମ୍ୟାନେଜର ଡି କେ ଦାସ ଅବସର ପରବର୍ତ୍ତୀ ଜୀବନରେ ଆର୍ଥିକ ସନ୍ତୁଳନ ପାଇଁ ଫଳପ୍ରଦ ଆର୍ଥିକ ପରିଚାଳନା ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଏଜିଏମ୍ ପପୁ କୁମାର ଅବସର ପରବର୍ତ୍ତୀ ସୂଚାରୁ ଆର୍ଥିକ ସେଟେଲମେଣ୍ଟ ଉପରେ ତଥ୍ୟ ରଖିଥିଲେ। ସିପି-୨ ବିଭାଗର ଏଜିଏମ୍ ବାବୁଲା ନାହକ, ସହର ସେବା ବିଭାଗର ଡେପୁଟି ମ୍ୟାନେଜର ଭରତ ମହାନ୍ତ, ଏଚ୍‌ଆର୍ ଇଆର ଆଣ୍ଡ ସି ବିଭାଗର ସିନିୟର ମ୍ୟାନେଜର ଜ୍ୟୋତି ଓରେୟା, ଏଚ୍‌ଆର୍ ଇସି ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଏସ୍ ପି ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଜ୍ୟୋତି ଓରେୟା, ଶ୍ରମ ନିରୀକ୍ଷକ କେ କେ ପରିଡ଼ା ଏବଂ ଏଚ୍‌ଆର୍ ଇଆର୍ ଆଣ୍ଡ ସି ବିଭାଗୀୟ ଦଳ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଉଲ୍ଲେଖନୀୟ ଯେ, ଅବସରଗ୍ରହଣ କରୁଥିବା କର୍ମଚାରୀ ଅବସର ପରେ କିଭଳି ସକାରାତ୍ମକ, ଉତ୍ସାହପୂର୍ଣ୍ଣ ଜୀବନ ବିତାଇବେ ସେ ସମ୍ପର୍କରେ ପ୍ରସ୍ତୁତ ଉଦ୍ଦେଶ୍ୟରେ ରୋଶନି କର୍ମଶାଳା ଆୟୋଜିତ ହୋଇଆସୁଛି।

## ଯୁବକଙ୍କୁ ହତ୍ୟା ଧମକ

ରାଉରକେଲା, ୧୨।୯ (ସମିସ): ଯୁବକଙ୍କୁ ହତ୍ୟା ଧମକ ଦିଆଯାଇଥିବା ନେଇ ଉଦିତନଗର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ବାସନ୍ତୀ କଲୋନୀ ଇ/୭୭ ଘରର ଦିପ୍ତିକାନ୍ତ ନାୟକ ସ୍ଥାନୀୟ ଅଟୋ ଷ୍ଟାଣ୍ଡ ନିକଟ ଏକ ଦୋକାନକୁ କିଛି ସାମଗ୍ରୀ ଆଣିବାକୁ ବୁଧବାର ରାତିରେ ଯାଇଥିଲେ। ହଠାତ୍ ସ୍ଥାନୀୟ ଅଞ୍ଚଳର ଲିପୁ ନାମକ ଯୁବକ ଆସି ଗାଳିଗୁଲଜ କରି ଆକ୍ରମଣ କରିଥିଲେ। ପରେ ହତ୍ୟା ଧମକ ଦେଇଥିଲା ବୋଲି ଅଭିଯୋଗ ହେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

## ରାଜ୍ୟସ୍ତରୀୟ ଜୁନିଅର ବ୍ୟାଡ୍‌ମିଣ୍ଟନ ର୍‌ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




**ରାଉରକେଲା, ୧୨।୯ (ସମିସ):** ଓଡ଼ିଶା ବ୍ୟାଡମିଣ୍ଟନ ସଂଘ (ଓଏସବିଏ) ଆନୁକୂଲ୍ୟରେ ରାଉରକେଲା ବ୍ୟାଡମିଣ୍ଟନ ସଂଘ ପକ୍ଷରୁ ପାନପୋଷସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ୩ ଦିନିଆ ରାଜ୍ୟସ୍ତରୀୟ ଜୁନିଅର ରାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି।

ବରିଷ୍ଠ ବ୍ୟାଡମିଣ୍ଟନ ଅଫିସିଆଲ୍ ଅସିତ ପଟ୍ଟନାୟକଙ୍କର ସଂଯୋଜନାରେ ଆୟୋଜିତ ଏହି ଉଦ୍‌ଘାଟନୀ ସଭାରେ ଗ୍ରୀନ ବେୟ ବାଇଟେକ ଇଣ୍ଟରନ୍ୟାସନାଲର ନିର୍ଦ୍ଦେଶକ ଆଲୋକ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଚନ୍ଦ୍ର ଇଞ୍ଜିନିୟରିଂର ମ୍ୟାନେଜିଂ ଡାଇରେକ୍ଟର ଆଶିଷ ଚନ୍ଦ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘର ସମ୍ପାଦକ ଲିନୀନ କୁମାର, ଚିଫ୍ ରେଫରୀ ବିଜୟ କୁମାର ବାଗ, ଟୁର୍ଣ୍ଣାମେଣ୍ଟ ଅବଜର୍ଭର ମନୋରଞ୍ଜନ ପଣ୍ଡା, ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ସୁଦୀପ୍ତ ବିଶୋୟୀ, ଶୁଭମ୍ ନାଏକ, କାର୍ଯ୍ୟକାରୀ ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ ଓ ଜୟ ପ୍ରକାଶ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ।

ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ଅଗ୍ରୱାଲ ଖେଳାଳି ଓ ଅଫିସିଆଲ୍‌ଙ୍କୁ ସାକ୍ଷାତ କରିବାକୁ କ୍ରୀଡ଼ା ପ୍ରତି ସମସ୍ତେ ଆଗ୍ରହୀ ହେବା ସହ ନିଷ୍ଠା ରଖି କ୍ରୀଡ଼ାବିତ୍‌ମାନେ ଖେଳିଲେ ନିଶ୍ଚିତ ଭାବରେ ଦିନେ ଓଡ଼ିଶା ତଥା ଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ। ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘର ସମ୍ପାଦକ ଲଲିନ କୁମାର କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ବାଳକ ଓ ବାଳିକା ବର୍ଗରେ ରାଜ୍ୟରୁ ପ୍ରାୟ ୮୦ଜଣ ଖେଳାଳି ଏହି ର୍‌ୟାଙ୍କିଂ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଛନ୍ତି। ଟୁର୍ଣ୍ଣାମେଣ୍ଟରେ ସିଙ୍ଗିଲ୍ସ, ଡବଲ୍‌ସ, ମିକ୍ସ ଡବଲ୍‌ସ ବର୍ଗରେ ମ୍ୟାଚଗୁଡ଼ିକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

ଏହି ଟୁର୍ଣ୍ଣାମେଣ୍ଟ ଆଜିଠାରୁ ଆରମ୍ଭ ହୋଇ ଆସନ୍ତା ୧୪ ତାରିଖରେ ଶେଷ ହେବ। ଏହି ଟୁର୍ଣ୍ଣାମେଣ୍ଟକୁ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘ ଅନୁମୋଦିତ ଟେକ୍ନିକାଲ ଅଫିସିଆଲ ପ୍ରମିତ ମହାନ୍ତି, ଅସିତ ପଟ୍ଟନାୟକ, ସୌମିତ୍ରୀ ପ୍ରସାଦ ଦାସ, ଅମରଦୀପ କୁଜୁର, ଭରତ ସାହୁ, ସୂର୍ଯ୍ୟ ପାଣିଗ୍ରାହୀ, ସୁଶାନ୍ତ ମହାନ୍ତି, ଆୟୂଷ ନନ୍ଦ, ଅଂଶୁମାନ ପାତ୍ର, ଅନନ୍ତ ବେହେରା, ଅନୀଲ ଜର୍ଜ ଓ ହେମାନନ୍ଦ ଥାପା ପ୍ରମୁଖ ପରିଚାଳନା କରୁଥିବା ଜଣାପଡ଼ିଛି।

## ସୁରକ୍ଷିତ ସଞ୍ଚୟ ଓ ସୁରକ୍ଷିତ ଭବିଷ୍ୟତ ସମ୍ପର୍କରେ ଆଲୋଚନା

**ବଣାଇଁ, ୧୨।୯ (ସମିସ):** ବାବା ବାଣେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚାନ୍ଦିଲି ବିହାରଠାରେ ଆର୍ଥିକ ସାକ୍ଷରତା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ତଥା ଭାରପ୍ରାପ୍ତ ଉପଖଣ୍ଡସ୍ତରୀୟ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଅଜୟ କୁମାର ସାହୁ, ଭାରପ୍ରାପ୍ତ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ରଜତ କୁମାର ସାହୁ, କୁଢ଼େଇକେଲା ସରପଞ୍ଚ ଶିବ ଶଙ୍କର ନାୟକ, ଜିପିଡିଓ ମନିଷା ଟପ୍ପୋ, ଡବ୍ଲ୍ୟୁଇଓ ଭାଗବତ ଟୁଡୁ, ପିଇଓ କିରଣମୟୀ ବେହେରା, ଚାନ୍ଦିଲି କଲେଜ ଅଧ୍ୟକ୍ଷା ସୁଜାତା ଦାସ ପ୍ରମୁଖ ଉପସ୍ଥିତ ରହି ସୁରକ୍ଷିତ ସଞ୍ଚୟ ଓ ସୁରକ୍ଷିତ ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଢ଼େଇକେଲା ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଏହି ସଚେତନତା ଶିବିରରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ବଣାଇଁ ଉପଜିଲ୍ଲାପାଳ କାର୍ଯ୍ୟାଳୟର କର୍ମଚାରୀ ସନ୍ତୋଷ କୁମାର ଦାଶ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



## ଆର୍‌ଏସ୍‌ପିରେ ସଡ଼କ ସୁରକ୍ଷା ସଚେତନତା ନେଇ ସୁଦୀର୍ଘ ମାନବଶୃଙ୍ଖଳ







**ରାଉରକେଲା, ୧୨।୯ (ସମିସ)**

ରାଉରକେଲା ଇସ୍ପାତ କାରଖାନାରେ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସଂସ୍କାର ଗେଟ୍‌ରୁ ଇଡି ୱାର୍କ୍ସ ଛକ ପର୍ଯ୍ୟନ୍ତ ଏକ ସୁଦୀର୍ଘ ମାନବ ଶୃଙ୍ଖଳ କରାଯାଇ ସଚେତନତାର ବାର୍ତ୍ତା ଦିଆଯାଇଥିଲା। ଏଥିରେ କାରଖାନାର ବିଭିନ୍ନ ବିଭାଗର ୫୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଓ ଠିକା ଶ୍ରମିକ ଅଂଶଗ୍ରହଣ କରିଥିଲେ। ସୁରକ୍ଷା ଓ ଅଗ୍ନିଶମ ସେବା ବିଭାଗର ସିଜିଏମ୍ ଆଶା କାର୍ଥା ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଅବକାଶ ବେହେରା ଏହି ଅଭିଯାନର ନେତୃତ୍ୱ ନେଇଥିଲେ। ଏହି ଅଭିଯାନରେ ଅଂଶଗ୍ରହଣକାରୀ ମାନବଶୃଙ୍ଖଳ ଗଠନ କରିବା ସହିତ ସୁରକ୍ଷା ବାର୍ତ୍ତା ଉପରେ ଆଧାରିତ ବିଭିନ୍ନ ପ୍ଲା କାର୍ଡ ପ୍ରଦର୍ଶନ କରିଥିଲେ। ଏଥିରେ ଟ୍ରାଫିକ ନିୟମର ଅନୁପାଳନ, ସୁରକ୍ଷିତ ସଡ଼କ ବ୍ୟବହାର, ଓଭରଟେକିଂକୁ ଏଡ଼ାଇବା, ରେଡ୍ ଲାଇଟ୍ ସିଗ୍ନାଲ ଉଲ୍ଲଂଘନ ନ କରିବା, ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ନ କରିବା, ଅସୁରକ୍ଷିତ ଗାଡ଼ି ଚାଳନା ଅଭ୍ୟାସକୁ ଏଡ଼ାଇବା ଏବଂ ପ୍ଲାଣ୍ଟ ପରିସର ମଧ୍ୟରେ ଗତି ସୀମା ପାଳନ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ସୂଚନା ଦିଆଯାଇଥିଲା।

ଜେନେରାଲ୍ ସିଫ୍ଟ ସମୟରେ ବହୁ କର୍ମଚାରୀଙ୍କ ଗମନାଗମନକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମକୁ ସୁଚିନ୍ତିତ ଭାବେ ପ୍ରସ୍ତୁତ କରାଯାଇଥିଲା। ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଏଜିଏମ୍ ବି କେ ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ମାନବଶୃଙ୍ଖଳ, ସଂଗଠନର ସୁରକ୍ଷା ପ୍ରତି ପ୍ରତିବଦ୍ଧତା ଏବଂ ଏଥିରେ କାର୍ଯ୍ୟରତ କର୍ମଜୀବୀ ଏବଂ ପଣଧାରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ନିମନ୍ତେ ଏହାର ସକ୍ରିୟ ଆଭିମୁଖ୍ୟକୁ ଦୋହରାଇଛି। ଏହି ଭଳି ଉତ୍ତମ କାର୍ଯ୍ୟ ପାଇଁ ଏକତ୍ରିତ ହୋଇ, ଅଂଶଗ୍ରହଣକାରୀମାନେ ରାସ୍ତାକୁ ଅଧିକ ନିରାପଦ କରିବା ଏବଂ ଅନ୍ୟମାନଙ୍କୁ ସେମାନଙ୍କର ଦୈନନ୍ଦିନ ଜୀବନରେ ସୁରକ୍ଷା ଉପରେ ପ୍ରାଧାନ୍ୟ ଦେବା ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ମାନବ ଶୃଙ୍ଖଳରେ ସାମିଲ ହୋଇଥିଲେ।